

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 335, Saturday, 30 March 2024, Puri, Pages- 22, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୩୫, ଶନିବାର, ୩୦ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା



ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 335, Saturday, 30 March 2024, Puri, Pages- 22, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୩୫, ଶନିବାର, ୩୦ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା



ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol. 10, Issue. 335, Saturday, 30 March 2024, Puri, Pages- 22, Rs. 7/- ■ ଦଶମ ବର୍ଷ, ସଂଖ୍ୟା-୩୩୫, ଶନିବାର, ୩୦ ମାର୍ଚ୍ଚ ୨୦୨୪, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୭ ଟଙ୍କା

ଶ୍ୱଶୁରକୁ ଛୁରି ଭୁସି ହତ୍ୟାକଲା ଜ୍ୱାଇଁ

କୋରାପୁଟ(ଅମୃତ ମିଡିଆ)

ପାରିବାରିକ କଳହର କରୁଣ ପରିଣତି। ଶ୍ୱଶୁରକୁ ଜଣେ ବ୍ୟକ୍ତି ଛୁରୀ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ବାସନା ପୁଟ ଗାଁରେ ଏପରି ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ରାମଚନ୍ଦ୍ର ଉଲୁକା। ଅଭିଯୁକ୍ତ ଜ୍ୱାଇଁ ଶାତୁ ପ୍ରାଣ୍ଡାଙ୍କୁ ପୁଲିସ ଗିରଫ କରିଛି। ଶାତୁଙ୍କ ସ୍ତ୍ରୀ ଗର୍ଭବତୀ ଥିଲେ। ସେ ତାଙ୍କ ବାପଘରେ ଆସି ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ଶାତୁଙ୍କ ସ୍ତ୍ରୀର ପ୍ରସବ ଯନ୍ତ୍ରଣା ହୋଇଥିଲା। ଶାତୁଙ୍କ ଶ୍ୱଶୁର ରାମଚନ୍ଦ୍ର ଝିଅକୁ ମେଡିକାଲରେ ଭର୍ତ୍ତି କରିଥିଲେ। ଶାତୁ ଖବର ପାଇ ମେଡିକାଲରେ ପହଞ୍ଚିଥିଲେ। ମୋତେ ନ ପଚାରି କାହିଁକି ମୋ ସ୍ତ୍ରୀକୁ ମେଡିକାଲ ଆଣିଲ ବୋଲି ଶ୍ୱଶୁରଙ୍କୁ ପ୍ରଶ୍ନ କରିଥିଲେ। ଏହି କଥାକୁ ନେଇ ଉଭୟ ଶ୍ୱଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଶାତୁ ଏକ ଛୁରୀ ଆଣି ଶ୍ୱଶୁରଙ୍କୁ ଭୁସି ଦେଇଥିଲେ। ଶ୍ୱଶୁରଙ୍କର ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

ମହିଳାଙ୍କୁ ଖଣ୍ଡାରେ ପ୍ରାଣାନ୍ତକ ଆକ୍ରମଣ

ବୌଦ୍ଧ(ଅମୃତ ମିଡିଆ)

ସ୍ଥାନୀୟ ନୂଆସାହିଠାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଛି। ସୂଚନା ମୁତାବକ, ସନ୍ଧ୍ୟା ପ୍ରାୟ ୬ଟା ବେଳେ ୫ ଜଣ ମହିଳା କଚେରି ପଡ଼ିଆ ପାର୍ଶ୍ୱରେ ବୁଟୁପାଲି ଅଭିମୁଖେ ଚାଲିଚାଲି ଯାଉଥିଲେ। ହଠାତ୍? ଜଣେ ଅଜଣା ବ୍ୟକ୍ତି ଜିଲ୍ଲା ନ୍ୟାୟାଳୟ ସାମ୍ନାରେ ପଛପଟୁ ଆସି ଏକ ଖଣ୍ଡା ଧରି ଗୋଡ଼ାଇଥିଲା। ତାକୁ ଦେଖି ମହିଳାମାନେ ଦୌଡ଼ି ପଳେଇବାକୁ ଉଦ୍ୟମ କରିଥିଲେ। କିନ୍ତୁ, ଜଣେ ମହିଳା ଆକ୍ରମଣର ଶିକାର ହୋଇଥିଲେ। ସେ ହେଲେ ବୁଟୁପାଲିର ପ୍ରିୟଙ୍କା ସେଠ୍। ତାଙ୍କ ହାତ ଓ ମୁଣ୍ଡରେ ଖଣ୍ଡା ଚୋଟ ପଡ଼ିଥିବା ବେଳେ ନିକଟରେ ଥିବା ଏକ ଦୋକାନକୁ ପଶିଯାଇ ଜୀବନ ରକ୍ଷା କରିଥିଲେ। ଦୁର୍ବୃତ୍ତ ଜଣକ ସେଠାରୁ ଚଂପଟ ମାରିଥିଲା। ସ୍ଥାନୀୟ ଲୋକେ ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନା ପଠାଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ଯୁବକଙ୍କୁ ଘରୁ ଡାକିନେଲେ ନକ୍ସଲ

ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି(ଅମୃତ ମିଡିଆ)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ସୀମାରେ ନକ୍ସଲ ପୁଣି ହଂସା ଘଟାଇଛନ୍ତି। ଜଣେ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଲେ ଅଶୋକ ତାଲାଣ୍ଡି। ସୂଚନା ଅନୁସାରେ ଭାମରାଗଡ଼ ଥାନା ଅଂଚଳର ଦାମରାଞ୍ଜା ଗ୍ରାମର ନିବାସୀ ଅଶୋକ ତାଲାଣ୍ଡି ନାମକ ବ୍ୟକ୍ତି ଗୁରୁବାର ରାତିରେ ପୁଲିସ ଇନଫର୍ମର ସଂଦେହରେ ଗାଁରେ ବସି ତାକୁ ଘରୁ ଉଠାଇ ନେଇଥିଲେ। ପରେ ହତ୍ୟା କରି ତାକୁ ତାଡଗାଓଁ ଏବଂ ଭାମରାଗଡ ରାସ୍ତାରେ ଫିଙ୍ଗି ଦେଇଥିଲେ। ଶବ ନିକଟରେ ନକ୍ସଲ ପୋଷ୍ଟର ଛାଡ଼ିକି ଯାଇଥିଲେ। ପୋଷ୍ଟରରେ ଅଶୋକ ପୁଲିସ ଇନଫର୍ମର ଭାବେ କାମ କରୁଥିଲା ବୋଲି ଉଲ୍ଲେଖ କରିଛନ୍ତି। ବାରମ୍ବାର ଚେତାବନୀ ପରେ ମଧ୍ୟ ସେ ସୁଧୁରିନଥିଲା। ତେଣୁ ତାକୁ ମୃତ୍ୟୁଦଣ୍ଡ ଦିଆଯାଇଛି। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ସୁରକ୍ଷାକର୍ମୀ ସେହି ଅଂଚଳରେ ସର୍ଚ୍ଚ ଅପରେସନ କରୁଥିବା ଜଣାପଡିଛି।

୪୦ ଡିଗ୍ରୀ ଛୁଇଁଲା ପାରଦ

- ଟିଟିଲାଗଡ଼, ବଲାଙ୍ଗୀର ସମେତ ୫ ସହରର ତାପମାତ୍ରା ଉପରମୁହାଁ
- ସାଢ଼େ ୧୧ଟା ସୁଦ୍ଧା ୩୬ ଡିଗ୍ରୀ ଉପରେ ତାତି
- ଉପକୂଳ ଓଡ଼ିଶାରେ ବଢୁଛି ତାତି
- ଆହୁରି ୫ ଦିନ ରହିବ ପ୍ରଚଣ୍ଡ ତାତି

ଭୁବନେଶ୍ୱର(ବ୍ୟୁରୋ)

ଟିଟଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୦ ଡ଼ିଗ୍ରୀ ଛୁଇଁଲା ତାତି। ଟିଟଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି। ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଏହି ପ୍ରକାର ତାପମାତ୍ରା ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ୩୫.୦ ଡିଗ୍ରୀ, ଚାନ୍ଦବାଲିରେ ୩୮.୬ ଡିଗ୍ରୀ, କଟକରେ ୩୭.୫ ଡିଗ୍ରୀ, ପାରାଦୀପରେ ୩୨.୩ ଡିଗ୍ରୀ, ଭୁବନେଶ୍ୱରରେ ୩୭.୪ ଡିଗ୍ରୀ, ଗୋପାଳପୁରରେ ୩୧.୨ ଡିଗ୍ରୀ, ପୁରୀରେ ୩୩.୦ ଡିଗ୍ରୀ, ଅନୁଗୋଳରେ ୩୯.୧ ଡିଗ୍ରୀ, ବାରିପଦାରେ ୩୭.୮ ଡିଗ୍ରୀ, ଝାରସୁଗୁଡ଼ାରେ ୩୯.୧ ଡିଗ୍ରୀ, ସମ୍ବଲପୁରରେ ୩୭.୭ ଡିଗ୍ରୀ, ସୁନ୍ଦରଗଡ଼ର ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୩୭.୫ ଡିଗ୍ରୀ, ତାଳଚେରରେ ୩୯.୮ ଡିଗ୍ରୀ, ଭବାନୀପାଟଣାରେ ୪୦.୦ ଡିଗ୍ରୀ, କୋରାପୁଟରେ ୩୫.୪ ଡିଗ୍ରୀ, ଫୁଲବାଣୀରେ ୩୯.୨ ଡିଗ୍ରୀ, ଟିଟିଲାଗଡ଼ରେ ୪୦.୦ ଡିଗ୍ରୀ, ମାଲକାନଗିରିରେ ୩୭.୮ ଡିଗ୍ରୀ, ସୋନପୁରରେ ୩୮.୬ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୫.୫ ଡିଗ୍ରୀ, ନୟାଗଡ଼ରେ ୪୦.୦ ଡିଗ୍ରୀ, ବୌଦ୍ଧରେ ୪୦.୦ ଡିଗ୍ରୀ, ଛତ୍ରପୁରରେ ୩୬.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୮ ଡିଗ୍ରୀ ଓ ରାୟଗଡ଼ାର ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ ଓଡ଼ିଶାରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଯାହାର ପ୍ରଭାବରେ ଉତ୍ତର ଓଡ଼ିଶାରେ କିଛି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ବିଜୁଳି ଓ ଘଡ଼ଘଡ଼ିର ମାତ୍ର ଅଧିକ ରହିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ହାଲ୍‌କା ବର୍ଷା ହେବାର ଥିବାରୁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ଟ୍ୱିଟ୍ ଅନୁସାରେ, ଦିନ ସାଢ଼େ ୧୧ଟା ସୁଦ୍ଧା ଚାନ୍ଦବାଲିର ସର୍ବାଧିକ ତାପମାତ୍ରା ୩୬.୨ରେକର୍ଡ କରାଯାଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୩୬ ଡିଗ୍ରୀ ଓ କେନ୍ଦୁଝରରେ ୩୬ ଡିଗ୍ରୀ, ଝାରସୁଗୁଡାରେ ୩୫.୪ ଡିଗ୍ରୀ, ସମ୍ବଲପୁରରେ ୩୫.୨ ଡିଗ୍ରୀ, ହୀରାକୁଦରେ ୩୪.୬ ଡିଗ୍ରୀ, ବାଲେଶ୍ୱରରେ ୩୪.୨ ଡିଗ୍ରୀ, ରାଉରକେଲା ୩୩.୪ ଡିଗ୍ରୀ, ପୁରୀରେ ୩୨.୪ ଡିଗ୍ରୀ, ପାରାଦୀପରେ ୩୧.୪ ଡିଗ୍ରୀ ଓ ଗୋପାଳପୁରରେ ୩୦.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଦିନ ସହ ବଢୁଛି ରାତିର ତାପମାତ୍ରା। ରାଜ୍ୟରେ ସ୍ୱାଭାବିକ ଠାରୁ ୩ ରୁ ୪ ଡିଗ୍ରି ଉପରେ ପାରଦ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର। ଏନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ ଉପକୂଳ ଓଡ଼ିଶାରେ ତାତି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ଅସମ୍ଭାଳ ଭିଡ଼

ପୁରୀ(ବ୍ୟୁରୋ)

ମହାପ୍ରଭୁଙ୍କ ଦର୍ଶନ ପାଇଁ ଦୈନିକ ହଜାର ହଜାର ଭକ୍ତ ଶ୍ରୀକ୍ଷେତ୍ର ଆସୁଛନ୍ତି । ବିଶେଷ କରି ଛୁଟି ଦିନ ମାନଙ୍କରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ ଭକ୍ତ ମହାପ୍ରଭୂଙ୍କ ଦର୍ଶନ ପାଇଁ ଆସୁଛନ୍ତି । ଶୁକ୍ରବାର ଛୁଟି ଦିନ ଥିବାରୁ ଜଗା ଦର୍ଶନ ପାଇଁ ପଶ୍ଚିମ ଦ୍ୱାରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା । ପଶ୍ଚିମ ଦ୍ୱାର ଦେଇ କେବଳ ପୁରୀ ବାସିନ୍ଦାଙ୍କୁ ପ୍ରବେଶ ଅନୁମତି ରହିଛି। ହେଲେ କିଛି ସେବାୟତ ମାନେ ଶ୍ରଦ୍ଧାଳୁଙ୍କୁ ଏହି ବାଟ ଦେଇ ପ୍ରବେଶ କରାଇଥିବା ଅଭିଯୋଗ କରିଥିଲେ ଅନ୍ୟ ଭକ୍ତ। ଏହା ପରେ ପଶ୍ଚିମ ଦ୍ୱାରରେ ଭିଡ଼ ଅଧିକ ବଢ଼ିଥିଲା । ଖରା ବଢ଼ିଥିବା ବେଳେ ଏଭଳି ଭିଡ଼ ଅନେକ ସମସ୍ୟା ସୃଷ୍ଟି କରିଥିଲା । ସେହିପରି ଶ୍ରୀମନ୍ଦିର ଭିତରେ ଦର୍ଶନ ପାଇଁ ଧାଡିରେ ଯିବାବେଳେ ଭିତରେ ଟଳିପଡି ଜଣେ ଯୁବତୀ ଅଚେତ ହୋଇ ଥିଲେ। ଯୁବତୀ ଜଣଙ୍କୁ ଜିଲ୍ଲା ମୁଖ୍ୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ଥରେ ଅଧେ ନୁହେଁ ଏଭଳି ଗଳା ବାଟରେ ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ା ଯାଉଛି। କେବଳ ସିଂହଦ୍ୱାର ଦେଇ ଭକ୍ତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଥିବା ବେଳେ ପଶ୍ଚିମ ଦ୍ୱାର ଦେଇ କେବଳ ପୁରୀ ବାସିନ୍ଦାଙ୍କୁ ପ୍ରବେଶ ଅନୁମତି ରହିଛି। ହେଲେ ଏହି ନିୟମକୁ କିଛି ଲୋକେ ଖୋଲା ଖୋଲି ଉଲ୍ଲଙ୍ଘନ କରୁଥିବା ଭକ୍ତ ମାନେ କହିଛନ୍ତି। ପଶ୍ଚିମ ଦ୍ୱାରରେ ଉପସ୍ଥିତ ଥିବା କିଛି ଶ୍ରଦ୍ଧାଳୁଙ୍କ କହିଥିଲେ ଯେ ମନ୍ଦିର ଭିତକୁ ଯିବା ପାଇଁ ସେବାୟତ ଟଙ୍କା ମାଗୁଛନ୍ତି। ଆଉ କିଛି ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି ଯେ, ପଣ୍ଡା ମାନେ କେବଳ ବଙ୍ଗୀୟ ପର୍ଯ୍ୟଟକଙ୍କୁ ନିୟମ ଉଲଙ୍ଘନ କରି ପଶ୍ଚିମଦ୍ୱାର ଦେଇ ନେଉଛନ୍ତି, ହେଲେ ଆମ ଓଡ଼ିଆଙ୍କୁ ଛାଡୁନାହାନ୍ତି। ତେବେ ଉପସ୍ଥିତ ପୋଲିସ କର୍ମଚାରୀଙ୍କ ନିରବ ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ଦେଖିବାକୁ ବାକି ରହିଲା ଯେ କେବେ ଭକ୍ତଙ୍କ ପାଇଁ ଚାରି ଦ୍ୱାରା ଖୋଲୁଛି।

ଦିନକରେ ସୁନା ଦର ବଢ଼ିଲା ୧୩୦୦ ଟଙ୍କା

ନୂଆଦିଲ୍ଲୀ

ବଢ଼ି ଚାଲିଛି ସୁନା ଦର। ଦିନକରେ ୨୨ କ୍ୟାରେଟ ସୁନାର ଦାମ ୧୦ ଗ୍ରାମକୁ ୧୩୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୪ କ୍ୟାରେଟ ସୁନାର ମୂଲ୍ୟ ୧୦ ଗ୍ରାମକୁ ୧୪୨୦ ଟଙ୍କା ବୃଦ୍ଧି ପାଇଛି। ୧୮ କ୍ୟାରେଟ ସୁନା ଦର ୧୦ ଗ୍ରାମକୁ ୧୦୬୦ ଟଙ୍କା ବଢ଼ିଛି। ଗତକାଲି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମକୁ ୬୧,୭୦୦ ଟଙ୍କା ଥିବା ବେଳେ ଆଜି ଏହା ୬୩,୦୦୦ ଟଙ୍କା ବୃଦ୍ଧି ପାଇଛି। ୨୪ କ୍ୟାରେଟ ସୁନାର ମୂଲ୍ୟ ଗତକାଲି ୧୦ ଗ୍ରାମ ପ୍ରତି ୬୭,୩୧୦ ଟଙ୍କା ଥିଲା। ଆଜି ଏହା ୬୮,୭୩୦ ଟଙ୍କା ରହିଛି। ୧୮ କ୍ୟାରେଟ ସୁନାର ଦର ଗତକାଲି ୧୦ ଗ୍ରାମ ପ୍ରତି ୫୦,୪୮୦ ଟଙ୍କା ଥିବା ବେଳେ ଆଜି ୫୧,୫୪୦ ଟଙ୍କା ହୋଇଛି। ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାର ଦର ୧୦ ଗ୍ରାମ ପ୍ରତି ୬୩ ହଜାର ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାର ଦାମ ୬୮,୭୦୦ ଓ ୧୮ କ୍ୟାରେଟ୍ ସୁନାର ଦାମ ୫୧,୫୪୦ ଟଙ୍କା ରହିଛି। ଚେନ୍ନାଇରେ ଆଜି ୨୨ କ୍ୟାରେଟ୍ ସୁନାର ଦର ୧୦ ଗ୍ରାମ ପ୍ରତି ୬୩,୯୦୦ ଟଙ୍କା ରହିଥିବା ବେଳେ ମୁମ୍ବାଇରେ ୬୩,୦୦୦, ଦିଲ୍ଲୀରେ ୬୩, ୧୫୦, କୋଲକାତାରେ ୬୩,୦୦୦ ଟଙ୍କା ରହିଛି।

ସେ କହିଲେ...

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ବିଜେପି କ୍ଷମା ମାଗୁ । ଏୟାର ଇଣ୍ଡିଆ ଓ ଇଣ୍ଡିଆନ ଏୟାର ଲାଇନ୍ସର ମିଶ୍ରଣ ପରେ ଏନଏସିଆଇଏଲ ଗଠନ ହୋଇଥିଲା। ଏହି ସମୟରେ ୟୁପିଏ କ୍ଷମତାରେ ଥିଲା। ମିଶ୍ରଣ ବେଳେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଜେପି ମନମୋହନଙ୍କ ବିରୋଧରେ ତଦନ୍ତ ଦାବି କରିଥିଲା। ମନମୋହନ ସିଂହଙ୍କ ସରକାର ବେଳେ ବିମାଚ ଚଳାଚଳ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ବିଜେପି ଚିତ୍କାର କରିଥିଲା। ଏବେ ସିବିଆଇ ମାମଲା ବନ୍ଦ କରିବା ପାଇଁ ଦାଖଲ କରିଥିବା ରିପୋର୍ଟରେ କୌଣସି ଅନିୟମିତତା ହୋଇ ନଥିବା କହିଛି। ତେଣୁ ଏବେ ବିଜେପି କ୍ଷମା ମାଗୁ।

ସଞ୍ଜୟ ରାଉତ
ଶିବସେନା ନେତା

ଛତିଶଗଡ଼ରେ ଜବତ ହେଲା ନଗଦ ୨୫ କୋଟି ଟଙ୍କା, ୪୦ ଲକ୍ଷର ମଦ

ରାୟପୁର

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆହୁରି ବେଶ କିଛିଦିନ ବାକି ରହିଥିବାବେଳେ ଏବେଠାରୁ ନଗଦ ଟଙ୍କା ଓ ମଦ ଜବତ ହେବା ଆରମ୍ଭ ହୋଇଗଲାଣି । ଛତିଶଗଡ଼ରେ ପ୍ରଶାସନ ପକ୍ଷରୁ ୨୫ କୋଟିର ନଗଦ ଟଙ୍କା ଓ ୪୦ ଲକ୍ଷ ଟଙ୍କାର ମଦ ଜବତ କରାଯାଇଛି । ନିର୍ବାଚନରେ ବ୍ୟବହାର ପାଇଁ ଏଗୁଡ଼ିକୁ ଠୁଳ କରାଯାଇଥିବା ଅନୁମାନ କରାଯାଉଛି । ଛତିଶଗଡ଼ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ ଲୋକସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ମାର୍ଚ୍ଚ ୨୮ ସୁଦ୍ଧା ରାଜ୍ୟରେ ୨୫.୦୮ କୋଟି ଟଙ୍କାର ବେଆଇନ ଅର୍ଥ ଓ ସାମଗ୍ରୀ ଜବତ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଚଢଉ ବେଳେ ଏସବୁ ଟଙ୍କା ଓ ସାମଗ୍ରୀ ଜବତ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ମାର୍ଚ୍ଚ ୨୮ ତାରିଖ ସୁଦ୍ଧା ଏନଫୋର୍ସମେଣ୍ଟ ଏଜେନ୍ସିଙ୍କ ତଦାରଖ ସମୟରେ ୨୫ କୋଟି ୮ ଲକ୍ଷ ଟଙ୍କାର ନଗଦ ଟଙ୍କା ଜବତ କରାଯାଇଛି। ଏହି ସମୟ ମଧ୍ୟରେ ୧୭୩୧୧ ଲିଟର ବେଆଇନ ମଦ ଜବତ କରାଯାଇଛି, ଯାହାର ମୂଲ୍ୟ ୪୧ ଲକ୍ଷ ଟଙ୍କା ହେବ । ଚଢ଼ାଉ ବେଳେ ୧ କୋଟି ୪୮ ଲକ୍ଷ ଟଙ୍କା ମୂଲ୍ୟର ୭୮୪ କେଜି ନିଶା ଦ୍ରବ୍ୟ ଓ ୯୪ ଲକ୍ଷ ଟଙ୍କାର ୨୩ କେଜି ମୂଲ୍ୟବାନ ଅଳଙ୍କାର ଜବତ କରାଯାଇଛି। ଏହାବ୍ୟତୀତ ୧୬ ଲକ୍ଷ ୯୬ ହଜାର ଟଙ୍କାର ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

ଖାଇକୁ ଖସିଲା ଟ୍ୟାକ୍ସି; ୧୦ ମୃତ

ଶ୍ରୀନଗର

ଗତକାଲି ବିଳମ୍ବିତ ରାତିରେ ୧୦ ଜଣ ଯାତ୍ରୀ ଶ୍ରୀନଗରରୁ ଜମ୍ମୁ ଅଭିମୁଖେ ଯାଉଥିଲେ। ଜମ୍ମୁ କଶ୍ମୀରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଟ୍ୟାକ୍ସି ଖାଇକୁ ଖସିପଡିବାରୁ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଜମ୍ମୁରୁ ଶ୍ରୀନଗର ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ୧୦ ଜଣ ଯାତ୍ରୀ ଶ୍ରୀନଗରରୁ ଜମ୍ମୁ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାମବନର ବ୍ୟାଟେରୀ ଚାଶମା ନିକଟରେ ଟ୍ୟାକ୍ସିଟି ଭାରସାମ୍ୟ ହରାଇ ଖାଇକୁ ଖସି ପଡିଥିଲା। ଖବର ପାଇ ସ୍ଥାନୀୟ ପୁଲିସ୍, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଝଉଜର) ଏବଂ ରାମବନର ସିଭିଲ୍ କୁଇକ୍ ରେସପନ୍ସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରବଳ ବର୍ଷା ମଧ୍ୟରେ ଉଦ୍ଧାରକାରୀ ଟିମ୍ ସମସ୍ତ ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ମଧ୍ୟରୁ ୨ଜଣଙ୍କର ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜଣାପଡିନାହିଁ।

ପ୍ରତି ନିର୍ବାଚନରେ ବଢୁଛି ଆଶାୟୀ ପ୍ରାର୍ଥୀଙ୍କ ଖର୍ଚ୍ଚସୀମା

ନୂଆଦିଲ୍ଲୀ

ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏଥର ଅର୍ଥାଭାବ ଯୋଗୁଁ ନିର୍ବାଚନରେ ସାମିଲ ହୋଇ ପାରିବେ ନାହିଁ ବୋଲି କହିଛନ୍ତି । ହେଲେ ଏ ନେଇ ନିର୍ମଳାଙ୍କର ବିଗତ ଦିନର କିଛି ତଥ୍ୟ ସାମ୍ନାକୁ ଆସିଛି । ୨୦୧୯ ବର୍ଷ ବେଳକୁ ନିର୍ମଳାଙ୍କ ପାଖରେ ମୋଟାମୋଟି ଭାବେ ଦୁଇ କୋଟିର ସମ୍ପତ୍ତି ରହିଥିବା ସେ ଜଣାଇ ଥିଲେ । ହେଲେ

ଯଦି ନକରାତ୍ମକ ପରିସ୍ଥିତିରେ
ସର୍ବଦା ସକରାତ୍ମକ
ମନୋଭାବ ବଜାୟ ରଖନ୍ତି
ତେବେ ଏହି ବିଜୟ ହେବ
ଆପଣଙ୍କର

ଶୁଭ ସକାଳ

ଡାଇବେଟିସ୍ ନିୟନ୍ତ୍ରଣ କରେ

କଖାରୁ ମଂଜି

ପ୍ରାୟ ସମସ୍ତେ କଖାରୁ ମଞ୍ଜିକୁ ଫୋପାଡ଼ି ଦେଇଥା'ନ୍ତି । କିନ୍ତୁ ଆପଣଙ୍କୁ ହୁଏତ ଜଣା ନଥିବ, କଖାରୁ ମଞ୍ଜିରେ ଅନେକ ଔଷଧୀୟ ଗୁଣ ରହିଛି । ଏଥିରେ ଆଣ୍ଟି-ଆକ୍ସିଡାଣ୍ଟ, ଆମିନୋ ଏସିଡ୍, ଆଇରନ୍ ଓ ପୋଟାସିୟମ୍ ପରି ଅନେକ ପୋଷକ ତତ୍ତ୍ୱ ରହିଛି । କଖାରୁ ମଞ୍ଜି ଶରୀରକୁ ଇନ୍ଫେକ୍ସନ୍ ଦୂରେଇ ରଖିବା ସହିତ ଆହୁରି ଅନେକ ରୋଗରୁ ରକ୍ଷା କରିଥାଏ । ଆସନ୍ତୁ ଜାଣିବା, କଖାରୁ ମଞ୍ଜି ଖାଇଲେ କେଉଁ ସବୁ ଲାଭ ମିଳିଥାଏ । କଖାରୁ ମଞ୍ଜି ରକ୍ତରେ ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଭରପୂର ମାତ୍ରାରେ ଫାଇବର୍ ଓ ପ୍ରୋଟିନ୍ ରହିଛି । ଫାଇବର୍ ରକ୍ତରେ ମିଶି ଅଧିକ ସୁଗାରକୁ ଶୋଷଣ କରିଥାଏ । ଫଳରେ ରକ୍ତରେ ସୁଗାରର ସ୍ତର ନିୟନ୍ତ୍ରଣରେ ରହିଥାଏ । ସେଥିପାଇଁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇବା ଉଚିତ୍ । ତେବେ ସେମାନେ ଏହା ପୂର୍ବରୁ କୌଣସି ଆୟୁର୍ବେଦିକ ଡାକ୍ତରଙ୍କ ପରାମର୍ଶ ନେଲେ ଭଲ । କ୍ୟାନସର୍ ସେଲର ବୃଦ୍ଧିକୁ ବନ୍ଦ କରିଥାଏ କଖାରୁ ମଞ୍ଜିରେ ଥିବା ଆଣ୍ଟି- ଅକ୍ସିଡାଣ୍ଟ୍ ଶରୀରରେ ବିକାଶିତ ହେଉଥିବା କ୍ୟାନସର୍ ସେଲ୍ ସହିତ ଲଢ଼େଇ କରିଥାଏ ଓ ସେଗୁଡ଼ିକୁ ବଢ଼ିବାକୁ ଦେଇ ନଥାଏ । କଖାରୁ ମଞ୍ଜିରେ ଥିବା ଆଣ୍ଟି-କ୍ୟାନସର୍ ଗୁଣ ବ୍ରେଷ୍ଟ୍ କ୍ୟାନସର୍କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ବ୍ଲାଡରକୁ ଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ କରାଏ ମୂତ୍ରାଶୟରେ ପ୍ରୋଷ୍ଟେଟ୍ ଗ୍ଲାଣ୍ଡର ବୃଦ୍ଧି ହେଲେ ପୁରୁଷଙ୍କ କ୍ଷେତ୍ରରେ ପରିସ୍ରା ସମସ୍ୟା ଦେଖାଯାଇଥାଏ । କଖାରୁ ମଞ୍ଜି ଖାଇଲେ ଏହି କଷ୍ଟରୁ ମୁକ୍ତି ମିଳେ । ଏହି ମଞ୍ଜିରେ ଥିବା ତୈଳ ଅଂଶ ବ୍ଲାଡରର ଫଙ୍କ୍ସନକୁ ଠିକ୍ କାର୍ଯ୍ୟକ୍ଷମ କରାଇବା ସହିତ ପ୍ରୋଷ୍ଟେଟ୍ ଗ୍ଲାଣ୍ଡକୁ ବଢ଼ିବାକୁ ଦେଇ ନଥାଏ । ହୃତପିଣ୍ଡକୁ ସୁସ୍ଥ ରଖିଥାଏ କଖାରୁ ମଞ୍ଜିରେ ଥିବା ତୈଳ ଅଂଶ ହୃତପିଣ୍ଡ ପାଇଁ ଭାରି ଭଲ । ଏହା ହୃତପିଣ୍ଡକୁ ସୁସ୍ଥ ରଖିବା ସହିତ ଏହାକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ । ଏଥି ସହିତ ଏହା ଶରୀରରେ ନାଇଟ୍ରିକ୍ ଅକସାଇଡ୍ର ସ୍ତରକୁ ବଢ଼ାଇଥାଏ । ନାଇଟ୍ରିକ୍ ଅକସାଇଡର କାର୍ଯ୍ୟ ହେଉଛି, ଏହା ରକ୍ତ ବାହିକାକୁ ପତଳା କରିଥାଏ ଏବଂ ହୃତପିଣ୍ଡକୁ ଠିକ୍ ଭାବରେ ରକ୍ତ ସଞ୍ଚାଳନ କରିଥାଏ ।

ଦେହରେ ନିଆଁ ଲାଗିଗଲେ

ନିଆଁ ବା କୌଣସି ଗରମ ଜିନିଷ ସଂସ୍ପର୍ଶରେ ଆସି ଶରୀରର କୌଣସି ସ୍ଥାନ ପୋଡ଼ି ଯିବା ଏକ ସାଧାରଣ କଥା । ତେବେ ନିଆଁରେ ପୋଡ଼ି ହୋଇ କିମ୍ବା ବିଦ୍ୟୁତ୍ ଆଘାତରେ ଲୋକଙ୍କ ମୃତ୍ୟୁ ବି ଘଟିଥାଏ । ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା'ର ଉପଚାର

ଠିକ୍ ସମୟରେ କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ । ତା'ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା'ହେଲେ ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ୍ ଏବଂ କ'ଣ ନ କରିବା ଉଚିତ୍ । ତେବେ ତା'ପୂର୍ବରୁ ବର୍ଣ୍ଣ ବା ଜଳାପୋଡ଼ା କେତେ ପ୍ରକାରର, ତାହା ଜାଣିବାର ଆବଶ୍ୟକତା ରହିଛି ।

◆ ଫ୍ଲେମ୍ ବର୍ଣ୍ଣ: ଶାଢ଼ୀ ବା ଡ୍ରେସରେ ନିଆଁ ଲାଗିଯିବାରୁ ଶରୀରର କୌଣସି ଅଂଶ ପୋଡ଼ିଯିବା

◆ ସ୍କାଲ୍ଡ୍ ବର୍ଣ୍ଣ: ଦେହରେ କୌଣସି ଗରମ ଜିନିଷ ପୋଡ଼ିଯିବା, ଯେପରିକି ଗରମ ତାଲି, କ୍ଷୀର ବା ପିଚୁ

◆ ଇଲେକ୍ଟ୍ରିକ୍ ବର୍ଣ୍ଣ: ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡ଼ି ହୋଇଯିବା

■ ଯଦି ଫ୍ଲେମ୍ ବର୍ଣ୍ଣ ବା ଆପଣଙ୍କ ଶାଢ଼ୀରେ ନିଆଁ ଲାଗି ଯାଇଛି, ତେବେ ସଙ୍ଗେ ସଙ୍ଗେ ଯେଉଁ ଶାଢ଼ୀରେ ନିଆଁ ଲାଗିଛି, ତାକୁ କାଢ଼ି ଦିଅନ୍ତୁ । ଦ୍ୱିତୀୟରେ ଯେଉଁ ସ୍ଥାନ ପୋଡ଼ି ହୋଇଛି, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ । ଯେ ପର୍ଯ୍ୟନ୍ତ ଆପଣଙ୍କ ପୋଡ଼ା ନ କମିଛି ସେ ପର୍ଯ୍ୟନ୍ତ ପାଣିରେ ତାକୁ ବୁଡ଼ାଇ ରଖନ୍ତୁ । ତା' ପରେ ଘରେ ଯଦି କୌଣସି ଆ[ସେପ୍ଟିକ୍ ଅଏ[ମେ[ଅଛି ଲଗାନ୍ତୁ ଓ ଡାକ୍ତରଙ୍କ ପାଖକୁ ଯାଆନ୍ତୁ । ଯଦି ଘରେ କୌଣସି ଆ[ସେପ୍ଟିକ୍ ଅଏ[ମେ[ନାହିଁ, ତା'ହେଲେ ଗୋଟିଏ ସଫା କପଡ଼ାରେ ପୋଡ଼ା ସ୍ଥାନକୁ ଗୁଡ଼ାଇ ନିକଟସ୍ଥ ଡାକ୍ତରଖାନା ଯାଇ ଡ୍ରେସିଂ କରନ୍ତୁ । ଡ୍ରେସିଂ କରିବା ଦ୍ୱାରା ଆପଣଙ୍କର ପୋଡ଼ା ଘା' ଶୀଘ୍ର ଶୁଖିଥାଏ ।

■ ଯଦି ସ୍କାଲ୍ଡ୍ ବର୍ଣ୍ଣ ହେଉଛି ବା ଆପଣଙ୍କ ଦେହରେ କୌଣସି ଗରମ ଜିନିଷ ପୋଡ଼ି ଯାଉଛି, ତା'ହେଲେ ବି ପାଣିର ସାହାଯ୍ୟ ନିଅନ୍ତୁ । ଶରୀର ଯେଉଁ ସ୍ଥାନରେ ଗରମ ଜିନିଷ ପଡୁଥିବ, ତାକୁ ପାଣିରେ ବୁଡ଼ାଇ ରଖନ୍ତୁ । ପୋଡ଼ିଥିବା ସ୍ଥାନର ଯନ୍ତ୍ରଣା କମିବା ପରେ ପାଣିରୁ ଉକ୍ତ ଅଙ୍ଗକୁ ବାହାର କରନ୍ତୁ ଓ ପାଣିରୁ ବାହାର କରିବା ପରେ ସେଥିରେ ଆ[ସେପ୍ଟିକ୍ ଅଏ[ମେ[ଲଗାନ୍ତୁ । ଏହା ପରେ ବି ଅଧିକ ପୋଡ଼ାଜଳା ହେଉଥିଲେ ଡାକ୍ତରଙ୍କ ପାଖକୁ ଯାଆନ୍ତୁ ।

■ ତୃତୀୟରେ ହେଉଛି ଇଲେକ୍ଟ୍ରିକ୍ ବର୍ଣ୍ଣ ବା ବିଦ୍ୟୁତ୍ ଜନିତ ପୋଡ଼ାଜଳା । ଦୈବାତ୍ କେହି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଲେ ପ୍ରଥମେ ବିଦ୍ୟୁତ୍ ପ୍ରବାହକୁ ବନ୍ଦ କରିବାକୁ ବା ବିଚ୍ଛିନ୍ନ କରିବାକୁ ଚେଷ୍ଟା କରନ୍ତୁ । ଯଦି ଆପଣଙ୍କ ଆଖପାଖରେ କୌଣସି ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଦେଖନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ହାତ ଲଗାଇ ଭିଡ଼ନ୍ତୁ ନାହିଁ । ଯେକୌଣସି ଶୁଖିଲା କାଠ, ବାଡ଼ି ବା ବାଉଁଶରେ ତାଙ୍କୁ ବିଦ୍ୟୁତ୍ ଠାରୁ ଅଲଗା କରିବାକୁ ଚେଷ୍ଟା କରନ୍ତୁ । ଏହା ପରେ ଶରୀରର ଯେଉଁ ସ୍ଥାନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା, ସେହି ସ୍ଥାନ ପୋଡ଼ି ଛି କି ନାହିଁ ପ୍ରଥମେ ଦେଖନ୍ତୁ । ଯଦି ପୋଡ଼ିଥିବ, ତା'ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁନେଇ ଯାଆନ୍ତୁ । ଇଲେକ୍ଟ୍ରିକ୍ ବର୍ଣ୍ଣରେ ମାଂସପେଶୀ ନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ । କେବଳ ଏତିକି ନୁହେଁ, ଏଥିରେ ହୃଦଘାତ ହେବାର ଆଶଙ୍କା ମଧ୍ୟ ରହିଥାଏ । ଏଥିପାଇଁ ଡାକ୍ତରଖାନାରେ ପ୍ରଥମେ ସେହି ବ୍ୟକ୍ତିଙ୍କର ଇସିଜି କରନ୍ତୁ । ବିଦ୍ୟୁତ୍ ଆଘାତରେ ଶରୀରରେ ମାଂସପେଶୀ ଫୁଲି ଯାଏ । ଏଣୁ ଶରୀରରେ ରକ୍ତ ସଂଚାଳନ ବନ୍ଦ ହୋଇଯାଏ । ଏଥିପାଇଁ ଡାକ୍ତରଙ୍କ କହିବା ଅନୁସାରେ ଏହାର ପ୍ରଥମିକ ଚିକିତ୍ସା କରନ୍ତୁ ।

ଶରୀରର ଯେଉଁ ଅଙ୍ଗରେ ନିଆଁ ଲାଗିଥାଏ ବା କୌଣସି ଗରମ ଜିନିଷ ପଡ଼ିଥାଏ, ତା'ର ଉପଚାର ଠିକ୍ ସମୟରେ କରା ନଗଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ । ତା'ହେଲେ ଆସନ୍ତୁ ଜାଣିବା, ଯଦି ଆପଣଙ୍କର ବା ଆଉ କାହାର ଶରୀରର କୌଣସି ଅଙ୍ଗ ନିଆଁ ବା ଗରମ ପଦାର୍ଥ ସଂସ୍ପର୍ଶରେ ଆସେ, ତା'ହେଲେ ସଙ୍ଗେ ସଙ୍ଗେ କ'ଣ କରିବା ଉଚିତ୍ ଏବଂ କ'ଣ ନ କରିବା ଉଚିତ୍ ।

ଖାଦ୍ୟ ଠିକ୍ ଭାବେ ହଜମ ହେଉ ନଥିଲେ

ଯଦି ଦିନ ଭିତରେ ଆପଣ ଅନ୍ୟୁନ ଛଅ ଘଣ୍ଟା ନ ଶୋଇଥାନ୍ତି, ତେବେ ଏହା ଏକ ଅନିୟମିତ ଜୀବନରେଖା ବୋଲି ଧରିବାକୁ ହେବ । ପ୍ରାକୃତିକ ଉପାୟରେ ଏହି ସମସ୍ୟାରୁ ମୁକ୍ତ ହୋଇପାରିବେ । ଏଥିପାଇଁ ଆପଣଙ୍କୁ ବ୍ୟାୟାମ କରିବା ଉଚିତ । ସୂର୍ଯ୍ୟ ନମସ୍କାର, କପାଳ ଭାତି, ପବନ ମୁକ୍ତାସନ ଆଦି ଯୋଗାସନ ଏଥିପାଇଁ ସବୁଠାରୁ ଭଲ । ଆଉ ଏକ କଥା ହେଲା ଯେ ଖାଦ୍ୟର ସିଡ୍ୟୁଲ୍ ପ୍ରସ୍ତୁତ କରନ୍ତୁ । ଏହା ଆପଣଙ୍କ ଉପରେ ନିର୍ଭର କରେ, ଦିନକୁ ତିନିଥର ପେଟ ପୂରା ଭୋଜନ କରି ପାରନ୍ତି, ଅଥବା ୫-୬ ଥର କମ୍ କମ୍ ଖାଦ୍ୟ ଗ୍ରହଣ କରିପାରନ୍ତି । ସେଓ, ଅମୃତଭଣ୍ଡା, କମଳା, ଅଙ୍ଗୁର ଆଦି ଫଳର ହଜମ କ୍ରିୟା ଭଲ ହୋଇଥାଏ । ଭୋଜନରେ ସାଲାଡ୍, ଧନିଆ ପତ୍ର, କଦଳୀ, ବ୍ରୋକଲି ଆଦି ଖାଦ୍ୟ ସାମିଲ କରିଲେ ତାହା ବି ଅଧିକ ଉପଯୋଗୀ ହେବ ।

ଏମିତି ବି ଅନେକ ଅଛନ୍ତି, ଯେଉଁମାନେ କୁହନ୍ତି ଯେ ଖାଇବାକୁ ଇଚ୍ଛା ହେଉନି, ସେମାନଙ୍କୁ ଭୋକ ଲାଗୁନି । ଏକଥା କହୁଥିବା ଲୋକଙ୍କ ଠାରେ ହଜମ କ୍ରିୟା ଜନିତ ସମସ୍ୟା ଅଛି ବୋଲି ଧରିବାକୁ ହେବ । ପ୍ରଥମେ ଜାଣିବାକୁ ହେବ ଯେ କାହିଁକି ଏମିତି ହୁଏ ?

ବାସ୍ତୁ ସହ ଜଡ଼ିତ ଭୋଜନ

ଭୋଜନ ଭଗବାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉପହାର ଓ ପ୍ରସାଦ । ଅନ୍ନ ଈଶ୍ୱରଙ୍କ ସହ ସମାନ ବୋଲି ମାନ୍ୟତା ରହିଛି । ଅଗ୍ନି ଦ୍ୱାରା ଭୋଜନ ପ୍ରସ୍ତୁତ କରାଯାଉଥିବାରୁ ଖାଦ୍ୟ ପ୍ରସ୍ତୁତ ହେବା ପରେ ଅଗ୍ନିଙ୍କ ନିକଟରେ ଏହାକୁ ରଖିବା ସହ କିଛି ଅର୍ପଣ କରିବା ଉଚିତ । ଅନ୍ନକୁ କଦାପି ଅନାଦର କରିବା ଉଚିତ ନୁହେଁ । କୁହାଯାଏ, ଅନ୍ନର ଗୋଟିଏ ଦାନାରେ ମଧ୍ୟ ଜୀବନଦାନ ଦିଆଯାଇପାରେ । ବାସ୍ତୁରେ ଅନ୍ନ ସହ ଜଡିତ କିଛି ସହଜ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାକୁ ଜୀବନରେ ପାଳନ କଲେ ଖୁବ ଶୁଭଫଳ ପ୍ରାପ୍ତି ହୋଇଥାଏ । ଭୋଜନ ଗ୍ରହଣ କରିବା ପୂର୍ବରୁ ଅନ୍ନ ଦେବତା ଓ ମା'ଲକ୍ଷ୍ମୀଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରଣାମ କରି ଖାଆନ୍ତୁ । ସ୍ନାନ ବିନା ରୋଷେଇ ଘରେ ପ୍ରବେଶ କରି ଭୋଜନ ପ୍ରସ୍ତୁତ କରନ୍ତୁ ନାହିଁ । ଭୋଜନ ପ୍ରସ୍ତୁତ କରିବା ସମୟରେ ପରିବାର ସଦସ୍ୟଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିବା ଉଚିତ । ହାତ, ଗୋଡ, ମୁହଁ ଭଲ ଭାବେ ଧୋଇ ଭୋଜନ ଗ୍ରହଣ କରନ୍ତୁ । ଓଦା ଗୋଡରେ ଭୋଜନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ । କଦାପି ଫଟା, ଭଙ୍ଗା ବାସନରେ ଭୋଜନ କରନ୍ତୁ ନାହିଁ । ଖାଦ୍ୟ ଖାଇବା ସମୟରେ ହାତରେ ଥାଳି ଉପରକୁ ଉଠାଇ ଭୋଜନ କରନ୍ତୁ ନାହିଁ । ଚଟାଣରେ ବସି ଆସନ ପକାଇ ଭୋଜନ କରିବା ସବୁଠାରୁ ଉତ୍ତମ ବୋଲି କୁହାଯାଏ । ଖଟରେ ବସି ଆଦୌ ଭୋଜନ କରନ୍ତୁ ନାହିଁ । ସ୍ୱାଦିଷ୍ଟ ନ ହେଲେ ମଧ୍ୟ ଭୋଜନର ତିରସ୍କାର କରିବା ଉଚିତ ନୁହେଁ । ରୋଷେଇ ଘରକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ । ରାତିରେ ଶୋଇବା ପୂର୍ବରୁ ରୋଷେଇ ଘର ପରିଷ୍କାର କରିବା ସହ ବାସନ ମାଜନ୍ତୁ । ଅନାବଶ୍ୟକ ଜିନିଷ ରୋଷେଇ ଘରେ ଆଦୌ ରଖନ୍ତୁ ନାହିଁ । ରୋଷେଇ ଘରେ ଥିବା ଡବା ଗୁଡିକୁ ଆଦୌ ଖାଲି ରଖନ୍ତୁ ନାହିଁ ।

ଅନ୍ନକୁ କଦାପି ଅନାଦର କରିବା ଉଚିତ ନୁହେଁ । କୁହାଯାଏ, ଅନ୍ନର ଗୋଟିଏ ଦାନାରେ ମଧ୍ୟ ଜୀବନଦାନ ଦିଆଯାଇପାରେ । ବାସ୍ତୁରେ ଅନ୍ନ ସହ ଜଡିତ କିଛି ସହଜ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାକୁ ଜୀବନରେ ପାଳନ କଲେ ଖୁବ ଶୁଭଫଳ ପ୍ରାପ୍ତି ହୋଇଥାଏ ।

ଉତ୍ତମ ନିଦ ପାଇଁ

ଦିନଯାକ ପରିଶ୍ରମ ପରେ ରାତିରେ ସଠିକ ପରିମାଣରେ ନିଦ ହେବା ନିତାନ୍ତ ଆବଶ୍ୟକ । ତେବେ ଶୋଇବା ପୂର୍ବରୁ ଏପରି କିଛି ସ୍ୱତନ୍ତ୍ର ଖାଦ୍ୟପେୟ ରହିଛି,ଯାହାର ସେବନ କରିବା ଦ୍ୱାରା ଅନିଦ୍ରା ସମସ୍ୟା ଦୂର ହେବା ସହ ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ । ପୋଟାସିୟମ ଓ ମେଗ୍ନିସିୟମରେ ଭରପୁର ଥିବା କଦଳୀ ମାଂସପେଶୀକୁ ଆରାମ ଦେବାରେ ସହାୟ୍ୟ କରିଥାଏ । ଏହାସହ ଆପଣଙ୍କୁ ଅଧିକ ଆରାମ ଅନୁଭବ ମଧ୍ୟ କରାଯାଇଥାଏ । ତେଣୁ ଉତ୍ତମ ନିଦ ହୋଇଥାଏ । ମାତ୍ର ସବୁଜ ଚୋପା ଥିବା ପାଚିଲା କଦଳୀ ଖାଇବା ଅଧିକ ଲାଭଦାୟକ । ଅନେକ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରୁ ବାଦାମ ଗୋଟିଏ । ଏହା ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ । ବାଦାମରେ କ୍ୟାଲସିୟମ ଭରପୁର ମାତ୍ରାରେ ରହିଛି । ଯାହା ଶରୀରକୁ ଶାନ୍ତ କରିବା ସହ ମାଂସପେଶୀକୁ ଆରାମ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହାସହ ଅଖରୋଟର ମଧ୍ୟ ସେବନ କରିପାରିବେ । ଦହିରେ ମଧ୍ୟ ପ୍ରଚୁର ମାତ୍ରାରେ ଭିଟାମିନ ଡି ଓ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଛି । ତେଣୁ ଅଳ୍ପ ପରିମାଣରେ ଦହିର ମଧ୍ୟ ସେବନ କରନ୍ତୁ । ଏହାଦ୍ୱାରା ମଧ୍ୟ ଭଲ ନିଦ ହୋଇଥାଏ । ପାଳଙ୍ଗ ଶାଗରେ ବିଭିନ୍ନ ଭିଟାମିନ ସହ ବହୁ ପୋଷକ ତତ୍ତ୍ୱ ରହିଛି । ଏହାର ସେବନ ଦ୍ୱାରା ମଧ୍ୟ ଭଲ ନିଦ ହୋଇଥାଏ । ଜାଇଫଳ ଶିରାପ୍ରଶିରାକୁ ଆରାମ ପ୍ରଦାନ କରିବା ସହ ଏହା ସେରୋଟୋନିନ ପ୍ରସ୍ତୁତ କରି ଆରାମ ଦାୟକ ନିଦ ହେବାରେ ସହାୟକ ହୋଇଥାଏ । ଏହାକୁ ଅଳ୍ପ ମାତ୍ରାରେ ଉଷୁମ କ୍ଷୀରରେ ମିଶାଇ ପିଇ ପାରିବେ । କନ୍ଦମୂଳ ରାତ୍ରି ଭୋଜନରେ ସାମିଲ କରିବା ଖୁବ ଉପକାରୀ । ଏଥିରେ ପୋଟାସିୟମ, ମେଗ୍ନିସିୟମ, କ୍ୟାଲସିୟମ ଆଦି ଭରପୁର ମାତ୍ରାରେ ରହିଛି । ଏଥିରେ ଥିବା ଖଣିଜ ଶିରାପ୍ରଶିରାକୁ ଶାନ୍ତ ରଖିବା ସହ ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ ।

ବାଦାମରେ କ୍ୟାଲସିୟମ ଭରପୁର ମାତ୍ରାରେ ରହିଛି । ଯାହା ଶରୀରକୁ ଶାନ୍ତ କରିବା ସହ ମାଂସପେଶୀକୁ ଆରାମ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହାସହ ଅଖରୋଟର ମଧ୍ୟ ସେବନ କରିପାରିବେ । ଦହିରେ ମଧ୍ୟ ପ୍ରଚୁର ମାତ୍ରାରେ ଭିଟାମିନ ଡି ଓ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଛି । ତେଣୁ ଅଳ୍ପ ପରିମାଣରେ ଦହିର ମଧ୍ୟ ସେବନ କରନ୍ତୁ । ଏହାଦ୍ୱାରା ମଧ୍ୟ ଭଲ ନିଦ ହୋଇଥାଏ ।

ଖାଦ୍ୟପ୍ରେମୀ ରାଶି

ଶାସ୍ତ୍ର ଅନୁଯାୟୀ, ବୃଷ ରାଶିର ବ୍ୟକ୍ତି ବିଶେଷଙ୍କୁ ଭ୍ରମଣ କରିବା, ଉତ୍ସବ ପାଳନ କରିବା ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ଖୁବ ପସନ୍ଦ କରିଥାଆନ୍ତି ।

ରା ଦୁନିଆରେ ଖାଦ୍ୟକୁ ନେଇ ବିଭିନ୍ନ ସ୍ୱାଦିଷ୍ଟ ଜିନିଷ ରହିଛି । ଅନେକ ଲୋକଙ୍କୁ ଆମିଷ ପସନ୍ଦ ତ ଅନ୍ୟଙ୍କୁ ନିରାମିଷ । ସେଭଳି କେତେକ ଖୁବ ଖାଦ୍ୟ ପ୍ରେମୀ ମଧ୍ୟ ରହିଛନ୍ତି । ସେମାନଙ୍କୁ ଉଭୟ ଆମିଷ ଓ ନିରାମିଷ ଖୁବ ପସନ୍ଦ । ସ୍ୱାଦିଷ୍ଟ ଭୋଜନ ଖାଇବା ସମୟରେ ଅନେକ ଧ୍ୟାନ ନଦେଇ ଅଧିକ ରୁ ଅଧିକ ଖାଇ ଦେଇଥାଆନ୍ତି । ତେବେ ଜାଣନ୍ତୁ କେଉଁ ରାଶିର ବ୍ୟକ୍ତି ବିଶେଷ ଅଧିକ ଖାଇବା ପ୍ରେମୀ । ମେଷ ରାଶି – ରାଶି ଅନୁଯାୟୀ, ମେଷ ରାଶିର ବ୍ୟକ୍ତି ବିଶେଷ ଖୁବ ଖାଦ୍ୟପ୍ରେମୀ । ଏମାନଙ୍କୁ ବିଶେଷ କରି ଛଣାଛଣି ଖାଦ୍ୟ, ନୂଆ ନୂଆ ଖାଦ୍ୟ ଖାଇବାକୁ ମଧ୍ୟ ପସନ୍ଦ କରିଥାଆନ୍ତି । ବିଭିନ୍ନ ସ୍ଥାନକୁ ଯାଇ ଖାଦ୍ୟ ଖାଇବାକୁ ପସନ୍ଦ କରିବା ସହ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରିଥାଆନ୍ତି । ଶାସ୍ତ୍ର ଅନୁଯାୟୀ, ବୃଷ ରାଶିର ବ୍ୟକ୍ତି ବିଶେଷଙ୍କୁ ଭ୍ରମଣ କରିବା, ଉତ୍ସବ ପାଳନ କରିବା ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ଖୁବ ପସନ୍ଦ କରିଥାଆନ୍ତି । ସର୍ବଦା ଭିନ୍ନ ଭିନ୍ନ ଭୋଜନ ଖାଇଥାଆନ୍ତି । ଗୋଟିଏ ଦିନରେ ଏକାଧିକ ପ୍ରକାର ବ୍ୟଞ୍ଜନ ଖାଇବାକୁ ପସନ୍ଦ କରିଥାଆନ୍ତି । ସିଂହ ରାଶିର ବ୍ୟକ୍ତି ବିଶେଷଙ୍କୁ ମିଠା ଖାଇବା ଅତ୍ୟନ୍ତ ପସନ୍ଦ । ମିଠାର ଯେକୌଣସି ଜିନିଷ ଖାଇବାକୁ ଏମାନେ ପସନ୍ଦ କରିଥାଆନ୍ତି । ଏହାସହ ଅନ୍ୟାନ୍ୟ ଖାଦ୍ୟ ଖାଇବାକୁ ମଧ୍ୟ ପସନ୍ଦ କରିଥାଆନ୍ତି । ମକର ରାଶିର ବ୍ୟକ୍ତି ବିଶେଷ ପାରମ୍ପରିକ ଖାଦ୍ୟ ଖାଇବାକୁ ମଧ୍ୟ ପସନ୍ଦ କରିଥାଆନ୍ତି ।

ଦୁଇବର୍ଷ ହେଲା ତୁଟୁନି ଆପାର୍ଟମେଣ୍ଟ ଅଡୁଆ

ଗଢ଼ା ହୋଇପାରୁନି ସୋସାଇଟି, ବିକ୍ରି-ଖର୍ଦ୍ଦି ହୋଇପାରୁନି ଫ୍ଲାଟ୍

କଟକ(ବ୍ୟୁରୋ): ଦୁଇ ବର୍ଷ ତଳେ ଓଡ଼ିଶା ହାଇକୋର୍ଟ ରାଜ୍ୟରେ ଫ୍ଲାଟ୍ କିଣାବିକା ଉପରେ କଟକଣା ଜାରି କରିଥିଲେ। ଯେ ପର୍ଯ୍ୟନ୍ତ ଫ୍ଲାଟ୍ ଓନରସିପ୍ ଆଇନ ଆସିନାହିଁ ସେ ପର୍ଯ୍ୟନ୍ତ ଫ୍ଲାଟ୍ କିଣାବିକା ହୋଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏହି ଆଦେଶକୁ ଇତିମଧ୍ୟରେ ଦୁଇ ବର୍ଷ ପୂରିବାକୁ ବସିଲାଣି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ପ୍ରଥମେ ଏ ସଂକ୍ରାନ୍ତି ଆଇନ ଏବଂ ପରେ ରୁଲ୍ସ ମଧ୍ୟ ଆଣିଲେ। ଏହା ସତ୍ତ୍ୱେ ଫ୍ଲାଟ୍ କିଣାବିକାକୁ ନେଇ ଲାଗି ରହିଥିବା ଅଡୁଆର ଏଯାଏଁ ତୁଟିଲା ନାହିଁ। ନୂଆ ଆଇନ ଅନୁଯାୟୀ ସୋସାଇଟି ଗଠନ ହୋଇପାରୁନଥିବାରୁ ଫ୍ଲାଟ୍ ବିକ୍ରି-ଖର୍ଦ୍ଦି ହୋଇପାରୁ ନାହିଁ। ଏହାଦ୍ୱାରା ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ୨୦୨୧-୨୨ ରୁ ୨୦୨୨-୨୩ ଏବଂ ୨୦୨୩-୨୪ ମଧ୍ୟରେ ରାଜ୍ୟ ସରକାରଙ୍କୁ ଫ୍ଲାଟ୍ କିଣାବିକାରୁ ଆସୁଥିବା ଷ୍ଟାମ୍ପ କ୍ୟୁଟି ବାବଦରେ ପ୍ରାୟ ହଜାରେ କୋଟି ଟଙ୍କାର ରାଜସ୍ୱ ହରାଇଥିବା ଆକଳନ କରାଯାଉଛି। ଅନ୍ୟପକ୍ଷରେ ଆଇନ ଅନୁଯାୟୀ ଆପାର୍ଟମେଣ୍ଟ ଜମି ସୋସାଇଟି ନାମରେ କରାଯିବ, ଏ ବାବଦ ଷ୍ଟାମ୍ପ ଡୁଟି କିଏ ଦେବ ସେ ନେଇ ବିବାଦ ଦେଖାଦେଇଛି। ଗୋଟେ ଆପାର୍ଟମେଣ୍ଟ ଯଦି ବଡ଼ ବା ଅଧିକ ଜମିରେ ହେଉଛି, ସେ ବାବଦରେ ଷ୍ଟାମ ଡୁଟି କୋଟି କୋଟି ଟଙ୍କା ହେବ। ତା'ହେଲେ ଏହି ଷ୍ଟାମ୍ପ ଡ୍ୟୁଟି ବାବଦ ଅର୍ଥ କାହା ଠାରୁ ଆଦାୟ କରାଯିବ, ସେ ନେଇ ଆଇନରେ କୌଣସି ସ୍ପଷ୍ଟ ସୂଚନା ନାହିଁ। ବିନା ଆଇନରେ ରାଜ୍ୟରେ ଫ୍ଲାଟ୍ କିଣାବିକା ହୋଇ ଆସୁଥିବାରୁ ହାଇକୋର୍ଟରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ଆଇଜିଆରଙ୍କୁ ଆଇନ ଅନୁଯାୟୀ ଆସୋସିଏସନ୍ ଅଫ୍ ଆଲଟିକ୍ ଗଠନ ପରେ ଫ୍ଲାଟ୍ କିଣାବିକା କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମେ' ୧୨ରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲାବେଳେ ଏହା ପର ଠାରୁ ଆଇଜିଆରଙ୍କ ପକ୍ଷରୁ ଫ୍ଲାଟ୍ କିଣାବିକାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଥିଲା। ସେବେ ଠାରୁ ଆଉ ଫ୍ଲାଟ୍ କିଣାବିକା ହୋଇପାରୁ ନାହିଁ। ଦେଢ଼ ବର୍ଷ ଧରି ଏହି ମାମଲାର ଶୁଣାଣି ଚାଲିବା ପରେ ୨୦୨୩ ସେପ୍ଟେମ୍ବରରେ ପ୍ରଥମେ ରାଜ୍ୟ ସରକାର ଆଇନ ଆଣିଥିଲେ। କିନ୍ତୁ ଏହି ଆଇନ ଆସିଲା ପରେ ମଧ୍ୟ ରୁଲ୍ସ ଆସିବାକୁ ପୁଣି ପାଞ୍ଚମାସ ସମୟ ଲାଗି ଯାଇଥିଲା। ଚଳିତବର୍ଷ ଫେବୃଆରୀ ୧୬ରେ ରାଜ୍ୟ ସରକାର ରୁଲ୍ସ ଆଣିଥିଲେ। ଏତେସବୁ ସତ୍ତ୍ୱେ ଆଜି ବି ରାଜ୍ୟରେ ଫ୍ଲାଟ୍ କିଣା-ବିକା ସମ୍ଭବ ହୋଇପାରୁ ନାହିଁ। ଏ ସଂକ୍ରାନ୍ତିରେ ଆଇନଜୀବୀ ମୋହିତ୍ ଅଗ୍ରୱାଲ କହିଛନ୍ତି ଯେ, ରାଜ୍ୟ ସରକାର ଯେଉଁ ରୁଲ୍ସ ଆଣିଛନ୍ତି ସେହି ଅନୁସାରେ ଯେଭଳି ଭିତ୍ତିଭୂମିର ଆବଶ୍ୟକତା ରହିଛି ତାହା ଆଜି ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇପାରିନାହିଁ। ଏହି ଭିତ୍ତିଭୂମି ପ୍ରସ୍ତୁତ କାର୍ଯ୍ୟ କରିବା ହେଉଛି ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କର। କିନ୍ତୁ ଆଜି ପର୍ଯ୍ୟନ୍ତ ବିଡିଏ ଅବା ସିଡିଏ କିମ୍ବା ପିକେଡିଏ ସେମାନଙ୍କ ସ୍ୱରରେ ଫ୍ଲାଟ୍ ବିକ୍ରି ଖର୍ଦ୍ଦି ପାଇଁ କୌଣସି ପ୍ରକାର ଭିତ୍ତିଭୂମି ତିଆରି କରିନାହାନ୍ତି। ଫଳରେ ଫ୍ଲାଟ୍ ଓନର୍‌ସିପ୍ ଆସୋସିଏସନ୍ ଆଇନ ଅନୁଯାୟୀ ଗଠନ ହୋଇପାରୁ ନାହିଁ। ଯଦି ଏହି ଆସୋସିଏସନ୍ ଗଠନ ନହୁଏ ତାହେଲେ ଫ୍ଲାଟ୍ ମଧ୍ୟ ବିକ୍ରି-ଖର୍ଦ୍ଦି ହୋଇପାରିବ ନାହିଁ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି। ଅପରପକ୍ଷରେ ପ୍ରକଳ୍ପ ଜମିକୁ ଆସୋସିଏସନ୍ ନାମରେ ଟ୍ରାନ୍ସଫର କରାଯିବ ବୋଲି ନିୟମ ଅନୁଯାୟୀ ସ୍ଥିର ହୋଇଛି। କିନ୍ତୁ ସେ ବାବଦ ଷ୍ଟାମ୍ପ ଡୁଟି କିଏ ଜମା କରିବ ବୋଲି ସେ ନେଇ ଆଇନରେ କୌଣସି କଥା ସୃଷ୍ଟି କରାଯାଇ ନାହିଁ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି। ଫଳରେ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି।

ବେକରେ ପଘା ଲାଗି ନାବାଳିକାଙ୍କ ମୃତ୍ୟୁ

ମାଲକାନଗିରି (ଅମୃତ ମିଡିଆ): ମାଲକାନଗିରି ଥାନା ଅନ୍ତର୍ଗତ ସିଦ୍ଧିମାଳ ପଂଚାୟତର କିରପାଳିଗୁଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ବେକରେ ପଘା ଲାଗିବା ଫଳରେ ପାଞ୍ଚ ବର୍ଷର ନାବାଳିକାର ମୃତ୍ୟୁ ଘଟିଛି। ଘଟଣା ଅନୁଯାୟୀ, ଗତକାଲି ସନ୍ଧ୍ୟା ୫ଟା ସମୟରେ ସହଦେବ ଗୌଡ଼ଙ୍କ ପତ୍ନୀ ଗାଈର କ୍ଷୀର କାଢୁଥିଲେ। ତେବେ ପାଖରେ ଝିଅ କାଂଚରା ଗୌଡ଼ ଗାଈର ପଘା ଧରିଥିଲେ। ତେବେ ସେ ପଘାକୁ ହୁଏତ ବେକରେ ଲଗାଇ ଛିଡ଼ା ହୋଇଥିଲେ। ଏହି ସମୟରେ କୁକୁର ଭୁକିବାରୁ ଗାଈଟି ଜୋରରେ ଦୌଡ଼ିବାକୁ ଲାଗିଲା। ଝିଅର ବେକରେ ପଘା ଲାଗିଥିବାରୁ ପଘା ସହ ଘୋଷଡ଼ି ହୋଇ ଗାଈ ପଛରେ ଝିଅଟି ପ୍ରାୟ ଅଧ କିଲୋମିଟର ଯାଇଥିଲା। ଲୋକେ ଗାଈକୁ କାବୁ କରି ଝିଅକୁ ଉଦ୍ଧାର କରିଥିଲେ, କିନ୍ତୁ ସେତେବେଳକୁ ଝିଅଟିର ମୃତ୍ୟୁ ହୋଇସାରିଥିଲା। ତୁରନ୍ତ ମାଲକାନଗିରି ମେଡିକାଲକୁ ଆଣି ଚିକିତ୍ସା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଡାକ୍ତର ଝିଅର ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ପୁଲିସ ଖବର ପାଇ ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ଝିଅର ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଥିଲା। ପୁଲିସ ଘଟଣାର ତଦନ୍ତ କରୁଥିବା କହିଛି।

ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କଟକ(ବ୍ୟୁରୋ): ସାଇଲୋ ଗୋବିନ୍ଦପୁର ହାଇସ୍କୁଲର ୧୯୭୮ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ବଟକୃଷ୍ଣ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମରେ ପ୍ରଭୁ ଜଗନ୍ନାଥଙ୍କ ବିଗ୍ରହରେ ପୂଜା ଓ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦିବଂଗତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ବେଉରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପରିଚୟ ପ୍ରଦାନ ପରେ ଦିବଂଗତ ଶିକ୍ଷକ ଓ ଦିବଂଗତ ସହପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ପ୍ରତ୍ୟେକ ନିଜ ନିଜର ଛାତ୍ର ଜୀବନର ଅନୁଭୂତିକୁ ନେଇ ବକ୍ତୃତା ପ୍ରଦାନ କରାଯାଇଥିଲା। ଏଥିରେ ଚିତ୍ତରଞ୍ଜନ ବେହେରା,ଦିଲୀପ ମହାନ୍ତି, ଅଶୋକ ପାତ୍ର, ବୈଜୟନ୍ତୀ ମହାନ୍ତି, ସୁପ୍ରଭା ପ୍ରଧାନ, ବିଚିତ୍ର ଦାସ, ଚିନ୍ମୟ ମହାନ୍ତି, ସଂଯୁକ୍ତ ଦାସ, ପ୍ରକାଶ ଦାସ, ବିଭୂତି ସେନାପତି, ବିଚିତ୍ରାନନ୍ଦ ପାତ୍ର, ଗୋକୁଳାନନ୍ଦ ସାମନ୍ତରା ଲକ୍ଷ୍ମୀଧର ବେହେରା, ସୁକାନ୍ତ ପାଢ଼ୀ, ଗିରିଶ ନାୟକ ଆଦି ୫୫ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

ମା' ସମଲେଇଙ୍କୁ ଦର୍ଶନ କଲେ ପ୍ରଣବ

ସମ୍ବଲପୁର(ଅମୃତ ମିଡିଆ): ବିଜେଡିରୁ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବେ ନାଁ ଘୋଷଣା ପରେ ଶୁକ୍ରବାର ସମ୍ବଲପୁରରେ ପହଞ୍ଚିଛନ୍ତି ପ୍ରଣବ ପ୍ରକାଶ ଦାସ। ସେ ସମର୍ଥକଙ୍କ ସହ ଯାଇ ସେଠାରେ ମା' ସମଲେଇଙ୍କୁ ଦର୍ଶନ କରିଛନ୍ତି । ଏହି ଅବସରରେ ସେ ସମ୍ବଲପୁରବାସୀଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ଭାବବିହ୍ୱଳ ହୋଇଛନ୍ତି । ପ୍ରଣବ କହିଛନ୍ତି, ସମ୍ବଲପୁର ମାଟି ସହ ତାଙ୍କ ପରିବାରର ୬୦ ବର୍ଷର ସମ୍ପର୍କ। ଏ ମାଟି ସହ ତାଙ୍କ ବାପାଙ୍କର ସୁସମ୍ପର୍କ ରହିଥିଲା। ଏଠି ପହଞ୍ଚିଲା ପରେ ଏଠିକାର ଲୋକଙ୍କ ସମର୍ଥନ ଓ ସ୍ନେହ ଦେଖିବା ପରେ ମୁଁ ଆନନ୍ଦିତ। ସମ୍ବଲପୁର ଯାଇ ନିଜ ଘରେ ଛିଡ଼ା ହେବା ପରି ଲାଗୁଛି। ତେବେ ସମ୍ବଲପୁରକୁ ଉନ୍ନତିର ଶିଖରକୁ ନେବା ସହ ଏହାର ରୂପାନ୍ତରୀକରଣ ପାଇଁ ତାଙ୍କୁ ଏଠାରେ ପ୍ରାର୍ଥୀ ବିବେଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ଏବଂ ସମ୍ବଲପୁରବାସୀଙ୍କ ଉପରେ ସେ ଭରସା କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସମ୍ମାନ ଜଣାଇବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ଏଥର ସମ୍ବଲପୁରରେ ହେବ ଜୋରଦାର ଲଢେଇ। କାରଣ ଏଠାରେ ବିଜେପିର ସାଂସଦ ଟିକେଟ ପାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥର ବିଜେଡି ମଧ୍ୟ ଏହି ସମ୍ବଲପୁରରୁ ପ୍ରଣବଙ୍କୁ ସାଂସଦ ଟିକେଟ ଦେଇଥିବାରୁ ଏହି ଆସନ ଉପରେ ରାଜ୍ୟବାସୀଙ୍କ ନଜର।

ବିଜେପି ଛାଡ଼ିଲେ କଟକ ଜିଲ୍ଲା ସଭାପତି

କଟକ(ବ୍ୟୁରୋ): ବିଜେପି ଛାଡ଼ିଲେ କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରା। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ସେ ସାଲେପୁରର ପୂର୍ବତନ ବିଧାୟକ ଥିଲେ। ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଇସ୍ତଫାପତ୍ର ପଠାଇ ଦଳର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ବିଜେପି ଛାଡିବା ପରେ ବର୍ତ୍ତମାନ ସେ ବେହେରା ସାଲେପୁରରୁ କଂଗ୍ରେସ ଟିକେଟରେ ଲଢ଼ି ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହେବା ସହ ବିଜେପି ପକ୍ଷରୁ ସାଲେପୁର ବିଧାନସଭା ପାଇଁ ଲଢି ପରାଜିତ ହୋଇଥିଲେ। ୨୦୧୯ରେ ସେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କଠାରୁ ହାରିଥିଲେ । ତାଙ୍କର ପଦରୁ ମଧ୍ୟ ଇସ୍ତଫା ଦେଉଛି। ମୁଁ ସର୍ବଦା ମୋ ପଦକୁ ନ୍ୟାୟ ଦେବା ପାଇଁ ପ୍ରୟାସ କରି ଆସିଛି। ଦଳକୁ ମାଇଲଖୁଣ୍ଟ ହାସଲ କରାଇବା ପାଇଁ ସର୍ବଦା ଚେଷ୍ଟା କରିଥିଲି। କିନ୍ତୁ ମୁଁ ଏହାକୁ ସଠିକ ଭାବେ ତୁଲାଇ ପାରି ନାହିଁ । କିନ୍ତୁ ଦଳ ମୋତେ ଏଭଳି ପଦ ଏବଂ ଆପଣଠାରୁ ପାଇଥିବା ନେତୃତ୍ୱ ଯୋଗୁଁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି।

ବିଜେଡିରେ ସାମିଲ ହେବା ନେଇ ଚର୍ଚ୍ଚା

ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଜୋର ଧରିଛି। ଯଦି କହିବା ପ୍ରକାଶ ବେହେରାଙ୍କ ଦଳ ଡିଆଁ ପର୍ବ ଜାରି ରହିଛି। ପ୍ରଥମେ କଂଗ୍ରେସ ପରେ ବିଜେପି ଏବଂ ବର୍ତ୍ତମାନ ବିଜେଡିରେ ଯୋଗ ଦେବା ନେଇ ଖବର ମିଳିଛି। ପୂର୍ବରୁ ସାଲେପୁରର କଂଗ୍ରେସ ବିଧାୟକ ରହିଥିବାବେଳେ ବର୍ତ୍ତମାନ ତାଙ୍କୁ ବିଜେଡିରୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଛି। ସେ ବିଜେଡି ଟିକେଟରୁ ସାଲେପୁରର ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ସାଲେପୁରର ପୂର୍ବତନ ବିଧାୟକ ଥିଲେ ପ୍ରକାଶ। ୨୦୧୪ ନିର୍ବାଚନରେ ପ୍ରକାଶ ଦଳ ଛାଡିବା ପରେ ସାଲେପୁର ରାଜନୀତି ସରଗରମ ରହିଛି। ପ୍ରକାଶଥାଉକି, ବିଜେଡି ପ୍ରଥମ ପର୍ଯ୍ୟାୟରେ ୭୨ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସାଲେପୁର ବିଧାନସଭା ସିଟ୍ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ସେ ସାଲେପୁରରୁ ବିଜେଡି ଟିକେଟରେ ଲଢିବା ନେଇ ଚର୍ଚ୍ଚା ହେଉଛି । ପ୍ରକାଶ ବେହେରାଙ୍କ ଇସ୍ତଫା ପତ୍ର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ପ୍ରକାଶ ଲେଖିଛନ୍ତି, 'ମୁଁ ବିଜେପି ଛାଡିବି। ଏହାସହ କଟକ ଜିଲ୍ଲା ବିଜେପି ସଭାପତି

ଫେରାର ଅଭିଯୁକ୍ତ ଗିରଫ

ଆଠଗଡ(ଅମୃତ ମିଡିଆ): ଆଠଗଡ, ଖୁଣ୍ଟୁଣୀ ଓ ତିଗିରିଆ ଥାନା ଅଧିନରେ ଥିବା କେତେକ ଗ୍ରାମରେ ମଦପ୍ରସ୍ତୁତି ଓ ଚାଲାଣ ଏକ କୁଟୀରଶିଳ୍ପରେ ପରିଣତ ହୋଇଛି। ଆଠଗଡର କୋରଙ୍ଗା, ତିଗିରିଆର ଭିରୁଡା, ପଣସପାଟଣା, ଖୁଣ୍ଟୁଣୀ ଥାନା ଅଧିନ ଡାଲୁଆ, ଖଣ୍ଡୁଆଳୀ ଓ କଅଁସର ଅଞ୍ଚଳରେ ଶତାଧିକ ଚୋରା ମଦଭାଟିରେ ପ୍ରସ୍ତୁତ ହେଉଥିବା ହଜାର ହଜାର ଲିଟର ମଦ ପ୍ରତିଦିନ ବିଭିନ୍ନ ଚାରିଚକିଆ ଓ ଦୁଇଚକିଆ ଯାନରେ କଟକ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନ, ଭୁବନେଶ୍ୱର, ଢେଙ୍କାନାଳ ଓ ଚୌଦ୍ୱାର ଆଦି ଅଞ୍ଚଳକୁ ଚାଲାଣ ହୋଇଥାଏ। ଗତ ଫେବୃଆରୀ ୨୩ତାରିଖରେ ଏକ ସୁଜୁକି କ୍ୟାରିଅର ପିକ୍‌ଅପ୍ ଭ୍ୟାନରେ ୧୮୯୦ଲିଟର ଦେଶୀମଦ କଟକ ଚାଲାଣ ହେଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ଗୋଡିଝରିଆ ଠାରେ ଚଢାଉ କରାଯାଇ ଗାଡି ସହିତ ମଦ ଜବତ କରାଯିବା ସଙ୍ଗେ ସଙ୍ଗେ ଗାଡି ମାଲିକ ତଥା ଚାଳକ ଗୋଡିଝରିଆର ଏସ୍‌ପି ସନ୍ଦୀପ କୁମାରଙ୍କୁ

ଗିରଫ କରାଯାଇଥିଲା। ପଚରାଉଚୁରା ବେଳେ ଅବକାରୀ ବିଭାଗ ତାଙ୍କ ଠାରୁ ଏଥିରେ ସଂପୃକ୍ତ ତାଙ୍କର ସହଯୋଗୀ ସାନମୁଣ୍ଡଳି ଗ୍ରାମର ଦୁଷ୍ମନ୍ତ ଲେଙ୍କା ଓରଫ ଧକୁଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ସନ୍ଦୀପ ଓ ଦୁଷ୍ମନ୍ତ ଦୁହେଁ ମିଶି ଏହି ବ୍ୟବସାୟ କରିବା ସହ ନିୟମିତ ଚୋରା ମଦ କଟକ ଓ ଆଖପାଖ ଅଞ୍ଚଳକୁ ଚାଲାଣ କରୁଥିବା ଅବକାରୀ ବିଭାଗ ଜାଣିବାକୁ ପାଇଥିଲା। କଟକ ଜିଲ୍ଲା ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସାନମୁଣ୍ଡଳିରେ ଆଠଗଡ ଅବକାରୀ ନିରୀକ୍ଷକ ହେମନ୍ତ ମହାନଦିଆ, ଉପନିରୀକ୍ଷକ ଅରୁଣ କୁମାର ଭୋଇ, କଟକ ସଦର ନିରୀକ୍ଷକ ଶୃତିକାନ୍ତ ରାଉତ ଓ ଜିଲ୍ଲା ଅବକାରୀ ଗୁଇନ୍ଦା ସଂସ୍ଥାର ନିରୀକ୍ଷକ କମଳ ଲୋଚନ ପାଇକରାୟ ସଦଳବଳେ ଚଢାଉ କରି ଦୁଷ୍ମନ୍ତ ଓରଫ ଧକୁକୁ ଗିରଫ କରିବାରେ ସକ୍ଷମ ହୋଇଥିଲେ।

ଖାଉଟି ଅଦାଲତରେ ଦଣ୍ଡିତ ହେଲା ଟେଲିଭିଜନ୍ କମ୍ପାନୀ

ମାଲକାନଗିରି(ଅମୃତ ମିଡିଆ): ମାଲକାନଗିରି ଜିଲ୍ଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି ଟେଲିଭିଜନ ଉତ୍ପାଦନ କଂପାନୀ 'ସାମସଙ୍ଗ'। ଜଣେ ଗ୍ରାହକଙ୍କୁ ଦଣ୍ଡ, ସହାୟତା ଓ ହଇରାଣ ବାବଦରେ ୬୮,୭୦୦ ଟଙ୍କା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ଗ୍ରାହକ ହେଉଛନ୍ତି ସ୍ଥାନୀୟ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ।

ପ୍ରକାଶ ଯେ, ୨୦୧୯ ମସିହା ମାର୍ଚ୍ଚ ୧୫ ତାରିଖ ଦିନ ଓମ କ୍ୱାଲିଟି ଷ୍ଟୋରରୁ ସ୍ଥାନୀୟ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ ଏକ ୪୩ ଇଞ୍ଚର ସାମସଙ୍ଗ ଟିଭି କିଣିଥିଲେ। ତେବେ ୫ରୁ ୬ ମାସ ଗଲା ପରେ ଟିଭିଟି ଖରାପ ହୋଇଥିଲା। ତେବେ ଟିଭିକୁ ନେଇ ଶ୍ରୀ ପଟ୍ଟନାୟକ ଦୋକାନରେ ମରାମତି ପାଇଁ ଦେଇଥିଲେ। ପ୍ରକାଶଥାଉକି, ଏହି ଟିଭିର ୱାରେଣ୍ଟି ୫ ବର୍ଷ ପାଇଁ ରହିଥିଲା। ତେବେ ଶ୍ରୀ ପଟ୍ଟନାୟକ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ତାଙ୍କୁ ଦୋକାନୀ ଆଉ ୱାରେଣ୍ଟି କାର୍ଡ ଦେଇନଥିଲେ। ଟିଭି ଖରାପ ହେଲେ ସେ ମରାମତି କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିଛି ଦିନ ଦୋକାନୀ ଟିଭିକୁ ରଖି ମରାମତି କରାଯାଇଥିବା କହି ଶ୍ରୀ ପଟ୍ଟନାୟକଙ୍କୁ ଫେରାଇ ଦେଇଥିଲା। ତେବେ ଟିଭି ୧୫ ଦିନ ଗଲା ପରେ ପୁଣି ଖରାପ ହେଲା କିନ୍ତୁ ଏଥର ଅଧିକ ଖରାପ ଜିନିଷ ଖରାପ ହୋଇଗଲା। ଶ୍ରୀ ପଟ୍ଟନାୟକ ପୁଣି ଦୋକାନକୁ ଯାଇ ଟିଭି ଦେଇଥିଲେ। ଦୋକାନୀ ଟିଭିକୁ ରଖିବା ସହ ବର୍ତ୍ତମାନ କରୋନା ସମୟ କହି ଦୋକାନ ବନ୍ଦ କରିଦେଇଥିଲା। ଦୀର୍ଘ ଦିନ ପରେ ମଧ୍ୟ ଶ୍ରୀ ପଟ୍ଟନାୟକଙ୍କୁ ଟିଭି ଫେରାଇନଥିଲା। ବାରମ୍ବାର ଟିଭି ଖରାପ ହେବା ପରେ ମଧ୍ୟ ଠିକ ନ ହେବାରୁ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତର ସଭାପତି ପି କେ ପଣ୍ଡା ଏବଂ ସଦସ୍ୟା ସଲମା ବାନୋ ଏହି କେଶକୁ ନେଇ ଦୁଇ ପକ୍ଷକୁ ଡକାଇ ବିଚାରଣ କରିଥିଲେ। ତେବେ ଦୋକାନୀ ଏବଂ ସାମସଙ୍ଗ କମ୍ପାନୀ ଏଥିରେ ଦଣ୍ଡିତ ହୋଇଥିଲେ। ଫଳରେ କମ୍ପାନି ଶ୍ରୀ ପଟ୍ଟନାୟକଙ୍କୁ ଟିଭିର ଦାମ ୫୦,୭୦୦ ଟଙ୍କା ସହ ୧୫ ହଜାର କମ୍ପେନସେସନ ଏବଂ ୩ ହଜାର ଟଙ୍କା ହଇରାଣ ହୋଇଥିବାରୁ ଆସନ୍ତା ୩୦ ଦିନ ମଧ୍ୟରେ ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

କେଜ୍ରିୱାଲଙ୍କ ଗିରଫକୁ ନେଇ ଅଭିନବ ପ୍ରତିବାଦ

ରେଙ୍ଗାଲି(ଅମୃତ ମିଡିଆ): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫକୁ ନେଇ ତଥା ଦେଶରେ ସମ୍ବିଧାନ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ଅତାବିରା ଆମ ଆଦ୍‌ମୀ ପାର୍ଟି ଏକତ୍ରିତ ହୋଇ ଅତାବିରା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସାମୂହିକ ଉପବାସ କରି ପ୍ରତିବାଦ ଜଣାଇଛନ୍ତି। ଅତାବିରା ନିର୍ବାଚନ ମଣ୍ଡଳୀ ସଭାପତି ଜୟକୃଷ୍ଣ ଛୁରିଆଙ୍କ ନେତୃତ୍ୱରେ ତଥା ରାଜ୍ୟ ସମ୍ପାଦକ ଅମିତା ପାତ୍ରଙ୍କ ପରିଚାଳନାରେ ପ୍ରତିବାଦ କରିଥିଲେ। ବିଜୁଳି, ଜାଳେଣି ଗ୍ୟାସ, ଡିଜେଲ, ପେଟ୍ରୋଲର ଦର ବୃଦ୍ଧିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦେଶର ସମ୍ବିଧାନ ଓ

ସମ୍ପାଦକୀୟ...

କଂଗ୍ରେସର ବିଜୟ ଯାତ୍ରା

ଏଇ ଜୀବନଟା ହେଉଛି ସମ୍ପୂର୍ଣ୍ଣ ଏକ ଯାତ୍ରା । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଟା କେବଳ ଯାତ୍ରା ହିଁ ଯାତ୍ରା ଯେଉଁ ଯାତ୍ରା ପଥରେ ଚାଲିଛନ୍ତି ସମଗ୍ର ଭାରତବାସୀ । ଏଭଳି କହିଲେ ତ ଅତି ବଡ଼ ଭୁଲ୍ ହୋଇଯିବ । କହିବାର ଅର୍ଥ ହେଉଛି ଜୀବନ ଯାତ୍ରା ପଥରେ କେବଳ ଭାରତ ବାସୀ ନୁହଁନ୍ତି , ସମଗ୍ର ଜୀବଗଗତ ଯାତ୍ରା କରନ୍ତି । ଅର୍ଥାତ୍ ସମଗ୍ର ଜୀବନ ହେଉଛି ଗୋଟିଏ ଯାତ୍ରା ପଥ । ତେବେ ଏବେ ଆମେ ରାହୁଲ୍ ଗାନ୍ଧୀଙ୍କ ଭାରତ ଯାତ୍ରା ବିଷୟରେ କହୁଛୁ । ଭାରତବାସୀଙ୍କ ପକ୍ଷରୁ ସମର୍ଥନ ନ ମିଳିଲେ କିଏ କାହିଁକି ବା ଯାତ୍ରା ଆରମ୍ଭ କରିବ । ବିଶେଷ କରି ରାଜନୈତିକ ଦୃଷ୍ଟି କୋଣରୁ ଆମେ ଏହା କହୁଛୁ । ଏମିତି ତ ଆମେ ଯାତ୍ରା କରୁଛୁ ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନକୁ ହେଲେ ଆମ ତମ ଭଳି ସାଧାରଣ ଲୋକଙ୍କ ଯାତ୍ରା ବିଷୟ ନୁହେଁ, ଏହି ଯାତ୍ରା ହେଉଛି ମହାଯାତ୍ରା ଯାହା ରାହୁଲ୍ ଗାନ୍ଧୀଙ୍କ ଦ୍ୱାରା ଆୟୋଜିତ ହେବାକୁ ଯାଉଛି । ଗତବର୍ଷ ୨୦୨୨ରେ ରାହୁଲ୍ ଗାନ୍ଧୀ ଆାରମ୍ଭ କରିଥିଲେ ସେହିଭଳି ମହାଯାତ୍ରା ଯାହା ବାଇସି ସେପ୍ଟେମ୍ବରରୁ ଆରମ୍ଭ ହୋଇ ଶେଷ ହୋଇଥିଲା ଜାନୁଆରୀ ୨୦୨୩ ଜାନୁଆରୀରେ ଶେଷ ହୋଇଥିଲା । ଆରମ୍ଭ ହୋଇଥିଲା କନ୍ୟାକୁମାରୀରୁ ଏବଂ ଶେଷ ହୋଇଥିଲା ଶ୍ରୀନଗରରେ । ସେଭଳି ଯାତ୍ରା ଯେଉଁଥିରେ ଯୋଡ଼ି ହୋଇ ଯାଇଥିଲା ଭାରତ ହେଲେ ପୂରା ଭାରତ ବୋଲି ଆମେ କହିପାରିବା କି ? କେବେ ବି ନୁହେଁ । ଯାହାର ସିଧାସଳଖ କାରଣ ହେଉଛି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତରେ ବିଭିନ୍ନତା ରହିଛି ଯାହା ମଧ୍ୟରେ ଏକତାର ସନ୍ଧାନ କରୁଛି ଭାରତ । ତେବେ ଏଭଳି ଉକ୍ତିର ଅର୍ଥ ନୁହେଁ ଯେ ଭାରତବାସୀଙ୍କ ମଧ୍ୟରେ ଏକତା ନାହିଁ । ଏକତା ତ ରହିଛି , ହେଲେ ସେହିଭଳି ଏକତା ଯାହା ଏବେ ଦେଖିବାକୁ ମିଳୁଛି ଭାରତବର୍ଷରେ, ତାହା ବାସ୍ତବିକ ପ୍ରକୃତ ଏକତା ନୁହେଁ । ଯେବେ ଭାଇ ଭାଇ ମଧ୍ୟରେ କେବେକେବେ ଏକତାର ଅଭାବ ରହୁଛି, ସେଭଳି କ୍ଷେତ୍ରରେ ସମ୍ପୂର୍ଣ୍ଣ ଦେଶବାସୀଙ୍କ ମଧ୍ୟରେ କିପରି ବା ରକ୍ଷା ହୋଇପାରିବ ଏକତା । ଏଭଳି ପରିସ୍ଥିତିରେ ରାହୁଲ୍ ଗାନ୍ଧୀ ତାଙ୍କର ଯେଉଁ ଯାତ୍ରା ଆରମ୍ଭ କରିଛନ୍ତି ତାହା କେତେଦୂର ଫଳପ୍ରଦ ହେବ ଅବା ନ ହେବ ତାହା ତ ସମୟ କହିବ, ତେବେ ଆମେ ଅବା ଆମଭଳି ସାଧରଣ ଜନତା କେବେ ବି ରାହୁଲ ଗାନ୍ଧୀଙ୍କ ପ୍ରତି ସମର୍ଥନ ଦେଇପାରିବୁ ନାହିଁ । କାରଣ ତ ଅନେକ ହେଲେ ମୁଖ୍ୟ କାରଣ ଉପରେ ଆଲୋଚନା କରାଯଇପାରେ. । ମୁଖ୍ୟ କାରଣ ହେଉଛି, ରାଜନୀତି । ସମ୍ପୂର୍ଣ୍ଣ ରାଜନୀତି ବ୍ୟତୀତ ଆଉ କିଛି ନୁହେଁ । କେବଳ ରାଜନୀତିର ଉଦ୍ଦେଶ୍ୟ ରଖି ସେ ରାହୁଲ ଗାନ୍ଧୀ ବୋଧହୁଏ ଭାରତରେ ଆରମ୍ଭ କରିଛନ୍ତି ତାଙ୍କର ଦ୍ୱିତୀୟ ଭାରତ ଯାତ୍ରା । ଯାହା ଭାରତର ଏବର ହିଂସାପ୍ରବଣ ପୂର୍ବ ଇଲାକା ମଣିପୁରରୁ ଆରମ୍ଭ ହୋଇ ଭାରତର ଜନୈକ ପଶ୍ଚିମ ପ୍ରାନ୍ତରେ ଶେଷ ହେବାର ସମ୍ଭାବନା ରହିଛି । ତେବେ ରାହୁଲ୍ ଗାନ୍ଧୀଙ୍କ୍ ସେହି ଯାତ୍ରାକୁ କିଭଳି ଜନ ସମର୍ଥନ ମିଳିବ ସେଥିନେଇ ବିଶେଷ କିଛି କହିବା ସମ୍ଭବ ନୁହେଁ । କାରଣ ବି ରହିଛି ସନ୍ଦେହଘେରରେ । ଯେବେ ଘରେ ଘରେ ସମସ୍ୟା ଉପୁଜୁଛି , ଯେବେ ଯେବେ ଭାଇ ଭାଇ ମଧ୍ୟରେ ବିବାଦ ଉପୁଜୁଛି ସେବେ ଅବା ସେହି କ୍ଷେତ୍ରରେ କେତେ ପରିମାଣରେ ଏବଂ କିଭଳି ଭାବେ ରାହୁଲ ଗାନ୍ଧୀଙ୍କର ଯାତ୍ରାକୁ ସମର୍ଥନ କରାଯାଇପାରେ ତାହା ତ ସମୟ କହିବ , ତେବେ ପପୁଜୀ ଓରଫ ରାହୁଲ୍ ଗାନ୍ଧୀଙ୍କ ଗସ୍ତ ଭାରତରେ କିଛି ନୁଆ କଥା ନୁହେଁ । ସେଥିପୂର୍ବରୁ ଭାରତରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଯାତ୍ରାର ଆୟୋଜନ କରାଯାଇଥିଲା ଯାହାକୁ ମଧ୍ୟ ମିଳିଥିଲା ଜନ ସମର୍ଥନ । ତନ୍ମଧ୍ୟରେ ଗାନ୍ଧିଜୀଙ୍କ ଭାରତ ଯୋଡ଼ୋ ଯାତ୍ରା ଅନ୍ୟତମ । ତେବେ ଅତି ସାହସର ସହିତ ରାହୁଲ ଗାନ୍ଧୀ ବିଗତ ଦିନର ହିଂସା ପ୍ରବଣ ଇଲାକା ମଣିପୁରରୁ ତାଙ୍କର ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ କରିବେ ଯାହା ବି କିଛି ଏମିତି ସେମିତି ଯାତ୍ରା ନୁହେଁ, ତାହା ପୂର୍ବାପେକ୍ଷା ନିଶ୍ଚୟ ମହାଯାତ୍ରା ସାବ୍ୟସ୍ତ ହେବ ବୋଲି ଅନୁମାନ କରାଯାଉଛି । ହେଲେ ସବୁ କ୍ଛି କେବଳ ଅନୁମାନ ଉପରେ ନିର୍ଭର କରେନାହିଁ ଜୀବନରେ ବାସ୍ତବତା ଉପରେ ସବୁ କିଛି ନିର୍ଭର କରେ । ଯଦି ବାସ୍ତବତା ନାହିଁ, ତେବେ କିଛି ବି ନାହିଁ ଜୀବନରେ, କିଛି ବି ନାହିଁ ସମାଜରେ ଅବା ସରକାରରେ । ଅତଏବ୍ ଜୀବନରେ ବାସ୍ତବତା ହିଁ ସବୁ କିଛି । ବାସ୍ତବତା ଭିତରେ ଅବାସ୍ତବତାର ସ୍ଥାନ ନାହିଁ କି୍ୟା ଅବାସ୍ତବ ଭିତରେ ବାସ୍ତବତାର ସ୍ଥାନ ନାହିଁ । ଭାରତ ଏକ ବାସ୍ତବବାଦୀ ଦେଶ । ସେଭଳି ଦେଶରେ ଆଜିର ତାରିଖରେ ଦେଖିବାକୁ ଗଲେ ବହୁତ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଉଛି । ବିଭିନ୍ନ ସମୟରେ, ବିଭିନ୍ନ ବର୍ଗରେ , ବିଭିନ୍ନ କ୍ଷେତ୍ରରେ ତ୍ରୁଟି ପରିଲକ୍ଷିତ ହେଉଛି । ତେବେ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭ୍ରମର ସଂଶୋଧନ ଅତି ଜରୁରୀ । ଯାହାର ସଂଶୋଧନ ରାହୁଲ ଗାନ୍ଧୀ ବୋଧହୁଏ ଆରମ୍ଭ କରିଛନ୍ତି ତାଙ୍କର ଭାରତ ଯାାତ୍ରା ମାଧ୍ୟମରେ ଯାହା ଭାରତର ହିଂସାପ୍ରବଣ ପୂର୍ବ ଇଲାକା ମଣିପୁରରୁ ଆରମ୍ଭ ହୋଇ ଭାରତର ପଶ୍ଚିମ ପ୍ରାନ୍ତରେ ଶେଷ ହୋଇଛି । ଏବେ ରାହୁଲଙ୍କୁ ଘାରିଛି ଯାତ୍ରା ନିଶା । ସେ ପୁଣି ଆରମ୍ଭ କରିବେ ତାଙ୍କର ଶ୍ରମିକ ଯାତ୍ରା । ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯାତ୍ରା । ତେବେ ରାହୁଲ୍ ଗାନ୍ଧୀଙ୍କ୍ ସେହି ଯାତ୍ରାକୁ କିଭଳି ଜନ ସମର୍ଥନ ମିଳିବ ସେଥିନେଇ ବିଶେଷ କିଛି କହିବା ସମ୍ଭବ ନୁହେଁ । କାରଣ ବି ରହିଛି ସନ୍ଦେହଘେରରେ ।

ଜ୍ଞାନାମୃତ

ବିଶ୍ୱବୀର

ଥରେ ତାଙ୍କୁ ନିଶା ଘାରିଲା । ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡରଙ୍କ୍ ବିଶ୍ୱ ବିଜୟ ନିଶା । ୟୁରୋପିଆନଙ୍କ ଯୁଦ୍ଧଖୋର ନିଶା ବହୁତ୍ ଅଧିକ ଯେଉଁମାନଙ୍କ ମଧ୍ୟରେ ବେଶ୍ ଦୁର୍ନାମ ରହିଛି ଜର୍ମାନ ଏବଂ ବ୍ରିଟେନର । ସେ ପାଇଁ ବ୍ରିଟେନ୍‌ର ଜେନେରାଲ୍ ଡାୟାର ଏବଂ ଜର୍ମାନୀର ଆଡଲଫ୍ ହିଟ୍‌ଲର ଆଜି ବିଶ୍ୱନିନ୍ଦିତ । ଅର୍ଥାତ୍ ଏମାନଙ୍କ ପାଇଁ ସେମାନଙ୍କ ଦେଶ ଆଜି ବଦନାମ ତଥାପି ପୌରାଣିକ କିମ୍ବା ଐତିହାସିକ ଡ୍ରାମାରେ ଅନେକ ସମୟରେ ରାଜା ମହାରାଜାଙ୍କ ବୃଥା ଆସ୍ଫାଳନ ଭଳି ଆଜି ହୁଏତ ସେମାନେ ସେମାନଙ୍କ ବୃଥା ବୀରତ୍ୱର ଅଯଥା ଗାଥା ବଖାଣୁଥିବେ ଯାହା ସମ୍ପୂର୍ଣ୍ଣ ମୂଲ୍ୟହୀନ । ସେ ପାଇଁ ତ ରାଜା ରାଜୁଡ଼ା ଶାସନ ଆଜି ଲୋପ ପାଇଯାଇଛି ବିସ୍ମୃତି ଗର୍ଭରେ । ସେହି ସମୟର ଜଣେ ବିଶ୍ୱବିଜୟୀ ରାଜା ଆଲେକ୍‌ଜାଣ୍ଡର ଯେ କି ବିଶ୍ୱବିଜୟ ଲକ୍ଷ୍ୟରେ ବାହାରିଥିଲେ ଗ୍ରୀକ୍‌ରୁ । ବାହାରିବା ପୂର୍ବରୁ ସେ ଅବଶ୍ୟ ସମ୍ପର୍କରେ ଆସିଥିଲେ ଆରିଷ୍ଟଟଲଙ୍କ ସହିତ । ଗ୍ରୀକ୍‌ର ପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟଟଲ୍ ଯାହାଙ୍କୁ ନିଜର ଆଦର୍ଶ ବୋଲି ମାନିନେଇଥିଲେ ଗ୍ରୀକ୍ ବୀର ଆଲେକଜାଣ୍ଡର । କୌଣସି ସମୟରେ କିଛି ବି ମହତ୍ତ୍ୱପୂର୍ଣ୍ଣ କାମ କରିବା ପୂର୍ବରୁ ଗ୍ରୀକ୍ ବୀର ଆଲେକଜାଣ୍ଡର ବିଶ୍ୱବିଖ୍ୟାତ ଦାର୍ଶନିକ ଆରିଷ୍ଟଟଲଙ୍କ ସହ ପ୍ରାୟତଃ ପରାମର୍ଶ କରୁଥିଲେ । ଆଲେକ୍‌ଜାଣ୍ଡର ଭାରତ ବିଜୟ ଲକ୍ଷ୍ୟରେ ଯିବା ପୂର୍ବରୁ ଦାର୍ଶନିକ ମହାଶୟ ତାଙ୍କୁ ଜଣେ ଭାରତୀୟ ସାଧୁଙ୍କୁ ସାଙ୍ଗରେ ଆଣିବା ପାଇଁ ପରାମର୍ଶ ଦେଲେ । ଆଲେକ୍‌ଜାଣ୍ଡର ବି ସେଇଆ କଲେ । ଭାରତରୁ ଫେରିବା ସମୟରେ ସେ ଜଣେ ସାଧୁଙ୍କୁ ତାଙ୍କ ସହ ଆସିବାକୁ ନିର୍ଦ୍ଦେଶ ଦେଲେ । ହେଲେ ସାଧୁ ମହାଶୟ ଆଲେକଜାଣ୍ଡରଙ୍କ ସହ ଆସିବାକୁ ସିଧା ମନା କରିଦେଲେ ଯାହା ଆଲେକ୍‌ଜାଣ୍ଡରଙ୍କୁ ବହୁତ ବାଧିଲା । ସେ୍ ତାଙ୍କୁ ମରଣ ଭୟ ଦେଖାଇଲେ । ହେଲେ ଭାରତୀୟ ସାଧୁ ମହାଶୟ ଜଣଙ୍କ ଆଲେକ୍‌ଜାଣ୍ଡରଙ୍କ କଥାରେ ଡିଲେମାତ୍ର ଖାତିର ନ କରି ନିଜ ଚିନ୍ତାଧାରାରେ ଅଟଳ ରହିଲେ । ଆଲେକଜାଣ୍ଡର କିନ୍ତୁ ସହଜରେ ଛାଡ଼ିବା ମଣିଷ ନୁହଁନ୍ତି । ବିଶ୍ୱବୀର ସାଧୁଙ୍କ କଥାରେ ବିବ୍ରତ ହୋଇ ତାଙ୍କ ଅଣ୍ଟାରୁ ତୁରନ୍ତ ବାହାର କଲେ ତରବାରୀ । ଭାବିଲେ ତରବାରୀ ଭୟରେ କାଳେ ସାଧୁ ମହାଶୟ ଜଣଙ୍କ ଭୟଭୀତ ହୋଇଯିବେ । ହେଲେ ଫଳ ପୂରା ଓଲଟା ହେଲା । ଗୋଟାଏ ମୃତ ଶରୀରକୁ ସାଙ୍ଗରେ ଧରି ସେ ଯେବେ ବୁଲୁଛନ୍ତି ତେବେ ସେହି ଶରୀର ରକ୍ଷା ପାଇଁ ସେ କାହିଁକି ବିଚଳିତ ହେବେ ? ଏପରି କହି ଭାରତୀୟ ସାଧୁ ଆଲେକ୍‌ଜାଣ୍ଡରଙ୍କ କଥାକୁ ପୂରାପୂରି ଟାଳିଦେଲେ । ସାଧୁଙ୍କ କଥାରେ ପ୍ରଭାବିତ ହୋଇ ଆଲେକ୍‌ଜାଣ୍ଡର ତାଙ୍କ ପାଦତଳେ କ୍ଷମା ଭିକ୍ଷା କଲେ ।

ଚୈତ୍ର ଆରମ୍ଭରୁ ଅସମ୍ଭାଳ ତାତି

ହିମାଂଶୁ ଶେଖର ଆଗ୍ରର୍ଯ୍ୟ

ରାଜ୍ୟରେ ପୁଣି ପାରଦ ଉପରମୁହାଁ ହୋଇଛି । ଫଳରେ ତାପମାତ୍ରା ବଢିବାରେ ଲାଗିଛି । ଗୁରୁବାର ରାଜ୍ୟର ୧୬ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୫ଟି ସହରରେ ୨୯ଡିଗ୍ରୀ ପାରଦ ଛୁଇଁଛି । ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡିଶାର କିଛି ଜିଲ୍ଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ଭାନୁମାନ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଗୁରବାର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୮ଡିଗ୍ରୀ ରେକର୍ଡ କରାଯିବା ସହ ରାଜ୍ୟର ଉତ୍ତପ୍ତ ସହର ହୋଇଥିଲା । ସେହିପରି ବୌଦ୍ଧରେ ୩୯.୫ଡିଗ୍ରୀ, ନୟାଗଡ ଓ ଟିଟିଲାଗଡରେ ୩୯.୨ଡିଗ୍ରୀ ଏବଂ ଭବାନୀପାଟଣାରେ ୩୯ଡିଗ୍ରୀ ତାପମାତ୍ରା ରହିଥିଲା । ଏପରିକି ଭୁବନେଶ୍ୱରରେ ତାପମାତ୍ରା ୩୭.୩ଡିଗ୍ରୀ ଓ କଟକରେ ୩୮.୪ଡିଗ୍ରୀ ରେକର୍ଡ କରାଯାଇଛି । ଏପରି ସ୍ଥଳେ ଯଦି ଆଉ ଦୁଇରୁ ତିନି ଡିଗ୍ରୀ ତାପମାତ୍ରା ବଢେ ତାହା ଦୟନୀୟ ପରିସ୍ଥିତି ସୃଷ୍ଟି କରିବ । ପରୋକ୍ଷରେ ଆଗକୁ ମାଡିଆସୁଛି ପ୍ରଚଣ୍ଡ ତାତି । ଯଦିଓ ମଝିରେ ମଝିରେ କାଳବୈଶାଖୀ ଯୋଗୁଁ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ହେଉଛି ଚଳିତ ବର୍ଷ ମେଁ ମାସ ପର୍ଯ୍ୟନ୍ତ ତାତି ପ୍ରକୋପ ବଢ଼ିବାର ସମ୍ଭବନା ରହିଛି ପାଣିପାଗ ସୂତ୍ର ପକ୍ଷରୁ କୁହାଯାଇଛି । ଆହୁରି ମଧ୍ୟ ଜଣାପଡିଛି ଦିନ ଓ ରାତିର ତାପାମତ୍ରା ସ୍ୱାଭାବିକରୁ ଅଧିକ ରହିବା ଦ୍ୱାରା ଗ୍ରୀଷ୍ମ ପ୍ରବାହ ଜାରି ରହିବ । ମାର୍ଚ୍ଚରେ ପେନିନ୍‌ସୁଲା , ଉତ୍ତରପୂର୍ବ, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ଭାରତରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକରୁ ଅଧିକ ରହିବା ଆକଳନ କରାଯାଇଛି । ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉତ୍ତର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଶୀତର ବେଳକାଳ ସରିନି । ସତେ ଯେମିତି ଲାଗୁଛି ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ପୂର୍ବରୁ ମଧ୍ୟ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା । ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ । ଏବର୍ଷ ଫେବୃୟାରୀର ତାତିକୁ ଦେଖି ଚଳିତବର୍ଷର ତାତିର ପୁନରାବୃତ୍ତି ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ । ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ୍ୟ ତାତି ଚିନ୍ତାଜନକ ହୋଇରହିବ । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁନ୍ ପହିଲା ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଜାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା । ୨୦୧୬ରେ ୫୪ଜଣ, ୨୦୧୭ରେ ୪୫ ଜଣ, ୨୦୧୮ରେ ୬୦ଜଣ, ୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି । କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ । ଗଛକଟା ଅବାଧରେ ଚାଲିଛି । କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ । 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି । ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ । ଆମକୁ ମଧ୍ୟ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ । ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ । ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ତଥାପି ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆସନ୍ତା ବର୍ଷ ମେ , ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ

୪୫୦ଲିଟର ମଦ ସହ ଜଣେ ଗିରଫ

ଦଶପଲ୍ଲା (ଅମୃତ ମିଡିଆ) : ନୟାଗଡ ଜିଲ୍ଲାରେ ଦେଶିମଦ ବନ୍ଦ ଥିବାବେଳେ ଦୀର୍ଘ ଦିନଧରି ଦଶପଲ୍ଲା ସହରଠାରୁ ଗାଁ ସବୁଆଡେ ଦେଶୀ ବିଦେଶି ବେଆଇନ୍ ମଦ ବ୍ୟବସାୟ ବୃଦ୍ଧି ପାଉଥିବାଲା। ଦଶପଲ୍ଲା ପୋଲିସ ବିଭିନ୍ନ ସୁତ୍ରରୁ ଖବର ସଂଗ୍ରହକରି ଛୋଟବଡ ବେଆଇନ୍ ମଦ ବ୍ୟବସାୟୀଙ୍କୁ ଧରିବାରେ ସଫଳ ହୋଇଛି। ସେହିଭଳି ଗତ କାଲି ଏକ ବଡ ଧରଣର ଦେଶୀମଦ ବ୍ୟବସାୟୀଙ୍କୁ ଧରିବାରେ ସଫଳ ହୋଇ ୪୫୦ଲିଟର ମଦ ପାଉଚ୍ ଜବତ କରିଛି ଦଶପଲ୍ଲା ଥାନା ପୋଲିସ। ଓଡଗାଁ ଥାନା ଅଂଚଳର ନିରାକାର ମଣ୍ଡଳ ଦଶପଲ୍ଲା ଘଇଉ ଅଂଚଳରେ ଘର ଭଡା ନେଇ ରହୁଥିଲା। ସେହି ଘରେ ଦେଶୀ ମଦ ରଖି ବିକ୍ରି ଚଳାଇ ଥିଲା। ଗତକାଲି ଦଶପଲ୍ଲା ଥାନା ସସମ ବିଶେଷ ସୂତ୍ରରୁ ଖବର ପାଇଁ ଦଶପଲ୍ଲା ପାର୍କ ନିକଟରେ ଥିବା ଭଡା ଘରେ ଚଢ଼ଉ କରିଥିଲେ। ସେହି ଘରୁ ୪୫୦ ଲିଟର ଦେଶୀ ମଦ ପାଉଚ୍ ଜବତ କରିବା ସହ ନିରାକାରକୁ ଗିରଫ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ। ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଦଶପଲ୍ଲା ସସମ କହିଛନ୍ତି।

ପୋଖରୀରେ ପଡ଼ି ବାଳକ ମୃତ

ବାସୁଦେବପୁର (ଅମୃତ ମିଡିଆ) : ପଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ରାଧାନାଥ ପୁର ଗ୍ରାମ ର ରଣଜିତ ଜାନାଙ୍କ ଆଠ ବର୍ଷର ପୁତ୍ର ଚନ୍ଦନ କୁମାର ଜାନା ବଡ କୃଷ୍ଣପୁର ପଞ୍ଚାୟତ ର ବହୁମାଘେରୀ ଗ୍ରାମରେ ତା'ର ମାମୁଁଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେ ମାମୁଁ ଙ୍କ ଘରେ ନିକଟରେ ଥିବା ଏକ ପୋଖରୀକୁ ଆଜି ଦ୍ୱିପ୍ରହର ସମୟରେ ଗାଧୋଇବାପାଇଁ ଯାଇଥିଲେ। କୌଣସି କାରଣ ବଶତଃ ପୋଖରୀରେ ବୁଡିଯାଇଥିଲେ ଏବଂ ତାଙ୍କର ମୃତ୍ୟୁ ଘଟିଥିଲା। ମାମୁଁ ଙ୍କ ଘରର ଲୋକମାନେ ଖୋଜାଖୋଜି କରିବା ପରେ ଚନ୍ଦନଙ୍କ ମୃତ ଶରୀରର ପୋଖରୀ ରୁ ପାଇଥିଲେ। ତା'ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଚନ୍ଦନକୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପାଇ ବାସୁଦେବପୁର ଅଞ୍ଚଳରେ ଶୁକର ଛାୟା ଖେଳିଯାଇଛି। ଖବର ପାଇ ବାସୁଦେବପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦ୍ୱାରା ଗାଡି ଯାଞ୍ଚ

ଜୟପୁର (ଅମୃତ ମିଡିଆ) : ଜୟପୁର ସହରର ପ୍ରବେଶ ପଥ ଦେ ଚଳ ପ୍ରଚଳ କରୁଥିବା ସମସ୍ତ ଗାଡି କୁ ଯାଞ୍ଚ କରାଯାଇଛି। ଆଗକୁ ସାଧାରଣ ନିବାଚନ ରହିଛି। ସହର ପ୍ରବେଶ ପଥ ଭୁତନାଥ ଛକରେ କାର, ଭ୍ୟାନ ଆଦି ଯାଞ୍ଚ କରାଯାଇଛି। ନିବାଚନ ଉଲଙ୍ଘନ ରୋଗିବା ପାଇ ଏପରି ଯାଞ୍ଚ କରାଯାଇଛି। ଶହେରୁ ଊର୍ଦ୍ଧ ଗାଡି ଯାଞ୍ଚ କରାଯାଇଛି। ସମସ୍ତ ଗାଡି ଯାଞ୍ଚର କ୍ୟାମେରା ସୁଟିଙ୍ଗ କରାଯାଇଥିଲା। ଫ୍ଲାଇଙ୍ଗ ସ୍କାର୍ଡର ମାଜିଷ୍ଟେଟ ଭାବେ ଜୟପୁର ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏଏସଆଇ ଦେବି ପ୍ରସାଦ ପଣ୍ଡା ସହ ପୋଲିସ କର୍ମଚାରି ମାନେ ଉପସ୍ଥିତ ଥିଲେ।

ବିଭିନ୍ନ ଚର୍ଚ୍ଚରେ ଯୀଶୁଙ୍କୁ ସ୍ମରଣ କରି ଗୁଡ୍ ଫ୍ରାଇଡେ ପାଳନ

ଜୟପୁର (ଅମୃତ ମିଡିଆ) : ଗୁଡ୍ ଫ୍ରାଇଡେ ହେଉଛି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଏକ ବିଶେଷ ପର୍ବ। ଆଜିର ଏହି ପବିତ୍ର ଦିନକୁ ଶୋକ ଦିବସ ଭାବରେ ପାଳନ କରାଯାଏ। 'ଶୁଭ ଶୁକ୍ରବାର'କୁ ମହାନ ଶୁକ୍ରବାର ବା ପବିତ୍ର ଶୁକ୍ରବାର, ବ୍ଲାକ ଫ୍ରାଇଡେ, ଦି ଗ୍ରେଟ୍ ଫ୍ରାଇଡେ ବୋଲି ମଧ୍ୟ କୁହାଯାଏ। ଚଳିତ ବର୍ଷ ଏହି ଦିନକୁ ୨୯ ମାର୍ଚ୍ଚ ବା ଆଜି ପାଳନ କରାଯାଉଛି। ବିଶ୍ୱାସ କରାଯାଏ ଯେ ପ୍ରଭୁ ଯୀଶୁ ମାନବଜାତିକୁ ରକ୍ଷା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ପ୍ରକୃତରେ, ୟିହୁଦୀ ଶାସକମାନେ ଯୀଶୁଙ୍କୁ ଶାରୀରିକ ତଥା ମାନସିକ ନିର୍ଯାତନା ଦେଉଥିଲେ ଏବଂ ଶୁଳିରେ ଚଢାଇ ଦେଇଥିଲେ। ଯେଉଁ ଦିନ ଯୀଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା ସେହିଦିନ ଶୁକ୍ରବାର ଥିଲା। ତେଣୁ ଏହି ଦିନଟି 'ଶୁଭ ଶୁକ୍ରବାର' ଭାବରେ ଜଣାଶୁଣା। ଏହି କାରଣରୁ, ଖ୍ରୀଷ୍ଟିଆନ ସଂପ୍ରଦାୟର ଲୋକମାନେ ଏହି ଦିନ ପ୍ରଭୁ ଯୀଶୁଙ୍କ ବଳିଦାନକୁ ସ୍ମରଣ କରନ୍ତି।ଖ୍ରୀଷ୍ଟିଆନ ଧର୍ମର ଅନୁଗାମୀ ମାନଙ୍କ ପାଇଁ ଏହି ଦିନ ଅତ୍ୟନ୍ତ ସ୍ୱତନ୍ତ୍ର। ଏହି ଅବସରରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ଆଜି କୋରାପୁଟ ଜିଲ୍ଲାର ବିଭିନ୍ନ ଚର୍ଚ୍ଚକୁ ଯାଇ ପ୍ରାର୍ଥନା କରିଛନ୍ତି। ଆଜି ଏହି ପବିତ୍ର ଗୁଡ୍ ଫ୍ରାଇଡେ ଅବସରରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନେ ଚର୍ଚ୍ଚରେ ଦୀର୍ଘ ସମୟଧରି ଉପାସନା କରିଛନ୍ତି। କୋରାପୁଟ ଜିଲ୍ଲାର ବିଭିନ୍ନ ଚର୍ଚ୍ଚ ମାନଙ୍କରେ ପ୍ରଭୁ ଯିଶୁ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ସ୍ମରଣ କରି ପ୍ରାର୍ଥନା କରିଛନ୍ତି। ଜୟପୁର ଇଭାଞ୍ଜଲିକାଲ୍ ଲୁଥରାନ ଚର୍ଚ୍ଚରେ ମଧ୍ୟ ପ୍ରବଳ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନେ ଏକତ୍ରିତ ହୋଇ ଚର୍ଚ୍ଚରେ ଦୀର୍ଘ ସମୟ ଧରି ପ୍ରାର୍ଥନା କରିବା ଦେଖିବାକୁ ମିଳିଥିଲା।ପ୍ରଭୁ ଯୀଶୁଙ୍କ ସ୍ମୃତିରେ ଉପବାସ ରଖି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ମାନେ ଏହି ପବିତ୍ର ଶୁକ୍ରବାର ପାଳନ କରିଛନ୍ତି। ଏହି ଉପବାସ ପାଳନ କରିବା ପରେ ମିଠା ରୁଟି ପ୍ରସ୍ତୁତ ହୋଇ ଖିଆଯାଏ। ଶୁଭ ଶୁକ୍ରବାର କେବଳ ଭାରତରେ ନୁହେଁ ବିଶ୍ୱର ସମସ୍ତ ଖ୍ରୀଷ୍ଟିଆନଙ୍କ ଦ୍ୱାରା ପାଳନ କରାଯାଏ।ଶୁଭ ଶୁକ୍ରବାର ବିଷୟରେ ପ୍ରାୟ ସମସ୍ତେ ଶୁଣିଛନ୍ତି। ତଥାପି, ଏହାକୁ ପାଳନ କରିବାର କାରଣ ସହିତ ଖୁବ୍ କମ୍ ଲୋକ ପରିଚିତ।ପ୍ରଭୁ ଯୀଶୁ ଖ୍ରୀଷ୍ଟ ପ୍ରେମ ଏବଂ ଶାନ୍ତିର ପ୍ରତୀକ ଥିଲେ। ବିଶ୍ୱକୁ ପ୍ରେମ ଏବଂ କରୁଣାର ବାର୍ତ୍ତା ଦେଇଥିବା ପ୍ରଭୁ ଯୀଶୁଙ୍କ ନାମରେ ସେହି ସମୟର ଧାର୍ମିକ କଠୋର ପନ୍ଥୀମାନେ ରୋମୀୟ ଶାସକଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା। ଏହି କାରଣରୁ, ଯେଉଁମାନେ ଖ୍ରୀଷ୍ଟିଆନ ଧର୍ମରେ ବିଶ୍ୱାସ କରନ୍ତି ସେମାନେ 'ଶୁଭ ଶୁକ୍ରବାର'କୁ କଳା ଦିବସ ଭାବରେ ପାଳନ କରନ୍ତି। ତଥାପି, ଏହା ମଧ୍ୟ କୁହାଯାଏ ଯେ ପ୍ରଭୁ ଯୀଶୁ ଏହି ଘଟଣାର ତିନି ଦିନ ପରେ ଅର୍ଥାତ୍ ଇଷ୍ଟର ରବିବାର ଦିନ ପୁନର୍ଜୀବନ ପାଇଥିଲେ। ଖ୍ରୀଷ୍ଟିଆନ ଧର୍ମର ଲୋକମାନେ ଏହି ଦିନ ଉପବାସ କରନ୍ତି। ପ୍ରଭୁ ଯୀଶୁଙ୍କ ବଳିଦାନକୁ ସ୍ମରଣ କରନ୍ତି। ଏହି ଦିନ ବିଶ୍ୱର ଅନେକ ସ୍ଥାନରେ ଲୋକମାନେ କଳା ପୋଷାକ ପିନ୍ଧନ୍ତି ଏବଂ ପ୍ରଭୁ ଯୀଶୁଙ୍କ ବଳିଦାନରେ ଶୋକ ପ୍ରକାଶ କରନ୍ତି। କୁହାଯାଏ ଯେ 'ଶୁଭ ଶୁକ୍ରବାର' ଦିନ ଚର୍ଚ୍ଚରେ ଘଣ୍ଟି ବଜାଯାଏ ନାହିଁ, କିନ୍ତୁ କାଠ ନକ୍ ବଜାଯାଏ। ଲୋକେ ଚର୍ଚ୍ଚରେ କ୍ରୁଶକୁ ଚୁମ୍ବନ ଦେଇ ପ୍ରଭୁ ଯୀଶୁଙ୍କୁ ସ୍ମରଣ କରନ୍ତି।କୁହାଯାଏ ଯେ 'ଶୁଭ ଶୁକ୍ରବାର' ଦିନ ପରୋପକାରୀ କାର୍ଯ୍ୟ କରାଯାଇଥାଏ। ସେହିପରି ଶୁଭ ଶୁକ୍ରବାର ପରେ ପଡୁଥିବା ରବିବାରକୁ 'ଇଷ୍ଟର ସଣ୍ଡେ' ଭାବେ ପାଳନ କରାଯାଏ।

ନବବିବାହିତା ମହିଳାଙ୍କ ଛାତରୁ ଡେଇଁ ଆତ୍ମହତ୍ୟା

ଜୟପୁର (ଅମୃତ ମିଡିଆ) : ଜୟପୁର ସହରରେ ନବ ବିବାହିତା ମହିଳା ଛାତରୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ମହିଳା ଜଣକ ହେଲେ ଜୟପୁର କେଲାସାହିର ୟୁ ହାରିକା (୨୭)। ୟୁ ହାରିକା ଗତ ଏକ ମାସ ତଳେ ଏକ୍ସ କୋଟା ଅଞ୍ଚଳ ପି ଭିନ୍ଦାବରାଲା କୁ ବିବାହ କରିଥିଲେ। ନବ ଦମ୍ପତି ଜୟପୁର କେଲା ସାହି ୟ ହାରିକାଙ୍କ ମା ଘରକୁ ଆସିଥିଲେ। ଆଜି ସେ ଛାତରୁ ପଡି ଆତ୍ମହତ୍ୟା କରିଛନ୍ତି। ଏନେଇ ଜୟପୁର ଟାଉନ ପୋଲିସ ସୁଚନା ପାଇ ଶବ କୁ ଜବତ କରିଥିଲା। ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ରୁ ଜାଣିବାକୁ ପାଇଲା କେ ଶ୍ରୀନିବାସ ନାମକ ଯୁବକ ନବ ବିବାହିତା ମହିଳାକୁ ଆତ୍ୟାଚାକ କରୁଥିଲେ। ଯୁବକ ଜଣକ ଏକ ପାଖିଆ ଭଲ ପାଉଥିଲେ। ନବ ବିବାହିତାକୁକୁ ନିର୍ଯାତନା ଦେବା ଜାଣି ନବ ବିବାହିତା ଜଣକ ଘର ଛାତରୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଅଭିଯୋଗରେ ୧୦୦/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବିଷୟ ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

ଦେଶୀ ଓ ବିଦେଶୀ ମଦ ଜବତ : ୪ ଅଭିଯୁକ୍ତ ଗିରଫ

ଚାନ୍ଦବାଲି (ଅମୃତ ମିଡ଼ିଆ) : ଜିଲ୍ଲା ଅବକାରୀ ନିରୀକ୍ଷକ ନରତମ ମିଶ୍ରଙ୍କ ନିର୍ଦ୍ଦେଶରେ ଚାନ୍ଦବାଲି ଅବକାରୀ ବିଭାଗର ଓଆସି ସନ୍ଦିପ କୁମାର ପାଢ଼ୀ ଏବଂ ଅବକାରୀ ବିଭାଗ ଟିମ ୪ଟି ସ୍ଥାନରେ ଖବର ପାଇ ଛାପା ମାରିଥିଲେ। ଚାନ୍ଦବାଲି ଥାନା ଅଧିନ ବୁଢ଼ଜାଳ, ନେଡୁଆଳି, ସେରପୁର ଓ ବାଂଶଡ଼ା ଥାନା ଅଧିନ କରଣପୋଖର ମୋଟ ୨୭ ଲିଟର ଦେଶୀ ଓ ବିଦେଶୀ ମଦ ଜବଦ କରିଥିଲେ। ଚାନ୍ଦବାଲି ଅବକାରୀ ବିଭାଗ ପକ୍ଷରୁ ବିଦେଶୀ ଓ ଦେଶୀ ମଦ କାରବାରରେ ସଂପୃକ୍ତ ୪ ଜଣ ଅଭିଯୁକ୍ତ ମଧ୍ୟରେ ସନାତନ ବେହେରାଙ୍କୁ ୧୫୮/ ୨୩-୨୪ , ବାସୁଦେବ ପରିଡ଼ାଙ୍କୁ ୧୫୯/୨୩– ୨୪, ସୁଶାନ୍ତ ମହାଳିକଙ୍କୁ ୧୬୦/୨୩-୨୪ ଓ ସତ୍ୟରଂଜନ ନାୟକଙ୍କୁ ୧୬୧/୨୩-୨୪ ମୂଳେ ଗିରିଫ କରି କୋଟ ଚାଲାଣ କରିଛି । ଏହି ରେଡ଼ରେ ଅବକାରୀ ବିଭାଗର ଷ୍ଟାପ ଅନ୍ୟବାଦିତ୍ୟା ବାରିକ, ସତ୍ୟ ରଂଜନ ସେଠୀ, ଖଗେଶ୍ୱର ଜେନା, ଉମେଶ ମହଲା, ରାମ ଚନ୍ଦ୍ର ନାୟକ, ରାଜଲକ୍ଷ୍ମୀ ଦତ୍ତ ପ୍ରମୁଖ ସାମିଲ ହୋଇଥିଲେ।

ପ୍ରସିଦ୍ଧ ଓଳସାହ ମେଳଣ ଅନୁଷ୍ଠିତ

ଦଶରଥପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲା ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡା ପଂଚାୟତର ଓଳସାହି ଠାରେ ବହୁ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଓଳସାହି ମେଳଣ ଚଳିତ ବର୍ଷ ଖୁବ ଯାକଜାମକରେ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଂଚଳରୁ ହଜାର ହଜାର ଜନସାଧାରଣ ଏହି ମେଳଣ ଦେଖିବା ପାଇଁ ଭିଡ଼ ଜମାଇଥିବା ବେଳେ ଶହ ଶହ ସଂଖ୍ୟାରେ ବ୍ୟବସାୟୀ ମାନେ ମଧ୍ୟ ସେମାନଙ୍କର ଦୋକାନ ଖୋଲିଥିବାର ଦେଖାଯାଇଛି। ଚଳିତ ବର୍ଷ ମୋଟ ୮୯ ବିଭାନ ଭୋଗ ଖାଇବାକୁ ଆସିଥିବା ବେଳେ ମେଳଣ କମିଟି ଓ ମଙ୍ଗଳପୁର ପୁଲିସ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ମେଳଣ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ମେଳଣ କମିଟି ଓ ସର୍ବଶ୍ରୀ ଚୌଧୁରୀ ଦେବପ୍ରସନ୍ନ ରାଉତରାୟ ମହାପାତ୍ର, କମଳାକାନ୍ତ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ଉମାକାନ୍ତ ମହାପାତ୍ର, ବିଜୟ କୁମାର ମହାପାତ୍ର, ଉମେଶ କୁମାର ମହାପାତ୍ର, ମଙ୍ଗରାଜ ନାୟକ, ସତ୍ୟପ୍ରସନ୍ନ ମହାପାତ୍ର, ଅଶୋକ ମହାପାତ୍ର ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ ।

ଶ୍ରୀମା ମହିଳା ମହାବିଦ୍ୟାଳୟରେ ବାର୍ଷିକ ପାଠଚକ୍ର ଓ ବିଦାୟକାଳୀନ ସମ୍ବର୍ଦ୍ଧନା

ବାରିପଦା (ଅମୃତ ମିଡିଆ) : ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବାର୍ଷିକ ପାଠଚକ୍ର ଓ +୩ ଶେଷ ବର୍ଷର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତୃପ୍ତି ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନଟବର ଗିରି ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ବାଇଗଣ ବାଡିଆ ବି.ବି. ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସନ୍ଦୀପ ପଟ୍ଟନାୟକ ମୁଖ୍ୟ ଅତିଥ୍ୟ ତଥା ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଅର୍ଥନୈତିକ ବିକାଶରେ ବାଣିଜ୍ୟିକ ବ୍ୟାଙ୍କର ଭୂମିକା ଉପରେ ଆଲୋକପାତ କରାଇଥିଲେ। ଅନ୍ୟତମ ଅତିଥି ଭାବରେ ତର୍କ ଶାସ୍ତ୍ର ବିଭାଗର ମୁଖ୍ୟ ମିନାକ୍ଷୀ ମହାନ୍ତ, ବିଷୟ ବିଶେଷଜ୍ଞ ରାଜକୁମାର ବିଶ୍ୱାଳ ଯୋଗଦେଇ ଅର୍ଥନୈତିକ ବିକାଶ ରେ ବ୍ୟାଙ୍କର ଭୂମିକା, କାର୍ଯ୍ୟ ଏବଂ ସଫଳତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । +୩ ଶେଷ ବର୍ଷର ଓ ୨ୟ ବର୍ଷର ଛାତ୍ରୀମାନେ ସନ୍ଦର୍ଭ ଉପସ୍ଥାପନ କରିଥିବା ବେଳେ, ଶେଷ ବର୍ଷ ବିଦାୟୀ ଛାତ୍ରୀ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା ରୋଜାଲିନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ନିର୍ବାଚନ ପାଇଁ ପୋଲିସର ଉପଖଣ୍ଡସ୍ତରୀୟ କର୍ମଶାଳା

ବାରିପଦା /କରଞ୍ଜିଆ (ଅମୃତ ମିଡିଆ) : ସାଧାରଣ ନିର୍ବାଚନ ଦେଶରେ ସାତଗୋଟି ପର୍ଯ୍ୟାୟରେ ଏପ୍ରିଲ ମାସରୁ ମେ ମାସ ପର୍ଯ୍ୟନ୍ତ ହେବାକୁ ଯାଉଥିବା ବେଳେ ଓଡିଶା ରାଜ୍ୟରେ ୪ ଗୋଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ପୋଲିସ ବିଭାଗର କାର୍ଯ୍ୟ ସମ୍ବନ୍ଧୀୟ ଉପଖଣ୍ଡ ସ୍ତରୀୟ ଏକ କର୍ମଶାଳା କରଞ୍ଜିଆ ସାଇ ସାଗର କନକ୍ଲେଭ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଂଚପୀଡ଼ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରଜ କୁମାର ମଲ୍ଲିକ, ଯଶିପୁର ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୁକ୍ତା ମଲ୍ଲିକ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ମହୁଲଡିହା ଥାନା ଅଧିକାରୀ ଅଶୋକ ପହି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଦାତା ଭାବେ ଇନ୍ସପେକ୍ଟର ପ୍ରଦୀପ୍ତ ମାଝୀ ଯୋଗଦାନ କରି ଏହି ନିର୍ବାଚନ ସମୟରେ ପୋଲିସ ପକ୍ଷରୁ କେଉଁ ସ୍ଥାନ ମାନଙ୍କ ଉପରେ ବିଶେଷ ଦୃଷ୍ଟି ରଖିବାକୁ ହେବ ସେ ବିଷୟରେ ଉପସ୍ଥିତ ପୋଲିସ କର୍ମଚାରୀ ମାନଙ୍କୁ ଅବଗତ କରିଥିଲେ। ଏହି କର୍ମଶାଳାରେ ୨ ଗୋଟି ପର୍ଯ୍ୟାୟରେ ଉପଖଣ୍ଡର ମହୁଲଡିହା, ଠାକୁରମୁଣ୍ଡା, ଯଶିପୁର, ରରୁଆଁ, କରଞ୍ଜିଆ ଥାନା ସହ ସିଙ୍ଗଡ଼ା, ଚଢେଇଭୋଳ, ଘାଗରବେଡା ଫାଣ୍ଡିରେ କାର୍ଯ୍ୟରତ ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ, ହୋମଗାର୍ଡ ଓ ଗ୍ରାମରକ୍ଷୀ ମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ

ଜୟପୁର (ଅମୃତ ମିଡିଆ) : ଶହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଜୟପୁର ସହର ବାଙ୍କମଠ ନିକଟରେ ଥିବା ଶହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ତିରୋଧାନ ଦିବସ ପାଳନ ହୋଇଛି। ଜୟପୁର ଉପଖଣ୍ଡ ପ୍ରଶାସନ, ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ଓ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି ତରଫରୁ ପାଳନ କରାଯାଇଛି। ଶହିଦ ଲକ୍ଷମଣ

ନାୟକଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆଜିର ଦିବସ ଉପରେ ଉପସ୍ଥିତ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡା, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହି ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଉପଖଣ୍ଡ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଧବା, ବିରୋନ ମୋହନ ପଟ୍ଟନାୟକ. ମଦନ ମୋହନ ନାୟକ, ପରମେଶ୍ୱର ପାତ୍ର, ମାଧବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ଫୁଲଚାଷ ନାଁ'ରେ ଅଫିମ ଚାଷର ହବ୍ ପାଲଟିଛି ଶିମିଳିପାଳ

ବାରିପଦା /କରଞ୍ଜିଆ (ଅମୃତ ମିଡିଆ) : ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଦେଶ ବିଦେଶର ପ୍ରକୃତି ପ୍ରେମୀ ତଥା ପର୍ଯ୍ୟଟକଙ୍କ ଅନନ୍ୟ ପସନ୍ଦ ରହିଥିବା ବେଳେ ଏବେ ଅଫିମ ଚାଷର ହବ୍ ଭାବେ ପରିଚୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ସୂଚନା ଥାଉକି ଶିମିଳିପାଳ ଅଭୟରଣ୍ୟର ସୁରକ୍ଷା ଦୃଷ୍ଟିରୁ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଉତ୍ତର ଶିମିଳିପାଳ ରେ ୮

ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ, ନିର୍ବାଚନ ଇସ୍ତାହାର ପାଇଁ ମତାମତ ଅଭିଯାନ

ପୋଲସରା (ଅମୃତ ମିଡିଆ): **ଶୁକ୍ରବାର** ପୋଲସରା ସ୍ଥିତ କୋଣାର୍କ କଲ୍ୟାଣ ମଣ୍ଡପ ଠାରେ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼ ଓ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ଛାତ୍ର ଜନତା ଦଳ, ଗଞ୍ଜାମ ଓ ବ୍ରହ୍ମପୁର ସାଙ୍ଗଠନିକ ଜିଲ୍ଲା ତରଫରୁ ଆୟୋଜିତ କାର୍ଯ୍ୟକ୍ରମଟିକୁ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ସଭା ପରିଚାଳନା ଗଞ୍ଜାମ ରାଜ୍ୟ ବିଜେଡ଼ି ଛାତ୍ର ସଭାପତି ପ୍ରଶାନ୍ତ କୁମାର ପଣ୍ଡା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ୩୮ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ପୋଲସରା ଏନ୍.ଏ.ସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ରାଜ୍ୟ ବିଜେଡ଼ି ଛାତ୍ର ସାଧାରଣ ସମ୍ପାଦକ ଡି. ମନୋଜ କୁମାର ଦୋରା, ବୁଗୁଡ଼ା ବିଜେଡ଼ି ନଗର ସଭାପତି କେ. ତ୍ରିଲୋଚନ ଦୋରା ଓ ଛାତ୍ର ନଗର ସଭାପତି ଦୀପକ କୁମାର ମିଶ୍ର, ଛାତ୍ର ନେତା ଚିନ୍ମୟ ରଂଜନ ଦାସ ଯୋଗ ଦେଇଥିଲେ । ଏଥିରେ ଗଞ୍ଜାମ ଓ ବ୍ରହ୍ମପୁର ଜିଲ୍ଲାର ୧୩ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ଥିତ ବିଭିନ୍ନ ମହାବିଦ୍ୟାଳୟ ଗୁଡିକର ଅଧ୍ୟୟନରତ ନୂତନ ଛାତ୍ରଛାତ୍ରୀ ଭୋଟରମାନଙ୍କ ସମେତ ଛାତ୍ର ନେତାମାନେ ଯୋଗ ଦେଇଥିଲେ । ଏହି ଅବସରରେ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼ର ଉପକାରିତା ଏବଂ କାର୍ଯ୍ୟକାରିତା ଉପରେ ଅତିଥିମାନେ ପ୍ରାଞ୍ଜଳ ଭାବେ ବୁଝାଇବା ସହ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ଠାରୁ ମତାମତ ସଂଗ୍ରହ କରିଥିଲେ । ଆୟୋଜକ ଛାତ୍ର ସଂଗଠନ ତରଫରୁ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉ ରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ଦିଆଯିବା ସହ ଆଗାମୀ ନିର୍ବାଚନରେ ବିପୁଳ ସଂଖ୍ୟାରେ ପୁନର୍ବାର ବିଧାୟକ ଭାବେ ବିଜୟୀ ହେବାକୁ ଶୁଭକାମନା କରାଯାଇଥିଲା । ମୁଖ୍ୟ ଅତିଥି ନିଜର ଅଭିଭାଷଣରେ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସହ ଆଗାମି ନିର୍ବାଚନେର ନବୀନ ସରକାରଙ୍କୁ ସ୍ପଷ୍ଟ ଥର ପାଇଁ ବିଜୟୀ କରାଇବାକୁ ସହଯୋଗ କରିବାକୁ ନିବେଦନ କରିଥିଲେ । ଏଥି ସହ କେନ୍ଦ୍ର ବିରୁଦ୍ଧରେ ବିଷୋଦ୍‌ଗାର କରିଥିଲେ । ଶେଷରେ ପୋଲସରା ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ସମିର କୁମାର ଭୂୟାଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅତିଥିବୃନ୍ଦ, କର୍ମକର୍ତ୍ତା, ସହଯୋଗୀ, ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ପୋଲସରା ନିର୍ବାଚନ ମଣ୍ଡଳୀ ବଜେଡି ସଭାପତି ସୁଶାନ୍ତ କୁମାର ପେଗୋଲଇ, ଜିଲ୍ଲା ବିଜେଡ଼ି ଯୁବ ସମ୍ପାଦକ ସୁକାନ୍ତ ଭୂୟାଁ, ସମାଜସେବୀ ଅଧି ଦାସଙ୍କ ଅନେକ ଦଳୀୟ ସମର୍ଥକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ବିଜେପିରେ ଯୋଗଦେଲେ ଅବସରପ୍ରାପ୍ତ ଉପପ୍ରବନ୍ଧକ ସୁରେଶ ଚନ୍ଦ୍ର ପାତ୍ର

ବ୍ରହ୍ମପୁର (ଅମୃତ ମିଡିଆ): ଶୁକ୍ରବାର ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ଦଳୀୟ କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ବ୍ରହ୍ମପୁର ଲୋକସଭା ବିଜେପି ପ୍ରାର୍ଥୀ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଜେପି ପାର୍ଟି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶ୍ରୀ ଶରତ ଭାଇ , ପୂର୍ବତନ ଛତ୍ରପୁର ବିଧାୟକ ପ୍ରାର୍ଥୀ ଶ୍ରୀ ବନମାଳୀ ସେଠୀ ଏବଂ ଜିଲ୍ଲାର ବହୁ ବରିଷ୍ଠ ବିଜେପି ନେତାଙ୍କ ଉପସ୍ଥିତରେ ଛତ୍ରପୁରସ୍ଥିତ ଭାରତୀୟ ବିରଳ ମୂର୍ତ୍ତିକାର ଅବସରପ୍ରାପ୍ତ ଉପ ପ୍ରବନ୍ଧକ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ବିଜେପି ପାର୍ଟି ରେ ଯୋଗଦାନ କରିଥିଲେ । ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଶରତ ଭାଇଙ୍କ ଦ୍ୱାରା ବିଜେପି ପାର୍ଟି ତରଫରୁ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ରଙ୍କୁ ପାର୍ଟି ତରଫରୁ ଉତ୍ତରା ପ୍ରଦାନ କରି ପାର୍ଟିରେ ଗ୍ରହଣ କରାଯାଇ ଥିଲା । ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର ଛାତ୍ର ଜୀବନରୁ ଖଲ୍ଲିକୋଟ କଲେଜ ଓ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଛାତ୍ର ସଂଗଠନର ଛାତ୍ର ନେତା ଭାବେ ବହୁ ପଦବୀ ରେ ଥିଲେ ଓ ପରେ ଚାକିରୀ ସମୟରେ ଦୀର୍ଘ ବର୍ଷଧରି ଭାରତୀୟ ବିରଳ ମୂର୍ତ୍ତିକାର ଶ୍ରମିକ ସଂଗଠନ ଓ ଅଫିସର ଆସୋସିଏସନରେ ପଦ ପଦବୀ ରେ ଥିଲେ ଓ ନେତୃତ୍ୱ ନେଇଥିଲେ । ଉପ ପ୍ରବନ୍ଧକ (ପ୍ରଶାସନ) ଓ ଜନସମ୍ପର୍କ ବିଭାଗରେ କାର୍ଯ୍ୟରତ ସମୟରେ ଛତ୍ରପୁର ଅଞ୍ଚଳ ରେ ଜନସମ୍ପର୍କ ସ୍ଥାପିତ ଓ ସି.ଏସ.ଆର ମାଧ୍ୟମରେ ବହୁ ଜନହିତକର କାର୍ଯ୍ୟକୁ ଆଗେଇ ନେଇଥିଲେ । ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର ତାଙ୍କର ଛାତ୍ର ସଂଗଠନ , ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନର ଦକ୍ଷତା ଏବଂ ଅଭିଜ୍ଞତା କୁ ବିଜେପି ପାର୍ଟି ସକାଶେ ସମର୍ପିତ କରିବା ସକାଶେ ପ୍ରତିଶ୍ରୁତି ବଦ୍ଧ ବୋଲି ଘୋଷଣା କରିଥିଲେ ।

ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ତ୍ରୟୋଦଶ ବାର୍ଷିକ ଉତ୍ସବ

ବିଦ୍ୟାଳୟ ହିଁ ମଣିଷ ତିଆରି କାରଖାନା

କୋଣାର୍କ (ଅମୃତ ମିଡିଆ): କାକଟପୁର ମୁଖ୍ୟ ରାସ୍ତା ର ଆନନ୍ଦବଜାର ସ୍ଥିତ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପକ୍ଷରୁ ତ୍ରୟୋଦଶ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସଭାପତି ସତ୍ୟବ୍ରତ ପ୍ରଧାନ ଓ ଟ୍ରଷ୍ଟି ସମ୍ପାଦକ ପବିତ୍ର ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସାଧାରଣ ସଭାରେ ଉପଦେଷ୍ଟା ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅତଶପୁର ଉଦ୍ୟନାଥ କଲେଜ ଅଧକ୍ଷ ଅରୁଣ କୁମାର ସ୍ୱାଇଁ, ନିମାପଡା ରିଜିଓନାଲ କଲେଜ ଚେୟାରମ୍ୟାନ ଶ୍ରୀକାନ୍ତ କୁମାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ହିଁ ମଣିଷ ତିଆରି କାରଖାନା ଏବଂ ଏହା ମନ୍ଦିର ସଦୃଶ, ଏଠାରେ ପଢୁଥିବା ଛାତ୍ରଛାତ୍ରୀ ମାନେ କୁନାକୁନି ଠାକୁର । ତେଣୁ ପ୍ରତ୍ୟେକ ପିଲା ଉତ୍ତମ ମଣିଷ, ଚରିତ୍ର ଓ ସୁଙ୍ଗଳିତ ହେବା ସହ ଆତ୍ମବିଶ୍ୱାସ ରଖିବା ଉଚିତ୍ । ମନ ଭିତରେ ଦୃଢ଼ ସଂକଳ୍ପ ରଖି ଆଗକୁ ବଢ଼ିଲେ ସବୁ ସଫଳତା ହାସଲ କରିପାରିବେ ବୋଲି ଅତିଥି ଭାବେ ମତବ୍ୟକ୍ତ କରିଥିଲେ । ଏଥି ସହିତ ଗୁରୁଙ୍କ ପ୍ରତି ସମ୍ମାନ ଓ ପିତାମାତା ଅନ୍ୟ ଗୁରୁ ଜନଙ୍କ ପ୍ରତି ତ୍ୟାଗ କରିବା ଉଚିତ୍ ବୋଲି ମତ ପୋଷଣ କରିଥିଲେ । ପ୍ରାରମ୍ଭରେ ଶିକ୍ଷୟତ୍ରୀ ସଂକୁନ୍ତଳା ମଲ୍ଲିକ ବିଦ୍ୟାଳୟର ବାର୍ଷିକ ବିବରଣୀ ଓ ସଫଳତା ବିବରଣୀ ପଠନ କରିଥିଲେ । ଶେଷ ପର୍ଯ୍ୟାୟରେ କାକଟପୁରର କାଳୁ ସାରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ , ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଉତ୍ସବକୁ ପ୍ରଧାନଆଚାର୍ଯ୍ୟ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ସହଯୋଗ କରିଥିଲେ । ଏହି ଅବସରରେ ହଜାରରୁ ଊର୍ଦ୍ଧ୍ୱ ଅଭିଭାବକ ଓ ବୁଦ୍ଧିଜୀବୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ୩ ଗୁରୁତର

ଅସ୍ତରଙ୍ଗ (ଅମୃତ ମିଡିଆ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଘଟିଛି ଗୋଷ୍ଠୀ ସଂଘର୍ଷ । ଏହି ଗଣ୍ଡଗୋଳ ରେ ୩ ଜଣ ଗୁରୁତର ହୋଇ ଅନ୍ୟତ୍ର ମେଡିକାଲ ସ୍ଥାନାନ୍ତରଣ ହୋଇଛନ୍ତି । ଏଭଳି ଘଟଣା ଘଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆବସ୍ତ ଗ୍ରାମରେ ।

ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜମିବାଡ଼ି ସମସ୍ୟା ଥିବା ବେଳେ ଶୁକ୍ରବାର ଦୁଇ ପରିବାର ମଧ୍ୟରେ ଜମିବାଡ଼ି ସମସ୍ୟା ସହ ଘର ନିକଟରେ ଗୋବର ଖତ କୁ ନେଇ ବଚସା ଆରମ୍ଭ ହୋଇଥିଲା । ଏହା ପରେ ଉଭୟ ପରିବାର ମଧ୍ୟରେ ତୀବ୍ର ଗଣ୍ଡଗୋଳ ହୋଇ ବଲ୍‌ହା ପଟା ଓ କୋଦାଳ ସହାୟତାରେ ମାଡ଼ପିଟ ହୋଇଥିଲେ ।ଉଭୟ ଙ୍କ ମଧ୍ୟରେ

ଗଣ୍ଡଗୋଳ ହେବାରୁ କୁନିଲତା ନାୟକ (୪୫)ଓ ରାଖଲ ନାୟକ(୫୦)ଉଭୟ ଙ୍କ ମୁଣ୍ଡ ଫାଟିଯାଇଥିବା ବେଳେ ରାଜନ ନାୟକ (୧୫)ଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ଅସ୍ତରଙ୍ଗ ମେଡିକାଲ ଚିକିତ୍ସା ହେଉଥିବା ବେଳେ ଅସ୍ତରଙ୍ଗ ଥାନା ପୁଲିସ ଅସ୍ତରଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଉଭୟ ଘଟଣା ସମ୍ପର୍କରେ ବୁଝିବା ସହ ୩ ଜଣ ଗୁରୁତର ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ସହାୟତା ରେ ଅନ୍ୟମେଡିକାଲ ସ୍ଥାନାନ୍ତର କରାଯାଇଛି ।

୯୫ ଲିଟର ଚୋରା ବିଦେଶୀ ମଦ ଜବତ :୨ ଅଭିଯୁକ୍ତ ଗିରଫ

ଛତ୍ରପୁର (ଅମୃତ ମିଡିଆ): ଚଳିତ ସାଧାରଣ ନିର୍ବାଚନ ନିମନ୍ତେ ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ ସଜାଗ ରହିଥିବା ବେଳେ ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ସମସ୍ତ ପ୍ରକାର କାର୍ଯ୍ୟ କରାଯାଉ ଅଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଥାନା ଅଂଚଳରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିବା ସହିତ ଦାଗି ଓ ଜେଲ ଫେରନ୍ତା ଅପରାଧୀ ଙ୍କ ଉପରେ କଡା ନଜର ରଖିଛି । ଏହା ସହିତ ବେଆଇନ ଚୋରା ନିଶା କାରବାର ରୋକିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି । ଏହି ପରି ପ୍ରେକ୍ଷୀ ରେ ଚମାଖଣ୍ଡି ଥାନା ପୋଲିସ ପକ୍ଷରୁ ଚୋରା ମଦ କାରବାର ଉପରେ ଚଢ଼ଉ କରାଯାଇ ସେମାନଙ୍କ ଠାରୁ ୯୫ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇଛି । ପ୍ରବେଶନାରୀ ଆଇ ପି ଏସ ଅଧିକାରିଣୀ ଏବି ଶିଳ୍ପା, ଚମାଖଣ୍ଡି ଥାନା ଅଧିକାରୀଣୀ ଦୀପିକା ଦେବୀ ରାୟ ,ଏ ଏସ ଆଇ ସୁଧିର ଦୂପଟା ଓ ଏକ ପୋଲିସ ଟିମ୍ ଗତକାଲି ବିଳମ୍ବିତ ରାତ୍ର ରେ ସୂଚନା ପାଇ ନରେନ୍ଦ୍ରପୁର ଗ୍ରାମର ଜୈନକ ଘର ଏବଂ ପୋକିଡି ବନ୍ଧ ନିକଟ ଜାତୀୟ ରାଜପଥ ପାର୍ଶ୍ୱ ରେ ଥିବା ଏକ ଢ଼ାବା ରେ ଉପରେ ଚଢାଉ କରି ୯୫ ଲିଟର ଚୋରା ବିଦେଶୀ ମଦ ସହିତ ୨ଜଣଙ୍କୁ ଗିରଫ କରିଛନ୍ତି ।ସେମାନେ ହେଲେ ନରେନ୍ଦ୍ର ପୁର ଗ୍ରାମର ଅନିଲ କୁମାର ସାହୁ ଓ ଢ଼ାବାର ପାରିତୋଷ ନାୟକ ବୋଲି ପକ୍ଷରୁ ସୂଚନା ମିଳିଛି, ପୋଲିସ ଦୁଇଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥବା ଜଣାପଡିଛି ।

ବାଲୁଖଣ୍ଡ ଅଭୟାରଣ୍ୟରେ ନିଆଁଲାଗି ୧ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ନଷ୍ଟ

କୋଣାର୍କ (ଅମୃତ ମିଡିଆ): କୋଣାର୍କ – ପୁରୀ ଜାତୀୟ ରାଜପଥ ରାସ୍ତାର ଲୋଟସ ରିସର୍ଟ ସନ୍ନିକଟ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୧ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ପୋଡି ଜଳି ପାଉଁଶ ହୋଇଯାଇଛି । ଖବରରୁ ପ୍ରକାଶ ଯେ କୋଣାର୍କ ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ କୋଣାର୍କ ପୁରୀ ଜାତୀୟ ରାଜପଥ ରାସ୍ତାର ଲୋଟସ ରିସର୍ଟ ପଛପଟ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗି ଜଙ୍ଗଲ ଜଳୁଥିବା ବେଳେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ନିକଟସ୍ଥ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରକୁ ଅବଗତ କରାଇଥିଲେ । ଖବର ପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ସେବା କେନ୍ଦ୍ରର ବରିଷ୍ଠ ଆଗ୍ନିକ ତୁଷାରକାନ୍ତ ପରିଜାଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଲାଗି ଥିବା ନିଆଁକୁ ଆୟତ୍ତ କରିବା ବେଳକୁ ଅଭୟାରଣ୍ୟର ୧ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜଳି ବ୍ୟାପକ ଝାଉଁ ସମେତ ଅନ୍ୟାନ୍ୟ ଗଛ ପୋଡି ପାଉଁଶ ଯାଇଥିଲା । ଏହି ଅଗ୍ନିକାଣ୍ଡ କେଉଁ କାରଣରୁ କିଭଳି ଘଟିଲା ତାହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି କୋଣାର୍କ ବନାଚଂଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି ।

କାର୍ ସହ ୭୨ କିଲୋ ଗଞ୍ଜେଇ ଜବତ, ମହିଳା ଗିରଫ

ଭଞ୍ଜନଗର (ଅମୃତ ମିଡିଆ): ପେଟ୍ରୋଲିଂ କରୁଥିବା ପୋଲିସ ଗାଡ଼ିକୁ ଦେଖି , କାର୍ ଛାଡି ଦୌଡ଼ିଲେ କିଛି ସନ୍ଦିଗ୍ଧ ବ୍ୟକ୍ତି । ଘଟଣା ସ୍ଥଳରେ ସଂପୃକ୍ତ ଗାଡ଼ିକୁ ଯାଞ୍ଚ ବେଳେ, ସେଥିରେ ଜଣେ ମହିଳା ବସିଥିଲେ । ଏବଂ ସେହି କାର୍ ରେ ଗଞ୍ଜେଇ ରହିଥିଲା । ପୋଲିସ୍ କୁ ଆଉକିଛି ଅବୁଝା ରହିଲା ନାହିଁ । ଜଣା ପଡିଲା କାର୍ ରେ ଗଞ୍ଜେଇ ଚାଲାଣ ହେଉଥିଲା । ସେହି କାର୍ ସହ ୭୨ କିଲୋ ଗଞ୍ଜେଇ କୁ ଜବତ କଲା ପୋଲିସ । ଏବଂ ସେଥିରେ ଥିବା ମହିଳା ଙ୍କୁ ମଧ୍ୟ ଘଟଣା ସ୍ଥଳରୁ ଗିରଫ କଲା ପୋଲିସ । ଏମିତି ଘଟଣା ଘଟିଛି ଭଂଜନଗର ଥାନା ଅଞ୍ଚଳରେ । ଥାନା ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ , ଭଂଜନଗର ପୋଲିସ ପକ୍ଷରୁ ଏସଆଇ ମୋହନ କଅଁର ଏବଂ ଅନ୍ୟ କର୍ମଚାରୀ ମାନେ ଭଂଜନଗର – ମୁଜାଗଡ ରାସ୍ତା ପେଟ୍ରୋଲିଙ୍ଗ୍ କରୁଥିଲେ । ସେହି ସମୟରେ କନ୍ଧମାଳ ପଟୁ ଭଂଜନଗର ଅଭିମୁଖେ ଓଡି ୦୫ ୬୫୦୦ ନମ୍ବର ଯୁକ୍ତ ଏକ କାର୍ ଟି ଆସୁଥିଲା । ଗିରଫ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ଭଂଜନଗର ଥାନା ରେ ୩୨୦/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ଘଟଣା ସ୍ଥଳରୁ କାର୍ ଡ୍ରାଇଭର ଏବଂ ଆଉ କିଛି ସହଯୋଗୀ ଫେରାର ହୋଇ ଯାଇଛନ୍ତି । ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି, ଭଂଜନଗର ପୋଲିସ ।

ଏମ୍‌କେସିଜି ଆଉଟସୋର୍ସିଂ ମହିଳା କର୍ମଚାରୀଙ୍କ ଦେହାନ୍ତ ଚକ୍ଷୁଦାନ ପାଇଁ ନିଷ୍ପତ୍ତି

ବ୍ରହ୍ମପୁର (ଅମୃତ ମିଡିଆ): ଶୁକ୍ରବାର ବ୍ରହ୍ମପୁର ସ୍ଥିତ ଏମ୍‌କେସିଜିରେ ଆଟେଣ୍ଡାଣ୍ଟ ରୂପେ କାମ କରୁଥିବା ଆଉଟସୋର୍ସିଙ୍ଗ ମହିଳା କର୍ମଚାରୀ କାର୍ଯ୍ୟରତ ଆବସ୍ଥାରେ ଅସୁସ୍ଥତା ଅନୁଭବ କରିଥିଲେ । ପରବର୍ତ୍ତୀ ଅବସ୍ଥା ଏମକେସିଜି କାଜୁୟାଲିଟି ରେ ଡାକ୍ତର ମୃତ ଘୋଷଣା କରିଛନ୍ତି ଓ ମାଣିକ କୋଠିଆ (୨୮) ନାମକ ଉକ୍ତ କର୍ମଚାରି ଜଣକ ଗରିବଶ୍ରେଣୀ ର ଓ ସ୍ୱଳ୍ପ ଦରମା ରେ କାର୍ଯ୍ୟ କରୁଥିବା ବେଳେ ତ୍ୱରିତ ଉପାୟ ରେ ରେଡ଼କ୍ରସ ପାଣି ରୁ କିଛି ସାହାଯ୍ୟ କରିବାକୁ ସଙ୍ଘ ତରଫରୁ ଦାବି ହୋଇଛି ।

ଉଦ୍‌ଘାଟନକୁ ୧୫ ଦିନ ନପୂରୁଣୁ ଧସିଲା ସେତୁ

ସାମାନ୍ୟ ବର୍ଷାରେ ଧୋଇଯାଇଛି ସଂଯୋଗୀକରଣ ରାସ୍ତା

ଆଳି (ଅମୃତ ମିଡିଆ): ବହୁ ପ୍ରତୀକ୍ଷିତ ପଦନିପାଳ ସେତୁ ଉଦ୍‌ଘାଟନ ହେବାର ୧୫ଦିନ ମଧ୍ୟରେ ସଂଯୋଗୀକରଣ ରାସ୍ତା ସାମାନ୍ୟ ବର୍ଷାରେ ଧୋଇଯାଇଛି । ଫଳରେ ପଞ୍ଚାୟତବାସୀ ପୁନର୍ବାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି । ସେତୁ ସଂଯୋଗୀକରଣ ରାସ୍ତା ଧସିବା ଘଟଣାକୁ ନେଇ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି ।

ସୂଚନା ଅନୁଯାୟୀ, ଦ୍ୱୀପାଞ୍ଚଳ ଭାବେ ପରିଚିତ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ପଦନିପାଳ ପଞ୍ଚାୟତ ପଦନିପାଳ, ଦୈତାରୀପୁର ଓ କଳମଡ଼ାଶାସନ ଗ୍ରାମର ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଗଠିତ । ଏହି ପଞ୍ଚାୟତକୁ ଚତୁଃପାର୍ଶ୍ୱରୁ ନଦୀ ଘେରି ରହିଥିବାରୁ ସେମାନେ ଚିରଦିନ ପାଇଁ ଜଳବନ୍ଦୀ ଭାବେ ଜୀବନ ଅତିବାହିତ କରିଥାନ୍ତି । ପଦନିପାଳବାସୀଙ୍କ ଦୀର୍ଘଦିନର ଦାବି ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୬ କୋଟି ଟଙ୍କା ବ

ନିର୍ବାଚନ ମହାଲଢେଇ – ୨୦୨୪

ବାପି ସର୍ଖେଲଙ୍କ ଶଙ୍ଖଭବନରେ ଉପସ୍ଥିତି ନେଇ ବିଜେଡିରେ ଝଡ଼!

ପାରାଦୀପ (ଅମୃତ ମିଡିଆ) : ଯାହା ଆଶଙ୍କା କରାଯାଉଥିଲା ଶେଷରେ ସେଇଆ ହେଲା। ନିଜର ଧର୍ମପତ୍ନୀଙ୍କ ଦ୍ୱାରା ଶଙ୍ଖ ଫୁଙ୍କାଇ ଶେଷରେ ଶଙ୍ଖ ଭବନ ରେ ଆବିର୍ଭାବ ହୋଇଛନ୍ତି ବାପି ସର୍ଖେଲ୍। ଅଦ୍ୟାବଧି କଂଗ୍ରେସ ଦଳରେ ରହି କଣ ପାଇଁ ଶଙ୍ଖ ଭବନରେ ବାପି ସର୍ଖେଲ୍ ଉପସ୍ଥିତ ରହି ମିଟିଂରେ ବସିଛନ୍ତି ତାକୁ ନେଇ ସମଗ୍ର ପାରାଦୀପ ନିର୍ବାଚନ ମଣ୍ଡଳୀ ରେ ଏକ ପ୍ରକାର ଝଡ ଉଠିଛି। ତେବେ ଏହି କଥାକୁ ନେଇ ରାଜ୍ୟ ର ପ୍ରମୁଖ ୩ଦଳ ଓ ତାର ନେତା କର୍ମୀମାନଙ୍କ ମଧ୍ୟ ରେ ନାହିଁ ନଥିବା ପ୍ରତିକ୍ରିୟା। କଂଗ୍ରେସ କହୁଛି ଆମ ଦଳରେ ରହି ଏହି ଅଣ ଓଡ଼ିଆ ନେତା କିପରି ଯାଇ ବେଲଜ୍ୟା ଭାବରେ ବିଜେଡିର ଶଙ୍ଖ ଭବନରେ ବସିଛନ୍ତି ତାହା କେବଳ ତାକୁ ହିଁ ଜଣା। ଯେଉଁ ହାତ ବାପି ସର୍ଖେଲ୍‌ର ପରିଚୟ ସୃଷ୍ଟି କରିଥିଲା ସେ ତାକୁ ହତାଦର କରି ଯାଇ ଶଙ୍ଖ ଫୁଙ୍କୁଛି। ନିଜର ଅପରାଧୀକ ସାମ୍ରାଜ୍ୟ କୁ ସୁରକ୍ଷିତ ରଖିବା ପାଇଁ ଏ ପ୍ରକାର ଡୁଆଲ୍ ପଲିସି ଖେଳ ହେଉଛି। ତେଣୁ ପାରାଦୀପ ଭୋଟର ବୋଧେ ଭଲ ଭାବରେ ଜାଣିଛନ୍ତି ନହେଲେ ଦୁଇ ଦୁଇ ଥର କାହିଁକି ଲୋକମାନଙ୍କର ଆସ୍ଥା ଭାଜନ ନହୋଇ ପରାଜୟ ସ୍ୱୀକାର କଲେ। ତେଣୁ ଯିଏ ଦଳର ନୁହଁ ସେ ଲୋକଙ୍କର କେମିତି ହେବ ସେଥିପାଇଁ ତାଙ୍କୁ ଦଳୀୟ ଶୃଙ୍ଖଳାରୁ ଦୂରେଇ ରଖାଯାଇଛି ଏବଂ ଏନେଇ ହାଇ କମାଣ୍ଡଙ୍କୁ ମଧ୍ୟ ଅବଗତ କରାଇ ଦିଆଯାଇଛି ଖୁବ୍ ଶିଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖବର ମିଳିଛି । କିନ୍ତୁ ବାପି ସର୍ଖେଲ୍ ର ଶଙ୍ଖ ଭବନ ରେ ଉପସ୍ଥିତି ନେଇ ପାରାଦୀପ ନିର୍ବାଚନମଣ୍ଡଳୀରେ ମଧ୍ୟ କଂଗ୍ରେସ କର୍ମୀ ମାନେ ଏହାକୁ ଘୃଣା ଚକ୍ଷୁରେ ଦେଖୁଛନ୍ତି। ଏବେ ଠାରୁ କହିବା ଆରମ୍ଭ କଲେଣି ଯେ ସେ ଖାଲି ଆମ ପଞ୍ଚାୟତକୁ ଆସୁ ସାରା ଓଡ଼ିଶା ଦେଖିବ। ସେହିପରି ଗେରୁଆ ଦଳ ବିଜେପି କିନ୍ତୁ ଏନେଇ ମୁରୁକା ହସା ଦେଉଛି। ଏଥିରେ ବିଜେପି କହୁଛି ଆମଦାନୀ ନେତା ଆସିଥିଲା ପଦ୍ମ ଧରିବା ପାଇଁ ଯେଉଁଥିରେ ଭୁବନେଶ୍ୱର ରୁ ଦିଲ୍ଲୀ ଦୌଡ଼ି ଦୌଡ଼ି ତା ଚପଲ ଛିଣ୍ଡିଗଲା। କିଛି ଦଳୀୟ ମୁଖିଆଙ୍କୁ ହାତରେ ରଖି ମିଛ ସତ କହି ବିଜେପି ଘରକୁ ପଶି ଆସିଥିଲା। କିନ୍ତୁ ସତ୍ୟାସତ୍ୟ ଜଣାପଡ଼ିବା ପରେ ତାଙ୍କୁ ଦଳ ଠାରୁ ଦୂରରେ ରଖା ଯାଇଥିଲା। ତେବେ ସରଖେଲ ଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ଷମତା, କେନ୍ଦ୍ର ରେ ବିଜେପି ସରକାର ଥିବାରୁ ସେ ବେଶୀ ଆଗ୍ରହୀ ହୋଇ ପଶି ଆସିଥିଲା ଯାହାକି ବିଦା ହେବା ପରେ ବିଜେପି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏଠି ହାତ ଓ ପଦ୍ମ ଠିକ୍ ଥିବା ବେଳେ ଶଙ୍ଖ କିନ୍ତୁ ବେସୁରା ଶୁଭିବା ଆରମ୍ଭ ହୋଇଛି। ପ୍ରଥମରୁ ସର୍ଖେଲ୍ ନିଜ ପାଇଁ ଉଦ୍ୟମ କରି ଫେଲ୍ ମାରିବା ପରେ ସ୍ତ୍ରୀ ଦ୍ୱାରା ଶଙ୍ଖ ଫୁଙ୍କାଇଛନ୍ତି। ସ୍ତ୍ରୀ ସିନା ଶଙ୍ଖ ଫୁଙ୍କିଲା କିନ୍ତୁ ସ୍ୱାମୀ ଆସି ଏବେ କୀର୍ତ୍ତନ କରିବା ଆରମ୍ଭ କରି ଦେଇଛି ଯାହାକୁ ନେଇ ବିଜେଡିରେ ଏକ ପ୍ରକାର ଅଦୃଶ୍ୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ଅଣ ଓଡ଼ିଆ ନେତାକୁ ନେଇ କିଛି ଭୁଲ୍ ଭାଲ୍ ହେଲାକି କଣ ଦଳୀୟ ନେତା ଚିନ୍ତା କରୁଥିବା ବେଳେ ଦୁଇ କୋଟୀ ଖାଇ ଦଳରେ ମିଶାଇ ଥିବା ନେତା ସର୍ଖେଲ୍ କୁ ନେଇ ଶଙ୍ଖ ଭବନ ରେ ବସାଇ ସାରିଲେଣି ବୋଲି ଶୁଣିବାକୁ ମିଳୁଛି । ଯାହାକୁ ନେଇ ନିର୍ବାଚନ ମଣ୍ଡଳୀ ରେ ନାହିଁ ନଥିବା ପ୍ରତିବାଦ ର ସ୍ୱର ଶୁଭିଲାଣି। ଜଣେ ଅପରାଧ ଜଗତ ସହ ସାମିଲ୍ ହୋଇ ଅପରାଧୀ ଭାବରେ କାୟା ବିସ୍ତାର କରିଥିବା ନେତାକୁ ବିଜୁ ଜନତା ଦଳ କିପରି ପ୍ରଶ୍ରୟ ଦେଉଛି ଏବଂ ତାପଛରେ ଥିବା କେଉଁ ନେତା ଦୁଇ କୋଟି ଖାଇଛି ତାକୁ ନେଇ ଏବେ ଚାଲିଛି ତନାଘନା ଓ ଆଲୋଚନା। ନିଜେ ଉପସ୍ଥିତ ରହି ନିଜ ସମର୍ଥକ ମାନଙ୍କ ଦ୍ୱାରା ଫଟୋ ଭାଇରାଲ୍ କରାଇ ସର୍ଖେଲ୍ ତାର ସର୍କସ୍ ଖେଳ ଆରମ୍ଭ କରି ଦେଇଛି ଯାହାର ଉଚିତ୍ ଜବାବ୍ ଆଗାମୀ ଦିନରେ ଦିଆଯିବ ବୋଲି ପାରାଦୀପ ଛକ ଗଳି କନ୍ଦି ରେ ଆଲୋଚନା ହେଉଛି।

ନର୍ଲା କଂଗ୍ରେସକୁ ଭକ୍ତ କରିବେ କି ବିଭକ୍ତ ?

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲାର ପାଞ୍ଚ ଗୋଟି ବିଧାନସଭା ଆସନ ରୁ ଚାରିଟି ବିଧାନସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ରେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ନର୍ଲା ଆସନ ଗୋଟି ଅନେକ ବିବାଦୀୟ କାରଣ ହେତୁ ସ୍ଥଗିତ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଅନ୍ୟ ପକ୍ଷରେ ବିଜେପି ମଧ୍ୟ ନର୍ଲା ଆସନରେ ଜଣେ ବରିଷ୍ଠ ନେତୃତ୍ୱ ସାଙ୍ଗଠାନିକ ଭେଟରାନ ରାଜନେତାକୁ ମଇଦାନ କୁ ଓହ୍ଲାଇବା ପାଇଁ ସଜବାଜ କରୁଥିବା ସୂଚନା ମିଳିଛି ।ଏହି ଆସନ ପାଇଁ ବିଜେପି ରୁ ଅନିରୁଦ୍ଧ ପଧାନ, ପ୍ରଦୀପ ନାଏକ, ଆର୍ତ୍ତତ୍ରାଣ ମହାପାତ୍ର, ଚର୍ଚ୍ଚାରେ ଥିବା ବେଳେ ବର୍ତ୍ତମାନ ତାଜା ଖବର ଅନୁଯାୟୀ ସାଂସଦ ଟିକେଟ କଟିଥିବା ବସନ୍ତ ପଣ୍ଡା ଓ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ଧନେଶ୍ୱର ମାଝିଙ୍କୁ ମଧ୍ୟ ବିଜେପି ପ୍ରାର୍ଥୀ କରିପାରେ ବୋଲି ରାଜନୈତିକ ମଇଦାନରେ ଚର୍ଚ୍ଚା ହେଉଛି। ଏଭଳି ଘଡିସନ୍ଧୀ ମୁହୂର୍ତ୍ତରେ କଂଗ୍ରେସ ଦଳ ପକ୍ଷରୁ ନର୍ଲାର ସମୀର କୁମାର ଚାନ୍ଦ ନର୍ଲାରୁ ଟିକେଟ ମିଳିବା ଆଶାରେ ତାଙ୍କର ଫିଲ୍ଡ ସେଟିଂ ଥିବା ନିକଟତମ କର୍ମୀ ଓ ନେତା ମାନେ ପ୍ରକାଶ କରିଥିବା ବେଳେ କଳାହାଣ୍ଡିର ବରିଷ୍ଠ ଟାଣୁଆ କଂଗ୍ରେସ ନେତା ପୂର୍ବତନ ସାଂସଦ ଭକ୍ତ ଚରଣ ଦାସ ମଧ୍ୟ ଅଚାନକ ନର୍ଲା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ହେବା ଘୋଷଣା କରି ସମସ୍ତ ଦଳର ଆଶାୟୀ ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ ବଢେଇ ଦେଇଥିବା ବେଳେ କଂଗ୍ରେସ ଦଳରେ ମଧ୍ୟ ସ୍ଥାନୀୟ ପ୍ରାର୍ଥୀତ୍ୱ ପ୍ରତି ଅନେକ ଦଳୀୟ ନେତା ମତ ରଖୁଥିବାରୁ ଭକ୍ତଙ୍କ ପ୍ରତି ଦ୍ୱନ୍ଦ ଓ ବିରୋଧ ବଢିବାର ସମ୍ଭାବନା କୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ମତ ପ୍ରକାଶ ପାଇଛି। ବାରମ୍ବାର ପରାଜୟ ବରଣ କରିଥିବା ଭକ୍ତ ବାବୁ ଦୀର୍ଘ ତିରିଶ ବର୍ଷ ତଳେ ନର୍ଲା ବିଧାନସଭା ଆସନକୁ ଆଖି ପକେଇଥିବାରୁ ନର୍ଲାରେ ହେବିୱେଟ୍ ଲଢେଇ ହେବା ସଙ୍ଗେ ସଙ୍ଗେ ବଜେଡିରୁ ଟିକେଟ ନ ମିଳିଲେ କିଛି ଅସନ୍ତୁଷ୍ଟ ସ୍ଥାନୀୟ ନେତା ଶ୍ରୀ ଦାସଙ୍କ ସପକ୍ଷରେ ଯାଇପାରନ୍ତି ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜେଏମଏମ୍‌ର ନିର୍ବାଚନୀ ରଣନୀତି ବୈଠକ

ଅଞ୍ଜନୀ ସୋରେନ ହେବେ ଜେଏମଏମ୍‌ର ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀ

ବାରିପଦା (ଅମୃତ ମିଡିଆ) : ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଥିବା ବେଳେ, ଏପରିକି ବିଜେପି ଓ ବିଜେଡି ଲୋକସଭା ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ, ଇଣ୍ଡିଆ ମେଣ୍ଟ ପକ୍ଷରୁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଛି। ଏହି ପରିପ୍ରେକ୍ଷୀ ରେ ଆଜି ଝାରଖଣ୍ଡ ମୁଖ୍ୟମନ୍ତୀ ଚମ୍ପାଇ ସୋରେନଙ୍କ ବାସଭବନରେ ଚଳିତ ସାଧାରଣ ନିର୍ବାଚନରେ ଜେଏମଏମ ଓଡିଶାରେ କେତେ ସଂଖ୍ୟାରେ ପ୍ରାର୍ଥୀ ଦେବ ସେ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୁରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ନେଇ ଆଲୋଚନା ହୋଇଥିଲା। ମୟୁରଭଞ୍ଜ ଲୋକ ସଭା ଆସନ ରେ ଜେଏମଏମ, ପ୍ରାର୍ଥୀ ଦେବା ସହିତ ୭ଟି ବିଧାନସଭା ଏବଂ ସୁନ୍ଦରଗଡ଼ ଜିଲ୍ଲାର ୩ଟି ବିଧାନସଭା ଆସନରେ ଜେଏମଏମ ପ୍ରାର୍ଥୀ ଦେବ ବୋଲି ସ୍ଥିର ହୋଇଥବା ବେଳେ ଏବାବଦରେ ଜେଏମଏମ କେନ୍ଦ୍ରୀୟ କମିଟିକୁ ଜେଏମଏମ ରାଜ୍ୟ ସଭାପତି ଅଞ୍ଜନୀ ସୋରେନଙ୍କୁ ଏକ ରିପର୍ଟ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ ନିର୍ଦ୍ଦେଶ ଦେଇଥିଲେ। ରିପର୍ଟକୁ ନେଇ କଂଗ୍ରେସ ସହିତ ଆଲୋଚନା କରିବା ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଜେଏମଏମ ପ୍ରବକ୍ତା ଓ ପ୍ରଭାରୀ ଶିବାଜୀ ମୌଳିକ ଜଣାଇଛନ୍ତି। ମୟୁରଭଞ୍ଜ ଲୋକସଭା ଆସନରେ ଦିଶମ ଗୁରୁ ଶିବୁ ସୋରେନ ଙ୍କ ଝିଅ ତଥା ଜେ ଏମ ଏମ ର ରାଜ୍ୟ ସଭାପତି ଅଞ୍ଜନୀ ସୋରେନ ଏବଂ ବାଙ୍ଗିରିପୋଷି ବିଧାନସଭା ଆସନ ପାଇଁ ନିକଟ ଅତୀତରେ ପୋଲିସ ଚାକିରୀ ଛାଡି ଜେଏମଏମ ଦଳରେ ଯୋଗଦେଇଥିବା ବିଷ୍ଣୁ ସିଂ ପ୍ରାର୍ଥୀ ହେବେ ବୋଲି ଏହି ବୈଠକରେ ଏକପ୍ରକାର ଚୂଡାନ୍ତ ହୋଇଥିବାର ଜଣାଯାଇଛି।

ପଦ୍ମ ଧରିଲେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା

ନିର୍ବାଚନ ବୈତରଣୀ ପାରିହେବାକୁ ବଳ ସଜାଡୁଛି ବିଜେପି

ବାରିପଦା (ଅମୃତ ମିଡିଆ) : ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜ୍ୟର ଦୁଇ ପ୍ରମୁଖ ଦଳ ବିଜେପି ଏବଂ ବିଜେଡି ନିଜନିଜର ସଂଗଠନକୁ ସୁଦୃଢ କରି ନିର୍ବାଚନରେ ବାଜିମାତ କରିବାକୁ ବଳ ଗୋଟାଉ ଥିବାର ଦେଖିବାକୁ ମିଳୁଛି। ବିଶେଷ କରି ବିଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେପିକୁ ମୟୁରଭଞ୍ଜ ଜିଲାରେ ଅଭୁତପୂର୍ବ ସଫଳତା ମିଳିଥିବାରୁ ଏଥର ମଧ୍ୟ ମୟୁରଭଞ୍ଜକୁ ବିଜେପି ବିଶେଷ ଧ୍ୟାନ ଦେଉଥିବାର ଦେଖିବାକୁ ମିଳୁଛି। ୨୦୧୯ ନିର୍ବାଚନରେ ବିଜେପି ଜିଲ୍ଲାର ଏକମାତ୍ର ଲୋକସଭା ଆସନ ସହ ମୋଟ ୯ଟି ବିଧାନ ସଭା ଆସନ ମଧ୍ୟରୁ ୬ଟି ଆସନରେ ବିଜୟଲାଭ କରି ଥିଲା। ତେବେ ବିଜେପିର ଏଭଳି ବମ୍ପର ବିଜୟ ପଛରେ ବିଜେଡି ନେତାଙ୍କର ଗୋଷ୍ଠୀ କନ୍ଦଳ ଏବଂ ମୋଦିଲହର ପ୍ରମୁଖ ଭୂମିକା ଗ୍ରହଣ କରିଥିବାର ଆକଳନ କରାଯାଇଥିଲା। ଏଣୁ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ମୟୁରଭଞ୍ଜ ଜିଲ୍ଲାକୁ ବିଶେଷ ଧ୍ୟାନଦେଇ ଜିଲ୍ଲା ର ସାଂସଦ ବିଶ୍ୱେଶ୍ୱର ଟୁଡୁଙ୍କୁ କେନ୍ଦ୍ର ମନ୍ତ୍ରୀ କରିବା ସହ ଜିଲ୍ଲାର ମହିଳା ନେତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଆସନରେ ବସାଇବା ଭଳି ଗୁରୁତର ପଦକ୍ଷେପ ନେଇଛି। ମାତ୍ର ସାଧାରଣ ନିର୍ବାଚନରେ ବମ୍ପର ବିଜୟ ସତ୍ତ୍ୱେ ବିଗତ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିଜେପିକୁ ଜିଲ୍ଲାରେ ଶୋଚନୀୟ ପରାଜୟର ସାମ୍ନା କରିବାକୁ ପଡିଛି। ଏଣୁ ଆଗକୁ ପୁଣି ସାଧାରଣ ନିର୍ବାଚନ ଆସୁଥିବାରୁ ବିଜେପି ପୁଣି ଜିଲ୍ଲାରେ ବଳ ଗୋଟାଇବାକୁ ପ୍ରୟାସ ଜାରି ରଖିଛି। କିଛିଦିନ ତଳେ ବିଜେଡିର ପୂର୍ବତନ ବିଧାୟକ ଭାବବ ହାଁସଦାଙ୍କୁ ଦଳରେ ମିଶାଇବା ସହ, କଂଗ୍ରେସର

ଯୁବନେତା ରାକେଶ ସିଂଙ୍କୁ ମଧ୍ୟ ସାମିଲ କରିଛି ବିଜେପି। ସେହିପରି ଦିଲ୍ଲୀରେ ଜିଲ୍ଲାର ସାନ୍ତାଳୀ ସାହିତ୍ୟିକ ତଥା ଗବେଷକ ପଦ୍ମଶ୍ରୀ ଡ଼. ଦମୟନ୍ତୀ ବେସ୍ରା ଙ୍କୁ ଦଳରେ ସାମିଲ କରିଛି ବିଜେପି। ପଦ୍ମଶ୍ରୀ ବେସ୍ରା ଜଣେ ଓଡ଼ିଆ ପ୍ରଫେସର ଭାବରେ ଚାକିରିରୁ ଅବସର ନେଇଥିବା ବେଳେ, ଜଣେ ସାନ୍ତାଳୀ ବୁଦ୍ଧିଜୀବୀ ଚେହେରା ଭାବରେ ତାଙ୍କର ନାମ ରହିଛି। ତାଙ୍କୁ ବାରିପଦା ବା ରାଇରଙ୍ଗପୁର ବିଧାନସଭା ଆସନରୁ ବିଜେପି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରିପାରେ ନଚେତ ଓଡିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଆଦି ସାନ୍ତାଳ ବହୁଳ ଅଞ୍ଚଳରେ ଷ୍ଟାର ପ୍ରଚାରକ ଭାବରେ ଦାୟିତ୍ୱ ଦେଇ ପରେ ବୋଲି ଆଲୋଚନା ହେଉଛି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଏଥର ସାଂସଦ ଟିକେଟ ମିଳିନଥିବା ବେଳେ, ସେ ବାରିପଦା ବିଧାନସଭା ପାଇଁ ଆଶାୟୀ ରହିଛନ୍ତି। ସେହିପରି ନିକଟ ଅତୀତରେ ବିଜେପିରେ ମିଶିଥିବା ରାକେଶ ସିଂଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଦଳକୁ ସ୍ୱାଗତ କରିଥିବା ବେଳେ ସେ ମଧ୍ୟ ଟିକଟ ପାଇଁ ଦାବିଦାର ରହିଛନ୍ତି। ସେହିପରି ବର୍ତ୍ତମାନ ବାରିପଦା ବିଧାୟକ ଥିବା ପ୍ରକାଶ ସୋରେନ ମଧ୍ୟ ବାରିପଦାରୁ ବିଜେପି ଟିକଟ ଆଶାୟୀ ରହିଛନ୍ତି। ଏଣୁ ଦଳ କାହାକୁ ଟିକଟ ଦେବ ତାହା ଜଣାପଡି ନାହିଁ। ତେବେ ଜିଲ୍ଲାର ପାଖା ପାଖି ୬୦ ଶତକଡା ଅଧିବାସୀ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଜିଲ୍ଲାରେ ଆଦିବାସୀ ଭୋଟ ହାତେଇବାକୁ ଉଭୟ ଶାସକ ବିଜେଡି ଏବଂ ବିରୋଧୀ ବିଜେପି ଆଦିବାସୀ ଭୋଟ ହାତେଇବା ପାଇଁ ସ୍ୱତନ୍ତ୍ର ରଣନୀତି କରୁଥିବାର ଦେଖିବାକୁ ମିଳୁଛି।

କରଞ୍ଜିଆ ନିର୍ବାଚନ ମଣ୍ଡଳୀ: ଦଳ ଗୁଡିକରେ ଆଶାୟୀ ସଂଖ୍ୟା ବଢୁଛି

ବାରିପଦା (ଅମୃତ ମିଡିଆ) : କେନ୍ଦୁଝର ଲୋକସଭା କ୍ଷେତ୍ର ସହିତ ମିଶିଥିବା ମୟୂରଭଞ୍ଜ ଜିଲ୍ଲାର ୩୦ ନଂ କରଂଜିଆ(ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ କରଂଜିଆ ଏନଏସିର ୧୫ ଗୋଟି ୱାର୍ଡ଼ ସହ କରଞ୍ଜିଆ ବ୍ଲକର ୧୫ଗୋଟି ପଂଚାୟତ ଅଧୀନରେ ଥିବା ୧୮୦ ୱାର୍ଡ଼, ଠାକୁରମୁଣ୍ଡା ବ୍ଲକର ୧୮ ଗୋଟି ପଂଚାୟତ ଅଧୀନରେ ଥିବା ୨୬୬ ଟି ୱାର୍ଡ଼ ଏବଂ କପ୍ତିପଦା ବ୍ଲକର ୯ ଗୋଟି ପଂଚାୟତ ଅଧୀନରେ ଥିବା ୧୨୨ ଗୋଟି ୱାର୍ଡ଼କୁ ନେଇ ଗଠିତ ହୋଇଥିବା ସମୟରେ ୨୦୧୯ ଜାନୁଆରୀ ୨୧ ରେ ପ୍ରକାଶିତ ଭୋଟର ତାଲିକା ଅନୁସାରେ ନିର୍ବାଚନ ମଣ୍ଡଳୀରେ ୯୧,୩୮୭ ପୁରୁଷ , ୯୧,୭୦୩ ମହିଳା ଓ ୬ ଜଣ ଅନ୍ୟାନ୍ୟଙ୍କୁ ମିଶାଇ ମୋଟ ୧,୮୩,୦୯୬ ଭୋଟର ରହିଥିଲେ। ଚଳିତ ନିର୍ବାଚନରେ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ୍ ୧,୯୭୮୬୮ ଜଣ ଭୋଟରଙ୍କ ମଧ୍ୟରୁ ମହିଳା ୧,୦୦୨୨୧, ପୁରୁଷ ୯୭୬୪୧ ଓ ଉଭୟ ଲିଙ୍ଗ ୬ ଜଣ ଥିବା ଜଣାପଡ଼ିଛି। ୧୮-୧୯ ବର୍ଷର ଯୁବ ଭୋଟରଙ୍କ ସଂଖ୍ୟା ୩୭୧୮ ରହିଛି। ଗତ କରଞ୍ଜିଆ ବିଧାନସଭା ନିର୍ବାଚନ ରେ ନୂତନ ଚେହେରା ଭାବେ ବିଜେଡିର ସ୍ୱର୍ଗତ ତୁଙ୍ଗ ନେତା ତଥା ମନ୍ତ୍ରୀ ରଘୁନାଥ ହେମ୍ରମଙ୍କ ପୁତ୍ରବଧୂ ବାସନ୍ତୀ ହେମ୍ରମ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ପଦ୍ମଚରଣ ହାଇବୃଙ୍କୁ ହରାଇ ଜିତାପଟ ହାସଲ କରିବା ପରେ ଦଳୀୟ ଗୋଷ୍ଠୀ କନ୍ଦଳ ରେ ଛନ୍ଦି ହୋଇ ବିଜେଡି ସଂଗଠନ କୁ ପାଞ୍ଚ ବର୍ଷ ଧରି ସଂଗଠନକୁ ସଜାଡିବାରେ ବିଫଳ ହୋଇଛନ୍ତି। ହେଲେ ସେ ମନ୍ତ୍ରୀ ଥିବାରୁ ଦଳ ରେ ତାଙ୍କ ପତିଆରା ଓ ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରଖିଛନ୍ତି। ବାସନ୍ତୀ ମନ୍ତ୍ରୀ ଥିବାରୁ ଚଳିତ ନିର୍ବାଚନ ରେ ନିଶ୍ଚିତ ଟିକଟ ପାଇବେ ବୋଲି ଆଶା ବାନ୍ଧି ବସିଛନ୍ତି। ହେଲେ ଗୋଷ୍ଠୀ ବିବାଦ ଯୋଗୁଁ ଠାକୁରମୁଣ୍ଡା, ଶରତ ଓ କରଞ୍ଜିଆ ବ୍ଲକ ଅଂଚଳ ରେ ଉନ୍ନୟନ କାର୍ଯ୍ୟ ହୋଇ ପାରି ନଥିବାରୁ ଏହି ଅଂଚଳ ରେ ଦଳୀୟ ସଂଗଠନ ଚୂରମାର ହୋଇ ଯାଇ ଥିବାର କର୍ମୀ ମହାଲରେ ଅସନ୍ତୋଷ ଦେଖା ଦେଇଛି । ବିଜେଡ଼ି ରାଜ୍ୟରେ ଶାସକ ଦଳ ହେଇଥିବାରୁ ବିଜେଡି ରେ ଆଶାୟୀଙ୍କ ସଂଖ୍ୟା ଅଧିକ ରହିଛି । ବାସନ୍ତୀଙ୍କ ସମେତ, ଦୁଇ ଥର

ବିଧାୟକଥିବା ପ୍ରାକ୍ତନ ବିଧାୟକ ବିଜୟ ନାଏକ, ପ୍ରାକ୍ତନ କରଞ୍ଜିଆ ବ୍ଲକ ଅଧକ୍ଷ ହରିଶ୍ ନାଏକଙ୍କ ସମେତ କିଛି ନୂତନ ଚେହେରା ମଧ୍ୟ ଆଶାୟୀ ରହିଛନ୍ତି। ଗତ ନିର୍ବାଚନରେ ପ୍ରାକ୍ତନ ବିଧାୟକ ଶ୍ରୀ ନାଏକ ଟିକେଟ ପାଇବାରୁ ବଞ୍ଚିତ ରହିଥିଲେ ମଧ୍ୟ ଚଳିତ ନିର୍ବାଚନରେ ଦଳରୁ ଟିକେଟ ପାଇଁ ଆଶାୟୀ ରହିଛନ୍ତି ଓ ନିଜର ଲୋକ ପ୍ରିୟତା ବଢ଼ାଇବାରେ ଲାଗିଥିବାର ଦେଖିବାକୁ ମିଳୁଛି । ଅନ୍ୟପଟେ ବିଜେପି ପକ୍ଷରୁ ଗତ ନିର୍ବାଚନ ହାରିଥିବା ପ୍ରାକ୍ତନ ବିଧାୟକ ପଦ୍ମ ଚରଣ ହାଇବୁରୁ,କିଛି ମାସ ପୂର୍ବେ ଦଳରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀ ପୁଷ୍ପାଞ୍ଜଳୀ ସିଦ୍ଧୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯୁଗଳ କିଶୋର ନାଏକ, ସୁନାମଣି ହୋଙ୍କ ସମେତ କିଛି ନୂଆ ପୁରୁଣା ଚେହେରା ମଧ୍ୟ ଟିକଟ ଦୌଡ଼ରେ ରହିଛନ୍ତି। କଂଗ୍ରେସ ପକ୍ଷରୁ ଆଶାୟୀଙ୍କ ମଧ୍ୟରେ ପ୍ରାକ୍ତନ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ଜବାମଣି ଟୁଡୁ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଲକ୍ଷ୍ମୀଧର ସିଂଙ୍କ ସମେତ କିଛି ତୃଣମୂଳ ସ୍ତରର ନେତା ମଧ୍ୟ ଆଶାୟୀ ରହିଛନ୍ତି । ଅନ୍ୟପଟେ ଗତ ନିର୍ବାଚନରେ କଂଗ୍ରେସ ସହିତ ମିଳିତ ଭାବେ ନିର୍ବାଚନ ଲଢ଼ିଥିବା ଜେଏମଏମ୍ ଦଳ ଚଳିତ ବର୍ଷ ନିଜ ପ୍ରାର୍ଥୀ ମଇଦାନ କୁ ଓଲାହି ପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ଆକଳନରୁ ଜଣାପଡ଼େ, କରଞ୍ଜିଆ(ସଂ) ନିର୍ବାଚନ ମଣ୍ଡଳୀରେ ପ୍ରାୟ ୭୫ ଭାଗ ଆଦିବାସୀ ସମ୍ପ୍ରଦାୟର। ଏମାନଙ୍କ ମଧ୍ୟରୁ କୋହ୍ଲ ସମ୍ପ୍ରଦାୟର ପ୍ରାୟ ୪୦ ପ୍ରତିଶତ ରହିଥିବା ବେଳେ ବାଥୁଡ଼ି ସମ୍ପ୍ରଦାୟ ୩୫

ଯୁଧିଷ୍ଠିରଙ୍କୁ ଆବାସ ଘର ସାତସପନ

ସରକାରୀ ସ୍ଥାନରେ ଟିଣଘରେ ଭୂମିହୀନ ଯୁଧିଷ୍ଠିରଙ୍କ ସଂସାର

➲ ପୁଅର ମୃତ୍ୟୁ ପରେ ବୋହୂକୁ ମିଳୁନି ବିଧବାଭତ୍ତା
➲ ସରକାରୀ ସହାୟତା ଦାବି

ସିନାପାଲି (ଅମୃତ ମିଡିଆ): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ନିରୀହ ଲୋକଙ୍କ ପାଇଁ ଅନେକ ସରକାରୀ ଯୋଜନା କରି ସହାୟତା କରୁଛନ୍ତି। ହେଲେ ସ୍ଥାନୀୟ ବିଭାଗୀୟ କିଛି ଲାଞ୍ଚୁଆ ସରକାରୀ ଅଧିକାରୀମାନଙ୍କ ପାଇଁ ପ୍ରକୃତ ହିତାଧିକାରୀମାନେ ସେହି ଯୋଜନାର ସହାୟତା ପାଇବାରୁ ବଞ୍ଚିତ ରହୁଛନ୍ତି। ଏମିତି ଏକ ଗରିବ ପରିବାର ଯାହାଙ୍କ ପାଇଁ ଭଲରେ ଦୁଇଓଳି ଖାଇବାକୁ ଦୁଇମୁଠା ମିଳୁ ନ ଥିବା ବେଳେ ଆବାସ ଘର ସାତ ସପନ ହୋଇଛି। ପୁଣି ପୁଅର ମୃତ୍ୟୁ ହେଲା ପରେ ବୋହୂର ବିଧବା ଭତ୍ତା ମିଳିବାରେ ବିଳମ୍ବ ହେଉଥିବା ବେଳେ ପରିବାର ଚଳିବା କଷ୍ଟକର ହେଉଛି। ପରିବାର ବସବାସ କରିବାକୁ ଘର ଖଣ୍ଡିଏ ନ ଥିବା ବେଳେ ଏକ ସରକାରୀ ସ୍ଥାନରେ ପଲିଥିନ ଓ ଟିନା ଢାଙ୍କି ବହୁତ ଦୁଃଖରେ ଦିନରାତି କାଟୁଥିବା ଜଣାପଡିଛି। ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା କଲୋନୀ ପଡାରେ ଯୁଧିଷ୍ଠିର ଭୋଇଙ୍କ ପରିବାର ବସବାସ କରୁଛନ୍ତି। ପରିବାର କହିଲେ ତାଙ୍କ ସ୍ତ୍ରୀ ପାଟ ଭୋଇ, ବିଧବା ବୋହୂ କୁମେ ଭୋଇ , ନାତି ଝଙ୍କାର ଭୋଇ (୪) ଓ ସବ୍ୟ ଭୋଇ (୨) ମିଶି ୫ଜଣ ସଦସ୍ୟ ରହୁଛନ୍ତି। ହେଲେ ଯୁଧିଷ୍ଠିର ଭୂମିହିନ ହୋଇଥିବା ବେଳେ ଏକ ସରକାରୀ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ପଲିଥିନ ଓ ଟିନା ଢାଙ୍କି ବହୁତ ଦୁଃଖ ରେ ପରିବାରକୁ ନେଇ ଦିନରାତି କାଟୁଛନ୍ତି। ବର୍ଷା ପବନ ସାଙ୍ଗକୁ ସାପ ବେଛୁ ଭଲି ଅନେକ ପ୍ରକାରର ବିଷାକ୍ତ ଜୀବ ପ୍ରତି ସବୁବେଳେ ଭୟ ରହୁଛି। ତାଙ୍କୁ ଆଜି ଯାଏଁ ସରକାରୀ ଯୋଜନା ତରଫରୁ ଆବାସ ଘର ଖଣ୍ଡିଏ ମିଳିନାହିଁ। ଯାହା ଫଳରେ ପରିବାର କୁ ନେଇ ଯାଯାବର ଭଳି ଦିନରାତି କାଟୁଛନ୍ତି। ଯୁଧିଷ୍ଠିର ଙ୍କୁ ଏକ ଅଜଣା ରୋଗ ହୋଇଥିବା ବେଳେ ତାଙ୍କ ହାତ ଗୋଡର ଆଙ୍ଗୁଠି ଗୁଡିକ ମୋଟି ମୋଟି ହୋଇ ଯାଉଛି। ଯାହା ଫଳରେ କାମଧନ୍ଦା କରି ଚଳିବା ତାଙ୍କ ପାଇଁ ଅଭିଶାପ ସାଜିଥିବା ବେଳେ ତାଙ୍କ ଶରୀର ଅସୁସ୍ଥତା ଦେଖି ଲୋକେ କାମଧନ୍ଦା ପାଇଁ ତାକୁ ନାହାନ୍ତି ମଧ୍ୟ ନାହାଁନ୍ତି। ଫଳରେ ସେ ଦୁଇପଇସା ରୋଜଗାର କରିବାରେ ମଧ୍ୟ ସକ୍ଷମ ହେଉନାହାଁନ୍ତି। ତାଙ୍କ ଏଭଳି ଅସୁବିଧା ଯୋଗୁ ପରିବାର ଚଳାଇବା କଷ୍ଟ ହୋଇଯାଇଛି। ତାଙ୍କ ଏକ ମାତ୍ର ପୁଅ କିଶୋର ଭୋଇ ଏକ ଅଜଣା ରୋଗରେ ପଡି ମୃତ୍ୟୁ ବରଣ କରିଥିବା ବେଳେ ଏବେ ପର୍ଯ୍ୟନ୍ତ ବିଧବା ବୋହୂ କୁମେ ଭୋଇଙ୍କୁ ଏଯାଏଁ ବିଧବା ଭତ୍ତା ମିଳି ପାରିନାହି। ତାଙ୍କ ଦୁଇ ନାବାଳକ ନାତି ରହିଥିବା ବେଳେ ବର୍ତ୍ତମାନ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇଯାଇଛି। କେତେବେଳେ କେମିତି କାମଟିଏ ମିଳିଗଲେ ସ୍ତ୍ରୀ ଓ ବୋହୂ କାମକରି ଦୁଇପଇସା ଆଣିଲେ ପରିବାରରେ ଚୁଲି ଜଳେ । ଏଣୁକରି ଯୁଧିଷ୍ଠିରଙ୍କ ଉତ୍ତମ ଚିକିତ୍ସା, ଆବାସ ଘର, ବିଧବା ଭତ୍ତା ଜରୁରୀ ହୋଇ ପଡିଥିବା ବେଳେ ସରକାରୀ ସହାୟତା ପାଇଁ ପରିବାର ଲୋକେ ସରକାରଙ୍କୁ ଦୁଃଖ ଭରା ଲୁହ କୋହଭରା କଣ୍ଠରେ ନିବେଦନ କରୁଛନ୍ତି। ଏ ନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତୁ ଦୃଷ୍ଟିଦେଇ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣ ରେ ଦାବି ହେଉଛି।

ପ୍ରଶାସନର ଦୃଷ୍ଟିପଡୁ

୩୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ରାଜସ୍ୱ ସ୍ୱତନ୍ତ୍ର ଅଧିକାରୀ

ନୂଆପଡ଼ା (ଅମୃତ ମିଡିଆ): ନୂଆପଡ଼ା ଜିଲ୍ଲା ରାଜସ୍ୱ ବିଭାଗରେ କାର୍ଯ୍ୟରତ ରାଜସ୍ୱ ସ୍ୱତନ୍ତ୍ର ଅଧିକାରୀ(ଓଏସଡି) ନରେନ୍ଦ୍ର ଚନ୍ଦ୍ରକାର ଗୁରୁବାର ଦିନ ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଠାରୁ ଜମିପଟ୍ଟା କରିଦେବା କହି ୩୦ ହଜାର ଟଙ୍କା ଲାଞ୍ଚ ନେଇଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କ ପିତାଙ୍କ ସେଟେଲମେଣ୍ଟ ରିଭିଜନ୍ ଫାଇଲ ପ୍ରକ୍ରିୟା କରିଦେବା ପାଇଁ ଶ୍ରୀ ଚନ୍ଦ୍ରକାର ୪୬ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ହେଲେ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଆଜି ସନ୍ଧ୍ୟାରେ ଅଭିଯୋଗକାରୀ ଟଙ୍କା ଦେଉଥିବା ଲେଳେ ଭିଜିଲାନ୍ସ ଅଧିକାରୀ ନୂଆପଡ଼ା ଜିଲ୍ଲାପାଳ ଅଫିସ ଠାରେ ଥିବା ରାଜସ୍ୱ ବିଭାଗ ଅଫିସରେ ଚଢ଼ାଉ କରି ଶ୍ରୀ ଚନ୍ଦ୍ରକାରଙ୍କ ଠାରୁ ୩୦ ହଜାର ଟଙ୍କା ଜବତ କରିଥିଲେ। ପରେ ଭିଜିଲାନ୍ସ ଅଧିକାରୀ ମାନେ ଶ୍ରୀଚନ୍ଦ୍ରକାରଙ୍କୁ ଧରି ଖରିଆର ରୋଡ଼ରେ ଥିବା ତାଙ୍କ ଘର ଉପରେ ମଧ୍ୟ ଚଢ଼ାଉ ଚାଲିଥିବା ଜଣାପଡିଛି। ଏହି ଚଢ଼ାଉ ପରେ କୋରାପୁଟ ଭିଜିଲାନ୍ସ ଟିମ ସହ ନୂଆପଡ଼ା ଭିଜିଲାନ୍ସ ଡିଏସପି ଦିନବନ୍ଧୁ ବେହେରାଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

ଜେଲରେ କଏଦୀ ମୃତ୍ୟୁ ଘଟଣା...

ହତ୍ୟା ଅଭିଯୋଗ ଆଣିଲେ ପରିବାର

କେନ୍ଦୁଝର (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା କାରାଗାର ରେ ଗତ ୨୨ ତାରିଖରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା ଉଦ୍ୟମ ପରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟଣାକୁ ନେଇ ତାଙ୍କ ମା' ସୁକାନ୍ତି ଦାସ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ଅଜୟ ଦାସର ମାନସିକ ଅବସ୍ଥା ସୁସ୍ଥ ଥିଲା। ଏଣୁ ଜେଲରେ ନିର୍ଯ୍ୟାତନା ଦେଇ ତାକୁ ମାରି ଦେଇଥିବା ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଘଟଣା ପରେ ୨୩ ତାରିଖ ଦିନ ଜେଲ ଅଧୀକ୍ଷକ ଜେଲରେ କଏଦୀ ଆତ୍ମହତ୍ୟା କରିବା ଘଟଣାରେ ଜେଲର ୱାର୍ଡ ନମ୍ବର ୧୭ ରୁ ୨୨ ପର୍ଯ୍ୟନ୍ତ ୧୪୫ ଜଣ କଏଦୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଚିଫ୍ ୱାର୍ଡର ସୋନିଆ ଖଣ୍ଡୁଆଲ ଏବଂ ୱାର୍ଡର ଆରିଫ୍ ଅଲ୍ଲୀ ଖାନ୍‌ଙ୍କୁ କାର୍ଯ୍ୟରେ ଅବହେଳା ପାଇଁ କାରଣ ଦର୍ଶାଅ ନୋଟିସ ଜାରୀ କରିଥିଲେ। ଏହାର ଉତ୍ତର ୨ ଦିନ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ରହିଥିଲା। ଏହି ଘଟଣା ପରେ ୨୮ ତାରିଖ ଦିନ ଅପରାହ୍ନରେ ଜେଲ ଡିଆଇଜି(ସମ୍ବଲପୁର) କୁଳମଣି ବେହେରା କେନ୍ଦୁଝର ଜିଲ୍ଲା କାରାଗାର ଆସି ବିଭାଗୀୟ ତଦନ୍ତ ଆରମ୍ଭ କରିଛନ୍ତି। ବିଚାରାଧୀନ କଏଦୀ ଅଜୟ ଦାସ ଆତ୍ମହତ୍ୟା ଉଦ୍ୟମ କରିବା ସମୟରେ ନିକଟରେ କେଉଁ କଏଦୀ ଏବଂ କର୍ମଚାରୀ ଥିଲେ ସେମାନଙ୍କୁ ପଚରାଉଚୁରା କରିଥିଲେ। ଓ୍ୱାର୍ଡର ଆରିଫ୍ ଅଲ୍ଲୀ ଖାନ୍‌ଙ୍କ ଏ ସିଫ୍ଟ ଡ୍ୟୁଟି ସମୟ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଥିବାବେଳେ ତାଙ୍କୁ କିଏ ଏବଂ କାହିଁକି ଜେଲ ଅଫିସ କୁ ଅପରାହ୍ନ ୧ଟା ୨୦ ମିନିଟରେ ଡାକିଥିଲେ ତାହା ମଧ୍ୟ ପଚାରି ବୁଝିଥିଲେ। ଜେଲ ଡିଆଇଜି କେନ୍ଦୁଝର ଜିଲ୍ଲା କାରାଗାର ରେ ପହଁଚି ତଦନ୍ତ କରିବା ସମୟରେ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଉକ୍ତ ସମୟରେ ଜେଲ କାର୍ଯ୍ୟାଳୟରେ ଥିବା କର୍ମଚାରୀ ଏବଂ ଓ୍ୱାର୍ଡର ମାନଙ୍କୁ ପଚରାଉଚୁରା କରିଥିଲେ। ଅଫିସ ରୁ ଡାକରା ଆସିବାରୁ ଜେଲ ଅଫିସ ଯିବା ସମୟରେ କଏଦୀ ଆତ୍ମହତ୍ୟା କରିଥିଲେ। ତେବେ ଜେଲ ଅଫିସରେ କିରାଣୀ କାମ କରୁଥିବା ଜଣେ ଓ୍ୱାର୍ଡର ମନୋରଞ୍ଜନ ପାଣିଗ୍ରାହୀ ତାଙ୍କୁ ଡାକିଥିବା ବେଳେ ସେ କାହା ନିର୍ଦ୍ଦେଶରେ ଡ୍ୟୁଟି ସମୟରେ ଜଣେ ଓ୍ୱାର୍ଡର ଙ୍କୁ ଡାକିଲେ ତାହା ତଦନ୍ତ ହେଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସିପାରିବ।

ବେଆଇନ ନାଲି ଇଟାଭାଟି ନିଆଁ ଯୋଗୁଁ ବଢୁଛି ପ୍ରଦୂଷଣ ଧୂଆଁରେ ଅଣନିଃଶ୍ୱାସୀ ଅଞ୍ଚଳବାସୀ

ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରବଳ ଖରା ସାଙ୍ଗକୁ ଗରମ ଅନୁଭୂତ ହେଉଛି। ଶନିବାର ତାପମାତ୍ରା ୩୫ରୁ ୩୭ ଡିଗ୍ରୀ ରହିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ମାତ୍ର ବେଆଇନ ନାଲି ଇଟାଭାଟିର ନିଆଁଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ହୋଇ ତାପ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଇଟାଭାଟିରୁ ବାହାରୁଥିବା ଧୂଆଁ ଓ କୋଇଲା ପାଉଁଶ ଗୁଣ୍ଡ ଉଡ଼ି ଗଛର ପତ୍ର ଉପରେ ଏକ ଆସ୍ତରଣ ସୃଷ୍ଟି ହେବାରେ ଲାଗିଛି। ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଧୂଆଁ ଯୋଗୁ ଲୋକେ ଅଣନିଃଶ୍ୱାସୀ ହେଇପଡୁଛନ୍ତି। ଇଟାଭାଟି ବନ୍ଦ କରିବାକୁ ତହସିଲଦାର ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ରାସ୍ତାପାର୍ଶ୍ୱରେ ଇଟାଭାଟି ବେଧଡ଼କ ଭାବେ ଚାଲୁଛି। ପ୍ରଶାସନ କାହିଁକି ନୀରବ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ପରିବେଶବିତ୍ ବିଭୂତି ମହାପାତ୍ର କୁହନ୍ତି, ଇଟାଭାଟିରୁ ନିର୍ଗତ ଧୂଆଁ ଯୋଗୁ ବାୟୁମଣ୍ଡଳରେ ଉଷ୍ଣତା ସହ ଅଙ୍ଗାରକାମ୍ଳ ଗ୍ୟାସ ବଢ଼ିବାରେ ଲାଗିଛି। ଫଳରେ ଆଖପାଖ ଅଞ୍ଚଳରେ ଛୋଟ ଶିଶୁଙ୍କ ସମେତ ବୃଦ୍ଧାବୃଦ୍ଧ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି । ରାଜସ୍ୱ କର୍ମଚାରୀମାନେ ଲୋକଦେଖାଣିଆ ଇଟାଭାଟି ମାଲିକଙ୍କ ନିକଟକୁ ଆସି କିଛି ଫାଇନ୍ ଆଦାୟ କରିବା ବଦଳରେ ହାତ ଚିକ୍କଣ କରି ଚୁପ୍ ହୋଇ ଚାଲି ଯାଉଛନ୍ତି। ଏଥିପାଇଁ ରାଜସ୍ୱ କର୍ମଚାରୀମାନେ ଦାୟୀ ଅଟନ୍ତି। କୃଷକନେତା ବିଜୟ ଦାସ, କ୍ଷୀରୋଦ ମଲିକ, ଅନନ୍ତ ଦାସ, ସର୍ବେଶ୍ୱର ସେଠୀ କୁହନ୍ତି, କେନ୍ଦ୍ରାପଡ଼ା ଏକ କୃଷିପ୍ରଧାନ ଜିଲା ଭାବେ ପରିଚିତ। ବହୁ ନଦୀନାଳ ଜିଲାରେ ପ୍ରବାହିତ। ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ପାଖ ଦେଇ ବ୍ରାହ୍ମଣୀ ଓ ଗୋବରୀ ନଦୀର ଅବବାହିକାରେ ଥିବା ମାଟି ଦୋରସା ଓ ବାଲିଆ ହୋଇଥିବାରୁ ସେଠାରେ ବିଭିନ୍ନ କୃଷିଜାତ ଫସଲ ଓ ପନିପରିବା କରି ଚାଷୀମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର କିଛିବର୍ଷ ହେବ ବ୍ୟବସାୟୀମାନେ ନଦୀ ପଠାରେ ଇଟାଭାଟି କରିବା ସହ ଜିଲା ଓ ଜିଲା ବାହାରକୁ ନାଲି ଇଟା ବିକ୍ରୟ କରୁଛନ୍ତି। ଏହାଦ୍ୱାରା ଶତାଧିକ ଏକର ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏ ଦିଗରେ ତହସିଲଦାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

ସାମାଜିକ କର୍ମୀ ପ୍ରବୀର ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମାଟିଆ, ତାତନା, ଅଳଭା, କଷଣଅଣ୍ଟା ଗ୍ରାମରେ ଚାଲିଥିବା ଚୋରା ଇଟାଭାଟି ଯୋଗୁ ପ୍ରଦୂଷଣ ବଢ଼ିଚାଲିଛି। ଫଳରେ ଏହି ଅଞ୍ଚଳର ଲୋକେ ପ୍ରଦୂଷଣଜନିତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଥଣ୍ଡା, କାଶ ଓ ଶ୍ୱାସରୋଗ ବ୍ୟାପୁଛି। ଦିନକୁ ଦିନ ଏହି ଅଞ୍ଚଳରେ ଅନେକ ଶ୍ୱାସରୋଗୀଙ୍କୁ ଦେଖିବାକୁ ମିଳୁଛି। ଦିନରାତି ଇଟା ପୋଡ଼ା ହେଉଛି। ଫଳରେ ଗାଁ ଗହଳିକୁ ପ୍ରବଳ ଧୂଆଁ ମାଡ଼ିଆସୁଛି। ଲୋକେ ଥଣ୍ଡା, କାଶରେ ପାଡ଼ିତ ହେଉଥିବା ବେଳେ ପ୍ରଦୂଷଣ ଯୋଗୁ ସହଜରେ କେହି ଆରୋଗ୍ୟ ହେଉନାହାନ୍ତି। ବିଶେଷକରି ବରିଷ୍ଠ ନାଗରିକମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଉପଜିଲାପାଳ ରବୀନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଇଟାଭାଟିଗୁଡିକ ବନ୍ଦ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଉପରେ ପଦକ୍ଷେପ ତହସିଲଦାର ନେବେ ବୋଲି ସେ କହିଛନ୍ତି । ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ବେଆଇନ ଇଟାଭାଟି ଉପରେ ଚଢାଉ କରାଯାଇ ଇଟାଗୁଡିକୁ ନଷ୍ଟ କରାଯିବା ନିର୍ଦ୍ଦେଶ ଆସିଛି। ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

ଗୋଟିଏ ଗ୍ରାମ ତିନି ନାମରେ ପରିଚିତ

ଓଡ଼ିଶା – ଆନ୍ଧ୍ର ମଧ୍ୟରେ ଟଣାଓଟରା

ପାରଳାଖେମୁଣ୍ଡି (ଅମୃତ ମିଡିଆ): ଗ୍ରାମ ଗୋଟିଏ ମାତ୍ର ନାମ ତିନୋଟି। ଏଥିରେ ଦୁଇ ରାଜ୍ୟର ତିନି ଜିଲା ପ୍ରଶାସନ ଉପସ୍ଥିତ ଜାହିର କରୁଛନ୍ତି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ଏହି ଗ୍ରାମ ଉପରେ ଆନ୍ଧ୍ର ଦୃଷ୍ଟି ପକାଇ ଅକ୍ତିଆର କରିବାରେ ଲାଗିଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ଗ୍ରାମରେ ଆନ୍ଧ୍ରର ପ୍ରଭାବ ବେଶି। ଏହି ଗ୍ରାମ ହେଉଛି ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ଗୁଡିଖୁଡି। ଗୋଟିଏ ଗ୍ରାମ ତିନି ନାମରେ ପରିଚିତ। ଗଜପତି ତଥା ଓଡ଼ିଶା ରାଜ୍ୟ ଅନୁଯାୟୀ ଏହା ଗୁଡିଖୁଡି। ଆନ୍ଧ୍ର ଏହି ଗ୍ରାମର ନାମକରଣ ଗୁଡିଖୋଲା ବୋଲି କହୁଥିବା ବେଳେ ଗଞ୍ଜାମ ଜିଲା ପ୍ରଶାସନ ଏହି ଗ୍ରାମକୁ ଜିଲାର ବୋଲି ଉଲ୍ଲେଖ କରିଛି। ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ସବିତା ଶବରଙ୍କ ବାସଗୃହର କାନ୍ଥରେ ଲାଗିଥିବା ଫଳକରେ ଏହା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତର ଅବନ୍ଦିଆ ଗ୍ରାମ। ଏହା ଆର୍ଥିକ ବର୍ଷ ୨୦୨୧-୨୦୨୨ରେ ନିର୍ମିତ ହୋଇଥିବା ଫଳକରେ ଉଲ୍ଲେଖ ରହିଛି।

ଏହି ଗ୍ରାମକୁ ନେଇ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ଏଥିରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତରେ ରହିଥିବା ଉଲ୍ଲେଖ ରହିଛି। ଗଜପତି ଜିଲା ପ୍ରଶାସନ ପକ୍ଷରୁ ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତରେ ଗୁଡ଼ିଖୁଡ଼ି ଗ୍ରାମ ରହିଥିବା ଉଲ୍ଲେଖ କରାଯାଇଛି। ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଗଜପତି ଜିଲା ଅନ୍ତର୍ଗତ ବୋଲି ଉଲ୍ଲେଖ ରହିଛି। ଗ୍ରାମର ବହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହରେ ଆନ୍ଧ୍ରର ବୋଲି ଉଲ୍ଲେଖ ରହିଛି। ଏପରିସ୍ଥଳେ ଉକ୍ତ ଗାଁଟି କେଉଁ ରାଜ୍ୟ ଓ ଜିଲାରେ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଜପତି ଜିଲା ପ୍ରଶାସନ ତଥା ରାଜସ୍ୱ ବିଭାଗର ଖାମଖିଆଲି ମନୋବୃତ୍ତି ଯୋଗୁ ଓଡ଼ିଶାର ଏହି ଗ୍ରାମ ଆନ୍ଧ୍ରର ଅକ୍ତିଆରକୁ ଚାଲିଯାଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ସେବାଠାରୁ ଆରମ୍ଭ କରି ଆବାସିକ ଯୋଜନା, ସ୍ୱାସ୍ଥ୍ୟସେବା ଆଦି ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାର ଯୋଗାଉଛନ୍ତି। ଏପରିକି ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ମଧ୍ୟ ଗ୍ରାମବାସୀଙ୍କୁ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଛି। ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି, ତା'ର ଲାଭ ଉଠାଉଛନ୍ତି ଉକ୍ତ ଗ୍ରାମବାସୀ। ଗଞ୍ଜାବାଡ଼ ପଞ୍ଚାୟତର ଏହା ଗୋଟିଏ ଗ୍ରାମ ନୁହେଁ ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ଶାସନ ଓ ରାଜସ୍ୱ ବିଭାଗ ପୁନଃ ସର୍ଭେ ବା ଡିମାର୍କେଶନ କରି ସୀମାନ୍ତ ଗ୍ରାମାଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇଦେଲେ ଆନ୍ଧ୍ର ପ୍ରଦେଶ ପ୍ରଲୋଭନ ଦେଖାଇ ଗ୍ରାମବାସୀଙ୍କୁ ନିଜ ଆଡକୁ ଟାଣିବାରେ ସକ୍ଷମ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଆହତ ବ୍ୟକ୍ତିଙ୍କୁ ମେଡିକାଲରେ ଭର୍ତ୍ତିକରି ମାନବିକତା ଦେଖାଇଲେ ଛତ୍ରପୁର ବିଧାୟକ

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ଥାନା ଅଧୀନ ହଂସପୁର ଗ୍ରାମ ଠାରେ ଜଣେ ଆହାତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଛନ୍ତି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା । ଆହାତ ବ୍ୟକ୍ତି ଜଣକ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ଧ୍ରୁବ ଗୌଡ । କୌଣସି କାରଣ ବସତଃ ଧ୍ରୁବ ହଂସପୁର ଗ୍ରାମ ନିକଟରେ ଆହତ ହୋଇ ପଡିଥିବା ବେଳେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଧ୍ରୁବଙ୍କୁ କେହି

ପୁରୀ ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ଅନ୍ତିମ ସନ୍ଧ୍ୟାରେ ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ (ବ୍ୟୁରୋ): ପୁରୀ ଆର୍ଟିଷ୍ଟ ଆଶୋସେଶନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ର ଅନ୍ତିମ ସନ୍ଧ୍ୟା ରେ ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନବ ନିର୍ବାଚିତ ବିଧାୟକ ପ୍ରାର୍ଥୀ ସୁନିଲ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ଭରତ ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ଉପ ସଭାପତି ସବିତା ହରିଚନ୍ଦନ, ତ୍ରିଲୋଚନ ଦାସ ,ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି, ବିରଞ୍ଚି ନାରାୟଣ ଷଡଙ୍ଗୀ, ସହ ସମ୍ପାଦକ ନରସିଂହ ମହାପାତ୍ର, ଭାରତୀ ମହାପାତ୍ର, ଭବାନୀ ପ୍ରସାଦ ମିଶ୍ର, କୋଷାଧକ୍ଷ ସମୀର ଆଚାର୍ଯ୍ୟ, ପରିଚାଳନା ସମ୍ପାଦକ ଦେବୀ ପ୍ରସାଦ ମିଶ୍ର,ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ଉପଦେଷ୍ଟା କମିଟି ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, କାମାକ୍ଷା ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ଶୁଭସ୍ମିତା ରାଉତରାୟ, କୃପାସିନ୍ଧୁ ଶତପଥୀ, ପ୍ରମୋଦ କୁମାର ପଟ୍ଟନାୟକ, ଅଭ୍ୟୁଦୟ ଦାଶ,ଅନୁପ ପଟ୍ଟନାୟକ, ଗିରିଶ କୁମାର ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦାନ କରି ମହାପ୍ରଭୁ ଙ୍କ ନିକଟରେ ପ୍ରଦୀପ ପ୍ରଯୋଜନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ଏହାପରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଙ୍ଗୀତ

ପରିବେଷଣ ରେ ମାନସ କୁମାର, ଚିତ୍ରା, ବିମଳ କୁମାର, ସୁଜିତ୍, ଶୁଭ ପ୍ରମୁଖ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଭା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଜାଦୁକର ବିଧୁ ଭୂଷଣ । ଯାହାଙ୍କ ଯାଦୁ ବିଦ୍ୟାକୁ ଦର୍ଶକ ମାନେ ବେଶ୍ ଉପଭୋଗ କରିଥିଲେ ଏବଂ ନିଖୁଣ ଯାଦୁ ବିଦ୍ୟା ପାଇଁ ବ୍ଧିଧୁ ଭୂଷଣଙ୍କୁ ଭୋଜ ବିଦ୍ୟା ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମସ୍ତ ନୃତ୍ୟ କୁ ନିର୍ଦ୍ଦେଶକ ମନିଷା ମହାନ୍ତି ଏବଂ ଅମିତ୍ କୁମାର ଚାଟାର୍ଜୀ ନିର୍ଦ୍ଦେଶନା ଦେଇଥିଲେ ତାଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ସଦସ୍ୟ ରାମକୃଷ୍ଣ ମହାପାତ୍ର । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ, ସହ ସମ୍ପାଦିକା ଭାରତୀ ମହାପାତ୍ର, ଉପ ସଭାପତି ସବିତା ହରିଚନ୍ଦନ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

ଭଗବତୀ ବିଦ୍ୟା ନିକେତନର ଦୁଇଦିନିଆ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟିତ

ବିଦ୍ୟାର୍ଥୀମାନେ ଉଚ୍ଚାକାଂକ୍ଷୀ ହୋଇ ରାଷ୍ଟ୍ରପ୍ରଗତି ପାଇଁ ସ୍ୱପ୍ନ ଦେଖିବାକୁ ପରାମର୍ଶ

ପୁରୀ (ବ୍ୟୁରୋ): ୨୫ବର୍ଷ ପୂର୍ତ୍ତି ଅବସରରେ ଅଠରନଳା ସ୍ଥିତ ଭଗବତୀ ବିଦ୍ୟା ନିକେତନର ଦୁଇ ଦିନିଆ ରୌପ୍ୟଜୟନ୍ତୀ ସମାରୋହ ସ୍ଥାନୀୟ ଆଖଣ୍ଡଳମଣି ତପୋବନ ପରିସରରେ ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ ପ୍ରାକ୍ତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ । ଅନ୍ୟମାନଙ୍କ ମଧ୍ୟରେ 'କାଦମ୍ବିନୀ' ଓ 'କୁନିକଥା'ର ସଂପାଦିକ ଡକ୍ଟର ଇତି ସାମନ୍ତ ମୁଖ୍ୟବକ୍ତା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶିଷ୍ଟ ସ୍ତମ୍ଭକାର ତଥା ଗାନ୍ଧିବାଦୀ ଲେଖକ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ପରିଡ଼ା, ଡିଷ୍ଟ୍ରିକ୍ଟ ଲାୟନସ୍ ଚେୟାର ପର୍ସନ୍ ଗିରୀଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥ୍ୟ ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣାକୁମାରୀ ଦେଇ ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ସଂପାଦକ ମହେନ୍ଦ୍ର ବିଶୋଇ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବୀରେନ୍ଦ୍ର ମହାନ୍ତିଅତିଥୁ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ପ୍ରତିଜ୍ଞା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗଭୀର ଅଧ୍ୟବସାୟ ଏବଂ ଉପଯୁକ୍ତ ଶିକ୍ଷା ହିଁ ସର୍ବଦା ଶ୍ରେଷ୍ଠତା ଆଣିଥାଏ, ତେଣୁ ବିଦ୍ୟାର୍ଥୀମାନେ ଉଚ୍ଚାକାଂକ୍ଷୀ ହୋଇ ରାଷ୍ଟ୍ରପ୍ରଗତି ପାଇଁ ସ୍ୱପ୍ନ ଦେଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନିଜର କର୍ତ୍ତବ୍ୟନିଷ୍ଠା ହିଁ କେବଳ ଶିକ୍ଷାର୍ଥୀ ନୁହଁନ୍ତି ସମସ୍ତଙ୍କୁ ସଫଳତାର ସ୍ୱାଦ ଚଖାଇଥାଏ। ଶିକ୍ଷା ବିକାଶରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରି ଅତିଥିମାନେ ଶିଶୁମାନଙ୍କୁ ଉପଯୁକ୍ତ ପ୍ରାଥମିକ ଶିକ୍ଷା ପ୍ରଦାନ ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପିପିଲି ବ୍ଲକ ଅନ୍ତର୍ଗତ ବୀର ପୁରୁଷୋତ୍ତମପୁର

ପତିତପାବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ର ଏବଂ ଗୋପ ବ୍ଲକ ଅନ୍ତର୍ଗତ ଭୂଆଁ ସ୍ଥିତ ବାସୁଦେବ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂକୁଲତା ନାୟକଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଶିଶୁସାହିତ୍ୟିକ ରମେଶ ଚନ୍ଦ୍ର ଦାଶଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ରୌପ୍ୟ ଜୟନ୍ତୀ ଅବସରରେ ଭରତ ନାୟକ, ମୁକ୍ତିକାନ୍ତ ପଣ୍ଡା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର କୁମାର ଦାଶ, ଜ୍ୟୋତିପ୍ରକାଶ ମହାରଣା, ଜଗନ୍ନାଥ ମିଶ୍ର, ମନୋରଞ୍ଜନ ତ୍ରିପାଠୀ, ରବୀନ୍ଦ୍ର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ, ପ୍ରୀତିମୟୀ ମହାପାତ୍ର, ରନୁମଣି ଦଳାଇ, କୃଷ୍ଣଚନ୍ଦ୍ର କାନୁନଗୋ, ସୌମେନ୍ଦ୍ର ପଟ୍ଟନାୟକ, ବିକ୍ରମ କୁମାର ବରାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅତିଥିମାନଙ୍କଦ୍ୱାରା କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅର୍ପିତା ପ୍ରଧାନ ଶ୍ରେଷ୍ଠ ବିଦ୍ୟାର୍ଥୀ ରୂପେ ପୁରସ୍କୃତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରାଣକୃଷ୍ଣ-ଅନ୍ନପୂର୍ଣ୍ଣା ମେଧା ପୁରସ୍କାର, କୁନ୍ତଳା ଦାସ ସ୍ମୃତି ପୁରସ୍କାର, ପ୍ରଭାତ କୁମାର ମିଶ୍ର ସ୍ମୃତି ପୁରସ୍କାର, ଡକ୍ଟର ଭୀମସେନ ସ୍ମୃତି ପୁରସ୍କାର, ଦ୍ୱିଜବର ପଲାଇ ସ୍ମୃତି ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା। ସହସଂପାଦକ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପର୍ବ ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁନିକୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ସମବେତ କଣ୍ଠ ସଂଗୀତ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ନହ୍ନା ମୁନ୍ନା ରାହୀ ହୁଁ, ସ୍ୱଚ୍ଛ ଭାରତ ଅଭିଯାନ, ସରଗୀ ଫୁଲ, ମା' ତୁମେ ମୋ ପାଇଁ ଈଶ୍ୱରଙ୍କ ଅବଦାନ, ବରଷା ରାଣୀ, ବନ୍ଦେ ମାତରମ୍ ଆଦି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଅଭିଭାବକଙ୍କ ସମେତ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଅଂଶୁମାନ

ପୁରୀ (ବ୍ୟୁରୋ): କେନ୍ଦ୍ରାପଡା ଲୋକସଭା ଆସନ ପାଇଁ ବିଜେଡି ଦଳରୁ ଟିକେଟ ପାଇଥିବା ଅଂଶୁମାନ ମହାନ୍ତି ଶୁକ୍ରବାର ପୁରୀ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଆଗାମୀ ନିର୍ବାଚନରେ ଜିତିବା ନେଇ ଶକ୍ତି ଓ ସାମର୍ଥ୍ୟ ପାଇଁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଟିକେଟ ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡା ବାସୀଙ୍କର ସେ ସେବା କରିବେ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିକାଶ ମୂଳକ କାର୍ଯ୍ୟ ସହ ଜନକଲ୍ୟାଣ କାର୍ଯ୍ୟକୁ ଆଧାର କରି ସେ ବିଜୟ ହେବା ନେଇ ଆଶାବାଦୀ ବୋଲି ପ୍ରତିକ୍ରିୟା ରଖିଛନ୍ତି। କେନ୍ଦ୍ରାପଡାରେ ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଟକ୍କର ଦେବେ ଅଂଶୁମାନ । ୨୦୧୯ରେ ବୈଜୟନ୍ତ କେନ୍ଦ୍ରାପଡ଼ା ଆସନରୁ ଦେଢ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ହାରିଥିଲେ ।

ଶ୍ରୀକ୍ଷେତ୍ରରେ କଂଗ୍ରେସର ମାନସ ମନ୍ଥନ

ପୁରୀ (ବ୍ୟୁରୋ): ଗତ ଦୁଇ ଦିନଧରି ପୁରୀରେ କଂଗ୍ରେସ ଦଳ ତାର ମାନସ ମନ୍ଥନ ଜାରି ରଖିଥିବା ଜଣାପଡିଛି। ଖୁବ ଶୀଘ୍ର କଂଗ୍ରେସ ତାର ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ଚଉଉ ସଭାପତି ମତ ରଖିଛନ୍ତି।ଇଓଉଉ ର ମାର୍ଗଦର୍ଶିକା ଅନୁସାରେ ସ୍ୱତନ୍ତ୍ର ପ୍ରଗମନ ଆପ ଦ୍ୱାରା କର୍ମୀ ମାନେ ଯୋଡି ହେବ ସହ ସେମାନଙ୍କର ନିର୍ବାଚନ ଲଢ଼ିବା ନେଇ ଦକ୍ଷତା ଓ ଲୋକ ସମ୍ପର୍କ ଆଦି କୁ ଦେଖି ପ୍ରାର୍ଥୀ ଚୟନ କରାଯିବ।ତେବେ କେନ୍ଦ୍ରୀୟ କଂଗ୍ରେସ କମିଟିର ନିଷ୍ପତି ଓ ଗାଇଡ଼ ଲାଇନ ଆଧାରରେ ପଚାଶ ହଜାର ଟଙ୍କା ମଗାଯାଇଥିବା କଥା ସ୍ପଷ୍ଟ କରିଛନ୍ତି ଚଉଉ ସଭାପତି ।ବିଗତ ଦିନରେ ଟିକେଟ ଆବଣ୍ଟନ କୁ ନେଇ ଅନେକ ଅସୁବିଧା ଥିବା ସହ ଟିକେଟ ଫେରଣ୍ଡ,ଟିକେଟ ବିକ୍ରି ଓ ସୁପରିସ ଭିତ୍ତିରେ ଟିକେଟ ମିଳୁଥିଲା।ମାତ୍ର ବର୍ତମାନ ପ୍ରଗମନ ଆପ ଦ୍ୱାରା ସବୁ କିଛି ଗାଇଡ଼ ଲାଇନ ଅନୁସାରେ କରାଯାଉଥିବା ମତ ରଖିଛନ୍ତି ଶରତ।ଦଳ ଦେଇଥିବା ଗ୍ୟାରେଣ୍ଟି କୁ ଆଧାର କରି ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା କୁ ଆଶା ରଖିଥିବାବେଳେ କଂଗ୍ରେସ ନିର୍ବାଚନ ରେ ବିଜୟୀ ନେଇ ସ୍ୱତନ୍ତ୍ର ନେଟୱର୍କ କରିଥିବା କହିଛନ୍ତି ଶରତ।

ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଲେ ଜିଏସ୍‌ଟି ଅଧିକାରୀ

ପୁରୀ (ବ୍ୟୁରୋ): ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ ମାନସ ରଂଜନ ବେହେରା। ୩୦ ହଜାର ଟଙ୍କାର ଲାଞ୍ଚ ନେବାବେଳେ ମାନସଙ୍କୁ କାବୁ କରିଛି ଭିଜିଲାନ୍ସ। ପୁରୀ ଜିଲ୍ଲା ସ୍କୁଲ ସମ୍ମୁଖରେ ପୁରୀର ସିଟିଓ ଆଣ୍ଡ ଜିଏସ୍‌ଟି, ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ଅଧିକାରୀଙ୍କୁ ଲାଞ୍ଚ ନେବାବେଳେ ଟ୍ରାକ୍ କରିବାରେ ସଫଳ ହୋଇଛି ଭିଜିଲାନ୍ସ ୟୁନିଟ୍। ଅଭିଯୋଗକାରୀ ଜଣକ ଗତ ୧୯ ମାର୍ଚ୍ଚରେ ସରକାରୀ ନିୟମ ମୁତାବକ ୭୯, ୨୦୦ ଟଙ୍କାର ଜିଏସ୍‌ଟି ଜୋରିମାନା ପୈଠ କରି ସାରିଥିଲେ ମଧ୍ୟ ତାଙ୍କ ଅଟକ ରଖାଯାଇଥିବା ଗାଡିକୁ ମୁକ୍ତ କରିବା ପାଇଁ ୩୦ ହଜାର ଟଙ୍କା ଦାବି କରିଥିଲେ ମାନସ। ତେବେ ଆଜି ଅଭିଯୋଗକାରୀଙ୍କ ଠାରୁ ପୁରୀ ଜିଲ୍ଲା ସ୍କୁଲ ସମ୍ମୁଖରେ ଦାବି ଟଙ୍କା ଅସୁଲ କରୁଥିବା ବେଳେ ରେଡ ହ୍ୟାଣ୍ଡେଡ ମାନସଙ୍କୁ

କାବୁ କରିଥିଲା ଭିଜିଲାନ୍ସ। ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ବେହେରାଙ୍କ ଠାରୁ ୩୦ ହଜାର ଟଙ୍କାକୁ ଜବତ କରିବା ସହ ଶ୍ରୀ ବେହେରାଙ୍କର ଡିନୋଟି ସ୍ଥାନରେ ଏକକାଳୀନ ଚଢାଉ ଚାଲିଛି। ଏହି ସଂଯୋଗରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶ୍ରୀ ବେହେରା, ସିଟିଓ ଏବଂ ଜିଏସ୍‌ଟି ଅଧିକାରୀ, ଏନଫୋର୍ସମେଣ୍ଟ ୟୁନିଟ୍ ବିରୋଧରେ ତଦନ୍ତ ଜାରି ରହିଛି।

ମାଗଣା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ (ବ୍ୟୁରୋ): ପୁରୀ ପୋଲିସ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଉନ ଥାନା ପରିସରରେ ଥିବା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର କେବଳ ପୁଲିସ ଏବଂ ସାମ୍ବାଦିକମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା । ପୁରୀ ଏସ୍‌ପି ପିନାକ ମିଶ୍ର ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିବା ପରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି, ଶ୍ରୀମନ୍ଦିର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ ଓ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ସମେତ ସମସ୍ତ

ବରିଷ୍ଠ ପୁଲିସ ପଦାଧିକାରୀମାନେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିପରି ସାମ୍ବାଦିକମାନେ ମଧ୍ୟ ଏଠାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ କେୟାର ହସ୍‌ପିଟାଲର ଡାକ୍ତରମାନେ ପରିଚାଳନା କରିଥିଲେ । ସମୁଦାୟ ୧୦୨ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ଜଣାପଡ଼ିଛି।

ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ବିଜେଡି ପ୍ରାର୍ଥୀ

ପୁରୀ (ବ୍ୟୁରୋ): ନାଁ ଘୋଷଣା ପରେ ଆଜି ବିଜେଡିର ପ୍ରାର୍ଥୀମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଉଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ଧାମନଗର ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସ ପ୍ରମୁଖ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବିଜେଡି ନେତାମାନେ କହିଛନ୍ତି, ବିଜୁ ଜନତା ଦଳ ପ୍ରତ୍ୟେକ କାର୍ଯ୍ୟରେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରିଥାଏ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁ ଦୀର୍ଘ ୨୪ ବର୍ଷ ହେବ ଓଡ଼ିଶାରେ ବିଜେଡି ଶାସନ କରିଆସୁଛି। ତେବେ ଆଗାମୀ ନିର୍ବାଚନରେ ମଧ୍ୟ ମହାପ୍ରଭୁଙ୍କ ଆଶୀର୍ବାଦରେ ବିଜେଡି ବିପୁଳ ବିଜୟ ହାସଲ କରି ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେଡି ନେତାମାନେ କହିଛନ୍ତି। ସେପଟେ ବିଜେପିର ଲୋକସଭା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେଡି ଦୁର୍ବଳ ପ୍ରାର୍ଥୀ ଦେଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଧାୟକ

ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ। ବ୍ୟୋମକେଶ ରାୟ କହିଛନ୍ତି, ବିଜେପି ନେତା ଯେଭଳି ବିଭ୍ରାନ୍ତି ମୂଳକ ମନ୍ତବ୍ୟ ଗଣମାଧ୍ୟମରେ ଦେଉଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶାବାସୀ ଏହାକୁ କେବେ ବିଶ୍ୱାସ କରିବେ ନାହିଁ। ଆଗାମୀ ନିର୍ବାଚନରେ ବିଜେପି କେବେ ବି ଓଡ଼ିଶାରେ ଜିତି ପାରିବ ନାହିଁ ବୋଲି ବ୍ୟୋମକେଶ ରାୟ କହିଛନ୍ତି।

ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ପୁରୀ (ବ୍ୟୁରୋ): ପୁରୀ ସୁନାମଣି ଆଣୁ ପାଠାଗାର ପକ୍ଷରୁ ପାଠାଗାର ପରିସରରେ ବିପ୍ଳବୀ ଲକ୍ଷ୍ମଣ ନାୟକ ଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଶିକ୍ଷାବିତ୍ କାଶୀନାଥ ଖୁଣ୍ଟିଆ କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରିଥିଲେ । ଶିକ୍ଷବିତ ଶିବ ସୁନ୍ଦର ମିଶ୍ର ଯୋଗ ଦେଇ କହିଲେ ପଦଲାମ ନାୟକ ଙ୍କ ପ୍ରଭାବ ରେ ଲକ୍ଷ୍ମଣ ନାୟକ ନିସ୍ୱାର୍ଥପର ଜନସେବା କରୁଥିଲେ। ଖଦି ବୁଣିବା, ନିଶାଦ୍ରବ୍ୟ ବର୍ଜନ କରିବା ଶିଖାଉଥିଲେ । ୧୯୪୨ ରେ ଭାରତ ଛାଡ ଆନ୍ଦୋଳନ ରେ ଯୋଗ ଦେଉଥିଲେ ଜମିଦାର ଙ୍କ ଅତ୍ୟାଚାର କୁ ଦୃଢ଼

ବିରୋଧ କରୁଥିଲେ ୧୯୪୨

କବିତା ଆମ ସମୟର..

ମରିଚୀକା

ସଂଜୟ ମହାନ୍ତି

କଳା ଚିକ୍କଣ ଶୂନଶାନ ରାସ୍ତା ଉପରେ
ମିଛ ଜଳରାଶିର ସମ୍ଭାର ମରିଚିକା !
ଡହଡହ ଖରାରେ ଶୁଖିଲା ପତ୍ରର ଖଡଖାଡ୍ ଶବ୍ଦ
ଦେହମନରେ ଆବେଗର ବର୍ଣ୍ଣମାଳା
ଅଜଣା ସ୍ପର୍ଶରେ ଶିହରିତ,
ମଉଳିଯାଏ ଆଶା ସବୁ ଏଠି
ଥୁଣ୍ଟା ବରଗଛର ରଙ୍ଗହୀନ ସ୍ୱପ୍ନ,
ସ୍ୱପ୍ନ ସବୁ ପାଲଟେ ଅଦିନିଆ ଝଡ଼ ।।
କାହିଁ କେହି ତ ନାହିଁ, ଏଠି ସେଠି ସବୁଠି
ଶକ୍ତିହୀନ ପାଦ ପଡେ ଅଙ୍କାବଙ୍କା
ଲହୁଲୁହରେ ପରିଣତ ହୁଏ ସିନା
ଶୁଖିଲା ପତ୍ର ତଳେ ଚମ୍ପେଇ ନେଉଳର ଭାଗ୍ୟ !!
କି ଅବା ଜଣା ଭୟମିଶା ଉତ୍କଣ୍ଠା
ଦଲକାଏ ଥଣ୍ଡା ପବନ, ଆନମନା ମନ
ସବାଲୁଆ ଦେହ ଛାଡେ,
ପ୍ରଜାପତି ହୋଇ ଉଡିବୁଲେ
ରଙ୍ଗୀନ୍ ଫୁଲର ରଙ୍ଗୀନ ମିଳାକ୍ ନେଇ
ବାଣ୍ଟୁଥାଏ ଏ ବଳୟରୁ ଆର ବଳୟା।

ବାଳକାଟୀ, ଖୋର୍ଦ୍ଧା
ମୋ-୭୬୦୬୮୬୮୧୪୩

ଝିଅ ଅଛି ଯାହାର

ଅବନ୍ତୀ ପଣ୍ଡା

ବାହା ବଜାରରେ ଭାଇ,
ଜ୍ୱାଇଁ କିଲୋ ହଜାରେ,
ଏ କଥାଟା ଦିନେ ଲୋକେ
କହୁଥିଲେ ମଜାରେ ।
ଝିଅ ଜନ୍ମ କରିଥିବା,
ବାପାଟିର ଭାଗ୍ୟରେ
ଏ ମଜା କଥାଟି ପରିଣତ
ହୁଏ ସଜାରେ ।
ଚଢା ଯଉତୁକ ବିନା
ଝିଅ ବନ୍ଧା ବେକରେ
ଝିଅ ବାପା ମାଆଙ୍କର
ନିଦ ହଜେ ଚିନ୍ତାରେ
ପରିବର୍ତନ ଆସିଛି,
ପୁରୁଣା ଏ ରୀତିରେ
ଜ୍ୱାଇଁ ନୁହେଁ ଝିଅ ଏବେ
ମହଙ୍ଗା ଏ ବଜାରେ ।
ଜନମ ଆଗରୁ ଝିଅ
ମରେ ମାଆ ପେଟରୁ
ଝିଅଟିଏ ଲୋଡା ବୋଲି
ଭାବେନି କେ ଆଗରୁ ।
ସମୟ ଆସିଛି ଭାଇ
ଯିବା ଏବେ ସୁଧୁରି
ଝିଅଟିଏ ହେଲେ ମନ,
ଦୁଃଖେ ଯାଉ ନ ଭରି ।
ଝିଅ ଅଛି ଯାହାର
କେତେ ସୁଖ ତାହାର
ସେହି ପରା ଦୁନିଆକୁ
ବାଣ୍ଟେ ସୃଷ୍ଟି ସମ୍ଭାର ।

ଜଗତସିଂହପୁର-
ମୋ-୯୮୬୧୬୨୮୭୯୨

ବସନ୍ତ

ନିରଞ୍ଜନ ସାହୁ

ଶୀତରତୁ ଗଲା ବସନ୍ତ ଆସିଲା
ବସନ୍ତ ପଞ୍ଚମୀ କହିଲା
ନୂଆନୂଆ କରି ଦକ୍ଷିଣ ଦିଗରୁ
ମଳୟ ପବନ ବହିଲା ।
ହାଡଭଙ୍ଗା ଜାଡ ଦେଖାଉନି ତୋଡ
ଖରା ଦେଖାଉନି ଭାଉ
ବରଷା କୁଆଡେ ଯାଇଛି କେଜାଣି
ବରଷି ଯାଉନି ଆଉ
ପର୍ଣ୍ଣମୋଚୀ ବନ ହରିତ ଦିଶିଲା
ପ୍ରକୃତି ଦୁଃଖ ନ ରହିଲା ।
ଋତୁଙ୍କ ସମ୍ରାଟ ସଜାଉଛି ଥାଟ
କୁସୁମଙ୍କ ହାଟ ବସେ
ଆମ୍ରକୁଞ୍ଜେ ଏବେ କୋକିଳ ଆସିକି
ପଞ୍ଚମ ତାନରେ ରସେ
ହୋଲି ଆସିଯିବ ଅବିର ହସିବ
ରାଧିକା ପରାଣ ଦହିଲା ।
ଭଗବତ ଗୀତ ଦଶମ ଅଧ୍ୟାୟେ
ଶ୍ରୀକୃଷ୍ଣ ଅଛନ୍ତି କହି
ଋତୁଙ୍କ ମଧ୍ୟେ ସେ ବସନ୍ତ ଅଟନ୍ତି
ପ୍ରକୃତି ମଧ୍ୟରେ ରହି
ବସନ୍ତ କାଳକୁ ଛାଡିଦେଲେ ପୃଥ୍ୱୀ
ଖରା, ବର୍ଷା, ଶୀତ ସହିଲା ।

ନିହଲ ପ୍ରସାଦ-ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩

ଶୂନ୍ୟତାର କୋହ

ସୁଧାକର ରାଉତ

କେତେ ରଙ୍ଗ ଆଉ ଦେବୁରେ କାଳିଆ
କହ ମୋ ଜୀବନେ ଭରି
ସମୟ ଦାଉରେ ସବୁ ରଙ୍ଗ ଦେହୁ
ଧୀରେ ଧୀରେ ଯାଏ ସରି ।
ସାତ ରଙ୍ଗର ସେ ପୁଲକ ମନରେ
ନାହିଁ ଆଉ ମନେ ମୋର
ରଙ୍ଗହୀନ ହୋଇ ତଥାପି ବଞ୍ଚିଛି
ହୋଇ ନାହିଁ ତୋଠୁ ଦୂର ।
ତୋ ଠାରୁ କିଏ ସେ ଅଧିକ ବୁଝିବ
ଫିକା ଜୀବନର ମୂଲ
ଅସହାୟତାର ଯନ୍ତ୍ରଣା କ୍ଷୋଭର
କିଏ ହେବ ଆଉ ତୁଲ ।
ଯେତେ ଦିବ୍ୟରଙ୍ଗ ମାଖିଥିଲୁ ମୋଠି
ଅହଙ୍କାରର ଯେ ରଙ୍ଗ
ତୋର ଲୀଳାକୁ ବି ଅସ୍ୱୀକାର କରି
ଦେଖାଇଲା ନୂଆ ଢଙ୍ଗ ।
ମୁଦ୍ରିତ ନୟନେ ହଜିଲା ଦିନର
କଥା ପଡିଗଲେ ମନେ
ଅସ୍ଥିରତା ଘାରେ ଅନ୍ଧକାର ରାଜ୍ୟେ
ତୁ ତ ଆସୁ ମୋର ଧ୍ୟାନେ ।
ବିନା ବର୍ଷାରେ ବି ଫିକା ପଡିଗଲା
ଇନ୍ଦ୍ରଧନୁ ଗଲା ହଜି
ଦଦରା ଶୂନ୍ୟତା ଗର୍ତ୍ତରେ ନିଜକୁ
ପାରୁନାହିଁ ଆଉ ଖୋଜି ।
ଆଶ୍ରା ଖୋଜେ ତୁମ ସମୁଦ୍ର କୂଳରେ
ବାଲି ରେଣୁଟିଏ ହୋଇ
ମୃତ୍ୟୁକୁ ଚୁମ୍ବନ କରିବି ସାଦରେ
ତୋର ନାମ ମନେ ନେଇ ।
ଏତିକି ମାଗୁଣି ଆହେ ମହାବାହୁ
ବନ୍ଦ ହେବା ଆଗୁ ସୁଅ
ନିର୍ଜନ ପ୍ରାନ୍ତରୁ ତୋଳି ନେଇ ବାରେ
ଅକିଞ୍ଚନେ ମୁକ୍ତି ଦିଅ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

ଅଲୋଡ଼ା ମଣିଷ

ଅନାମିକା ଦାସ
ମୋ- ୭୦୦୮୩୯୬୬୫୪

ହିସାବ କରି ଆସିବି, କ'ଣ ଭାବୁଛି କି ସେ ବୁଢ଼ା ! ତା'ର ସିନା କାମ ଧନ୍ଦା ନାହିଁ, କି ଚିନ୍ତାଦକ ନାହିଁ । ପେନ୍‌ସନ ଟଙ୍କା ଉଡାଉଛି....ଏତେ ଗଳି ଭିତରେ ରହୁଛି ବୁଢ଼ା... ଏମିତି ଗର ଗର ହେଇ ମନୁ କ୍ଷୀର କେନ୍ ଧରି ସାଇକେଲ୍‌ରେ ଆଗେଇ ଚାଲିଥିଲା ମନୋଜ ବାବୁଙ୍କ ଘରଆଡେ । ମନୋଜ ବାବୁ ରିଟାୟାର୍ଡ ସରକାରୀ କର୍ମଚାରୀ, ପେନ୍‌ସନ ଟଙ୍କାକୁ ଦୁଇ ବଖରା ଆଜବେଷ୍ଟ ଘର । ଆଗକୁ ପଛକୁ ବୋଧେ କେହି ନାହାନ୍ତି ତ ବାପୁଜୀ ନଗର ଭଳି ଏରିୟାରେ କ'ଣ ତାଙ୍କ ଜରାଜୀର୍ଣ୍ଣ ଘର । ହେଲେ ମନୁ ଦିନ ସାରା ଭୁବନେଶ୍ୱରର ଗୋଟେ ସିପିଙ୍ଗ ମଲ୍‌ରେ ସିକ୍ୟୁରିଟି ଗାର୍ଡ, ତଥାପି ସକାଳୁ ଘର ଘର ବୁଲି କ୍ଷୀର ବିକ୍ରି କରେ । ଘରେ ତା'ର ବାପା-ମା, ସ୍ତ୍ରୀ ପୁଣି ଦୁଇଟା ଛୁଆ,ଯେତେ ଖଟିଲେ କମ୍ । ମନୋଜ ବାବୁ ବଡ ଅଜବ ଲୋକ, ଏ କ'ଣ ଜାଗାରେ ଘର, ସେଠି କେବେ କାହାକୁ ଯିବା ଆସିବା ଦେଖିନି ମନୁ, ବୁଢ଼ା କ୍ଷୀର କିଣେ ଆଉ ମନୁ ଆଗରେ ହିଁ ଦୁଆର ପାଖେ ରଖିଥିବା ଗୋଟେ ଟେପା ପ୍ଲେଟରେ ଅଧାକ୍ଷୀର ଢାଳିଦିଏ । କିଛି ବିଲେଇ ଯେମିତି ଜଗିଥାନ୍ତି, ଧାଇଁ ଆସି କ୍ଷୀର ପେଟେ ପେଟେ ଖାଇ ଚାଲନ୍ତି । ମନୁ ଦିନେ ସାହସ କରି କହିଲା ବାବୁ କ୍ଷୀର କମ୍ ଦରକାର ତ ଏତେ ନେଇ ଏମିତି ବିଲେଇ ମୁହଁରେ କାହିଁକି ? ବାବୁ ହସି ଦେଇ କହିଲେ ଆରେ ବାକି ଅଧା କ୍ଷୀର ବି ଦ୍ୱିପହରରେ କୁକୁର ଦି'ଟା ଭାତ ସହ ଖାଆନ୍ତି । ତା' ପରଠୁ ମନୁ ମନ ଖୁସିରେ କ୍ଷୀରରେ ପାଣି ମିଶେଇ ଦିଏ । ବାବୁ ନିଜେ ପିଉଥିଲେ ସିନା ଜାଣିବେ । ହେଲେ ସେ ଏରିଆଟା ପୁରା ଦୂର । ସାଇକେଲରେ ଗୋଟିଏ ଘର ଲାଗି ଯିବା କଷ୍ଟକର । ମନୁ ଦିନେ ମନୋଜ ବାବୁଙ୍କୁ କହିଲା ବାବୁ କାଲିଠୁ ଆଉ ଆସିବିନି, ଆପଣ ଏତେ ଦୂରରେ ଯେ ସାଇକେଲ୍ ମାରି ଆସିବାକୁ ବାଧୁଛି, ତ ଆପଣ ଅଲଗା ବ୍ୟବସ୍ଥା କରନ୍ତୁ । ତା'ପରେ ଆପଣ ଏ ବିଲେଇ କୁକୁରଙ୍କ ଲାଗି କାହିଁକି ଟଙ୍କା ନଷ୍ଟ କରୁଛନ୍ତି । ମନୋଜ ବାବୁ ସେମିତି ଧୀର ସ୍ଥିର ଭାବେ କହିଲେ ତମ ପାଖେ ପା ., ମିନିଟ୍ ଅଛି, ଟିକେ ବସିପାରିବ ? ଇଚ୍ଛା ନ ଥାଇ ବି ମନୁ ବସିଲା ବାରଣ୍ଡାରେ । ନା....ନା... ଏଠି ଘରେ ବସ । ମନୁ ସଂକୋଚ କରି ଭିତରକୁ ଗଲା ସୋଫାରେ ବସିଲା । ମନୋଜ ବାବୁ ରୋଷେଇ ଘର ଆଡେ ପଲେଇଥିଲେ ଆଉ ମନୁ ଘର ସାରା ଆଖି ବୁଲେଇବାରେ ଲାଗିଲା । ଭିତରୁ ବାବୁ ପଚାରିଲେ ତମେ ଚା'ରେ ଚିନି ଖାଅ ତ ମନୁ ! ଆଶ୍ଚର୍ଯ୍ୟ ହେଇ ମନୁ ଜୋର୍‌ରେ ହଁ ଭରିଲା । ମନୋଜ ବାବୁ ହାତରେ ଦୁଇ କପ୍ ଚା' ଧରି ଆସିଲେ ଗୋଟେ ମନୁକୁ ଦେଇ ନିଜେ ନାଲି ଚା କପ୍‌ଟେ ଧରିଲେ । ନିଜେ ନିଜେ କହିଲେ ମତେ କ୍ଷୀର ଖାଇବା ମନା ତ ସେଥିଲାଗି ନାଲି ଚା' ପିଏ । ବାବୁ କହିଲେ ଦେଖ ମନୁ ତମେ ମତେ କ୍ଷୀର ଦେଇସାରି ଏ ଗଳି ମୁଣ୍ଡ ଦୋକାନରେ ଚା' ପିଅ ନା । ମନୁ ଗୋଟେ ଢ଼ୋକ ଚା' ପି ହଁ କହିଲା । ନିଜେ ଦେଇଥିବା ପାଣିଆ କ୍ଷୀରର ଚା' ତଥାପି ଏତେ ଖରାପ ଲାଗୁନଥିଲା । ବାବୁ ସେଥିରେ ଗୁଜୁରାତି-ଅଦା ଦେଇ କରିଥିଲେ .....ମନୋଜ ବାବୁ ଡେରି ନ କରି କହିଲେ ମନୁ କ୍ଷୀର ଦେବା ବନ୍ଦ କରନି, ମୁଁ ଆଉ ଶହେ ଟଙ୍କା ଅଧିକା ଦେବି ଆଉ ତମେ ସେ ଚା' ଦୋକାନରେ ଦଶ ମିନିଟ୍ ଠିଆ ହଉଛି, ସେଠି ନୁହେଁ କାଲିଠାରୁ ମୋ ଘରେ କପେ ଚା' ପିଇବ । ବାସ୍ କେଇ ମିନିଟ୍‌ରେ ମୁଁ ତମକୁ ଚା' କରିଦେବି । ମନେ ମନେ ମନୁ ଭାବିଲା ଆରେ ପାଗଳ ବୁଢ଼ାଟା, କ୍ଷୀର ଲାଗି ଅଧିକା ଟଙ୍କା ପୁଣି କପେ ଭଲ ଚା ! କିଛି ବଡ ସ୍ୱାର୍ଥ ଥିବ ନିଶ୍ଚେ ନ ହେଲେ ଏ ଯୁଗରେ କିଏ ବା ଏମିତି କାହାକୁ ଦୟା କଲାଣି । ସତେକି ମନୋଜ ବାବୁ ଶୁଣି ଦେଲେ... ସଙ୍ଗେ ସଙ୍ଗେ କହିଲେ ମନୁ ମୁଁ ଏଟା ମୋ ସ୍ୱାର୍ଥ ଲାଗି କହୁଛି, ଜାଣ ମୁଁ ତମର ପା., ଦଶ ମିନିଟ୍ ସମୟ କିଣୁଛି । ମନୁର ଆଉ ମନା କରିବାର ନଥିଲା । ଆଉ ତା' ପରଦିନରୁ କ୍ଷୀରରେ କମ୍ ପାଣି ମିଶାଇଲା ନିଜକୁ ଯେ ଚା' ପିଇବାର ଅଛି । ଏମିତି ପ୍ରାୟ ମାସେ ହେବ ଚାଲିଥିଲା । କଥା ଛଳରେ ମନୁ ବୁଝି ନେଇଥିଲା ମନୋଜ ବାବୁ ହୃଦ୍ ରୋଗୀ, ସ୍ତ୍ରୀଙ୍କ ମୃତ୍ୟୁ ପରେ ପୁଅ ବୋହୂଙ୍କ ପାଖେ ନ ରହି ନିଜ ଜାଗାରେ ଏ ଦି' ବଖରା ଆଜବେଷ୍ଟ ଘରେ ରହୁଛନ୍ତି, ପେନସନ୍ ଟଙ୍କାକୁ ହାତ ଗୋଡ ଚାଲୁଛି ତ ବୁଢ଼ା ନିଜେ ନିଜ କାମ କରି ଏମିତି ବିଲେଇ-କୁକୁର ସହ ସମୟ କାଟୁଛି । ଧୀରେ ଧୀରେ ମନୁକୁ ଆଉ ଭଲ ଲାଗିଲାନି ସବୁଦିନ ମନୋଜ ବାବୁଙ୍କ ଘରେ ବସିବାକୁ, ଦିହ ପା' ବେଳେ ନ ଯାଇ ପାରିଲେ। ବୁଢ଼ା ବ୍ୟସ୍ତ ହେଇ ଫୋନ୍ କରିବା, ଅଧିକାର ଥିବା ଭଳି ତାଗିଦ୍ କରିବା, ପୂଜା ପର୍ବରେ ହାତରେ ଟଙ୍କା ଗୁଞ୍ଜି ଦେବା। ଆଗେ ଆଗେ ଭଲ ଲାଗୁଥିଲା, ହେଲେ ଏବେ ବିରକ୍ତ ଲାଗୁଛି। ବୁଢ଼ା ସବୁ ପଚାରିଛି କିନ୍ତୁ ନିଜ ବିଷୟରେ କିଛି କହୁନାହିଁ । ଆଜି ହିସାବ କରି କରି ଆସିବି କି ମୁଁ ଅଲଗା ସହର ଯାଉଛି, ସେ ଆଉ କାହାକୁ ଦେଖନ୍ତୁ । ବୁଢ଼ା ଯେମିତି ମନୁକୁ ଜଗିଥିଲେ, ତାକୁ ଦେଖୁ ଦେଖୁ ହସିଦେଇ କହିଲେ ଆସିଗଲ.. ବସ୍ ମୁଁ ଚା' ଆଣୁଛି । ମନୁ ଟିକେ ରୁଷ୍ଟ ଗଳାରେ କହିଲା ଥାଉ ବାବୁ ମୁଁ ଚା' ପିଇବିନି, ଆଉ କାଲିଠାରୁ ଆସି ପାରିବିନି । ବାପା-ବୋଉଙ୍କ ଦିହ ଭଲ ନାହିଁ ତ ଗାଁକୁ ନେଇ କି ଯିବି । କହୁ କହୁ ମନୁର ଆଖି ମନୋଜ ବାବୁଙ୍କ ଆଖିରେ ମିଶିଲା.. କି କରୁଣ ଚାହାଣୀ ଆପେ ଆପେ ମନୁ ପାଟିରୁ ବାହାରି ଗଲା ବାବୁ ଦିହ ଭଲ ଅଛି ତ ! ଏମିତି କ'ଣ ଦିଶୁଛନ୍ତି । ମନୋଜ ବାବୁ ଭିତରକୁ ଡାକି ବସେଇଲେ । କହିଲେ ମନୁ ତତେ ମୁଁ ଆଉ ବେଶୀ ହଇରାଣ କରିବିନିରେ.... କିଛି ଦିନ ଆସୁଥା, ମୁଁ ନିଜେ ମନା କରିବି ତତେ କହି ଗୋଟେ ବଡ ଧଳା ଲଫାପା ଟେବୁଲ ଉପରୁ ଆଣି ସୋଫା ଗଦିତଳେ ରଖିଲେ । କହିଲେ ମନୁ ଯେଉଁ ଦିନ ତତେ କବାଟ ଫିଟେଇବିନି ତୁ ଏ ଲଫାପା ଖୋଲିବୁ ଆଉ ସେଥିରେ ମୁଁ ଲେଖି ଦେଇଛି ତୁ ଶେଷ ସାହାଯ୍ୟଟେ କରିବୁ ବୋଲି । କହୁ କହୁ ମନୋଜ ବାବୁ ଆଖି ଛଳ ଛଳ କରି ହାତ ଯୋଡିଦେଲେ । ଆଉ ମନୁ ନିଜ ମିଛ ଲାଗି ଲଜ୍ୟା ଅନୁଭବ କରି ଏକା ମୁହାଁ ଦେଖି ଘରୁ ବାହାରିଲା ବେଳେ କହିଲା ହଉ ବାବୁ କାଲି ଦୁଇ କପ୍ ଚା' ପିଇବି ଆଜି ଯାଉଛି । ଦିନ ସାରା ମନୁ ଆଖିରେ ସେ ନିରସ ଚାହାଣୀ ଭାସି ଚାଲିଲା, ସନ୍ଧ୍ୟାରେ ବି ଦୂରରୁ ମନୋଜ ବାବୁଙ୍କ ଘର ଆଡେ

ଦେଖିଲା, କେମିତି ଗୋଟେ ମନ ଭିତରଟା ରୁନ୍ଧି ହେଇଯାଉଥିଲା । ସତେ କେହି ଜଣେ ଖୁବ୍ ଆପଣାର ମଣିଷ ଅଲୋଡା ହେଇ କଷ୍ଟ ପାଉଛି । ସକାଳେ ସମୟ ପୂର୍ବରୁ ମନୋଜ ବାବୁଙ୍କ ଘର ଆଡେ ବାହାରିଲା... ମନୁର ସ୍ତ୍ରୀ ସବୁ ଦିନ ତା'ଠାରୁ ବାବୁଙ୍କ କଥା ଶୁଣେ ଆଉ ସମୟ ଅସମୟ ସାହାଯ୍ୟ ପାଇଥିବାରୁ ସେଦିନ କିଛି ପୁରଦିଆ ମଣ୍ଡା ପିଠା ଦେଇଥିଲା । ମନୁ ଖୁସିରେ ଯାଇ କବାଟ ବାଡେଇଲା.....କବାଟରେ ହାତ ଦେଉ ଦେଉ ଖୋଲିଗଲା, ମନୋଜ ବାବୁ ପଡ଼ା ଟେବୁଲ୍‌ରେ ମୁଣ୍ଡ ମାଡି ବସିଥିଲେ । ବୋଧେ ଶୋଇପଡିଛନ୍ତି,ପ୍ରଥମ ଥର ମନୁ ଖୁସିରେ ଭିତରକୁ ପଶୁ ପଶୁ କହୁଥିଲା ବାବୁ ଆପଣଙ୍କ ଲାଗି ମିଠା ପିଠା ପଠେଇଛି । ହେଲେ ବାବୁ ଉ ର ଦେଲେନି, ପାଖକୁ ଯାଇ ହାତ ମାରେ ତ ଦେହ ପୁରା ବରଫ, ବୁଦ୍ଧି ହଜିଗଲା ମନୁର ବାହାରକୁ ଧାଇଁ ଯାଇ ଡାକ ପକେଇଲା, କୋଣ ଜାଗା ତ... କାଁ-ଭାଁ ଲୋକ ଆସିଲେ । ମନୋଜ ବାବୁଙ୍କ ଫୋନ୍‌ଟା ଆଡେଇଲେ କି ବନ୍ଧୁ-ପରିଜନଙ୍କ ନମ୍ବର ପାଇବେ, ହେଲେ ମନୁ ଛଡା ଏ ଫୋନ୍‌ରେ ନା କିଛି ନମ୍ବର ଅଛି ନା କିଛି ଫୋନ୍ ଯିବା-ଆସିବା । ମନୁକୁ ଅନ୍ଧାର ଦିଶୁଥାଏ କ'ଣ କରିବ । ମନେ ପଡିଲା ସୋଫା ତଳ ଲଫାପା.... ଖୋଲିଲା.... ପାଖରେ ବେଶ୍ କିଛି ଲୋକ ଜମା ହେଇ ସାରିଥିଲେ । କିଛି କୋର୍ଟ ପେପର ଆଉ ଖଣ୍ଡେ ଚିଠି । ପାଖରେ ଥିବା ଜଣେ ଲୋକ ଚିଠିଟି ନେଇ ବଡ ପାଟିରେ ପଢ଼ିଲା.... ମନୁରେ.... ତୁ ଏ ଚିଠି ପଢ଼ିଲା ବେଳକୁ ମୁଁ ନଥିବି.... ତୁ ସବୁବେଳେ ପଚାରୁଥିଲୁ ମୋର ପରିବାର କଥା, ମୋର କେହି ନାହିଁରେ.... ସରକାରୀ କ୍ୱାର୍ଟରରେ ଜୀବନ କଟିଲା, ଗୋଟିଏ ପୁଅ ତାକୁ ସମାଜରେ ପ୍ରତିଷ୍ଠିତ କରିବା ଛଡା ଆମ ବାପା-ମାଙ୍କର ଆଉ କିଛି ନଥିଲା । ତା ଖୁସିରେ ଆମେ ଖୁସି ଥିଲୁ । ସେ ଏବେ ବଡ ଡାକ୍ତର- ଏଇ ଭୁବନେଶ୍ୱରର ଦାମୀ ଆପାର୍ଟମେ ରେ ତା ପିଲା-ସ୍ତ୍ରୀ ସହ ରହେ । ତା'ର ପିଲା ହେବା ବେଳକୁ ଗୋଟେ ଧାଇ ମା' ଦରକାର ଥିଲା ତ ଆମ ବୁଢ଼ା-ବୁଢ଼ୀଙ୍କୁ ନେଇ ସାଙ୍ଗରେ ରଖିଲା । ମା' ତାର ଘର ଗୋଟା କାମକୁ ତା' ପିଲାର କାମ ସବୁ କଲା । ଆଉ ମୁଁ ହାଟ-ବଜାର କାମ । ବଡ ଡାକ୍ତର କିନ୍ତୁ ବାପା-ମାଙ୍କ ଦେହ କେବେ ଦେଖିପାରିଲାନି କି ମନ.... ମା' ତା'ର ନିମୋନିଆରେ ଘରେ ପଡି ପଡି ଚାଲିଗଲା । ଆଉ ମୋର ପ୍ରଥମ ହାର୍ଟ ଆଟାକ୍ ପରେ ପ୍ରତି ମିନିଟ୍ ବହୁର କଟୁ ବାକ୍ୟ "ଏ ରୋଗଣା ବୁଢ଼ା ମୋ ଉପରେ ବୋଝ" । ପୁଅ ବି କିଛି କୁହେନି, ଦୁଇ ବେଳା ଖାଇ ଘରେ ଗୋଟେ ଅଲୋଡା ବସ୍ତା ପରି ଥିଲି । ପେନସନ୍ ଟଙ୍କାରେ ମୋର ଏ ଜାଗା ଉପରେ ଆଜବେଷ୍ଟ ଘରଟେ କରି ପଲେଇ ଆସିଲି । ପୁଅକୁ ମୋ ଫୋନ୍ ନମ୍ବର ଲେଖି ଦେଇ ଆସିଥିଲି କି ଯେବେ ବାପା ବୋଲି ମନେ ପଡେ ଡାକିବୁ ମୁଁ ପଲେଇ ଆସିବି । ହେଲେ ସେ କହିଥିଲା ବାପା ସେ ଜାଗାଟା ବିକିଲେ ଗୋଟେ କୋଟି ଟଙ୍କା ହବ, ତମେ ଏଇଠି ରୁହ ସେଟା ବେକାର କରିବ କାହିଁକି ? ମୁଁ ନିଜର କ୍ଲିନିକ୍ କରିବି ତ ସେ ଜାଗା ବିକି ଦିଅ । ମୁଁ କିଛି ନ ଶୁଣି ପଲେଇ ଆସିଲି । ଏଠି ଆସିବା ଦୁଇବର୍ଷ ହେଲା.... ଏ ଅଲୋଡା ମଣିଷଟାର ଏଇ ବୁଲା ବିଲେଇ-କୁକୁର ସାଥି । ମନୁରେ ତମ ଦଶମିନିଟ୍ ବଦଳେ କପେ ଚା' ଆଉ ଶହେ ଟଙ୍କା ତମେ ନିଅ । ଆଉ ଆଜି ମୋ ଶେଷ କୃତ୍ୟ କରିବ, ତା' ବଦଳେ ଏ ଜାଗା ମୁଁ ତମ ନାଁରେ କଲି.....ଏଇଠି ଆସି ରହିବ ସେ ବସ୍ତି ଛାଡି.... ଏ ଅଲୋଡା ମଣିଷର ସାଥିମାନଙ୍କୁ ଦେଖୁଥିବ.... ତମକୁ ମୋ ପୁଅ ଭଳି କହି ଅପମାନିତ କରିବିନି.... ତମେ ଏ ଅଲୋଡା ମଣିଷର ଶେଷ ସନ୍ତକ ମନୁ.....ଇତି ତମ ବାବୁ...

ଅମୃତ ଦୁନିଆ
୩୦ ମାର୍ଚ୍ଚ ୨୦୨୪

ବିସିକେଆଇସି ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି ଅଗ୍ରଣୀ ଶିଳ୍ପ ସଂସ୍ଥା ଆଇଇଏସ୍‌ଏ

ଭୁବନେଶ୍ୱର, (ବ୍ୟୁରୋ) : ଭାରତରେ କ୍ଲିନ୍‌ଟେକ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ଶକ୍ତି କ୍ଷେତ୍ରରେ ସୂଚନାର ଆଦାନପ୍ରଦାନକୁ ମଜଭୁତ କରିବା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଇଣ୍ଡିଆ ଏନର୍ଜି ଷ୍ଟୋରେଜ ଆଲିଆନ୍ସ (ଆଇଇଏସ୍‌ଏ), ଓଡିଶାର ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେଶନ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହି ସହଭାଗିତାର ମୂଳ ଉଦ୍ଦେଶ୍ୟ ହେଉଛି ସଦସ୍ୟ ସଂସ୍ଥା ଆଇଇଏସ୍‌ଏ ଓ ବିସିକେଆଇସିର ଶିଳ୍ପ ପେସାଦାରମାନଙ୍କ ମଧ୍ୟରେ ପରସ୍ପର ସହିତ ଏବଂ ଗବେଷଣା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଜନହିତକାରୀ ସଂସ୍ଥା ଓ ଲୋକମାନଙ୍କ ଭଳି ବାହ୍ୟ ହିତାଧିକାରୀଙ୍କ ସହ ଯୋଗାଯୋଗ ବୃଦ୍ଧି କରି ଏକ ମିଳିତ ବିଜ୍ଞାନ ଓ ଟେକ୍ନୋଲୋଜି ଇକୋସିଷ୍ଟମ ସୃଷ୍ଟି କରିବା। ଆଇଇଏସ୍‌ଏର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବୀ ପ୍ରସାଦ ଦାସ ଏବଂ ବିସିକେଆଇସିର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ସୁଆରଙ୍କ ମଧ୍ୟରେ ବିସିକେଆଇସିର ସିଇଓ ଡଃ ନମ୍ରତା ମିଶ୍ର ଏବଂ କିଟ୍-ଟିବିଆଇର ଟେକ୍ନୋଲୋଜି ଟ୍ରାନ୍ସଫର ଅଫିସ୍‌ର ସହଯୋଗୀ ଡଃ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ନୂତନ ସହଭାଗିତା କ୍ଲିନ୍‌ଟେକ ଓ କ୍ଲିନ ଏନର୍ଜି କ୍ଷେତ୍ରରେ ସୂଚନାର ଆଦାନପ୍ରଦାନ ବୃଦ୍ଧି କରିବା, ଟେକ୍ନୋଲୋଜି

ସହଭାଗିତାକୁ ବିସ୍ତାର କରିବା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇ ଅନୁଷ୍ଠାନର ବିଶେଷଜ୍ଞତାକୁ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛି। ଦୁଇ ଅନୁଷ୍ଠାନ ଭବିଷ୍ୟତରେ ଏହି କ୍ଷେତ୍ରରେ ଷ୍ଟାର୍ଟଅପ୍ ଓ ଉଦ୍ଭାବନକୁ ସମର୍ଥନ କରିବା ପାଇଁ ଶକ୍ତି, ଶକ୍ତି ରୂପାନ୍ତରଣ ଓ ଗ୍ରୀନ ହାଇଡ୍ରୋଜେନ ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। ଉଭୟ ସହଯୋଗୀ ୟୁଏସ୍‌ଏ, ୟୁକେ ଓ ଇୟୁରେ ଆ'ର୍ଜାତୀୟ ପ୍ରତିପକ୍ଷଙ୍କ ସହ ମିଶି କାର୍ଯ୍ୟ କରିବେ। ଏହି ସହଭାଗିତା ସମ୍ପର୍କରେ ଆଇଇଏସ୍‌ଏର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବୀ ପ୍ରସାଦ ଦାସ କହିଛନ୍ତି, ' ଏହି ସହଭାଗିତା ଶିଳ୍ପ-ନିର୍ଦ୍ଦିଷ୍ଟ ଆହ୍ୱାନଗୁଡିକର ସମାଧାନ କ୍ଷେତ୍ରରେ ନିୟୋଜିତ ହେବ ଏବଂ ଶିଳ୍ପ ଆବଶ୍ୟକତା ସହ ଜଡିତ ଷ୍ଟାର୍ଟଅପ ଓ ଉଦ୍ଭାବକଙ୍କଠାରୁ ଉଦ୍ଭାବନଗୁଡିକୁ ଅନ୍ୱେଷଣ କରିବ। ଆଇଇଏସ୍‌ଏ ଅତ୍ୟାଧୁନିକ ଆଡ୍‌ଭାନ୍ସଡ ରିସର୍ଚ୍ଚ ଫ୍ୟାସିଲିଟି ଓ ଭିତିଭୂମିର ବିକାଶକୁ ସମର୍ଥନ କରିବ।' ସେହିପରି ବିସିକେଆଇସିର ଅଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର କହିଛନ୍ତି, 'ଏହି ସହଭାଗିତା ଟେକ୍ନୋଲୋଜି ଟ୍ରାନ୍ସଫର ପ୍ରୋଗ୍ରାମ ସ୍ଥାପନ କରି ଆଂଚଳିକ ପ୍ରଭାବ ସୃଷ୍ଟି କରିବ ଯାହା ସ୍ଥାନୀୟ ଅନୁଷ୍ଠାନଗୁଡିକର ଗବେଷଣା ଫଳାଫଳର ବାଣିଜ୍ୟିକୀକରଣକୁ ସକ୍ଷମ କରିବ। ଏହା ଓଡିଶାରେ ଷ୍ଟେଟ୍-ଅଫ୍-ଦ-ଆର୍ଟ ଆଡ୍‌ଭାନ୍ସଡ କ୍ଲିନ୍‌ଟେକ ରିସର୍ଚ୍ଚ ଓ ମାନୁଫ୍ୟାକ୍‌ଚରିଂ ଫ୍ୟାସିଲିଟିଗୁଡିକର ବିକାଶରେ ସହଯୋଗ କରିବ।'

ଭୁବନେଶ୍ୱରକୁ ଅଥେଂଟିକ ଥାଇ କୁଜିନ ଓ ବିଳାସପୂର୍ଣ୍ଣ ବାର୍ କଲ୍‌ଚର ଆଣିଛି ଲାଇଫ୍ ହୋଟେଲ୍ସ

ଭୁବନେଶ୍ୱର, (ବ୍ୟୁରୋ) : ଲାଇଫ୍ ହୋଟେଲ୍ସ ଭୁବନେଶ୍ୱର ଆଜି ଏହାର ନୂଆ ଫାଇନ୍-ଡାଇନିଂ ଥାଇ ରେଷ୍ଟୁରାଂଟ୍ 'ସ୍ୱିଟ୍ ବେଜିଲ' ଏବଂ ହ୍ୟାଣ୍ଡକ୍ରାଫ୍ଟେଡ କକ୍‌ଟେଲ ଓ ରିଫ୍ରେଶ୍‌ମେଂଟ୍ ପ୍ରଦାନ କରୁଥିବା 'ମୋଜୋ ବାର୍'ର ଗ୍ରାଣ୍ଡ ଓପ୍‌ନିଂ ସମ୍ପର୍କରେ ଘୋଷଣା କରି ଆନନ୍ଦିତ। ଏକ୍ସପାଟ୍ ଥାଇ ସେଫ୍ ସାରା ପାନିସାରାଙ୍କ ଦ୍ୱାରା ପରିଚାଳିତ ଏହି ରେଷ୍ଟୁରାଂଟ ଫାଇନ୍ ଡାଇନିଂ କ୍ଷେତ୍ରରେ ଲାଇଫ୍ ହୋଟେଲ୍ସର ପ୍ରଥମ ଭେଂଚର୍‌କୁ ଚିହ୍ନିତ କରିଛି, ଯାହା ଥାଇଲ୍ୟାଣ୍ଡର ପ୍ରକୃତ ସ୍ୱାଦକୁ ମହତ୍ୱ ଦେଉଛି। ଭୁବନେଶ୍ୱରକୁ ଥାଇଲ୍ୟାଣ୍ଡର ଆକର୍ଷଣୀୟ ସ୍ୱାଦ ଓ ଆତିଥ୍ୟ ସହ ପରିଚିତ କରିବା ଉପରେ ଏକ ଗୁରୁତ୍ୱ ସହିତ ଏହି ହୋଟେଲ ଅତିଥିମାନଙ୍କୁ ଏକ ସ୍ମରଣୀୟ ଖାଦ୍ୟ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ପ୍ରଥମ ମହଲାରେ ଅବସ୍ଥିତ ସ୍ୱିଟ୍ ବେଜିଲ ଓ ମୋଜୋ ବାର୍‌ର ବିସ୍ତୃତ ଡାଇନିଙ୍ଗ୍ ସ୍ପେଶ ବାଧାମୁକ୍ତ ଭାବେ ରେଷ୍ଟୁରାଂଟ୍ ଓ ବାର୍ ଅଂଚଳକୁ ପୃଥକ୍ କରୁଛି, ଯାହାକି ୧୭୫ ବର୍ଗମିଟର ଅଂଚଳକୁ କଭର କରିବା ସହିତ ୯୦ ଜଣ ଅତିଥିଙ୍କ ପାଇଁ ସିଟ୍ ବ୍ୟବସ୍ଥା ପ୍ରଦାନ କରୁଛି। ସ୍ୱିଟ୍ ବେଜିଲ

ମେନ୍ୟୁରେ କ୍ଲାସିକ ଥାଇ ଡିସ୍‌ଗୁଡିକର ଏକ ବିବିଧ ଶୃଙ୍ଖଳା ଓ ସେଫ୍ ପାନିସାରାଙ୍କ ପସନ୍ଦର ଡିସ ଯେପରିକି 'ଟମ୍ ୟମ୍ କୁଙ୍ଗ୍' ଓ 'ଟମ୍ ୟମ୍ ପାକ୍' ସାମିଲ ରହିଛି, ଯାହା ଭୁବନେଶ୍ୱରର କେନ୍ଦ୍ରରେ ଏକ ବାସ୍ତବ ନିମଜ୍ଜିତ ଖାଦ୍ୟ ଅନୁଭୂତି ସୁନିଶ୍ଚିତ କରୁଛି। ଏସମ୍ପର୍କରେ ଲାଇଫ୍ ହୋଟେଲ୍ସ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ପ୍ରକାଶ ଶଙ୍କର କହିଛନ୍ତି, ' ଭୁବନେଶ୍ୱରରେ ଲାଇଫ୍ ହୋଟେଲ୍ସରେ ସ୍ୱିଟ୍ ବେଜିଲ ଓ ମୋଜୋ ବାର୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଆମେ ଉତ୍ସାହିତ ଅଛୁ। ଏହି ଉତ୍ସାହଜନକ ନୂଆ ଭେନ୍ୟୁଗୁଡିକ ଚମତ୍କାର ଡାଇନିଂ ଓ ବେଭରେଜ ଅନୁଭୂତି ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତା ପ୍ରତି ଏକ ପ୍ରମାଣ ଅଟେ। ଆମର ସିଗ୍ନେଚର ଡିସ୍‌ଗୁଡିକରେ ପ୍ରକୃତ ଥାଇ ସ୍ୱାଦର ଆରମ୍ଭ କରି, ଆମେ ସହରରେ ଆମର ସମ୍ମାନିତ ଗ୍ରାହକମାନଙ୍କ ଡାଇନିଂ ଅନୁଭୂତିକୁ ଉନ୍ନତ କରିବାକୁ ଆଶା ରଖିଛୁ। ସ୍ୱିଟ୍ ବେଜିଲରେ ସେଫ୍ ପାନିସାରାଙ୍କ କଳିନାରୀ ଟିମ୍‌ର ନେତୃତ୍ୱ ଏବଂ ମୋଜୋ ବାର୍‌ରେ ଆମର ଅଭିନବ କକ୍‌ଟେଲ ଅଫରିଂଗୁଡିକ ସହିତ ଆମେ ନିଶ୍ଚିତ ଯେ, ଉଭୟ ସ୍ଥାନୀୟ ଓ ହୋଟେଲ ଅତିଥିମାନେ ଏହି ନୂଆ ଭେନ୍ୟୁଗୁଡିକୁ ପସନ୍ଦ କରିବେ।'

ଏସ୍‌ବିଆଇ କାର୍ଡ ଓ ଟାଇଟାନ୍ ପକ୍ଷରୁ ଟାଇଟାନ୍ ଏସ୍‌ବିଆଇ କାର୍ଡ ଶୁଭାରମ୍ଭ

ଭୁବନେଶ୍ୱର, (ବ୍ୟୁରୋ) : ଭାରତର ସର୍ବବୃହତ୍ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସ୍‌ବିଆଇ କାର୍ଡ ଗହଣା, ଘଣ୍ଟା, ଚଷମା ଏବଂ ସ୍ୱଦେଶୀ ପରିଧାନ ବର୍ଗରେ ଏକ ଅଗ୍ରଣୀ କମ୍ପାନୀ ଟାଇଟାନ୍ କମ୍ପାନୀ ଲିମିଟେଡ ସହଭାଗୀତାରେ ଟାଇଟାନ୍ ଏସ୍‌ବିଆଇ କାର୍ଡ ଆଜି ପ୍ରଚଳନ କରିଛି। ଏହି ଧରଣର ଏକମାତ୍ର ସପିଙ୍ଗ କ୍ରେଡିଟ କାର୍ଡ ଗ୍ରାହକଙ୍କର ଆକାଂକ୍ଷୀ ଖର୍ଚ୍ଚ ଆବଶ୍ୟକତା ପ୍ରତି ଧ୍ୟାନ ଦେବାକୁ ଡିଜାଇନ କରାଯାଇଛି। ଟାଇଟାନ୍ ଏସ୍‌ବିଆଇ କାର୍ଡ ବହୁବିଧ ଲାଇଫଷ୍ଟାଇଲ ବର୍ଗରେ ଖର୍ଚ୍ଚ ଉପରେ ତ୍ୱରିତ ଫାଇଦା ଯୋଗାଇ ଦେଉଛି। କ୍ୟାସ୍‌ବ୍ୟାକ, ଟାଇଟାନ୍ ଗିଫ୍ଟ ଭାଉଚର ଓ ରିଓ୍ୱାର୍ଡ ପଏଣ୍ଟ ସମେତ ଅନେକ ବୈଶିଷ୍ଟ୍ୟ ଥିବା ଏହି କାର୍ଡଧାରୀମାନେ ବାର୍ଷିକ ୨,୦୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ୱତନ୍ତ୍ର ଫାଇଦାର ସୁଯୋଗ ନେଇପାରିବେ। ଜଣେ ଏସ୍‌ବିଆଇ କାର୍ଡକୁ ଅଥବା ଟାଇଟାନ୍ ଷ୍ଟୋରକୁ ଯାଇ SBI Card SPRINT ଜରିଆରେ ସମ୍ପୂର୍ଣ୍ଣ ଭାବରେ ଡିଜିଟାଲ ପଦ୍ଧତିରେ ଏହି କାର୍ଡ ପାଇଁ ନାମ ପିକ୍ଚର କରିପାରିବେ। ଟାଇଟାନ୍ ଏସ୍‌ବିଆଇ କାର୍ଡ, ଏହି ଶିଳ୍ପରେ ପ୍ରଥମ କୋ-ବ୍ରାଣ୍ଡ କାର୍ଡ ଗହଣା, ଘଣ୍ଟା

ଏବଂ ଚଷମା ଆଦି ଭଳି ଉଚ୍ଚ ମୂଲ୍ୟ ବିଶିଷ୍ଟ ବର୍ଗରେ ଖର୍ଚ୍ଚ ଉପରେ ଫାଇଦା ଦେବାକୁ ଅତ୍ୟ' ଚି'ାଶୀଳ ଭାବରେ ପ୍ରସ୍ତୁତ କରାଯାଇଛି। ଏହି କାର୍ଡ ଘଣ୍ଟା ବର୍ଗରେ ଟାଇଟାନ୍, ମହିଳା ସ୍ୱଦେଶୀ ପରିଧାନ ବର୍ଗରେ ତନେଇରା, ଚଷମା ବର୍ଗରେ ଟାଇଟାନ୍ ଆଇପ୍ଲସ୍ ଏବଂ ଅନ୍ୟ ଅଣ ଗହଣା ଟାଇଟାନ୍ ବ୍ରାଣ୍ଡଗୁଡିକ ଉପରେ ୭.୫% କ୍ୟାସ୍‌ବ୍ୟାକ ପ୍ରଦାନ କରୁଛି। ଗହଣା ବର୍ଗରେ ମଧ୍ୟ ଏହି କାର୍ଡ ଏହି ଧରଣର ପ୍ରଥମ ଭାବରେ ଗହଣା କିଣାକିଣିକୁ ଗ୍ରାହକଙ୍କ ନିମନ୍ତେ ଆକର୍ଷଣୀୟ ଏବଂ ତତ୍‌ସହିତ ପୁରସ୍କୃତ ହେବା ସୁନିଶ୍ଚିତ କରୁଛି। କାର୍ଡଧାରୀମାନେ ଯେତେବେଳେ ମିଆ, କାରାଟ୍‌ଲେନ ଏବଂ ଜୋୟା ରୁ ସେଗୁଡିକର ଅଫ୍‌ଲାଇନ ଓ ଅନ୍‌ଲାଇନ ଷ୍ଟୋରଗୁଡିକରୁ ଟାଇଟାନ୍ ଏସ୍‌ବିଆଇ କାର୍ଡ ଜରିଆରେ କିଣାକିଣି କରିବେ ସେତେବେଳେ ୫% କ୍ୟାସ୍‌ବ୍ୟାକ୍ ନିମନ୍ତେ ଯୋଗ୍ୟ ହେବେ। ଏଥିସହିତ ତନିଷ୍କରୁ କିଣାକିଣି ଉପରେ ସେମାନେ ଖର୍ଚ୍ଚର ୩% ତତ୍ତୁଲ୍ୟ ଟାଇଟାନ୍ ଗିଫ୍ଟ ଭାଉଚର ପାଇବେ। ଏହାର ଶୁଭାରମ୍ଭ ଅବସରରେ ପ୍ରକାଶ କରି ଶ୍ରୀ ଅଭିଜିତ ଚକ୍ରବର୍ତ୍ତୀ, ଏମ୍‌ଡି ଓ ସିଇଓ, ଏସ୍‌ବିଆଇ କାର୍ଡ କହିଥିଲେ, 'ଆକାଂକ୍ଷୀ ଜୀବନଶୈଳୀ ଏବଂ ଉତ୍ପାଦଗୁଡିକ ନିମଟ' ଭାରତୀୟ ଗ୍ରାହକଙ୍କର ବର୍ଦ୍ଧିତ ପ୍ରବୃତ୍ତି ରହୁଛି। ଆମେ ଏକ ସ୍ପେଶାଲାଇଜ୍‌ଡ କ୍ରେଡିଟ କାର୍ଡ ଟାଇଟାନ୍ ଏସ୍‌ବିଆଇ କାର୍ଡ ପ୍ରଚଳନ କରିବା ନେଇ ଆନନ୍ଦିତ ଅଛୁ ଯାହା ଆମ ଗ୍ରାହକଙ୍କର ଜୀବନଶୈଳୀ ଆଧାରିତ ଖର୍ଚ୍ଚ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଛି। ଏହି କାର୍ଡ ପ୍ରଚଳନ ଆମ ପାଇଁ ଅନେକ ଗୁରୁତ୍ୱ ରଖୁଛି କାରଣ ଏହା ପ୍ରିମିୟମ୍ ରିଟେଲ ବର୍ଗରେ ଏକ ବୃହତ୍ କମ୍ପାନୀ ଟାଇଟାନ୍ ସହିତ ଆମର ସହଭାଗୀତାର ଶୁଭାରମ୍ଭକୁ ସୂଚାଉଛି।

ସୋଚ୍‌ର ନୂଆ ସ୍ପ୍ରିଙ୍ଗ ସମର୍ କଲେକ୍ସନ ୨୦୨୪ ସହ ସାଇନ୍ କରନ୍ତୁ

ଭୁବନେଶ୍ୱର, (ବ୍ୟୁରୋ) : ଭାରତର ଅଗ୍ରଣୀ ଇଭନିଙ୍ଗ୍ ଓ ଅକେଜନ ୱେୟାର ବ୍ରାଣ୍ଡ୍ ସୋଚ୍ ପକ୍ଷରୁ ଏହାର ନୂତନ ସ୍ପ୍ରିଙ୍ଗ ସମର୍ କଲେକ୍ସନ ୨୦୨୪ ଲଂଚ୍ କରାଯାଇଛି। ଏହି ନୂତନ କଲେକ୍ସନରେ ଫ୍ୟାବ୍ରିକ୍ ଓ ଷ୍ଟାଇଲର ଏକ ଶୃଙ୍ଖଳା ଅ'ର୍ଭୁକ୍ତ ରହିଛି ଯାହା ସ୍ୱତନ୍ତ୍ର ଏଥିନିକ ଫ୍ଲେୟାର ସହ ଆପଣଙ୍କ ସମର୍ ୱାର୍ଡରୋବ୍‌କୁ ଉନ୍ନତ କରିବା ପାଇଁ ପ୍ରତିଶ୍ରୁତି ଦେଉଛି। ଏହି କଲେକ୍ସନ ହେଉଛି ଇଣ୍ଡିଗୋ ହ୍ୟୁସ୍, ଷ୍ଟିଫ୍‌ଲି ଚିକ୍, କୋଟା କଟୋର୍, ଇଭୋରି ଏଲିଗାନ୍ସ, ବ୍ରିଜି ଥ୍ରେଡ୍‌ସ ଓ ଭିଭିଡ୍ ବ୍ଲୁମ୍ ସମେତ ଥିମ୍‌ଗୁଡିକର ଏକ କ୍ୟୁରେଟେଡ ପ୍ୟାଲେଟ୍। ପ୍ରତ୍ୟେକ କଲେକ୍ସନ ଏଥିନିକ୍ ୱେୟାର ଉପରେ ଏକ ସତେଜ ଦୃଷ୍ଟିକୋଣର ପ୍ରତିଶ୍ରୁତି ଦେଉଛି, ଯାହାକୁ ବର୍ତମାନ ସମୟର ମହିଳାମାନଙ୍କ ପାଇଁ ଆଧୁନିକ ପୋଷାକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି କ୍ୟୁରେଟେଡ୍ କଲେକ୍ସନ ବ୍ୟତୀତ ସୋଚ୍‌ର ଡିଜାଇନ୍‌ଗୁଡିକ ଏକ ଚି'ାଶୀଳ ଶୃଙ୍ଖଳା ଦ୍ୱାରା ପରିପୂର୍ଣ୍ଣ ହୋଇଛି ଯାହା ଶାଢୀ, ଚୁଡିଦାର ସେଟ୍, ଡ୍ରେସ, କୂର୍ତ୍ତା, କାଫ୍‌ତାନ ଓ ଲେହେଙ୍ଗାକୁ ସମ୍ପୃସାରିତ ହୋଇଛି। ଏହି ବିସ୍ତୃତ କଲେକ୍ସନ ସହ ସୋଚ୍ ପ୍ରତ୍ୟେକ ମହିଳାଙ୍କ ଏଥିନିକ ଓ କଂଟେମ୍ପରାରୀ ଫ୍ୟାଶନ ଆବଶ୍ୟକତା ପାଇଁ ଏକ ଏକକ ଗ'ବ୍ୟସ୍ତୁଳୀ ଭାବେ ବଜାୟ ରହିଛି। ଏହାର ଭିତ୍ତିଭୂମି ବ୍ଲୁମ୍‌ସ କଲେକ୍ସନରେ ଏହାର ସମସ୍ତ ଲୁକ୍‌ରେ ଏକ ରଙ୍ଗୀନ ଡିଜାଇନ ଓ ଶୈଳୀ ସହିତ ,କ

ମଜାଦାର ଓ କଳାତ୍ମକ ପ୍ରବୃତ୍ତି ରହିଛି। ଏହି କଲେକ୍ସନ ଆପଣଙ୍କ ୱାର୍ଡରୋବ୍‌କୁ ଗ୍ରୀଷ୍ମ ଋତୁର ଉଜ୍ଜ୍ୱଳ ରଙ୍ଗଗୁଡିକ ସହ ଫ୍ଲୋରାଲ ପ୍ରିଂଟଗୁଡିକର ଏକ ମିଶ୍ରଣ ଆଣିଛି, ଯାହା ଏକ ନିର୍ଭୀକ ଓ ଦୁଃସାହସିକ ଫ୍ୟାଶନ ପ୍ରବୃତ୍ତିକୁ ପ୍ରୋତ୍ସାହିତ କରୁଛି। ଶାଢୀ, ଚୁଡିଦାର ସେଟ୍ ଓ କୂର୍ତ୍ତା ସେଟ୍, ଇଭୋରି ଏଲିଗାନ୍ସର ଏକ ଚମତ୍କାର ମିଶ୍ରଣ ସହିତ ଗ୍ରୀଷ୍ମ ଋତୁର ସମସ୍ତ ଉତ୍ସବ ଓ ଅବସରଗୁଡିକ ପାଇଁ ନିଜର ସମର୍ ୱାଇଟ୍‌କୁ ଷ୍ଟାଇଲରେ ପୁନଃପରିକଳ୍ପନା କର', ଯାହାକୁ ଆପଣଙ୍କର ଡେ-ଟୁ-ନାଇଟ ଟ୍ରାଏସ ପାଇଁ ବାଧାମୁକ୍ତ ଭାବେ ନିର୍ମାଣ କରାଯାଇଛି ଏବଂ ଏହା ଆଗାମୀ ପାର୍ବଣ ଋତୁ ପାଇଁ ମଧ୍ୟ ଉପଯୁକ୍ତ ଅଟେ। ଏହାର ଷ୍ଟିଫ୍‌ଲି ଚିକ୍ କଲେକ୍ସନ ସୂକ୍ଷ୍ମ କାର୍ଯ୍ୟର ଉତ୍କୃଷ୍ଟତାକୁ ଟ୍ରେଣ୍ଡି ଡିଜାଇନ, ସୂକ୍ଷ୍ମ ବିବରଣୀ ଓ ବିଳାସପୂର୍ଣ୍ଣ କରିଗରୀ ସହ ସମ୍ମିଶ୍ରଣ କରିଛି। ଏହି କଲେକ୍ସନ ଏମ୍ବ୍ରୟଡୋରୀ ଓ ପ୍ରିଂଟ୍‌ଗୁଡିକର ମିଶ୍ରଣର କାଳଜୟୀ ଆକର୍ଷଣ ପ୍ରତି ଏକ ସତେଜ ମହତ୍ୱ ଆଣିଛି। ପ୍ରତ୍ୟେକ ଷ୍ଟାଇଲ ସୁସଜ୍ଜିତ ଡିଜାଇନଗୁଡିକରେ ଉଜ୍ଜ୍ୱଳ ଫ୍ଲୋରାଲ ପ୍ରିଂଟ୍‌ର ପ୍ରୟାସହୀନ ମିଶ୍ରଣକୁ ଉପସ୍ଥାପନ କରୁଛି। ହାଲୁକା ଓ ଆରାମଦାୟକ ଫ୍ୟାବ୍ରିକ୍‌କୁ ଗ୍ରହଣ କରି ଏହାର ବ୍ରିଜି ଥ୍ରେଡ୍‌ସ ଓ କୋଟା କଟୌର କଲେକ୍ସନ ଏକ ଆକର୍ଷଣୀୟ ଆବେଦନକୁ ହାଇଲାଇଟ କରୁଛି, ଷ୍ଟାଇଲ ଉପରେ ସାଲିସ୍ ନକରି ଆରାମ ଉପରେ ଗୁରୁତ୍ୱ ଦେଉଛି। ଏହି କଲେକ୍ସନ ପାଷ୍ଟେଲ ଟୋନ୍‌ରେ ବିଭିନ୍ନ ଷ୍ଟାଇଲ ସହିତ ଗ୍ରୀଷ୍ମ ଋତୁ ପାଇଁ ଉପଯୁକ୍ତ ଥିବା ଏକ ଶୃଙ୍ଖଳା ପ୍ରଦାନ କରୁଛି ଯାହା ଗ୍ରୀଷ୍ମର ଉତାପକୁ ଷ୍ଟାଇଲ ଓ ଗ୍ରେସ୍‌ର ସହ ଅତିକ୍ରମ କରିଥାଏ।

କୋଟିଆରେ ଆଗାମୀ ନିର୍ବାଚନରେ ଆନ୍ଧ୍ର ହସ୍ତକ୍ଷେପ ବନ୍ଦ କରିବାକୁ ଦାବି

ଭୁବନେଶ୍ୱର, (ବ୍ୟୁରୋ) : କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ଏବଂ ପାର୍ବତୀପୁର ଜିଲ୍ଲା ପ୍ରଶାସନ ବାରମ୍ବାର ହସ୍ତକ୍ଷେପ କରି ଅଶାନ୍ତି ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ଏହି ଅଞ୍ଚଳର ଗରିବ ଜନସାଧାରଣଙ୍କୁ ବିଭିନ୍ନ ଲୋଭନୀୟ ଜନକଲ୍ୟାଣକାରୀ ଯୋଜନା ଜରିଆରେ ନିଜ ଆଡକୁ ଆକର୍ଷିତ କରି ନେବାପାଇଁ ଆନ୍ଧ୍ର ପ୍ରଶାସନର ଉଦ୍ୟମ ଅବ୍ୟାହତ ରହିଛି । ରାସ୍ତା, ବିଜୁଳି, ପିଇବା ପାଣି, ସ୍ୱାସ୍ଥ୍ୟସେବା, ମାଗଣା ଚାଉଳ, ବାର୍ଦ୍ଧକ୍ୟ ଭତା, ବିଧବା ଭତା ଠାରୁ ଆରମ୍ଭ କରି ପିଲାମାନଙ୍କର ପାଠପଢା ପାଇଁ ବିଭିନ୍ନ ଲୋଭନୀୟ ସ୍କିମ୍ ଜରିଆରେ ଆନ୍ଧ୍ର ଏହି ଲୋକମାନଙ୍କୁ ନିଜ ଆଡକୁ ଟାଣିବାକୁ ଉଦ୍ୟମ କରୁଛି । ଆଗାମୀ ସାଧାରଣ ନିର୍ବାଚନରେ ଆନ୍ଧ୍ର ସରକାର କୋଟିଆବାସୀଙ୍କୁ ନିଜ ସପକ୍ଷରେ ଅଧିକ ଭୋଟ୍‌ଦାନ ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ସ୍ଥାନୀୟ କୋରାପୁଟ ଜିଲ୍ଲା ପ୍ରଶାସନ ଓ ପଟାଙ୍ଗୀ ବ୍ଲକ ପ୍ରଶାସନ ଏ ଦିଗରେ ନିରବ । ରାଜ୍ୟ ସରକାର ମଧ୍ୟ ଉଭୟ ରାଜ୍ୟର ମୁଖ୍ୟସଚିବଙ୍କୁ ନେଇ କୋଟିଆ ସମସ୍ୟାର ସମାଧାନ ପାଇଁ ଯେଉଁ ଉଚ୍ଚସ୍ତରୀୟ ବୈଠକ କରିବା କଥା, ତାହା ଏପର୍ଯ୍ୟନ୍ତ କରିନାହାଁନ୍ତି । ତେଣୁ ଆଗାମୀ ନିର୍ବାଚନରେ ଓଡ଼ିଶାର ସୀମା ସୁରକ୍ଷା ଉପରେ ଆନ୍ଧ୍ରର ହସ୍ତକ୍ଷେପକୁ ବନ୍ଦ କରିବା ପାଇଁ ସମାଜବାଦୀ ପାର୍ଟି ଦାବି କରିଛି । ତୁରନ୍ତ ଦୁଇ ରାଜ୍ୟର ମୁଖ୍ୟ ସଚିବସ୍ତରୀୟ ବୈଠକ କରି ଏହି ମାମଲାରେ ଓଡ଼ିଶାର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପତ୍ର ଲେଖି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି । ଆନ୍ଧ୍ର ସରକାର ବହୁଳ ଭାବରେ କୋଟିଆବାସିଙ୍କୁ ଭୋଟ୍ ଦାନ କରି ସୁପ୍ରିମକୋର୍ଟଙ୍କ ସମ୍ମୁଖରେ ନିଜର ମାଲିକାନାକୁ ଜାହିର କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରିବାକୁ ଉଦ୍ୟମ କରୁଛନ୍ତି, ତାହାକୁ ଓଡ଼ିଶା ସରକାର ଉଚିତ୍ ଜବାବ ଦେବାକୁ ଶ୍ରୀ ବେହେରା ନିବେଦନ କରିଛନ୍ତି ।

ରକିଙ୍ଗ୍ ଷ୍ଟାର୍ ୟଶଙ୍କୁ ନୂଆ ବ୍ରାଣ୍ଡ୍ ଆମ୍ବାସାଡର ଘୋଷଣା କରିଛି ଆକ୍‌ଜୋନୋବେଲ

ଭୁବନେଶ୍ୱର, (ବ୍ୟୁରୋ) : ଏକ ଅଗ୍ରଣୀ ଫେଂଟ୍‌ସ ଓ କୋଟିଙ୍ଗ୍‌ସ କମ୍ପାନୀ ଓ ଡ୍ୟୁଲକ୍ସ ଫେଂଟସ୍‌ର ନିର୍ମାତା ଆକ୍‌ଜୋନୋବେଲ ଇଣ୍ଡିଆ ପକ୍ଷ

କଂଗ୍ରେସକୁ ୧୮୨୩ କୋଟିର ଆୟକର ନୋଟିସ୍

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଘାରିଛି ପାଣ୍ଠି ଚିନ୍ତା। ଟିକସ୍ ନ ଦେବା ଅଭିଯୋଗରେ କଂଗ୍ରେସର ଆକାଉଣ୍ଟକୁ ଆୟକର ବିଭାଗ ଫ୍ରିଜ୍ କରିଛି। ଏବେ ପୁଣିଥରେ ଆୟକର ବିଭାଗ ଦଳକୁ ୧୮୨୩ କୋଟି ଟଙ୍କାର ନୋଟିସ କରିଛି। ଆୟକର ବିଭାଗର ଟିକସ ପୁନଃଆକଳନ ପ୍ରକ୍ରିୟା ଉପରେ ରୋକ୍ ଲଗାଇବା ପାଇଁ ଦଳ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲା। ସେଠାରୁ ନିରାଶ ହେବା ପରେ ଆଜି ଦଳ ପାଖକୁ ପୁଣି ଗୋଟିଏ ନୋଟିସ ଆସିଛି। ୨୦୧୭-୧୮ ଓ ୨୦୨୦-୨୧ ବର୍ଷର ଟିକସ୍ ପାଇଁ ଆୟକର ବିଭାଗ ଜୋରିମାନା ଓ ସୁଧକୁ ମିଶାଇ ମୋଟ ୧୮୨୩ କୋଟି ଟଙ୍କାର ନୋଟିସ୍ ପାଇଛି। କଂଗ୍ରେସ ୧୮୨୩.୦୮ କୋଟି ଟଙ୍କାର ନୋଟିସ୍ ପାଇଥିବା ଖବରକୁ ନିଶ୍ଚିତ କରିଥିବା ବେଳେ ବିଜେପି ଟିକସ ଆତଙ୍କବାଦରେ ଲିପ୍ତି ରହିଥିବା ଅଭିଯୋଗ କରିଛି। ଲୋକସଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳକୁ ଆର୍ଥିକସ୍ତରରେ ପଙ୍ଗୁ କରି ଦେବାକୁ ଚାହୁଁଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। କଂଗ୍ରେସ ମୁଖ୍ୟାଳୟରେ ଏହି ଘଟଣାରେ ଆଜି ପବନ ଖେଡା, ଜୟରାମ ରମେଶ ଓ ଅଜୟ ମାକେନ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସେମାନେ କହିଛନ୍ତି, ବିଜେପି ଗୁରୁତର ଟିକସ୍ ଆଇନ ଉଲ୍ଲଙ୍ଘନ ମାମଲାରେ ସାମିଲ ରହିଛି। ଏପରି ନିୟମ ଉଲ୍ଲଂଘନ ପାଇଁ ଆୟକର ବିଭାଗ ବିଜେପି ଠାରୁ ୪,୬୦୦ କୋଟିରୁ ଅଧିକ ଟଙ୍କା ଆଦାୟ କରିବା ଦରକାର। ରମେଶ କହିଛନ୍ତି, ନିର୍ବାଚନୀ ବଣ୍ଡ ସ୍କାମରୁ ବିଜେପି ୮,୨୦୦ କୋଟି ଟଙ୍କା ପାଇଛି। ପ୍ରି-ପେଡ, ପୋଷ୍ଟ ପେଡ, ପୋଷ୍ଟ ରେଡ ଲାଞ୍ଚ ଓ ଶେଲ କମ୍ପାନୀ ଦ୍ୱାରା ଟଙ୍କା ହାସଲ କରିଛି। ବିଜେପି ଟିକସ୍ ଆତଙ୍କବାଦରେ ସାମିଲ ରହିଛି। କଂଗ୍ରେସକୁ ଆର୍ଥିକସ୍ତରରେ ପଙ୍ଗୁ କରି ଦେବାକୁ ଉଦ୍ୟମ ଚାଲିଛି। ହେଲେ ଆମେ କେବେ ହେଲେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ସେ କହିଛନ୍ତି। ସେ ପ୍ରତିଶ୍ରୁତି ଦେଇଛି ଯେ ଆୟକର ବିଭାଗର ଛାଟ ସତ୍ତ୍ୱେ କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ

ପ୍ରଚାର ଜାରି ରଖିବ ଓ ଦଳ ଦେଶବାସୀଙ୍କ ଠାରୁ ଗ୍ୟାରେଣ୍ଟୀ ହାସଲ କରିବେ। ଏପରି ନୋଟିସ୍‌ରେ କଂଗ୍ରେସ ଡରିବ ନାହିଁ। ଦଳ ଅଧିକ ଆକ୍ରମଣାତ୍ମକ ହେବ ଓ ନିର୍ବାଚନ ଲଢ଼ିବ ବୋଲି ଜୟରାମ କହିଛନ୍ତି। କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବେ ଆୟକର ବିଭାଗ ଟାର୍ଗେଟ କରୁଥିବା ଅଜୟ ମାକେନ ଅଭିଯୋଗ କରିଛନ୍ତି।

ସିରିଆରରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍, ୩୮ ମୃତ

ବେରୁଟ୍: ଇସ୍ରାଏଲ ସେନା ସିରିଆରେ ଭୟଙ୍କର ଏୟାର ଷ୍ଟ୍ରାଇକ୍ କରିଛି। ଶୁକ୍ରବାର ସକାଳେ ଉତ୍ତର ସିରିଆର ଆଲେପ୍ପୋ ସହର ନିକଟରେ ହୋଇଥିବା ଇସ୍ରାଏଲର ଏହି ଏୟାର ଷ୍ଟ୍ରାଇକ୍‌ରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆହୁରି ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ହିଜବୁଲ୍ଲା ଆତଙ୍କବାଦୀ ଅଛନ୍ତି। ଏଥିସହିତ ଅନେକ କ୍ଷୟକ୍ଷତି ହୋଇଛି। ଆଲେପ୍ପୋ ଓ ଏହାର ଉପାନ୍ତ ଅଞ୍ଚଳରେ ଥିବା ବେସାମରିକ ଟାର୍ଗେଟ ଉପରେ ଇସ୍ରାଏଲର ଆକ୍ରମଣ ଏବଂ ସିରିଆ ବିଦ୍ରୋହୀ ଗୋଷ୍ଠୀଙ୍କ ଡ୍ରୋନ୍ ଆକ୍ରମଣ ହୋଇଛି ବୋଲି ସିରିଆର ସରକାରୀ ଗଣମାଧ୍ୟମ ଜଣେ ଅଜ୍ଞାତ ସାମରିକ ଅଧିକାରୀଙ୍କ ବୟାନକୁ ଭିତ୍ତି କରି କହିଛି। ସିରିଆନ୍ ଅବଜର୍ଭେଟରୀ ଫର୍ ହ୍ୟୁମାନ ରାଇଟ୍ସ କହିଛି ଯେ ଆଲେପ୍ପୋର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏହି ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଆଲେପ୍ପୋର ଦକ୍ଷିଣ ଉପନଗର ଜିବରିନରେ ଥିବା ଲେବନାନ ଆତଙ୍କବାଦୀ ହିଜବୁଲ୍ଲା ଗୋଷ୍ଠୀର ଏକ କ୍ଷେପଣାସ୍ତ୍ର ଡିପୋକୁ ଟାର୍ଗେଟ୍ କରି ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଏକ ଡଜନରୁ ଅଧିକ ସୈନିକ ପ୍ରାଣ ହରାଇଛନ୍ତି କିମ୍ବା ଆହତ ହୋଇଛନ୍ତି। ଆକ୍ରମଣର ଦୁଇ ଘଣ୍ଟା ପରେ ବି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳୁଛି ବୋଲି ଅବଜର୍ଭେଟୋରି କହିଛି। ତେବେ ଏହି ଆକ୍ରମଣ ସମ୍ପର୍କରେ ଇସ୍ରାଏଲ ଅଧିକାରୀଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ।

ଜଳିଗଲା ବସ୍ ; ୪୫ ମୃତ

ନୂଆଦିଲ୍ଲୀ: ଦକ୍ଷିଣ ଆଫ୍ରିକାର ଉତ୍ତର-ପୂର୍ବ ଲିମ୍ପୋପୋ ପ୍ରଦେଶରେ ବ୍ରିଜ୍ ଉପରୁ ଏକ ବସ୍ ପ୍ରାୟ ୫୦ ମିଟର ତଳେ ପଡ଼ିବା ପରେ ଜଳିଯିବାରୁ ୪୫ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ କେବଳ ଜଣେ ୮ ବର୍ଷର ଝିଅ ଜୀବିତ ଅଛନ୍ତି। ସେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦକ୍ଷିଣ ଆଫ୍ରିକାର ରାଜଧାନୀ ଜୋହାନସବର୍ଗଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି। ମୋକୋପେନ୍ ଓ ମାର୍କେନ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ମୃତାହତମାନେ ବୋଟସ୍ୱାନାର ରାଜଧାନୀ ଗାବୋରୋନରୁ ମୋରିଆ ସହରକୁ ଇଷ୍ଟର ପାଳନ କରିବା ପାଇଁ ଯାଉଥିଲେ। ବସ୍‌ଟି ଏକ ପାହାଡ଼ିଆ ଅଞ୍ଚଳରେ ଥିବା ବ୍ରିଜ୍ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ସୁରକ୍ଷା ବାଡ଼ରେ ପିଟି ହୋଇଥିଲା ଓ ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ବସ୍‌ଟି ତଳେ ପଡ଼ିବା ପରେ ସେଥିରେ ନିଆଁ ଲାଗି ଯାଇଥିଲା। ବସ୍‌ଟି ପୂରା ଜଳି ଯାଇଛି। ତା' ସହିତ ଅନେକ ମୃତକ ମଧ୍ୟ ଜଳି ଯାଇଛନ୍ତି। ଦକ୍ଷିଣ ଆଫ୍ରିକାର ପରିବହନ ମନ୍ତ୍ରୀ ସିଣ୍ଡିସିଓ୍ୱେ ଚିକୁଙ୍ଗା ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ସେ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏହା ସହିତ ସୁରକ୍ଷିତ ଗାଡ଼ି ଚାଳନା ନେଇ ଲୋକଙ୍କୁ ଆହୁରି ସତର୍କ କରାଯିବ ବୋଲି ସେ କହିଛନ୍ତି।

ମୋଦି-ବିଲ୍ ଗେଟ୍ସଙ୍କ ଆଲୋଚନା ; ସବୁ ଗାଁକୁ ପହଞ୍ଚିବ ଡିଜିଟାଲ୍ ସେବା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ମଧ୍ୟରେ ଏକ ବଡ଼ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ବିଲ୍ ଗେଟ୍ସଙ୍କୁ କହିଛନ୍ତି, ସବୁ ଗାଁ ଗାଁକୁ ଡିଜିଟାଲ ସେବା ପହଞ୍ଚିବ। ଏଆଇଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଏବଂ ଜଳବାୟୁ ସମ୍ପର୍କରେ ମୋଦି ଆଲୋଚନା କରିଛନ୍ତି। କୃଷି କ୍ଷେତ୍ରରେ ବଡ଼ ଧରଣର ବିପ୍ଳବ ଆସିଥିବା ପ୍ରଧାନମନ୍ତ୍ରୀ ବିଲ୍ ଗେଟ୍ସଙ୍କୁ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଇଣ୍ଡୋନେସିଆରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ସାରା ବିଶ୍ୱର ପ୍ରତିନିଧିମାନେ ଦେଶରେ ଡିଜିଟାଲ ବିପ୍ଳବ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମୁଁ ସେତେବେଳେ କହିଥିଲି ଯେ, ଆମେ ଟେକ୍ନୋଲୋଜିକୁ ବିମୁଦ୍ରୀକରଣ କରିଛୁ, ଯାହାଫଳରେ କାହାର

ଏକଚାଟିଆ ନ ଥିବ। ଏହା ଲୋକମାନଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ଅଟେ। ସେ ଆହୁରି ମଧ୍ୟ କହିଛନ୍ତି, ସେ ୨ ଲକ୍ଷ ଆରୋଗ୍ୟ ମନ୍ଦିର ନିର୍ମାଣକରିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ଡାକ୍ତରଖାନାଗୁଡ଼ିକୁ ଟେକ୍ନୋଲୋଜି ସହିତ ଯୋଡ଼ିଛନ୍ତି। ୩ ଲକ୍ଷ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ମଧ୍ୟ ଆମର ଲକ୍ଷ୍ୟ ବୋଲି ସେ ବିଲ୍ ଗେଟ୍ସଙ୍କୁ କହିଛନ୍ତି।

ଗାଜା ଉପରେ ଇସ୍ରାଏଲ ଆକ୍ରମଣ ; ୭୧ ମୃତ

ନୂଆଦିଲ୍ଲୀ: ଗାଜା ଉପରେ ଇସ୍ରାଏଲ ଆକ୍ରମଣରେ ୨୪ ଘଣ୍ଟା ମଧ୍ୟରେ ୭୧ ଜଣ ପାଲେଷ୍ଟାଇନ୍ ନିହତ ହୋଇଛନ୍ତି ଏବଂ ୧୧୨ ଜଣ ଆହତ ହୋଇଛନ୍ତି। ଗାଜା ସହରର ଏକ କ୍ରୀଡ଼ା କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣରେ ଅତି କମରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜାବାଲିଆ ଶରଣାର୍ଥୀ ଶିବିରରେ ଥିବା ସାଦ୍ ବିନ୍ ଅବି ୱାକ୍କାସ୍ ମସଜିଦରେ ହୋଇଥିବା ବୋମା ବିସ୍ଫୋରଣରେ ଆହତ ହୋଇଥିବା ସୂଚନା ମିଳିଛି। ବେଲଜିୟମର ସହରାଞ୍ଚଳ ନୀତି ମନ୍ତ୍ରୀ କ୍ୟାରୋଲିନ୍ ଜେନେଜ୍ କହିଛନ୍ତି ଯେ, ଇସ୍ରାଏଲ ଉପରେ ଅନ୍ତର୍ଜାତୀୟ ଚାପ ବଜାୟ ରଖିବା ଆବଶ୍ୟକ ଏବଂ ଏହା ସାଧାରଣ ନାଗରିକ ଏବଂ ପିଲାମାନଙ୍କୁ ଭୋକ ଉପାସରେ ରହିବା ବନ୍ଦ କରିବା ଉଚିତ। ଖାଦ୍ୟ, ଜଳ, ଇନ୍ଧନ ଓ ଚିକିତ୍ସା ଯୋଗାଣ ସମେତ ମୌଳିକ ସେବା ଓ ମାନବିକ ସହାୟତାର ନିରବଚ୍ଛିନ୍ନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ବିନା ବିଳମ୍ବରେ ପଦକ୍ଷେପ ନେବାକୁ ଅନ୍ତର୍ଜାତୀୟ ନ୍ୟାୟାଳୟ ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଅକ୍ଟୋବର ୭ ତାରିଖରୁ ଗାଜା ଉପରେ ଇସ୍ରାଏଲର ଆକ୍ରମଣରେ ୩୨ ହଜାର ୬୨୩ ପାଲେଷ୍ଟାଇନ୍ ନାଗରିକ ନିହତ ହୋଇଥିବା ବେଳେ ୭୫ ହଜାର ୯୨ ଜଣ ଆହତ ହୋଇଛନ୍ତି।

ଇଡି ବିରୋଧରେ ଆପ୍‌ର ସାଂଘାତିକ ଅଭିଯୋଗ

ନୂଆଦିଲ୍ଲୀ: ଆପ୍ ନେତା ତଥା ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆତିଶୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବିରୋଧରେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ଇଡି ବିଜେପିର ରାଜନୀତିକ ଅସ୍ତ୍ର ଭାବେ କାମ କରୁଛି। ସେମାନେ ଆପ୍‌ର ଲୋକସଭା ନିର୍ବାଚନ ରଣକୌଶଳ ବିଷୟରେ ଜାଣିବାକୁ ଚାହୁଁଛନ୍ତି। ଏଥିପାଇଁ ସେମାନେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଫୋନର ପାସୱାର୍ଡ ନେବାକୁ ଉଦ୍ୟମ କରୁଥିବା ଆତିଶୀ କହିଛନ୍ତି।

ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି ଆତିଶୀ କହିଛନ୍ତି, ଗତକାଲି ରାଉଜ ଆଭିନ୍ୟୁ କୋର୍ଟରେ ଅରବିନ୍ଦ କେଜ୍ରିୱାଲଙ୍କ ରିମାଣ୍ଡ ଉପରେ ଶୁଣାଣି ଚାଲିଥିଲା। ଏହି ସମୟରେ ଇଡିର ଓକିଲ ତଥା ଆଡିସିନାଲ ସଲିସିଟର ଜେନେରାଲ ଏସ୍‌ଭି ରାଜୁ କହିଛନ୍ତି ଯେ ସେମାନେ ଅରବିନ୍ଦ କେଜ୍ରିୱାଲଙ୍କୁ ଆଉ କିଛି ଦିନ ନିଜ ହେପାଜତରେ ରଖିବାକୁ ଚାହୁଁଛନ୍ତି। କାରଣ ସେ ତାଙ୍କ ମୋବାଇଲ ପାସୱାର୍ଡ ସେୟାର କରି ନାହାନ୍ତି। ଏହି ସମାନ ଇଡି କିଛି ଦିନ ତଳେ କହିଥିଲା ଯେ ୨୦୨୧ରେ ଅବକାରୀ ନୀତି ଲାଗୁ ହେବା ବେଳେ କେଜ୍ରିୱାଲ ବ୍ୟବହାର କରିଥିବା ଫୋନ ସେମାନଙ୍କୁ ମିଳିନାହିଁ। ମୁଁ ଇଡିକୁ ପ୍ରଶ୍ନ କରିବାକୁ ଚାହୁଁଛି ଯେ ସେମାନେ କାହିଁକି ଏବେକାର ଫୋନ ଚେକ୍ କରିବାକୁ ଚାହୁଁଛନ୍ତି ? ସେମାନେ କ'ଣ ଜାଣିବାକୁ ଚାହୁଁଛନ୍ତି ? ମୋବାଇଲରୁ ସେମାନେ କ'ଣ ପାଇବେ ? ସେମାନଙ୍କୁ ମୋବାଇଲରୁ କେବଳ ଲୋକସଭା ନିର୍ବାଚନର ରଣକୌଶଳ, ଇଣ୍ଡିଆ ମେଣ୍ଟର ସହଯୋଗୀଙ୍କ ସହ ଆଲୋଚନା ଓ ପୂରା ପ୍ରଚାର ଶୈଳୀ ହିଁ ମିଳିବ। ନିର୍ବାଚନ ପୂର୍ବରୁ ଇଡି ଜରିଆରେ ବିଜେପି ଆପର ରଣକୌଶଳ ହାସଲ କରିବାକୁ ଚାହୁଁଛି। ଗୁରୁବାର ରାଉଜ ଆଭିନ୍ୟୁ କୋର୍ଟ କେଜ୍ରିୱାଲଙ୍କୁ ଏପ୍ରିଲ ୧ ଯାଏ ଇଡି ରିମାଣ୍ଡରେ ଛାଡ଼ିଛନ୍ତି। ଏହାର ଦିନକ ପରେ ଆତିଶୀ ଏପରି ଅଭିଯୋଗ କରିଛନ୍ତି।

କେଜ୍ରିୱାଲଙ୍କ ଗିରଫଦାରୀ ଉପରେ ପ୍ରତିକ୍ରିୟା ରଖିଲା ଜାତିସଂଘ

ନୂଆଦିଲ୍ଲୀ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଏବଂ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଅଚଳ ଉପରେ ପ୍ରତିକ୍ରିୟା ରଖିଛି ମିଳିତ ଜାତିସଂଘ। ଜାତିସଂଘ କହିଛି, ଭାରତ ଏବଂ ଅନ୍ୟ ରାଷ୍ଟ୍ରର ନିର୍ବାଚନ ସମୟରେ ଲୋକଙ୍କ ରାଜନୈତିକ ତଥା ନାଗରିକ ଅଧିକାର ସୁରକ୍ଷା ଥିବ ବୋଲି ବିଶ୍ୱ ସଂସ୍ଥା ଆଶା ରଖିଛି। ଜାତିସଂଘର ମୁଖ୍ୟ ଶାସନ ସଚିବ ଆଣ୍ଟୋନି ଗୁଟେରସଙ୍କ ମୁଖପାତ୍ର ଷ୍ଟିଫେନ ଡୁଜେରିକ କହିଛନ୍ତି, 'ଭାରତ ଏବଂ ଅନ୍ୟ ରାଷ୍ଟ୍ରମାନଙ୍କର ନିର୍ବାଚନ ସମୟରେ ସମସ୍ତଙ୍କ ରାଜନୈତିକ ଏବଂ ମାନବିକ ଅଧିକାର ସୁରକ୍ଷିତ ଥିବ ବୋଲି ଆମେ ଆଶା କରୁଛୁ। ନିର୍ବାଚନ ସମୟରେ ପ୍ରତ୍ୟେକ ବ୍ୟକ୍ତି ଏକ ସ୍ୱଚ୍ଛ ଏବଂ ନିରପକ୍ଷ ପରିବେଶରେ ମତଦାନ କରିବାକୁ ସକ୍ଷମ ହେବେ।' ଲୋକସଭା ନିର୍ବାଚନର କିଛି ଦିନ ପୂର୍ବରୁ ଦିଲ୍ଲୀର ମଦ ନୀତି ମାମଲାରେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯିବାକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଚଳିତ ମାସ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। ସେ ବର୍ତ୍ତମାନ କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସିର ହେପାଜତରେ ଅଛନ୍ତି। ଗତକାଲି କେଜ୍ରିୱାଲଙ୍କ ୭ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଇଡି ତାଙ୍କୁ ପୁଣି ଏପ୍ରିଲ ୧ ଯାଏ ହେପାଜତକୁ ନେଇଛି। ସେପଟେ, ଆୟକର ବିଭାଗ କଂଗ୍ରେସ ବ୍ୟାଙ୍କ ଖାତା ଅଚଳ କରିଦେଇଛି। ନିର୍ବାଚନ ସମୟରେ ଜାଣିଶୁଣି ଆମ ଖାତା ଅଚଳ କରାଯାଇଥିବା ଅଭିଯୋଗ କରିଛି କଂଗ୍ରେସ।

ମୁଖତାର ଅନସାରୀ ମୃତ୍ୟୁ ଘଟଣା
ତଦନ୍ତ ପାଇଁ ତିନି ଜଣିଆ କମିଟି ଗଠନ

ନୂଆଦିଲ୍ଲୀ: ଗ୍ୟାଙ୍ଗଷ୍ଟାରରୁ ରାଜନେତା ପାଲଟିଥିବା ମୁଖତାର ଅନସାରୀ ମୃତ୍ୟୁ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବାନ୍ଦା ଡିଏମ୍। ସୂଚନା ଅନୁଯାୟୀ ଡିଏମଙ୍କ ନିର୍ଦ୍ଦେଶ ପରେ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ମୁଖତାରଙ୍କ ମୃତ୍ୟୁ ଘଟଣା ତଦନ୍ତ କରି ରିପୋର୍ଟ ଦେବେ। ଗୁରୁବାର ସନ୍ଧ୍ୟାରେ ମୁଖତାରଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ମୁଖତାରଙ୍କ ଖାଦ୍ୟରେ ବିଷ ଦିଆଯାଉଥିବା ତାଙ୍କ ପୁଅ ଓମାର ଅନସାରୀ ଅଭିଯୋଗ କରିଛନ୍ତି। ହେଲେ ଜେଲ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଅନସାରୀଙ୍କୁ ଖାଦ୍ୟ ଦେବା ପୂର୍ବରୁ ଡେପୁଟି ଜେଲର ଏହାକୁ ଚାଖିଥିଲେ। ଏହାସହିତ ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ଯାଞ୍ଚ କରାଯାଏ। ସେପଟେ ମୃତଦେହ ବ୍ୟବଚ୍ଛେଦ କରିବାକୁ ମେଡିକାଲ କଲେଜକୁ ପଠାଯାଇଛି। ଆଜି ମୁଖତାରଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହେବ। ମୁଖତାର ଅନସାରୀଙ୍କ ପୁଅ ଓମାର ଅନସାରୀ କହିଛନ୍ତି ଯେ, ତାଙ୍କ ବାପା ଅସୁସ୍ଥତା ଥିବା ସମ୍ପର୍କରେ ସେ ପ୍ରଶାସନ ଠାର କୌଣସି ସୂଚନା ପାଇନଥିଲେ। ମିଡିଆ ମାଧ୍ୟମରେ ଜାଣିବାକୁ ପାଇଲେ। ଦୁଇ ଦିନ ତଳେ ବାପା ମୁଖତାରଙ୍କୁ ଭେଟିବାକୁ ଆସିଥିଲେ ଓମାର। କିନ୍ତୁ ତାଙ୍କୁ ଅନୁମତି ମିଳିନଥିଲା। ବାପାଙ୍କୁ ବିଷ ଦିଆଯାଇ ହତ୍ୟା କରାଯାଇଥିବା ଓମାର ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲ କହିଛନ୍ତି।

ଭାରତରେ ନିଯୁକ୍ତିର ଉତ୍କଟ ସ୍ଥିତି

ନୂଆଦିଲ୍ଲୀ: ଭାରତରେ ନିଯୁକ୍ତି ସ୍ଥିତି ଅତ୍ୟନ୍ତ ଉତ୍କଟ ବୋଲି ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ (ଆଇଏଚ୍‌ଡି)ର ଏକ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ସଂଗଠନର ଇଣ୍ଡିଆ ଅନ୍‌ଏମ୍ପ୍ଲୋଏମେଣ୍ଟ ରିପୋର୍ଟ, ୨୦୨୪ ଅନୁଯାୟୀ ଦେଶର ବେରୋଜଗାରି ଶ୍ରମଶକ୍ତିର ୮୩ ପ୍ରତିଶତ ହେଉଛନ୍ତି ଯୁବବର୍ଗ। ମୋଟ ବେରୋଜଗାରୀ ଯୁବଗୋଷ୍ଠୀଙ୍କ ମଧ୍ୟରୁ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ପିଲାମାନଙ୍କ ହାର ୨୦୨୨ରେ ୬୫.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ୨୦୦୦ରେ ୩୫.୨ ପ୍ରତିଶତ ରହିଥିଲା। ୨୦୦୦ରୁ ୨୦୧୯ ମଧ୍ୟରେ ଯୁବ ନିଯୁକ୍ତି ଏବଂ ସାମୟିକ ନିଯୁକ୍ତି ବଢ଼ିଥିବାବେଳେ ମହାମାରି ସମୟରେ ଏହା ହ୍ରାସ ପାଇଥିଲା ବୋଲି ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କ ଦ୍ୱାରା ପ୍ରକାଶ ପାଇଥିବା ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି। ଏହି ସମୟରେ ଶିକ୍ଷିତ ଯୁବବର୍ଗଙ୍କ ମଧ୍ୟରେ ବେରୋଜଗାରୀସ୍ତର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା।

ବିହାରରେ ଇଣ୍ଡିଆ ମେଣ୍ଟର ଆସନ ଭାଗବଣ୍ଟା

ଆରଜେଡିକୁ ୨୬, କଂଗ୍ରେସ ମିଳିଲା ୯

ପାଟନା: ବିହାରରେ ଇଣ୍ଡିଆ ମେଣ୍ଟର ଆସନ ଭାଗବଣ୍ଟା ହୋଇଛି। ୪୦ଟି ଲୋକସଭା ଆସନରୁ ୨୬ଟି ଆସନରେ ଆରଜେଡି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ କଂଗ୍ରେସ ୯ ଏବଂ ବାମପନ୍ଥୀ ଦଳକୁ ପାଞ୍ଚଟି ଆସନ ବଣ୍ଟନ କରାଯାଇଛି।

କଂଗ୍ରେସ କାଟିହର, କିଶାନଗଞ୍ଜ, ପାଟନା ସାହେବ, ସାସାରାମ, ଭାଗଲପୁର, ପଶ୍ଚିମ ଚମ୍ପାରନ, ମୁଜାଫରପୁର, ସାମସ୍ତିପୁର ଏବଂ ମହାରାଜଗଞ୍ଜ ଆସନରୁ ପ୍ରାର୍ଥୀ ଦେବ ଏବଂ ବାମପନ୍ଥୀମାନେ ବେଗୁସରାଇ, ଖାଗରିଆ, ଆରହ, କରକାଟ ଏବଂ ନାଳନ୍ଦାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବାକି ୨୬ଟି ଆସନରେ ଆରଜେଡି ପ୍ରାର୍ଥୀ ଦେବ ବୋଲି ବୁଝାମଣା ହୋଇଛି। ବିହାରର ୪୦ଟି ଆସନ ପାଇଁ ଲୋକସଭା

କଂଗ୍ରେସ ସରକାରକୁ ଆସିଲେ ମହିଳା ନ୍ୟାୟପ୍ରାପ୍ତ ହେବେ : ମିନାକ୍ଷୀ ବାହିନୀପତି

ଭୁବନେଶ୍ୱର (ବ୍ୟୁରୋ) : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମୀନାକ୍ଷୀ ବାହିନୀପତି କହିଛନ୍ତିଯେ ନବୀନ ଓ ମୋଦୀ ସରକାରରେ ମହିଳା ସଂପୂର୍ଣ୍ଣ ଉପେକ୍ଷିତ, ଅତ୍ୟାଚାରିତ ଓ ଅବହେଳିତ। କଂଗ୍ରେସ ନାରୀର ଅଧିକାର ପାଇଁ ଲଢ଼େଇ ଜାରି ରଖିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମା'କୁ ସମ୍ମାନ ଏକ ଶ୍ଳୋଗାନ ମାତ୍ର। ଏଥିରେ ବାସ୍ତବତା କିଛି ନାହିଁ। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦୀଙ୍କର "ବେଟୀ ବଚାଓ, ବେଟି ପଢ଼ାଓ" ଶ୍ଳୋଗାନ ମଧ୍ୟ ନିରର୍ଥକ। କଂଗ୍ରେସ ଦଳ ନାରୀର ଅଧିକାର ପ୍ରାପ୍ତି ପାଇଁ ପ୍ରତିଶ୍ରୁତି ବଦ୍ଧ। ସେଥିପାଇଁ ଜନନାୟକ ରାହୁଲ ଗାନ୍ଧୀ "ନାରୀ ନ୍ୟାୟ ଗ୍ୟାରେଂଟି" ଘୋଷଣା କରିଛନ୍ତି। ଏହି ଘୋଷଣା କଂଗ୍ରେସ ଦଳର ତଥା କଂଗ୍ରେସ ସଭାପତି ସମ୍ମାନନୀୟ ମଲିକାର୍ଜ୍ଜୁନ ଖାଡ଼ଗେଙ୍କର ନିର୍ଭର ପ୍ରତିଶ୍ରୁତି। ଏହି ଘୋଷଣାକୁ ପୁରପଲ୍ଲୀରେ ପହଂଚାଇବାପାଇଁ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଅଳକା ଲାମ୍ବା ଆମକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତର ଠାରୁ ବୁଥ ସ୍ତର ପର୍ଯ୍ୟନ୍ତ ମହିଳା କଂଗ୍ରେସରେ କାର୍ଯ୍ୟ କରୁଥିବା କର୍ମକର୍ତା ଓ କର୍ମୀମାନେ ନିଷ୍ଠାର ସହ କଂଗ୍ରେସର ଏହି ପ୍ରତିଶ୍ରୁତି ଘରେ ଘରେ ପହଂଚାଇବେ। ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ମହାଲକ୍ଷ୍ମୀ ଯୋଜନାରେ ନିଜର କର୍ମସଂସ୍ଥାନ କରିବାପାଇଁ ବର୍ଷକୁ ୧ଲକ୍ଷ ଟଙ୍କା ଦିଆଯିବ। କେନ୍ଦ୍ର ସରକାରଙ୍କର ନୂତନ ନିଯୁକ୍ତିରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖାଯିବ। ପ୍ରତି ପଂଚାୟତରେ "ଅଧିକାର ମୈତ୍ରୀ"ଙ୍କୁ ନିଯୁକ୍ତି ଦିଆଯିବ ଯେଉଁମାନେ କି ମହିଳାମାନଙ୍କୁ ନିଜର ନ୍ୟାୟ ସମ୍ମତ ଅଧିକାର ପ୍ରାପ୍ତି ପାଇଁ ସାହାଯ୍ୟ କରିବେ। ଆଶା, ଅଙ୍ଗନୱାଡ଼ି ଏବଂ ମଧ୍ୟାହ୍ନ ଭୋଜନରେ କାର୍ଯ୍ୟରତ ମହିଳାଙ୍କର ବେତନ ଦ୍ୱିଗୁଣିତ କରିବାପାଇଁ କେନ୍ଦ୍ର ବଜେଟରେ ବ୍ୟବସ୍ଥା କରାଯିବ। ସାବିତ୍ରୀ ବାଇ ଫୁଲେ ହସ୍ଟେଲର ସଂଖ୍ୟାକୁ ଦ୍ୱିଗୁଣିତ କରାଯିବ। ପ୍ରତି ଜିଲ୍ଲାରେ ଅତିକମରେ ଗୋଟିଏ ମହିଳା ହଷ୍ଟେଲ ଖୋଲାଯିବ। ଯଦି କଂଗ୍ରେସ କ୍ଷମତାକୁ ଆସେ ମହିଳା ସଂରକ୍ଷଣ ଆଇନ ତୁରନ୍ତ ଲାଗୁ କରାଯିବ। ଯାହାଦ୍ୱାରାକି ୩୩ ପ୍ରତିଶତ ମହିଳା ଉଭୟ ବିଧାନସଭା ଓ ସଂସଦରେ ପ୍ରତିନିଧିତ୍ୱ କରିବାରେ ସୁଯୋଗ ପାଇବେ। ବିଜେପି ଓ ବିଜେଡ଼ି ମହିଳା ଆଇନ ଆଣିଛନ୍ତି ବୋଲି ଦାବି କରୁଛନ୍ତି ତାକୁ କାହିଁକି କାର୍ଯ୍ୟକାରୀ କଲେ ନାହିଁ? ଏଥିପାଇଁ କିଏ ବାଧା ସୃଷ୍ଟି କରିଛି ଏହାର ଉତ୍ତର ରଖନ୍ତୁ। ୭୦ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି ବୋଲି ସରକାର ଆତ୍ମ ପ୍ରଶଂସା କରୁଛନ୍ତି। ସେମାନଙ୍କର ଆର୍ଥିକ ବିକାଶ ହୋଇଛି ବୋଲି ଦାବି କରୁଛନ୍ତି କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନଙ୍କର ଜଣେ ସ୍ୱୟଂସହାୟକ ମହିଳାର ଆୟ ମାତ୍ର ୧୬ଟଙ୍କା ୬୭ ପଇସା। ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜ୍ୟରେ ସରକାର ଗଠନ କଲେ ଗୃହଲକ୍ଷ୍ମୀ ଯୋଜନାରେ ନିମ୍ନ ସୁବିଧା ଦିଆଯିବ। ମହିଳାମାନଙ୍କୁ ୫ଶହ ଟଙ୍କାରେ ରନ୍ଧନଗ୍ୟାସ ସିଲିଣ୍ଡର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ଭତା ୨୦୦୦ ଏବଂ ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ଭତା ୩୦୦୦ ଟଙ୍କା, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସବୁ ବ୍ୟାଙ୍କ ଋଣ ଛାଡ଼, ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ବିଭିନ୍ନ କୌଶଳର ତାଲିମ, ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରୀ ପାଇଁ ପଦକ୍ଷେପ। ମହିଳା ଶିଳ୍ପ ଉଦ୍ୟୋଗୀଙ୍କୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧହାରରେ ଋଣ ଯୋଗାଣ। ବାର୍ଷିକ ୨ ଲକ୍ଷ ଟଙ୍କାରୁ କମ ଆୟଥିବା ବ୍ୟକ୍ତିଙ୍କ ଝିଅ ବିଭାଘର ପାଇଁ ୨ଲକ୍ଷ ଟଙ୍କା ସାହାଯ୍ୟ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତୀ ମିଶ୍ର, ସାଧାରଣ ସଂପାଦିକା ଶ୍ରୀୟସ୍ମିତା ପଣ୍ଡା ଓ ପିସିସି ସଂପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ, ଶୁଭଦ୍ରା ମିଶ୍ର ଉପସ୍ଥିତ ଥିଲେ।

ଭୋଟରଙ୍କ ମଧ୍ୟରେ ଲୋକପ୍ରିୟ ହେଉଛି ନିର୍ବାଚନ ଆୟୋଗଙ୍କ ସି-ଭିଜିଲ୍ ଆପ୍

ଭୁବନେଶ୍ୱର (ବ୍ୟୁରୋ) : ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅଭିଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ସି-ଭିଜିଲ ଆପ୍ ଲୋକଙ୍କ ହାତରେ ଏକ ପ୍ରଭାବଶାଳୀ ଅସ୍ତ୍ର ପାଲଟିଛି। ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ଏହି ଆପ୍‌ରେ ଆଜି ସୁଦ୍ଧା ୭୯ ହଜାରରୁ ଅଧିକ ଅଭିଯୋଗ ଆସିଛି। ୯୯% ରୁ ଅଧିକ ଅଭିଯୋଗର ସମାଧାନ ହୋଇଛି ଏବଂ ୧୦୦ ମିନିଟ୍ ମଧ୍ୟରେ ପ୍ରାୟ ୮୯% ଅଭିଯୋଗର ସମାଧାନ ହୋଇଛି। ଦ୍ରୁତ ବେଗ ଏବଂ ସ୍ୱଚ୍ଛତା ହେଉଛି ସିଭିଜିଲ ଆପ୍‌ର ମୂଳଦୁଆ। ବେଆଇନ ହୋର୍ଡିଂ ଏବଂ ବ୍ୟାନର ବିରୋଧରେ ୫୮,୫୦୦ରୁ ଅଧିକ ଅଭିଯୋଗ (ସମୁଦାୟ ୭୩%) ଆସିଛି। ୧୪୦୦ରୁ ଅଧିକ ଅଭିଯୋଗ ଟଙ୍କା, ଉପହାର ଏବଂ ମଦ ବଣ୍ଟନ ସମ୍ବନ୍ଧୀୟ ରହିଛି। ପାଖାପାଖି ୩% ଅଭିଯୋଗ (୨୪୫୪) ସମ୍ପତ୍ତି ନଷ୍ଟ କରିବା ସମ୍ବନ୍ଧୀୟ ହୋଇଥିବା ବେଳେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ଏବଂ ଧମକ ଦେବା ପାଇଁ ଆସିଥିବା ୫୩୫ଟି ଅଭିଯୋଗ ମଧ୍ୟରୁ ୫୨୯ଟିର ସମାଧାନ ହୋଇସାରିଛି। ନିଷିଦ୍ଧ ଅବଧିରେ ମାଇକ ଯୋଗେ ପ୍ରଚାର ପାଇଁ ୧୦ ଅଭିଯୋଗ ଆସିଛି। ସିଭିଜିଲ୍ ଆପ୍ ନିର୍ବାଚନୀ ତଦାରଖ ଏବଂ ପ୍ରଚାର ବିଶୃଙ୍ଖଳା ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ୨୦୨୪ ଘୋଷଣା ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ରାଜୀବ କୁମାର ନାଗରିକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଥିଲେ ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ଭୋଟରଙ୍କୁ କୌଣସି ପ୍ରକାର ପ୍ରଲୋଭନ ବଣ୍ଟନ ବିଷୟରେ ଜଣାଇବା ପାଇଁ ଏହି ଆପ୍ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ସିଭିଜିଲ୍ ହେଉଛି ଉପଭୋକ୍ତା-ଅନୁକୂଳ ଏବଂ ପରିଚାଳନା କରିବାକୁ ସହଜ ଆପ୍ଲିକେସନ୍, ଯାହା ସଚେତନ ନାଗରିକମାନଙ୍କୁ ଜିଲ୍ଲା ନିୟନ୍ତ୍ରଣ କକ୍ଷ, ରିଟର୍ଣ୍ଣିଂ ଅଫିସର ଏବଂ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ସହିତ ସଂଯୋଗ କରେ। ଏହି ଆପ୍ ବ୍ୟବହାର କରି ନାଗରିକମାନେ କିଛି ମିନିଟ୍ ମଧ୍ୟରେ ଏବଂ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନଯାଇ ରାଜନୈତିକ ଅସଦାଚରଣ ଘଟଣା ସମ୍ପର୍କରେ ତୁରନ୍ତ ରିପୋର୍ଟ କରିପାରିବେ। ସିଭିଜିଲ୍ ଆପ୍‌ରେ ଅଭିଯୋଗ ପଠାଯିବା ମାତ୍ରେ ଅଭିଯୋଗକାରୀଙ୍କୁ ଏକ ୟୁନିକ୍ ଆଇଡି ମିଳିବ, ଯାହା ଜରିଆରେ ବ୍ୟକ୍ତି ଜଣକ ନିଜ ମୋବାଇଲରେ ଅଭିଯୋଗ ଟ୍ରାକ୍ କରିପାରିବେ। ଏକାସାଙ୍ଗରେ କାର୍ଯ୍ୟ କରୁଥିବା କାରକଗୁଡ଼ିକର ଏକ ତ୍ରିକୋଣ ସିଭିଜିଲକୁ ସଫଳ କରିଥାଏ । ଉପଭୋକ୍ତାମାନେ ରିୟଲ ଟାଇମରେ ଅଡିଓ, ଫଟୋ କିମ୍ବା ଭିଡିଓ ସଂଗ୍ରହ କରନ୍ତି ଏବଂ ଅଭିଯୋଗର ସମୟବଦ୍ଧ ପ୍ରତିକ୍ରିୟା ପାଇଁ ''୧୦୦ ମିନିଟ୍? କାଉଣ୍ଟଡାଉନ୍ ସୁନିଶ୍ଚିତ କରାଯାଏ। ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଜଣାଇବା ପାଇଁ ଉପଭୋକ୍ତା ସିଭିଜିଲରେ ସେମାନଙ୍କ କ୍ୟାମେରା ଅନ୍ କରିବା ମାତ୍ରେ ଏହି ଆପ୍ ସ୍ୱତଃସ୍ଫୂର୍ତ ଭାବରେ ଏକ ଜିଓ-ଟ୍ୟାଗିଂ ଫିଚର୍ ସକ୍ଷମ କରିଥାଏ। ଏହାର ଅର୍ଥ ହେଉଛି ଫ୍ଲାଇଂ ସ୍କ୍ୱାଡ୍ ରିପୋର୍ଟ ହୋଇଥିବା ଉଲ୍ଲଂଘନର ସଠିକ ସ୍ଥାନ ଜାଣିପାରିବ ଏବଂ ନାଗରିକଙ୍କ ଦ୍ୱାରା ନିଆଯାଇଥିବା ଫଟୋକୁ ଅଦାଲତରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ। ନାଗରିକମାନେ ବେନାମୀ ଭାବେ ମଧ୍ୟ ଅଭିଯୋଗ ଜଣାଇପାରିବେ। ପ୍ରଯୁକ୍ତିର ଉପଯୋଗ କରିବା ଏବଂ ଭୋଟର ଏବଂ ରାଜନୈତିକ ଦଳଗୁଡ଼ିକର ସୁବିଧା ପାଇଁ ଆୟୋଗ ଦ୍ୱାରା ନର୍ମତ ଆପ୍ ଗୁଡ଼ିକ ମଧ୍ୟରୁ ଏହି ଆପ୍ ଅନ୍ୟତମ।

ମିଥ୍ୟା ପ୍ରଗତିର ଅଭିନବ ପ୍ରଚାରକ ନବୀନ ସରକାର: ସଜ୍ଜନ ଶର୍ମା

ଭୁବନେଶ୍ୱର (ବ୍ୟୁରୋ) : ରାଜସ୍ୱ ବଳକା ରାଜ୍ୟର ଡିଣ୍ଡିମ ପିଟୁଥିବା ନବୀନ ଶାସନରେ ଓଡ଼ିଶାର ଶ୍ରମିକ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ ମଜୁରୀ ପାଇବାକୁ କାହିଁକି ବାଧ୍ୟ ହେଉଛି? ଗୋଆ ଭଳି ଛୋଟିଆ ରାଜ୍ୟର ଶ୍ରମିକ ଦୈନିକ ୩୫୭ଟଙ୍କା ମଜୁରୀ ପାଉଥିବାବେଳେ ଓଡ଼ିଆ ଶ୍ରମିକଙ୍କୁ ୨୫୪ଟଙ୍କା ମଜୁରୀ 'ଶ୍ରମିକ ସମାଜ'କୁ ଅତ୍ୟନ୍ତ ପୀଡା ଦେଉଛି। ଯଥେଷ୍ଟ କାର୍ଯ୍ୟ ଓ ମଜୁରୀ ଅଭାବରେ ସେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛି। ଫଳତଃ ଆବଂଟିତ ଅର୍ଥକୁ ବିନିଯୋଗ ନାଁରେ ମେସିନ ଜରିଆରେ କାର୍ଯ୍ୟ କରାଇ କାର୍ଡଧାରୀଙ୍କୁ ହାତଗୁଞ୍ଜା ଦେଇ କର୍ମ ସଂସ୍କୃତିକୁ ନଷ୍ଟ କରିବାର ଚିତ୍ର ସର୍ବତ୍ର ଦେଖାଯାଉଛି ବୋଲି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ କର୍ମ ଯୋଗାଣରେ ବିଫଳ ହୋଇଛନ୍ତି। ଆମ ରାଜ୍ୟରେ ଯେତେ ପରିମାଣରେ କର୍ମ ଯୋଗାଣ ହେଉଛି, ତାଠାରୁ ଢେର ଅଧିକ ଅନ୍ୟ ରାଜ୍ୟମାନଙ୍କରେ ହେଉଛି ଏବଂ ସେଠାକାର ରାଜ୍ୟ ସରକାରମାନେ ଓଡ଼ିଶା ଠାରୁ ଅଧିକ ମଜୁରୀ ବୃଦ୍ଧି କରିଛନ୍ତି। ଏବେ ଓଡ଼ିଶାରେ ଶ୍ରମିକ ସର୍ବନିମ୍ନ ୨୫୪ଟଙ୍କା ପାଇବା ଅତ୍ୟନ୍ତ ପୀଡାଦାୟକ। କମ୍ ମଜୁରୀ କାରଣରୁ ହଜାର ହଜାର ଶ୍ରମିକ ତଥା ଓଡ଼ିଆ ଯୁବକମାନେ ଦାଦନ ଖଟିବାକୁ ବାହର ରାଜ୍ୟକୁ ଯାଉଛନ୍ତି। ରାଜ୍ୟ ସରକାର ଶ୍ରମିକମାରଣ ଆଭିମୁଖ୍ୟରେ ପରିବର୍ତନ କରି ନିଜ ପକ୍ଷରୁ ମଜୁରୀ ବୃଦ୍ଧି କରନ୍ତୁ। ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ୩ଶହ ଟଙ୍କା ଦିଆଯାଉ ବୋଲି ଶ୍ରୀ ଶର୍ମା ଦାବୀ କରିଛନ୍ତି ।

ସମ୍ ହସ୍ପିଟାଲ୍‌ରେ ଯକ୍ଷ୍ମା ରୋଗ ନେଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ବ୍ୟୁରୋ) : ଯକ୍ଷ୍ମା ଅର୍ଥାତ ଟ୍ୟୁବରକ୍ୟୁଲୋସିସ୍ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ ସୁସ୍ଥ ହୋଇପାରିବ ବୋଲି ବିଶେଷଜ୍ଞଙ୍କ ମତ ଦେଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ଏକ ସପ୍ତାହ ବ୍ୟାପୀ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସିଏମ୍‌ଇରେ ଯକ୍ଷ୍ମାରେ ପୀଡ଼ିତ ବ୍ୟକ୍ତିବିଶେଷଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଔଷଧ ସେବନ ଉପରେ ଗୁରୁତ୍ୱ ଦେଇଛନ୍ତି ହସ୍ପିଟାଲ୍‌ର ପିଜି ଡିପାର୍ଟମେଂଟ ଅଫ୍ ରେସ୍‌ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ବନାନୀ ଜେନା। ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ଅବସରରେ ପ୍ରଫେସର ଜେନା କହିଛନ୍ତି ଯେ ମଧୁମେହ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଯକ୍ଷ୍ମା ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଦୁଇଟି ସମସ୍ୟାର କିଭଳି ଚିକିତ୍ସା କରାଯାଇପାରିବ ସେ ନେଇ ସଚେତନତା ସୃଷ୍ଟି କରିବା ହିଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ପ୍ରଫେସର ଜେନା କହିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର ହସ୍ପିଟାଲ୍‌ରେ ଖୁବ୍ ଶୀଘ୍ର ଯକ୍ଷ୍ମା ରୋଗର ଚିହ୍ନଟ ନିମନ୍ତେ ଏକ ଜେନମ୍ ସିକ୍ୱେନ୍ସିଂ ଲ୍ୟାବ୍ ପ୍ରସ୍ତୁତ କରାଯିବା ସହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏକ ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ ଟିବି ୱାର ଆରମ୍ଭ କରାଯିବ ବୋଲି କହିଥିଲେ। ଏଥି ସହିତ ଟିବିକୁ ରୋକିବାରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମ ଉପଯୁକ୍ତ ପନ୍ଥା ପ୍ରସ୍ତୁତ କରାଗଲେ ଟିବି ହାରିବ ଓ ଦେଶ ଜିତିବ ବୋଲି କହିଥିଲେ। ଏହି ଅବସରରେ ରାଜମହେନ୍ଦ୍ରୀ ସ୍ଥିତ ଜିଏସ୍‌ଏଲ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ଟିବି ଆଣ୍ଡ ଚେଷ୍ଟ ଡିଜିଜେସ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୋମନାଥ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଟିବି ଓ ଡାଇବିଟିସ୍ କିଭଳି ଜଣେ ରୋଗୀ ଉପରେ ଭାରି ପଡ଼େ ଓ ଏହାକୁ ନିରାକରଣ କରିବା ନେଇ ଉପଯୁକ୍ତ ଚିକିତ୍ସା ଓ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଆୟୋଜିତ ସିଏମ୍‌ଇରେ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ମେଟାବୋଲିଜିମ୍ ବିଭାଗର ପ୍ରଫେସର ଜୟଶ୍ରୀ ସ୍ୱାଇଁ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ହେଡ କ୍ୱାର୍ଟର୍‌ର ଏନ୍‌ଟିଇପି କନ୍‌ସଲ୍‌ଟାଂଟ ଡାକ୍ତର ସୁବ୍ରତ ପଣ୍ଡା ମଧ୍ୟ ଯକ୍ଷ୍ମା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଓଏସ୍‌ଡି ପ୍ରହଲ୍ଲାଦ ମହାନ୍ତି, ସୋଆର ଚିଫ୍ ଫାସିଲିଟେଟିଂ ଅଫିସର ପ୍ରତିମା ରାଉତରାୟ, ଫାୟାର ଅଫିସର ଏ.ଟି ବସ୍ତିଆ, ଏଓ, ସିକ୍ୟୁରିଟି ପି.ସି ପଣ୍ଡା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଏଏନ୍‌ଏସ୍ ରଶ୍ମିତା ସ୍ୱାଇଁ, ଏଏନ୍‌ଏମ୍ ସୁଶ୍ରୀ ଶୁଭସ୍ମିତା ସାହୁ, ଷ୍ଟାଫ୍ ନର୍ସ ସୁଶ୍ରୀ ନମିତା ନାୟକ ଓ ଶୁଭଲକ୍ଷ୍ମୀ ଖୁଂଟିଆ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଟ ପ୍ରଫେସର ଡାକ୍ତର ପ୍ରୀତମ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ। ହସ୍ପିଟାଲ୍‌ର ପଲ୍‌ମୋନାରୀ ବିଭାଗର ପ୍ରଫେସର ରାଖି ଲୁଦାମ୍, ପ୍ରଫେସର ପ୍ରିୟଦର୍ଶିନୀ ବେହେରା, ଆସୋସିଏଟ୍ ପ୍ରଫେସର, ଡାକ୍ତର ସଂଗୀତା ଜେନା, ଡାକ୍ତର ସୋନାଲୀ ପରିଡ଼ା, ଡାକ୍ତର ପ୍ରୀତମ୍ ଛୋଟରାୟ ଏବଂ ଆସିଷ୍ଟାଂଟ ପ୍ରଫେସର, ଡାକ୍ତର କେ.ସି. ସାହୁ, ଡାକ୍ତର ସୋନାଲୀ ମଲ୍ଲିକ୍, ଡାକ୍ତର ପ୍ରଜ୍ଞା ରାଉତ, ଡାକ୍ତର ଅମ୍ଳାନ୍ ମିଶ୍ର ଓ ଡାକ୍ତର ସୌରଭ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ହସ୍ପିଟାଲ୍ ପକ୍ଷରୁ ସଚେତନତା ର୍ୟାଲି ଓ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା।

ପ୍ରଦେଶ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ୭ ଜଣ ରାଜ୍ୟ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗକୁ ତୃଣମୂଳସ୍ତରରୁ ଅଧିକ କ୍ରୀୟାଶୀଳ କରିବା ସହ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କିଭଳି ଭାବରେ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ କଂଗ୍ରେସର ବାର୍ତା ପହଂଚିବ ତାହା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଫଳତା ପହଂଚାଇବାପାଇଁ ଅଖିଳ ଭାରତ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ପ୍ରଭାରୀ ଶ୍ରୀ ବରୁଣ ପାଣ୍ଡେ ଏବଂ ରାଜ୍ୟ ଯୁବ କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ରାଜ୍ୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ସୁଦିପ ସାମଲ ୭ଜଣ ଗଣମାଧ୍ୟମ ସଂଯୋଜକଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ – ଡଙ୍କୁର ଲିପିକା ମାଝୀ, ଶ୍ରୀମତୀ କିରଣ ଜୟପୁରିଆ, ଅଙ୍କିତ ସାହୁ, ସୁଶାନ୍ତ କୁମାର ସାହୁ, ଜୟପ୍ରକାଶ ବେହେରା, କେ ମିହିର କୁମାର, ମହମ୍ମଦ ଫରଭେଜ। ଏହି ନିଯୁକ୍ତି ଦେବାପରେ ଶ୍ରୀ ସାମଲ

ପଞ୍ଚାୟତ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ

ବାଲୁଗାଁ (ଅମୃତ ମିଡିଆ) : ଦିନକୁଦିନ ବାଲୁଗାଁ ତଥା ଆଖପାଖ ଅଞ୍ଚଳରେ ଚୋରି, ରାହଜାନି ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ଅଞ୍ଚଳରେ ଦୁର୍ବୃତ୍ତ ମାନେ ଗୋଟେ ପରେ ଗୋଟେ କାଣ୍ଡ କାରନାମା କରୁଥିବା ବେଳେ ଜନସାଧାରଣ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଗୁରୁବାର ବିଜନ୍ୟିତ ରାତିରେ ବାଲୁଗାଁ ନିକଟସ୍ଥ ଆଁକୁଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସମ୍ପତି ଲୁଟ ହୋଇଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି । ଖବର ମୁତାବକ ଆଁକୁଲା ଗ୍ରାମପଞ୍ଚାୟତର ଜିଆରଏସ କାଲୁ ବାରିକ ଶୁକ୍ରବାର ପୂର୍ବାହ୍ନରେ ନୂତନ ଏଡିଇଓ ମିନାକ୍ଷୀ ସ୍ୱାଇଁଙ୍କୁ ପଞ୍ଚାୟତର ଦାଇତ୍ୱ ଦେବାକୁ କାର୍ଯ୍ୟାଳୟକୁ ଆସିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ତାଲା ଭାଙ୍ଗି ଥିବା ବେଳେ କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ । ଏନେଇ ଶ୍ରୀ ବାରିକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ବେହେରାଙ୍କୁ ଅବଗତ କରିବାରେ ସରପଞ୍ଚ, ଯୋଗାଣ ସହାୟକ, ସରପଞ୍ଚ ପ୍ରତିନିଧି, ଏମବିକେ ପ୍ରମୁଖ କାର୍ଯ୍ୟାଳୟରେ ପହଞ୍ଚି ଦେଖିବା ବେଳକୁ ପଞ୍ଚାୟତରେ ଲାଗିଥିବା ଏସି, ଷ୍ଟାବିଲାଇଜର, ଇନଭର୍ଟର, ବ୍ୟାଟେରୀ, ଏଲଇଡ଼ି ଟିଭି, କ୍ୟାମେରା ଆଦି ନଥିବା ବେଳେ ଆଲମିରା ଖୋଲି ସମସ୍ତ କାଗଜପତ୍ର ଫୋପଡାଫିଙ୍ଗା ହୋଇଥିବା ସହ ଗୋଦାମରୁ ୧୦ ବସ୍ତା ଚାଉଳ ନଥିବା ଜାଣିବାକୁ ପାଇଥିଲେ । ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଶୁକ୍ରବାର ଦିନ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଲିଖିତ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।

ସଡ଼କ ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ଜଟଣୀ (ଅମୃତ ମିଡିଆ) : ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମର ମେଳଣ ପଡିଆ ରେ ରହୁଥିବା ଯୁବ ଇଞ୍ଜିନିୟର ଶ୍ରୀ ମିଳନ ମହାନ୍ତି ଅମିଲୁ ବୟସ ପଇଁଚାଳିଶ ବର୍ଷ ଗତକାଲି ମଧ୍ୟରାତ୍ର ରେ ଜଟଣୀ ବ୍ଲକ ପାଖରେ ଏକ ହାଇୱା ଟ୍ରକ ଚାପାରେ ମୃତ୍ୟୁ ଘଟିଛି । ଖବର ମୁତାବକ ସ୍ୱର୍ଗତ ଶ୍ରୀ ମହାନ୍ତି ଖୋର୍ଦ୍ଧା ଠାରେ ଏକ କମ୍ପାନୀରେ ଇଞ୍ଜିନିୟର ଭବେ କାର୍ଯ୍ୟକରନ୍ତି, ଗତ କାଲି ମାର୍ଚ୍ଚ ମାସ ଶେଷ ସପ୍ତାହ ହେତୁ ଡବଲ ଡ଼ିଉଟି ସାରି ନିଜ ମୋଟର ସାଇକେଲରେ ରାତ୍ର ବାରଟାରେ ଖୋର୍ଦ୍ଧା ରୁ ନିଜୀ ଗ୍ରାମ କୁଦିଆରିକୁ ଫେରୁଥିଲେ । ବ୍ଲକ ଅଫିସ ପାରହେଲା ପରେ ଆଗରେ ଥିବା ଧାଡି ଧାଡି ହମ୍ପସ ପାଖରେ ନିୟନ୍ତ୍ରଣ ହରାଇ ପଡିଯାଇଥିଲେ । ଗାଡିଟି ରାସ୍ତା କଡରେ ପଡ଼ିଥିବା ବେଳେ ଚାଳକ ରାସ୍ତା ମଝିରେ ଛିଟିକି ପଡ଼ିଥିଲେ । ଦୁର୍ଭାଗ୍ୟକୁ ସେହି ସମୟରେ ପଛପଟୁ ଆସୁଥିବା ବାଳଶ ବୋଜେଇ ହାଇୱା ଟ୍ରକ ଅଣ୍ଟା ଉପରେ ଚଢିଯାଇଥିଲା । ଫଳରେ ପେଟ ଭିତରୁ ଅନ୍ତନାଡ଼ା ବାହାରି ପଡ଼ି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଏମ୍ସ ପଠାଇଥିଲେ । ଖବର ମୁତାବିକ ଦୁର୍ଘଟଣା ଘଟଇଥିବା ହାଇୱା ଗାଡି ଓ ଚାଳକକୁ ଜଟଣୀ ଥାନାରେ ଅଟକ ରଖାଯାଇଛି । ଆଜି ତାଙ୍କର ଶବ ଏମ୍ସ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରା ଯାଇଥିଲା । ଏକ ଶୋକାକୁଳ ପରିବେଶରେ ଶବ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କର ବିଧବା ପତ୍ନୀ ସାଙ୍କ୍ରିନା ବଳିୟାରସିଂ ମହାନ୍ତି ଓ ଦଶ ବର୍ଷର ଏକ ପୁତ୍ର ସନ୍ତାନ ଅଛନ୍ତି । ଅଟକ ହାଇୱା ଚାଳକଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ସହିତ ଉପଯୁକ୍ତ କ୍ଷତିପୂରଣ ପାଇଁ ନଗରପାଳ ଅନନ୍ତ ବେହେରା, ପୂର୍ବତନ କାଉନସିଲର ଲୁସେନ ରାୟ, କାଉନସିଲର ଶଶାଙ୍କ ଶେଖର ରାୟ, ପାତିଆ ପାଇକରାୟ, ବାପୁ ମହାନ୍ତି , ରେଳ ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ଏଲ ଡ଼ି ମହାନ୍ତି ସମେତ ସମବେତ ଗ୍ରାମବାସୀ ଦୃଢ ଦାବି କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

ହୃଦ୍‌ଘାତରେ ପ୍ରଧାନ ଶିକ୍ଷକଙ୍କ ବିୟୋଗ

ମାର୍ଶାଘାଇ (ଅମୃତ ମିଡିଆ) : ମାର୍ଶାଘାଇ ବ୍ଲକ ଦଶିପୁର ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପରିଡାଙ୍କର ଶୁକ୍ରବାର ବିୟୋଗ ଘଟିଛି । ମାର୍ଶାଘାଇ ହାଇସ୍କୁଲ ରୋଡ଼ ସ୍ଥିତ ଭଡାଘରେ ସକାଳେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଅଧିକ ଗୁରୁତର ଅନୁଭବ କରିବାରୁ କେନ୍ଦ୍ରାପଡା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ବିୟୋଗ ଘଟିଥିଲା । ଆସନ୍ତା ଏପ୍ରିଲ ମାସରେ ସେ ଚାକିରିରୁ ଅବସର ନେଇଥାନ୍ତେ । ତାଙ୍କର ଏଭଳି ଅକାଳ ବିୟୋଗରେ ସମଗ୍ର ଶିକ୍ଷୟ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀରକୁ ନିଜ ପୈତୃକ ସ୍ଥାନ ମାର୍ଶାଘାଇ ଥାନା ତେରଗାଁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି ।

ସହୀଦ ଲକ୍ଷ୍ମଣ ନାୟକ ଭାରତର ଗର୍ବ ଓ ଗୌରବ

ରଘୁନାଥପୁର (ଅମୃତ ମିଡିଆ) : ସହିଦ ଲକ୍ଷ୍ମଣ ନାୟକ ଦେଶର ଗର୍ବ ଓ ଗୌରବ ଥିଲେ ବୋଲି ଆଜି ରଘୁନାଥପୁର ବ୍ଲକସ୍ଥ ମହାତ୍ମା ଗାନ୍ଧୀ ସଭାକକ୍ଷରେ ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକଙ୍କର ୮୨ତମ ସହିଦ ଦିବସରେ ମୁଖ୍ୟଅତିଥି ଭାବେ ମାନସ ପ୍ରଫେସର ଶରତ କୁମାର ରାଉତରାୟ ଯୋଗଦେଇ କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ ଯୋଗଦେଇ ସହିଦ ଲକ୍ଷ୍ମଣ ନାଏକ କୋରାପୁଟ ଜିଲ୍ଲା ମାଲକାନଗିରି ତାଲୁକର ଡେନ୍ଗୁଳିଗୁମ୍ଫା ଗ୍ରାମରେ ଜନ୍ମଗ୍ରହଣ କରି ବ୍ରିଟିଶ ବିରୁଦ୍ଧରେ ମହାସଂଗ୍ରାମ କରି ଦେଶ ପାଇଁ ସହିଦ ହୋଇଥିଲେ ବୋଲି କହିଥିଲେ । ଏଥିରେ ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରି ସହିଦ ଲକ୍ଷ୍ମଣ ନାଏକ ପରାଧୀନ ଭାରତବର୍ଷରେ ମହାଜନ ଓ ବ୍ରିଟିଶ ଶାସକଙ୍କ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରି ଦେଶପାଇଁ ପ୍ରାଣବଳି ଦେଇଥିଲେ । ସେ ଅସାଧାରଣ ଦେଶପ୍ରେମ, ଅଦ୍ୟମ ସାହାସ, ନିର୍ଭୀକ ସଂଗ୍ରାମୀ ଥିଲେ ।ଆଇନ ଅମାନ୍ୟ ଆନ୍ଦୋଳନ, ଭାରତଛାଡ ଆନ୍ଦୋଳନରେ ଲକ୍ଷ୍ମଣ ନାଏକ ଯୋଗଦେଇ ଥିଲେ ।ଅଗଷ୍ଟ ବିପ୍ଳବ ଥିଲା ତାଙ୍କର ସଂଗ୍ରାମୀ ଜୀବନର ସବୁଠାରୁ ବଡ ଆହ୍ୱାନ ବୋଲି ଶ୍ରୀ ସ୍ୱାଇଁ କହିଥିଲେ । ଏଥିରେ ଆଗାମୀ ଓଡିଶା ସଭାପତି ଶିକ୍ଷାବିତ ପ୍ୟାରୀମୋହନ ପଟ୍ଟନାୟକ, ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବାବାଜି ଚରଣ ସାହୁ, ଜିଲ୍ଲା କୃଷକ ସଂଗଠନ ସଂପାଦକ ଇଂ ବାବାଜୀ ଜେନା, ଅଧ୍ୟାପକ ଭଗବାନ ବିଶ୍ୱାଳ, ପୂର୍ବତନ ବିଆରସିସି ସଦାଶିବ ବିଶ୍ୱାଳ, ଶିକ୍ଷାବିତ୍ ଯଦୁନାଥ ଜେନା, ପ୍ରାଧାପକ ଆଶିଷ କୁମାର ଚକ୍ରବର୍ତ୍ତୀ , କିଶନନଗର କଲେଜ ଅଧକ୍ଷ ଅଜିତ ମୁର୍ଖାଜୀ, ବରିଷ୍ଠ ଆଇନଜୀବୀ ଏମଏନ ହର୍ଷବର୍ଦ୍ଧନ, ମାଧ୍ୟମ ଶିକ୍ଷା ପରିଷଦ ପୂର୍ବତନ ଡେପୁଟି ସେକ୍ରେଟେରୀ ରବିନ୍ଦ୍ର କୁମାର ମହାପାତ୍ର, ସମାଜସେବୀ ପାର୍ଥସଖା ପାଲଟା ସିଂ, ଶିକ୍ଷାବିତ ପ୍ରାଣକୃଷ୍ଣ ନାୟକ, ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ପ୍ରଦିପ୍ତ କୁମାର ନାୟକ, ରାଜ୍ୟ ଶିକ୍ଷକନେତା ଜୟପ୍ରକାଶ ପଣ୍ଡା, ଶିକ୍ଷକନେତା ନିର୍ମଳେନ୍ଦୁ ସୋମ, ଶିକ୍ଷକନେତା ଉମେଶ କୁମାର ନାୟକ, ଦେବାଶିଷ ବେହେରା, ଶିକ୍ଷକ କୁଶ ମଲ୍ଲିକ୍, ପଣ୍ଡିତ ପ୍ରଭାତ କିରଣ ମିଶ୍ର, ସମାଜସେବୀ ଅଶୋକ କୁମାର ଦାସ, ସମାଜସେବୀ ଦେବବ୍ରତ ନାୟକ ପ୍ରମୁଖ ଯୋଗଦେଇ ସହିଦ ଲକ୍ଷ୍ମଣ ନାଏକଙ୍କର ବିରତ୍ୱ ଓ ଦେଶ ଭକ୍ତି ଉପରେ ଆଲୋଚନା କରିଥିଲେ । ଶେଷରେ ସମାଜସେବୀ ବିଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବଲାଙ୍ଗୀର ଗସ୍ତ

ବଲାଙ୍ଗୀର (ଅମୃତ ମିଡିଆ) : ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଦିନିକିଆ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଆସି ବଲାଙ୍ଗିର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେ ମତଦାନ କେନ୍ଦ୍ର ଗୁଡିକରେ ପାନୀୟଜଳ, ବିଦ୍ୟୁତ, ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ଶୌଚାଳୟ, ଏବଂ ଖରା ରୁ ବର୍ତ୍ତିବା ପାଇଁ ଶେଡ ଆଦି କୁ ଗୁରୁତ୍ୱ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ପିଂକ ବୁଥ, ହୋମ ଭୋଟିଂ, ବାଲାଟ ପେପର, ଭୋଟ ହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ପ୍ରକ୍ରିୟା କୁ ପ୍ରଯୁକ୍ତି ବ୍ୟବହାର ଦ୍ୱାରା ଆହୁରି ସରଳ କରିହେବ ବୋଲି ସୂଚନା ଦେବାସହ ଆପ ବ୍ୟବହାର ଉପରେ ପର୍ଯ୍ୟାପ୍ତ କୁଶଳୀ ହେବାକୁ କହିଥିଲେ । ସି ଭିଜିଲ ଆପ, ଆଦର୍ଶ ଆଚରଣ ବିଧି, ଖର୍ଚ୍ଚ ବିବରଣୀ ଟିମ, ଆଦି ଟିମ ଗୁଡିକର କାର୍ଯ୍ୟ ପଦ୍ଧତି ମଧ୍ୟ ସମୀକ୍ଷା ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ରେ ଦୁଇ ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ପୋଲିସ ଅଧିକାରୀଙ୍କ ସହ ବୈଠକ କରିଥିଲେ । ସମ୍ବେଦନଶୀଳ ବୁଥ ତଥା ନକ୍ସଲ ପ୍ରବଣ ଅଞ୍ଚଳରେ ଚେକପୋଷ୍ଟ, ପୋଲିସ ପେଟ୍ରୋଲିଙ୍ଗ ଉପରେ ଅଧିକ ଧ୍ୟାନ ଦେବାକୁ କହିଥିଲେ । ଅବୈଧ କାରବାର, ଅବକାରୀ ଦ୍ରବ୍ୟ ରୋକିବାକୁ ଅଧିକ ଚେକପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ । ଲାଇସେନ୍ସ ବନ୍ଧୁକ ଜମା କରିବା ସହିତ ନିର୍ବାଚନ କୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଅଧିକାରୀ ନିଜ ଦାୟୀତ୍ୱ ଶତ ପ୍ରତିଶତ ସଠିକ ଭାବେ ପାଳନ କରିବା ପାଇଁ କହିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ଆରଡିସି (ସମ୍ବଲପୁର) ଶ୍ରୀକାନ୍ତ ପୃଷ୍ଟି, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶ୍ରୀ ଗୌରୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ଶ୍ରୀ ଖିଲାରୀ ରିଷିକେଶ ଦ୍ୟାନଦେଓ, ଉଭୟ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ , ସମସ୍ତ ନିର୍ବାଚନ ସମ୍ବନ୍ଧିୟ କମିଟି ଓ ସଂଯୁକ୍ତ ଅଧିକାରୀମାନେ ସାମିଲ ଥିଲେ । ଏହି ଗସ୍ତ ରେ ମୁଖ୍ୟ ନିର୍ବାଚନ ଅଧିକାରୀ ଷ୍ଟ୍ରଙ୍ଗ ରୁମ ସରକାରୀ ଆଇଟିଆଇ ପରିଦର୍ଶନ କରିଥିଲେ ।

ବାଇକ୍ ଓ ମଦ ଜବତ : ଜଣେ ଗିରଫ

ନୀଳଗିରି (ଅମୃତ ମିଡିଆ) : ମଦ ବେପାରରେ ଅଧିକ ଲାଭ ମିଳୁଥିବାରୁ ବେପାରୀମାନେ ଆପଣେଇ ନେଇ ଗାଁ ରେ ମଦ ଦୋକାନ ଖୋଲି ବିକ୍ରି କରୁଥିବାରୁ ଶିକ୍ଷିତ ଯୁବକ ମାନେ ମଦ ପାନ କରି ଗାଁ ରେ ଗୋଣ୍ଡଗୋଳ ହେଉଥିବାର କୁହାଯାଉଛି । ଏହି ମଦ ବେପାରୀଙ୍କୁ ରୋକ୍ ଦେବାଲାଗି ଆଜି ନୀଳଗିରି ଅବକାରୀ ବିଭାଗ ପୁନ୍ଦାଳ ରାସ୍ତାରେ ଜଣେ ମଦ ବେପାରୀଙ୍କୁ କାବୁ କରିଛନ୍ତି । ମାଟିଆଳି ପଞ୍ଚାୟତ ଘୁଣ୍ଟିବଣିଆ ଗ୍ରାମର ମଙ୍ଗଲସିଂଙ୍କୁ ଗିରଫ କରିବା ସହ ବାଇକ ସହ ୭୦ ଲିଟର ଦେଶୀମଦ ଜବତ କରାଯାଇଛି । ସୂଚନାଯୋଗ୍ୟ ମଙ୍ଗଲ ସିଂ ଏକ ବାଇକରେ ଦେଶୀମଦ ନେଇ ଯାଉଥିବା ବେଳେ ନୀଳଗିରି ଅବକାରୀ ବିଭାଗ ମାଡି ବସିଥିଲା ।ଗାଡି ସହ ଦେଶୀ ମଦ ଜବତ କରିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ଏନେଇ ମାମଲା ରୁଜୁ ହୋଇଛି ।

ଶ୍ରୀଜଗନ୍ନାଥଙ୍କ ଚବିଶ ବେଶ ଛପନ ଭୋଗ ଦର୍ଶନ

କୁଜଙ୍ଗ (ଅମୃତ ମିଡିଆ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା କଲେଜ ପଡିଆ ନିକଟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚବିଶ ବେଶ, ଛପନ ଭୋଗ ପ୍ରଦର୍ଶନ ସହିତ ଦ୍ୱାଦଶ ବାର୍ଷିକ ଭାଗବତ ସପ୍ତାହ ପାଳନ ଅବସରରେ ଆଠଦିନ ବ୍ୟାପି ତା ୨୫/୦୩/୨୦୨୪ଠାରୁ ତା ୩୧/୦୪/୨୦୨୪ ପର୍ଯ୍ୟନ୍ତ ବିଶ୍ୱର କଲ୍ୟାଣ ପାଇଁ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଅଛି । ଆୟୋଜକ ନାମାଚାର୍ଯ୍ୟ ଶ୍ରୀମଦ ବାୟା ବାବା ଭାଗବତ ପ୍ରଚାର ପ୍ରସାର ସମିତି, ରାହାମାର ମୁଖ୍ୟ ସଂଯୋଜକ ଆଡ଼ଭୋକେଟ ଡ଼ ସୁନାକର ବେହେରା କହିଛନ୍ତି ପ୍ରଥମ କରି ଜଗତସିଂହପୁର ଜିଲ୍ଲାରେ ଶ୍ରୀ ଜଗନ୍ନାଥଙ୍କ ଚବିଶ ବେଶ, ଛପନ ଭୋଗ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଠାକୁର ରାଜା ଗଜପତି ମହାରାଜଙ୍କ ମାର୍ଗଦର୍ଶନ ଓ ଶ୍ରୀ ଜଗନ୍ନାଥ ମହିମାର ରାଷ୍ଟ୍ରୀୟ ପ୍ରଚାରକ ବ୍ରହ୍ମଚାରି ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଭଳି ଏକ ଭବ୍ୟ ବିଶାଳ କାର୍ଯ୍ୟକ୍ରମ ଆୟୋଜିତ ହେଉଅଛି । ଶ୍ରୀ ଜଗନ୍ନାଥ ମନ୍ଦିରର ସର୍ବୋଚ୍ଚ ମୁଖ୍ୟ ଛତିଶା ନିଯୋଗ ନାୟକ ପାଟ ଯୋଶୀ ମହାପାତ୍ର, ଶ୍ରୀମନ୍ଦିରର ବହୁ ସେବାୟତ, ଶ୍ରୀମନ୍ଦିର ଚତୁରପାର୍ଶ୍ୱରେ ଥିବା ମଠ ମନ୍ଦିରର ମହନ୍ତ ଓ ଓଡ଼ିଶାର ବହୁ ବରେଣ୍ୟ ସାଧୁ ସନ୍ଥ ଯୋଗଦେଇ ଥିଲେ । ଆଧ୍ୟାତ୍ମିଙ୍କ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ସମସ୍ତ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ମହାପ୍ରସାଦ ସେବା ପ୍ରଦାନ କରାଯାଇଥିଲା । ଏହି ଭବ୍ୟ ବିଶାଳ ମହାନ ଭଗବତ ମହାଯଜ୍ଞରେ ୩୦୧ ମାତୃମଣ୍ଡଳୀ କଳସ ବୁଡାଇଥିବାବେଳେ ଏକ ହଜାରରୁ ଅଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ବିଶାଳ ଶୋଭାଯାତ୍ରାରେ କଳସ ଶୋଭାଯାତ୍ରା କରି ଭକ୍ତି ମୟ ପରିବେଶ ସୃଷ୍ଟି କରିଥିଲେ । ଯଜ୍ଞ କର୍ତ୍ତା ଉତ୍ତମ ଚରଣ ଦାସ ତାଙ୍କ ସହଧର୍ମିଣୀ କର୍ତ୍ତୀ ,ଲକ୍ଷ୍ମୀଧର ସାହୁ ଓ ତାଙ୍କ ସହଧର୍ମିଣୀ କର୍ତ୍ତୀ ଏବଂ ଆଚାର୍ଯ୍ୟ ବିଷ୍ଣୁ ନାରାୟଣ ପାଢ଼ା ମହାନ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ । ଅନୁଷ୍ଠାନର ସଭାପତି ରବିନାରାୟଣ ସାହୁ, ପ୍ର.ପ୍ରଶାନ୍ତ କୁମାର କାନୁନଗୋ,ଅମ୍ବର ସୋରୁମ ସତ୍ୟାଧୀକାରି ମାଣିକ ଲାଲ ମାହେଶ୍ୱରୀ, ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ,କୋଷାଧକ୍ଷ ଭିକାରୀ ଚରଣ ସେନାପତି,ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ସାହୁ ଦୀପକ କୁମାର ଦାସ,ଅଧିକାରୀ ରମାକାନ୍ତ ଦାସ,ମହେଶ୍ୱର ସାହୁ, ପ୍ରଦୀପ କୁମାର ସାହୁ,ପଦୀପ ବେଉରା,ବଇଁଶୀଧର କୁଣ୍ଡୁ, ନିହାର ରଞ୍ଜନ ଲେଙ୍କା, ମନୋରମା ମହାପାତ୍ର, ବିନୋଦ କୁମାର ବରାଳ, ଦିଲ୍ଲୀପ କୁମାର ସେନାପତି, ଅଭୟ ବାରିକ, ଗାଲେଖ ଚନ୍ଦ୍ର ସାହୁ, ସରୋଜ କୁମାର ଦାସ, ଦେବାଶିଷ ଅକ୍ଷୟ ମହାନ୍ତି, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ବହୁ ସଭ୍ୟ ସଭ୍ୟା ମାନେ ସହଯୋଗ କରିଥିଲେ

ପିଲାଙ୍କୁ ମାଗଣା ଶିକ୍ଷା ଦେଇ ଚର୍ଚ୍ଚାରେ ସମାଜସେବୀ

ବେତନଟୀ (ଅମୃତ ମିଡିଆ) : କୁହାଯାଏ ସୋଟଟ ରାସ୍ତାରେ ଗଲେ ଆସେ ଅନେକ ବାଧାବିଘ୍ନ । ଆଉ ସେ ସବୁ ଅଣଦେଖା କରି ଲୋକଙ୍କୁ ସେବା ପ୍ରଦାନ କରିବା ମାନବୃତି କୁ ଆପଣାଇ ଆଗକୁ ବଢିଚାଲିଛନ୍ତି ଜଣେ ସମାଜସେବୀ । ଦୀର୍ଘ ୫ ବର୍ଷ କାଳ ଶହ ଶହ ପିଲାଙ୍କୁ ମାଗଣା ଶିକ୍ଷାଦାନ କରୁଛନ୍ତି ସମାଜସେବୀ ବିକାଶ ଚନ୍ଦ୍ର ସେଠୀ । ୫ ବର୍ଷ ତଳେ ଗରିବ ଦୁଃଖୀ ପିଲାଙ୍କୁ ମାଗଣା ଶିକ୍ଷା ଦେବା ଲକ୍ଷରେ ବାରିପଦା ଓ ବାଲେଶ୍ୱର ଠାରେ ଆରମ୍ଭ କରିଥିଲେ ଭାରତ ବିକାଶ କନଭେଣ୍ଟ ସ୍କୁଲ । ମନରେ କୌଣସି ସ୍ୱାର୍ଥ ନ ରଖି ନିଃସ୍ୱାର୍ଥପର ଭାବରେ ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଅତି ପରିଚିତ ସାମାଜସେବୀ ବିକାଶ ଚନ୍ଦ୍ର ସେଠୀ । ଆଉ ତାଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ କରୁଛନ୍ତି ତାଙ୍କ ବଡ ଭାଇ ପ୍ରକାଶ ଚ

ତେଲେଙ୍ଗାନାରେ ପୁଣି ଦାଦନ ଶ୍ରମିକଙ୍କ ମୃତ୍ୟୁ

ନୂଆପଡା (ଅମୃତ ମିଡିଆ) : ନୂଆପଡା ଜିଲ୍ଲାରେ ଗତ କାଲି ଦୁଇ ଜଣ ଦାଦନ ଶ୍ରମିକ ମୃତ ହୋଇଥିବା ବେଳେ ଆଜି ପୁଣି କୋମନା ଥାନା ଅନ୍ତର୍ଗତ ଡୋଙ୍ଗରୀପାଲି ଗାଁର ନାରାୟଣ ସିନ୍ଦୁର(୫୦)ନାମକ ଜନୈକ ଶ୍ରମିକଙ୍କ ତେଲେଙ୍ଗାନାର ଏକ ଇଟାଭାଟିରେ କାମ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ପରିବାର ଲୋକ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷେ ପରିବାର ଲୋକ ସୁଦୂର ତେଲେଙ୍ଗାନାକୁ ଶବ ଆଣିବାକୁ ଯାଇଛନ୍ତି । ବିବରଣୀମତେ ନାରାୟଣ ଗତ ବର୍ଷ ନଭେମ୍ବର ମାସରେ ତେଲେଙ୍ଗାନାକୁ ଇଟାଭାଟିରେ କାମ କରିବାକୁ ଯାଇଥିଲେ । ସେଠାରେ ମଦାପୁର ଗାଁରେ ଇଟାଭାଟି ମାଲିକ ରବି ଗୁଡାବତଙ୍କ ନିକଟରେ କାମରେ ନିୟୋଜିତ ହୋଇଥିଲେ । ବୁଧବାର ବିଳମ୍ବିତ ରାତିରେ କୁଆଡେ ମୃତକ ନାରାୟଣ ନିଜର ମୋବାଇଲ ରିଚାର୍ଜ କରୁଥିବା ସମୟରେ ଭାଟିରେ ବିଜୁଳୀ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ବରଣ କରିଥିବା ଖବର ଆସିଛି । ଏହି ଖବର ଜାଣିବାପରେ ପରିବାର ଲୋକ ବିଭିନ୍ନ ସୂତ୍ରରୁ ସୂଚନା ସଂଗ୍ରହ କରିଛନ୍ତି । ଏହା ବିଜୁଳୀ ସଂସ୍ପର୍ଶରେ କି ଯୋଜନାବଦ୍ଧ ହତ୍ୟା କାଣ୍ଡ ବୋଲି ସନ୍ଦେହ କରିଛନ୍ତି । ଏହାକୁ ନେଇ ପରିବାର ଲୋକ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ କୋମନା ଥାନାକୁ ଜଣାଇଛନ୍ତି । ଏହା ଉପରେ ସବିଶେଷ ତଦନ୍ତ କରିବା ସହ ପୀଡିତ ପରିବାରକୁ ସହାୟତା ରାଶି ଯୋଗାଇଦେବାକୁ ଦାବି କରିଛନ୍ତି । ତାଙ୍କ ପରିବାର ଲୋକ ନିଜ ଖର୍ଚ୍ଚରେ ସୁଦୂର ତେଲେଙ୍ଗାନାକୁ ଯାଇଛନ୍ତି । ସେ ପଟେ ମୃତ ଦେହକୁ ହସପିଟାଲରେ ରଖାଯାଇଛି । ପରିବାର ଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି କୁହାଯାଉଛି ।

୪୦ ଡିଗ୍ରୀ ଖରାରେ ସିଝୁଛି ଧର୍ମଗଡ

ତୃଷା ମେଣ୍ଟାଇବା ଲାଗି ହନ୍ତସନ୍ତ ଲୋକେ

କଳାହାଣ୍ଡି (ଅମୃତ ମିଡ଼ିଆ) : ସାରା ରାଜ୍ୟରେ ଏବେ ତାତିର ମାତ୍ରା ବୃଦ୍ଧି ପାଉଛି । ଖରା ଦାଉରେ ଜନଜୀବନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅଧିକାଂଶ ସ୍ଥାନରେ ପାରଦ ୪୯କୁ ପା ? କରିସାରିଲାଣି । ଜରୁରୀ କାର୍ଯ୍ୟପାଇଁ ବାହାରକୁ ଯାଇଥିବା ଲୋକଙ୍କ ପାଇଁ ଖରାରେ ଯା' ଆସ କରିବା କଷ୍ଟକର ହୋଇ ପଡ଼ିଛି । ମଣିଷଠାରୁ ଆରମ୍ଭ କରି ପଶୁ ପକ୍ଷୀ ବି ସମସ୍ତେ ଖରାରେ ଅସ୍ତବ୍ୟସ୍ତ । ଗ୍ରୀଷ୍ମ ଋତୁ ଆସିଲେ ଲୋକଙ୍କୁ ତୃଷା ମେଣ୍ଟାଇବା ଲାଗି ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲିବା ନିୟମ ରହିଛି : ହେଲେ ମାର୍ଚ୍ଚ ମାସ ଶେଷ ହେବାକୁ ଥିବାବେଳେ କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକର ୨୪ ଟି ପଞ୍ଚାୟତର କୌଣସି ସ୍ଥାନରେ ଏ ପର୍ଯ୍ୟନ୍ତ ପ୍ରଶାସନିକସ୍ତରରେ ଜଳଛତ୍ର କେନ୍ଦ୍ରଟିଏ ଖୋଲାଯାଇନାହିଁ । ଜିଲ୍ଲାରେ ପାରଦ ଏବେ ୪୦ ରୁ ଅଧିକ ଥିବାବେଳେ ଦିନକୁ ଦିନ ଖରାର ପ୍ରକୋପ ବଢ଼ିଚାଲିଛି । ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପଥଚାରୀମାନେ ଜଳଛତ୍ର ଖୋଲି ନ ଥିବାରୁ ପାଣି ମୁନ୍ଦାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥ ?ବା ଦେଖିବାକୁ ମିଳୁଛି । ଏମିତି କି ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ସାଧାରଣ ଲାକଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ନାହିଁ । ତେଣୁ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକକୁ ଆସୁଥିବା ଲାକେ ଶୋଷ ହେଲେ ତୃଷା ମେଣ୍ଟାଇବା ପାଇଁ ହନ୍ତସନ୍ତ ହେଉଛନ୍ତି । ଚା, ଦୋକାନ କିମ୍ବା ପାନ ଦୋକାନ ରେ ଲୋକେ ପାଣି ମାଗିଲେ ମଧ୍ୟ ଅନେକ ହଇରାଣ ହରକତ ହେବାକୁ ପଡୁଛି । ଏ ନେଇ ଧର୍ମଗଡ ବିଡିଓଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଖରା ଅଧିକ ଟାଣ ହେବା ପୂର୍ବରୁ ଜଳଛତ୍ର ଖୋଲିବା ପାଇଁ ସବୁ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଥଣ୍ଡା ପାନୀୟ ଜଳ ନିମନ୍ତେ ଶୀଘ୍ର ଫ୍ରିଜର ଲଗାଯିବା ପାଇଁ ସାଧାରଣ ରେ ଦାବି ହୋଇଛି ।

ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲୁଗାଁ (ଅମୃତ ମିଡିଆ) : ବାଲୁଗାଁ ଏନଏସି ଚକ୍ରଧରପୁର ଠାରେ ଏଆରସି କ୍ଲବ ଆନୁକୂଲ୍ୟରେ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ବିଶିଷ୍ଟ ସମାଜସେବୀ ଶଙ୍କର ପାଇକରାୟ ଉଦଘାଟନ କରିଥିଲେ । ଏଆରସି କ୍ଲବର ସଭାପତି ଗୌତମ ସାହୁ, ଉପ ସଭାପତି ଶଶିକାନ୍ତ ପାଇକରାୟ,ସମ୍ପାଦକ ନରେନ୍ଦ୍ର ବେହେରାଙ୍କ ସମେତ କ୍ଲବ ସମସ୍ତ ସଦସ୍ୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟକୁ କ୍ଲବର ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧା, ଭୁବନେଶ୍ୱର ସମେତ ସ୍ଥାନୀୟ ୧୬ ଟି ଦଳ ଭାଗ ନେଇ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ବେଳେ ସ୍ଥାନୀୟ ଘୁମୁସରପଦର କ୍ରିକେଟ ଟିମ ବିଜେତା ଓ ବାଲୁଗାଁ ମହମଡିଆଁନ ସ୍ପୋର୍ଟସ କ୍ଲବ ରନର୍ସ ଅପ ହୋଇଥିଲା ।ଉଭୟ ଦଳକୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ସମସ୍ତ ମ୍ୟାଚକୁ ଅମ୍ପିଆର ସନ୍ତୋଷ ସାହାଣୀ, ଜୟ ତରାଇ ପ୍ରମୁଖ ପରିଚାଳନା କରିଥିଲେ ।

ଗୟାଧରଙ୍କ କ୍ରେଜ୍ ନେଇ ବିରୋଧୀ ଛାନିଆ

ଖଣ୍ଡପଡା (ଅମୃତ ମିଡିଆ) : ନୟାଗଡ ଜିଲ୍ଲା ବିଜେଡି ଉପସଭାପତି ଗୟାଧର ପରିଡାଙ୍କୁ ସାଧାରଣ ଜନତାଙ୍କ ପକ୍ଷରୁ ମିଳୁଥିବା ବିପୁଳ ସମ୍ବର୍ଦ୍ଧନା ଓ ସମର୍ଥନ କୁ ନେଇ ବିରୋଦ୍ଧି ନେତାମାନେ ନିଜର ଭବିଷ୍ୟତ ଅନ୍ଧକାର କୁ ଆଖିଆଗରେ ରଖି ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି । ସାଧାରଣତଃ ଗୟାପ୍ରେମୀ ଓ ଦଳପ୍ରେମୀ ବ୍ୟକ୍ତି ବିଶେଷ ବିରୋଦ୍ଧି ଲାଞ୍ଜଜାକି ବୁଲୁଥିବାର ଖୋଲା ଟିପ୍ପଣୀ ଦେବା ଆରମ୍ଭ କରିଥିବା ଦେଖିବାକୁ ମିଳୁଛି । ଖଣ୍ଡପଡା ଚୋରାଚାଲାଣକୁ ନେଇ ଖୋଦ୍ ତଥାକଥିତ ବିଜେଡି ନେତା ମାନଙ୍କ ସମ୍ପୃକ୍ତି ଥିବା ଦେଖିବାକୁ ମିଳିଛି । ଜନୈକ ମାଫିଆ ନେତାର ବ୍ୟାପକ ଦୁର୍ନୀତିମୂଳକ କାର୍ଯ୍ୟକୁ ନେଇ ସମଗ୍ର ଭାପୁର ବ୍ଲକର ୨୦ ଗୋଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ତ୍ରାହି ତ୍ରାହି ଡାକୁଥିବାର ଦେଖିବାକୁ ମିଳିଛି ।ଏସବୁ ଦୁର୍ନୀତିର ମୂଲୋତ୍ପାଟନ ସହିତ ପ୍ରତିକାର ନିମନ୍ତେ କେବଳ ଗୟାଧର ହିଁ ଉପଯୁକ୍ତ ନେତା ବୋଲି ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇସାରିଛି । ସମଗ୍ର ନିର୍ବାଚନ ମଣ୍ଡଳୀର ଉନ୍ନତ କେବଳ ଗୟାଧରଙ୍କ ଦ୍ୱାରା ସମ୍ଭବ ବୋଲି ଲୋକେ ଏକପ୍ରକାର ସ୍ଥିର କରି ନେଇଛନ୍ତି ।ଯାହା ଫଳରେ ବିଭିନ୍ନ ଉତ୍ସବ ଓ ମହୋତ୍ସବ ପାଳନ ଅବସରରେ ସାଧାରଣ ଜନତାଙ୍କ ପକ୍ଷରୁ ଗୟାଧରଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ନିଜ ନିଜର ଉତ୍ସାହିତ ସମର୍ଥନ ପ୍ରଦାନ କରୁଥିବାର ସୁଅ ଛୁଟିଥିବା ଦେଖିବାକୁ ମିଳିଛି । ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇଗୋଟି ବ୍ଲକର ୪୧ ଗୋଟି ଗ୍ରାମ ପଞ୍ଚାୟତ ଓ ଦୁଇଟି ଏନ୍ଏସିରେ ଗୟାଧରଙ୍କୁ ବିପୁଳ ସମ୍ବର୍ଦ୍ଧନା ଏବଂ ସମର୍ଥନ ମିଳିଥିବା ବେଳେ କେବଳ ଭାପୁର ବ୍ଲକ ଅଞ୍ଚଳରେ ତାର ପୁନରାବୃତି ହୋଇ ଚାଲିଛି । ଗତ ଦୁଇ ଦିନ ମଧ୍ୟରେ ସଂପୃକ୍ତ ବ୍ଲକ ଅନ୍ତର୍ଗତ ମହୁଲିଆ ଗ୍ରାମରେ ମା ତାରିଣୀଙ୍କ ବାର୍ଷିକ ଉତ୍ସବ ପାଳନ ଅବସରରେ, ପଦ୍ମାବତୀ ଗ୍ରାମ ପଞ୍ଚାୟତ ର ତଳମାରଡା ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହରୀ ଓ ନାମଜଜ୍ଞ ପାଳନ ଅବସରରେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇ ଉଭୟ ସମ୍ବର୍ଦ୍ଧନା ଓ ସମର୍ଥନ ପ୍ରଦାନ ଦିଆଯାଇଛି । ଏକ ପକ୍ଷେ ଗୟାଧରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ଓ ଅପରପକ୍ଷେ ଜନବିରୋଧୀ କାର୍ଯ୍ୟରେ ଲିପ୍ତ ମାଫିଆ ନେତାମାନଙ୍କୁ ସାଧାରଣ ଜନତାଙ୍କ ନାକଟେକା ସେମାନଙ୍କ ଲାଞ୍ଜଜାକର ସର୍ବବୃହତ୍ କାରଣ ହୋଇଥିବା ନେଇ ବରିଷ୍ଠ ନାଗରିକ ମାନେ ଖୋଲାଖୋଲି ମତବ୍ୟକ୍ତ କରୁଥିବାର ଦେଖାଯାଉଛି ।

ଓଡିଶା ଅମଲା ସଂଘ ଜିଲ୍ଲା ଶାଖାର ବୈଠକ

ଜୟପୁର (ଅମୃତ ମିଡିଆ) : ଓଡ଼ିଶା ଅମଲା ସଂଘ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶଶୀଭୂଷଣ ସେ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲାର କାର୍ଯ୍ୟ ନିର୍ବାହୀ ସଦସ୍ୟ ଯୋଗଦାନ କରିଥିଲେ । କ୍ୟାଡ଼ର ପୁନର୍ଗଠନ ନେଇ ରାଜସ୍ୱ ବିଭାଗ ସଚିବ ରାଜସ୍ୱ ବିଭାଗର ପୁନଃ ଗଠନ ପ୍ରସ୍ତାବ ପ୍ରଦାନ କରିବା ନିମନ୍ତେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଥିବା ବିଷୟ ବୈଠକରେ ଆଲୋଚନା ହୋଇଥିଲା ଉକ୍ତ ବିଷୟକୁ ଆଧାର କରି ସମସ୍ତ ବିଭାଗର ସଚିବ ଙ୍କ ସହିତ ଆଲୋଚନା କରି କ୍ୟାଡ଼ର ପୁନଃ ଗଠନ କରିବା ନିମନ୍ତେ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଙ୍କୁ ପତ୍ର ଲେଖିବା ନେଇ ବୈଠକ ରେ ଆଲୋଚନା ହୋଇଥିଲା । ଯେହେତୁ ରାଜ୍ୟରେ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି ତେଣୁ କୌଣସି ବିଷୟରେ ଆଲୋଚନା କରିବା ପାଇଁ ଶ୍ରୀ ଦାଶଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ବୈଠକ ରେ ରୋକ୍ ଠୋକ୍ ମନା କରିଦେଇଥିଲେ । ପରିଶେଷରେ ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଜଗନ୍ନାଥ ମାଝୀ, ଉପସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, କୈଳାସ ସାମନ୍ତରାୟ ରାଜ୍ୟ ଆଞ୍ଚଳିକ ସମ୍ପାଦକ ଓଡ଼ିଶା ଅମଲା ସଂଘ, ବିନୋଦ କୁମାର ତ୍ରିପାଠୀ କାର୍ଯ୍ୟକାରିଣୀ ସଦସ୍ୟା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସାନ୍ତନୁ କୁମାର ଜେନା, ପ୍ରତିକ ମିଶ୍ର, ଜଗନ୍ନାଥ ଦାସ ବରିଷ୍ଠ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ ସହ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତଙ୍କୁ କ୍ୟାଡ଼ର ପୁନର୍ଗଠନ ନେଇ ନିଜ ନିଜର ବିଭାଗର ତଥ୍ୟ ଦାଖଲ କରିବା ପାଇଁ ଅନୁରୋଧ କରିଥିଲେ ।

ବିଜେପିରେ ସାମିଲ ହେଲେ ପୂର୍ବତନ ସାଂସଦ ଓ ବିଧାୟକ

ଭୁବନେଶ୍ୱର (ବ୍ୟୁରୋ) : ପୂର୍ବତନ ରାଜ୍ୟସଭା ସାଂସଦ ଏବଂ କେସିଙ୍ଗା ଓ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ୫ଥରର ବିଧାୟକ ଶ୍ରୀ ଧନେଶ୍ୱର ମାଝୀ ଆଜି ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ଓଡିଶାର ସାମଗ୍ରିକ ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସଂକଳ୍ପବଦ୍ଧ । ମୋଦିଙ୍କ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟି ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇ ଚାଲିଛି । ମୋଦି ସରକାର ଏବଂ ମୋଦି ଗ୍ୟାରେଂଟି ଉପରେ ଓଡିଶାବାସୀଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି । ଅନ୍ୟ ପଟେ ରାଜ୍ୟର ବିକାଶରେ ବଡ ବାଧକ ସାଜିଛି ବିଜେଡି । ବିଜେଡିରେ ଗଣତନ୍ତ୍ର ସଂପୂର୍ଣ୍ଣ ଧ୍ୱଂସ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ ।

ଦୁର୍ଘଟଣାରେ ଯୁବକ ମୃତ

ବଲାଙ୍ଗୀର (ଅମୃତ ମିଡିଆ) : ଗତ କାଲି ବିଳମ୍ବିତ ରାତିରେ ତଣ୍ଡାମୁଣ୍ଡା ଘାଟିରେ ଏକ ମର୍ମାନ୍ତକ ଦୁର୍ଘଟଣା ଘଟି ଜଣେ ଯୁବକ ର ମୃତ୍ୟୁ ଘଟିଛି । ଯୁବକ ଜଣକ ହେଲେ ପୁଇଁତଳା ଥାନା ଅନ୍ତର୍ଗତ ଲୁକାପଡା ଗ୍ରାମର ଜଗତରାମ । ସେ ରାତିରେ କୁକୁର ଖାଇ ଗ୍ରାମକୁ ଏକ ବିଭାଘର ଯାଇ ତଣ୍ଡାମୁଣ୍ଡା ନିଜ ଶଶୁର ଘରକୁ ଫେରୁଥିଲେ । ଘାଟି ଉପରେ ବାଇକ୍ ଦୁର୍ଘଟଣା ଗସ୍ତ ହେଲା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କର୍ମଚାରୀମାନେ ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲକୁ ଆଣିଥିଲେ । ଅଣାଯାଇ ଡାକ୍ତର ପରିକ୍ଷଣ ପରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ଦିନ ଗୋଟାଏ ବେଳେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପୁଇଁତଳା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚାଲୁ ରଖିଛନ୍ତି । ଯୁବକ ଜଣକ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

୧୦ଦିନ ଭିତରେ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ରାସ୍ତା ଚିହ୍ନଟ

ନିଷ୍କିନ୍ତକୋଇଲି (ଅମୃତ ମିଡିଆ) : ନିଷ୍କିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ କଟରପଡ଼ା ପଞ୍ଚାୟତ ସାଙ୍କିଲୋ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଉପଯୁକ୍ତ ରାସ୍ତା ଚିହ୍ନଟ ନେଇ ପଞ୍ଚାୟତବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ । ଦୁଇ ଦିନ ଅନଶନରେ ବସିବା ପରେ ତହସିଲଦାର ଅନିତା ନାୟକ ୧୦ଦିନ ଭିତରେ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଥିବା ରାସ୍ତାର ଚିହ୍ନଟ କରି ସମିତିସଭ୍ୟା ସ୍ୱାଗତିକା ନାୟକ ଏବଂ ଅନ୍ୟାନ୍ୟ ଲୋକମାନଙ୍କୁ ନକ୍ସା ଦେଖାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗୁରୁବାର ବିଳମ୍ବିତ ରାତିରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି । ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ରଟି ଯେଉଁ ନୂତନ ସ୍ଥାନରେ ନିର୍ମାଣ କରାଯାଉଛି ସେଠାକୁ ଯାତାୟତ ପାଇଁ ରାସ୍ତା ନଥିବା ସଂକ୍ରାନ୍ତରେ ସମ୍ପୃକ୍ତ ଅନଶନକାରୀ ମାନେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ । ଏ ସଂକ୍ରାନ୍ତରେ ଏକ ତଦନ୍ତ ହେବା ପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ରାସ୍ତା ଥିବା ସଂକ୍ରାନ୍ତରେ ଜିଲ୍ଲା କାର୍ଯ୍ୟାଳୟକୁ ଏକ ରିପୋର୍ଟ ଦିଆଯାଇଥିଲା । ପ୍ରକୃତରେ ରାସ୍ତା ନଥିବା ସଂକ୍ରାନ୍ତରେ ପୁନର୍ବାର ଅଭିଯୋଗ ହୋଇଥିଲା । ଉପଜିଲ୍ଲାପାଳ ୭ଦିନ ମଧ୍ୟରେ ଉକ୍ତ ରାସ୍ତା ଚିହ୍ନଟ କରି ସମ୍ପୃକ୍ତ ପଞ୍ଚାୟତବାସୀଙ୍କୁ ରାସ୍ତାର ନକ୍ସା ପ୍ରସ୍ତୁତ କରିଦେବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ଏହି କାର୍ଯ୍ୟ ନକରିବାରୁ ସମିତିସଭ୍ୟାଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଥିଲା । ଗୁରୁବାର ଦିନ ଅନଶନକାରୀ ମାନେ କ୍ଷୁବ୍ଧ ହୋଇ ତହସିଲଦାର ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନଙ୍କୁ ବାହାରକୁ ଛାଡ଼ିବାକୁ ଦେଇନଥିଲେ । ଏହାପରେ ତହସିଲଦାର କାର୍ଯ୍ୟାଳୟରେ ବିଡ଼ିଓ ବିରଞ୍ଚିନାରାୟଣ ବେହେରା, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତ ହୋଇ ଅନଶନକାରୀଙ୍କ ମଧ୍ୟରେ ଏକ ଆଲୋଚନା ହେବା ପରେ ୧୦ଦିନ ଭିତରେ ରାସ୍ତା ଚିହ୍ନଟ ପ୍ରକିୟା ଶେଷ ହେବାକୁ ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଲେ କଳିକେଶ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ବିଧାନସଭା ଆସନ ପାଇଁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓଙ୍କ ନାମ ଘୋଷଣା ପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି କଳିକେଶ । ସୂଚନାଯୋଗ୍ୟ ଯେ, ଗତ ୨୭ ତାରିଖ ଦିନ ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପାଇ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ବଲାଙ୍ଗିର ବିଧାନସଭା ପାଇଁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବେ କଳକେଶ ନାରାୟଣ ସଂହଦେଓ ମନୋନୀତ ହୋଇଥିବା ଘୋଷଣା କରିଥିଲେ । ତେବେ ବଲାଙ୍ଗିର ବିଜେଡ଼ି ବିଧାୟକ ପ୍ରାର୍ଥୀ କଳିକେଶ ନବୀନ ନବାସରେ ବିଜେଡ଼ି ସୁପ୍ରମୋଙ୍କୁ

ଦ୍ୱିତୀୟ ମ୍ୟାଚ୍ ଜିତିଲା ରାଜସ୍ଥାନ ରୟାଲ୍ସ

ନୂଆଦିଲ୍ଲୀ : ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଚଳିତ ଆଇପିଏଲରେ ଗୁରୁବାର (ଗତକାଲି) ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏକ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ରାଜସ୍ଥାନ ରୟାଲ୍ସ (ଜଜ) ୧୨ ରନ୍‌ରେ ବିଜୟୀ ହୋଇଛି। ଏହା ରାଜସ୍ଥାନ ରୟାଲ୍ସର କ୍ରମାଗତ ଦ୍ୱିତୀୟ ବିଜୟ। ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୫ ଓ୍ୱିକେଟ୍ ହରାଇ ୧୮୫ ରନ୍ କରିଥିଲା। ରାଜସ୍ଥାନ ରୟାଲ୍ସ (ଜଜ) ପକ୍ଷରୁ ରିୟାନ ପରାଗ ଅପରାଜିତ ରହି ସର୍ବାଧିକ ୮୪ ରନ୍ କରିଥିଲେ। ସେ ୪୫ଟି ବଲ୍‌ରୁ ୭ଟି ଚୌକା ଓ ୬ଟି ଛକା ସହାୟତାରେ ଏହି ରନ୍ କରିଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୨୯, ଧ୍ରୁବ ଜୁରେଲ ୨୦, ଅଧିନାୟକ ସଞ୍ଜୁ ସାମସନ୍ ୧୫, ଜୋଶ ବଟଲର ୧୧ ଓ ଯଶ୍ୱସୀ ଜୈସୱାଲ ୫ ରନ୍ କରିଥିଲେ। ସେହିପରି ଶିମ୍ରୋନ ହେଟମାୟର ଅପରାଜିତ ୧୪ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖଲିଲ ଅହମଦ, ମୁକେଶ କୁମାର, ଏନରିଚ୍ ନୋର୍ଟଜେ, ଅକ୍ଷର ପଟେଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ଓ୍ୱିକେଟ୍ ପାଇଥିଲେ। ୧୮୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ଓ୍ୱିକେଟ୍ ହରାଇ ୧୭୩ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଡାଭିଡ ୱାର୍ଣ୍ଣର ସର୍ବାଧିକ ୪୯ (୩୪ ବଲ୍, ୫ ଚୌକା, ୩ ଛକା) ରନ୍ କରିଥିବା ବେଳେ ଟ୍ରିଷ୍ଟନ ଷ୍ଟବ୍ସ ଅପରାଜିତ ୪୪ (୨୩ ବଲ୍, ୨ ଚୌକା, ୩ ଛକା) ରନ୍ କରିଥିଲେ। ମିଚେଲ ମାର୍ଶ ୨୩, ଅଧିନାୟକ ଋଷଭ ପନ୍ତ ୨୮, ଅଭିଷେକ ପୋରେଲ ୯ ଓ ଅକ୍ଷର ପଟେଲ ଅପରାଜିତ ୧୫ ରନ୍ କରିଥିଲେ। ରିକି ଭୂଇ ଖାତା ଖୋଲି ପାରି ନଥିଲେ। ରାଜସ୍ଥାନ ରୟାଲ୍ସ (ଜଜ) କ୍ୟାପିଟାଲ୍ସ ପକ୍ଷରୁ ନାନ୍ଦ୍ରେ ବର୍ଗର ଓ ଯୁଜବେନ୍ଦ୍ର ଚହଲ ୨ଟି ଲେଖାଏଁ ଓ୍ୱିକେଟ୍ ନେଇଥିବା ବେଳେ ଅଭେଶ ଖାନ ଗୋଟିଏ ଓ୍ୱିକେଟ୍ ପାଇଥିଲେ। ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ହରାଇଥିଲା ରାଜସ୍ଥାନ ରୟାଲ୍ସ।

ବେଙ୍ଗାଲୁରୁକୁ ୭ ଓ୍ୱିକେଟରେ ହରାଇଲା କୋଲକାତା

ବେଙ୍ଗାଲୁରୁ : ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲର ୧୦ମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୭ ଓ୍ୱିକେଟରେ ପରାସ୍ତ କରିଛି କୋଲକାତା ନାଇଟ ରାଇଡର୍ସ । ବେଙ୍ଗାଲୁରୁ ଦ୍ୱାରା ରଖାଯାଇଥିବା ୧୮୩ ରନର ବିଜୟ ଲକ୍ଷ୍ୟକୁ କୋଲକାତା ଦଳ ୧୬.୫ ଓଭରରେ ୩ ଓ୍ୱିକେଟ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ ଭେଙ୍କଟେଶ ଆୟର ୫୦ ରନ ଓ ସୁନୀଲ ନାରିନ ୪୭ ରନ କରିଥିଲେ । ଶ୍ରେୟସ ଆୟର ଅପରାଜିତ ୩୩ ରନ ଓ ଫିଲିପ ସଲ୍ଟ ୩୦ ରନ କରିଥିଲେ । ଏହି ମ୍ୟାଚରେ କୋଲକାତା ଦଳ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ବିରାଟ କୋହଲିଙ୍କ ବିସ୍ଫୋରକ ବ୍ୟାଟିଂ ଜରିଆରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ହରାଇ ୧୮୨ ରନ କରିଥିଲା । ବିରାଟ ୫୯ଟି ବଲରେ ୮୩ ରନ କରିଥିଲେ । ନିଜର ଏହି ଇନିଂସରେ ସେ ୪ଟି ଚୌକା ଓ ୪ଟି ଛକା ମାରିଥିଲେ । ସେହିପରି କ୍ୟାମେରନ ଗ୍ରୀନ ୩୩ ରନ ଓ ଗ୍ଲେନ ମାକ୍ସୱେଲ ୨୮ ରନ କରିଥିଲେ । କିନ୍ତୁ ଦଳର ଅନ୍ୟ ବ୍ୟାଟ୍ସମ୍ୟାନମାନେ ବଡ଼ ସ୍କୋର କରିବାରେ ବିଫଳ କରିଥିଲେ । କୋଲକାତା ପକ୍ଷରୁ ହର୍ଷିତ ରାଣା ଓ ଆନ୍ଦ୍ରେ ରସେଲ ୨ଟି ଲେଖାଏଁ ଓ୍ୱିକେଟ ନେଇଥିଲେ । ସେହିପରି ସୁନୀଲ ନାରିନ ଗୋଟିଏ ଓ୍ୱିକେଟ ନେଇଥିଲେ ।

୨ୟ ବାର୍ଷିକ ଜେବିପି ଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବାରିପଦା(ଅମୃତ ମିଡିଆ); ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ କୁମାର୍ସ କ୍ଲବ ଓ ଜେ କେ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ୨ୟ ବାର୍ଷିକ ଜୁନିୟର ଭଂଜପୁର ପ୍ରିମିୟାର ଲିଗ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ୨ ଦିନ ଧରି ୪ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭଂଜପୁର କିଙ୍ଗସ ଭଂଜପୁର ଲାୟନ୍ସକୁ ୪ ରନରେ ପରାସ୍ତ କରି ଚମ୍ପିୟାନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ଭଂଜପୁର କିଙ୍ଗସ ୮ ଓଭରରେ ୬ ଉଇକେଟ ହରାଇ ୫୦ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦିବ୍ୟାଂଶୁ ପଣ୍ଡା ସର୍ବାଧିକ ୧୨ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଭଂଜପୁର ଲାୟନ୍ସ ୮ ଓଭରରେ ୭ ଉଇକେଟ ହରାଇ ୪୭ ରନ କରିପାରିଥିଲେ ଓ ଦଳ ପକ୍ଷରୁ ରାକେଶ ୨୫ ରନ କରଥିବା ବେଳେ ବିପକ୍ଷ ଦଳର ଦିବ୍ୟାଂଶୁ ପଣ୍ଡା ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଜଗତ ବିଦ୍ୟାଣି, ଶ୍ୱେତ ଦାସ ଓ ଅଶ୍ୱନୀ ବେହେରା ଖେଳ ପରିଚାଳନା କରିଥିବା ବେଳେ ଅବିନାଶ ରଥ ସ୍କୋରିଂରେ ସହାୟତା କରିଥିଲେ ଓ ବୁବୁନ ବାରିକ ଓ ସୁବ୍ରତ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ ଓ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ଦିବ୍ୟାଂଶୁ ପଣ୍ଡା ପୁରସ୍କୃତ ହୋଇଥିଲେ ଓ ପ୍ରକାଶ ଥାଉକି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ୪ଟି ଦଳ ଭଂଜପୁର କିଙ୍ଗସ, ଭଂଜପୁର ଲାୟଂଶ, ଭଂଜପୁର ଟାଇଗର୍ସ ଓ ଭଂଜପୁର ପେନ୍ଥାର୍ସକୁ ଯଥାକ୍ରମେ ବି କେ ସୌରଭ, ଦେବବ୍ରତ ବେହେରା, ରାହୁଲ କୁମାର ଦାସ ଓ ସିକନ ଦାସ ଗଠନ କରିଥିଲେ ଓ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ଓ ଇ. ଅରୁଣ ସରକାର ପୁରସ୍କାର ବିତରଣ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ସୋମନାଥ ସିଂହ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ ଓ ସପନ ପଣ୍ଡା, ଧୀରେନ୍ଦ୍ର ନାୟକ, ପ୍ରିୟବ୍ରତ ଦାସ, ବିଶ୍ୱରଂଜନ ଦାସ, ବିଶ୍ୱମ୍ଭର ସିଂହ, ରୋହିତ ବେହେରା, ଆଦିତ୍ୟ ପ୍ରତାପ ବେହେରା, ଅବିନାଶ କର, ସାମନ୍ତ ଶେଖର ପାଲ, ପ୍ରିତମ ପଣ୍ଡା, କିଶୋର ପଲେଇ ଓ ସଂଜୀବ କୁମାର ମହାପାତ୍ର ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ।

ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପାନୀ ଉତ୍ସବ

ରେଲ ଓ୍ୱେ ଭଦ୍ରକକୁ ହରାଇ ନିମପୁର କଟକ ଚମ୍ପିୟାନ

ବାସୁଦେବପୁର(ଅମୃତ ମିଡିଆ): ଓଡ଼ିଶାର ପ୍ରଖ୍ୟାତ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ଅଟଳ ବିହାରୀ ମହାବିଦ୍ୟାଳୟ ପରିସର ରେ ବିଜୟଶ୍ରୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପାନୀ ହୋଇଯାଇଛି । ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, କ୍ରିକେଟର ପ୍ରଭଞ୍ଜନ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଜେଡ଼ି ନେତା ମାନସ ସାହୁ, ଦେବ ଦର୍ଶନ ଦାସ, କାଉନସିଲର ଚନ୍ଦନ ସେନ, କୃଷ୍ଣ ଚନ୍ଦ୍ର ଘଡାଇ, ସରପଂଚ ରାଜେନ୍ଦ୍ର ସାହୁ ଉପସ୍ଥିତ ଥିଲେ । ଶେଷ ତଥା ଅନ୍ତିମ ମ୍ୟାଚ ଟି ନିମ ପୁର କଟକ ଓ ରେଲ୍ ଓ୍ୱେ ଭଦ୍ରକ ମଧ୍ୟ ରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି କଟକ ୧୬୩ ରନର ବିଜୟ ଲକ୍ଷ୍ୟ ଭଦ୍ରକକୁ ଦେଇଥିଲା ବେଳେ ଭଦ୍ରକ ଟିମ୍ ୧୪ ଟି ବଲ ବାକି ଥାଇ ଅଲ୍ ଆଉଟ୍ ହୋଇ ଯାଇଥିଲା । ଫଳରେ ନିମପୁର କଟକ ୨୬ ରନ୍ ରେ ବିଜୟ ହୋଇଥିଲା ।ଉତ୍କଳିକା କ୍ରିକେଟ କ୍ଲବ୍ ପକ୍ଷରୁ ଚମ୍ପିୟାନ ଦଳକୁ ତିରିଶ ହଜାର ଟଙ୍କା ଟ୍ରଫି ଓ ରନସ୍ ଅପ୍ ଦଳକୁ ପଚିଶ ହଜାର ଟଙ୍କା ଟ୍ରଫି ପ୍ରଦାନ କରାଯାଇଛି । ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ରେ ଉଦୟ ଜେନା ସଂଯୋଜନା କରିଥିବା ବେଳେ ରଞ୍ଜନ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।ତିନି ଦିନ ଧରି ଆୟୋଜିତ ଏହି ମ୍ୟାଚ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଟିମ୍ ଯୋଗ ଦାନ କରିଥିଲେ । ଖେଳ କୁ ବାବୁ ସିନା, ଓ ଉତ୍ତମ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ ।ଖେଳ କୁ ରେଫରି ଭାବେ ଦେବ ବ୍ରତ ଦାସ ଓ ଅମ୍ପାୟାର ଭାବେ ଲଲାଟ ପ୍ରସାଦ ନନ୍ଦ ଓ ସାର୍ଥକ ବିଶ୍ୱାଳ ପରିଚାଳନା କରିଥିଲେ । କ୍ଲବ୍ ପକ୍ଷ ରୁ ସମ୍ପାଦକ ରଞ୍ଜନ ମହାପାତ୍ର,କାଳନ୍ଦୀ ସାହୁ, ଶଶି ଭୂଷଣ ବାରିକ୍, ସୁଶାନ୍ତ ସେଠୀ, ଅମର ପାଢ଼ୀ, ଚନ୍ଦ୍ର ଶେଖର ବେହେରା,ଙ୍କ ସହ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସଫଳ କରାଇଥିଲେ ।

ରାଗିଯାଇ କାନ୍ଥରେ ବ୍ୟାଟ୍ ପିଟିଦେଲେ ରିଷଭ ପନ୍ତ

ନୂଆଦିଲ୍ଲୀ ; ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାଜୟର ସାମ୍ନା କରିବାକୁ ପଡିଥିଲା । ରାଜସ୍ଥାନ ରୟାଲ୍ସ ଦିଲ୍ଲୀ କ୍ୟାପିଟାଲକୁ ୧୨ ରନରେ ପରାସ୍ତ କରିଛି । ଏହିପରି ଭାବରେ ରିଷଭ ପନ୍ତଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଥିଲା । ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତ ୨୬ ବଲରେ ୨୮ ରନ ସଂଗ୍ରହ କରିଥିଲେ । କିନ୍ତୁ ଆଉଟ୍ ହେବା ପରେ ରିଷଭ ପନ୍ତ ନିଜର କ୍ରୋଧକୁ ନିୟନ୍ତ୍ରଣ କରିପାରି ନ ଥିଲେ । ସେ କାନ୍ଥରେ ବ୍ୟାଟ ପଟିଥିଲେ । ରିଷଭ ପନ୍ତ ଆଉଟ୍ ହେବା ପରେ ନିଜ ଉପରେ ବହୁତ ବିରକ୍ତ ଦେଖାଯାଉଥିଲେ । ଯୁଜବେନ୍ଦ୍ର ଚହଲଙ୍କ ବଲରେ ରିଷଭ ପନ୍ତ ଆଉଟ ହୋଇଥିଲେ । ସେତେବେଳେ ଦିଲ୍ଲୀ କ୍ୟାପିଟାଲ୍ସର ସ୍କୋର ୧୩.୧ ଓଭରରେ ୪ ଉଇକେଟ ପାଇଁ ୧୦୫ ରନ ଥିଲା, କିନ୍ତୁ ପାଭିଲିୟନକୁ ଫେରିବା ପରେ ରିଷଭ ପନ୍ତ ବହୁତ ରାଗିଯାଇଥିଲେ । ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରାଗରେ ତାଙ୍କ ବ୍ୟାଟକୁ କାନ୍ଥରେ ପିଟିଇଥିଲେ । ତେବେ ସୋସିଆଲ ମିଡିଆରେ ରିଷଭ ପନ୍ତଙ୍କ ଭିଡିଓ ଭାଇରାଲ ହେବାରେ ଲାଗିଛି ।

ପୁଣେର କ୍ରୀଡ଼ା ପ୍ରବୋଧିନୀକୁ ହରାଇଲା ଓଡ଼ିଶାର ନିତା ଫୁଟବଲ ଏକାଡେମୀ

କୋଲକାତା: କୋଲକାତାର ଅମଲ ଦତ୍ତ କ୍ରୀଡ଼ାଙ୍ଗନଠାରେ ଗୁରୁବାର ଖେଳାଯାଇଥିବା ଇଣ୍ଡିଆନ ଓମେନ୍ସ ଲିଗ-୨ର ଏକ ମ୍ୟାଚରେ ଓଡ଼ିଶାର ନିତା ଫୁଟବଲ ଏକାଡେମୀ ଏକ ଚମତ୍କାର ବିଜୟ ହାସଲ କରିଛି । ଦଳ ପୁଣେର କ୍ରୀଡ଼ା ପ୍ରବୋଧିନୀକୁ ୩-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିକାପୂର୍ଣ୍ଣ ମ୍ୟାଚରେ ନିତା ଏକାଡେମୀର ପ୍ରିୟା ରୁଇ ଦାସ ପ୍ରଥମେ ଗୋଲ କରି ନିଜ ଦଳକୁ ଅଗ୍ରଣୀ କରିଥିଲେ । ଏହା ପରେ ପରେ ନିବେଦିତା ନାୟକ ବି ଏକ ଗୋଲ କରି ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ । କିନ୍ତୁ ଏହା ପରେ ପରେ କ୍ରୀଡ଼ା ପ୍ରବୋଧିନୀ ପକ୍ଷରୁ ଲଗାତାର ୨ଟି ଗୋଲ ଦିଆଯାଇଥିଲା । ତେବେ ଶେଷରେ ପ୍ରିୟା ରୁଇ ଦାସ ପୁଣି ଏକ ଗୋଲ ଦେଇ ନିଜ ଦଳ ପାଇଁ ଏକ ଚମତ୍କାର ବିଜୟ ଆଣି ଦେଇଥିଲେ । ଏହି ବିଜୟ ସହ ନିତା ଫୁଟବଲ ଏକାଡେମୀ ବହୁମୂଲ୍ୟ ୩ ପଏଣ୍ଟ ହାସଲ କରି ଆଇଡବ୍ଲୁ-୨ ଚାମ୍ପିଅନସିପ୍ ପାଇଁ ନିଜର ଆଶାକୁ ଉଜ୍ଜଳ କରିଛି । ଦଳ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବାରୁ ଗ୍ରୁପ-ବିରେ ପ୍ରଥମ ୨ଟି ସ୍ଥାନରେ ରହିବା ନିଶ୍ଚିତ ମନେହେଉଛି । ଦଳର ଏହି ସଫଳତା ପାଇଁ ନିତା ଫୁଟବଲ ଏକାଡେମୀର ଅଧ୍ୟକ୍ଷ ଇଂ ସୁବ୍ରତ ମହାନ୍ତି ଏକେଡେମୀର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବାରିପଦା(ଅମୃତ ମିଡିଆ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ଓ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ୭ମ ରୁ ୧୦ ଶ୍ରେଣୀର ଛାତ୍ରଙ୍କୁ ନେଇ ୫ଟି ଦଳ ଗଠନ କରାଯାଇଛି ବୋଲି କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ଓ ଉଦଘାଟନୀ ମ୍ୟାଚରେ ଟିମ - ବି ଟିମ - ସି କୁ ୨୦୨ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଟିମ - ବି ୩୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୩୬୪ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଚନ୍ଦନ ସିଂହ ୧୭ ଛକା ଓ ୭ ଟି ଚୌକା ବଲରେ ୧୪୯ ଓ ନିଶାନ୍ତ ମିଶ୍ର ୩୬ ବଲରେ ୫୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଂଶୁ ମାନ ଗିରି ୪ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ସି ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ସୁରାଜ ହେମ୍ବ୍ରମ ୫ଟି ଛକା ଓ ୧୧ଟି ଚୌକା ବଳରେ ୮୨ ରନ କରିଥିବା ବେଳେ ବିପକ୍ଷ ଦଳର ନିଶାନ୍ତ ମିଶ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସନ୍ଧିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ଅମିତ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

କଳିଙ୍ଗରେ ଭାରତୀୟ ହକି ଦଳକୁ 'ପ୍ୟାରିସ୍ ଅଲିମ୍ପିକ୍ସ ଶୁଭେଚ୍ଛା'

ଭୁବନେଶ୍ୱର(ବ୍ୟୁରୋ): ୩ ବର୍ଷ ତଳେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏବଂ କିଟ୍ କଂପ୍ଲେକ୍ସରେ ଅଭ୍ୟାସ କରିବା ସହ ଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଜାଭଲିନ୍ ତାରକା ନୀରଜ ଚୋପ୍ରା ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏବେ ସେହି ପଥରେ ଯିବାକୁ ଆଗ୍ରହୀ ଅଛି ଭାରତୀୟ ପୁରୁଷ ହକି ଦଳ । ଗୁରୁବାର ସଂଧ୍ୟାରେ କଳିଙ୍ଗ ହକି ପିଚ୍‌ରେ ଭାରତୀୟ ଦଳର ଅଭ୍ୟାସ ପରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ଏଭଳି ଆଶା ପ୍ରକଟ କରିଛନ୍ତି ଟୋକିଓରେ କାଂସ୍ୟ ପଦକ ଜିତିଥିବା ଓଡ଼ିଆ ଖେଳାଳି ଅମିତ ରୋହିଦାସ । 'ଓସ୍‌ଜା ପକ୍ଷରୁ ପ୍ରଦତ୍ତ ଶୁଭେଚ୍ଛା, ଶୁଭକାମନା ଓ ମିଠା ଆମକୁ ଉତ୍ସାହିତ କରିଛି । ନୀରଜ ଚୋପ୍ରା ଯେଭଳି ଏଠାରେ ଅଭ୍ୟାସ କରି ଟୋକିଓରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଆମେ ସେଭଳି କରିବାକୁ ନିଶ୍ଚିତ ପ୍ରୟାସ କରିବୁ । ନୀରଜଙ୍କ ସ୍ୱର୍ଣ୍ଣ ପଦକ କଥା ମନେ ରଖି ଭଲ ଖେଳିବାକୁ ଚେଷ୍ଟା କରିବୁ । ଭୁବନେଶ୍ୱରରେ ଆମେ ଭଲ ପ୍ରସ୍ତୁତି କରିଛୁ । ଜିମ୍ନାସିୟମରେ ସମୟ କାଟିବା ସହ ଅଭ୍ୟାସ ବି କରିଛୁ । ପ୍ରୋ ଲିଗ୍ ପରେ ଏବେ ଦଳ ଅଷ୍ଟ୍ରେଲିଆ ଗସ୍ତ କରି ୫ ମ୍ୟାଚ୍ ଟେଷ୍ଟ ଶୃଙ୍ଖଳା ଖେଳିବାକୁ ଯାଉଛି । ଗତ ପ୍ରୋ ଲିଗ୍ ସମୟରେ ଦଳର ଦୁର୍ବଳ ଦିଗକୁ ନଜରରେ ରଖି ଆମକୁ ସୁଟିଂ, ଡ୍ରାଗ୍ ଫ୍ଲିକ୍, ଫରୱାର୍ଡ ସୁଟିଂ ଅଭ୍ୟାସ କରାଯିବା ସହ ଫିଟ୍‌ନେସ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ ଅର୍ଜୁନ ପୁରସ୍କାର ବିଜେତା ଅମିତ୍ । ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ସର୍ବଦା ସମର୍ଥନ କରୁଥିବାରୁ ଅମିତ ମଧ୍ୟ କୃତଜ୍ଞତା ଜଣାଇଥିଲେ । ସୂଚନାଯୋଗ୍ୟ, ୨୦୧୮ରେ ଭୁବନେଶ୍ୱରରେ ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ରେ ଚମତ୍କାର ପଦାର୍ପଣ କରିବା ପରେ ଅମିତଙ୍କୁ ଓସ୍‌ଜା ୨୦୧୯ରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲା । ଭାରତୀୟ ପୁରୁଷ ହକି ଦଳକୁ 'ପ୍ୟାରିସ୍ ଅଲିମ୍ପିକ୍ସ ଶୁଭେଚ୍ଛା' ଜଣାଇଛି ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) । ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ନି

ପ୍ରସିଦ୍ଧ ଭରତପୁରରେ ଦୋଳମେଳଣ ଅନୁଷ୍ଠିତ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡା ସହର ଉପକଣ୍ଠ ଭରତପୁର ଗ୍ରାମରେ ପ୍ରସିଦ୍ଧ ଭରତପୁର ମକୁନ୍ଦମ ଦୋଳମେଳଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶ୍ରୀ ଗୋପାଳଜୀଉଙ୍କ ମକୁନ୍ଦମ ଦୋଳମେଳଣ ଶ୍ରୀଦଧିବାବନଜୀଉଙ୍କ ମନ୍ଦିର ସମ୍ମୁଖ ଠାକୁରଦାଣ୍ଡରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ସୀତାରାମ ମଠ ପଡିଆରେ ପ୍ରବୋଧ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଦୋଳ ମେଳଣରେ ପ୍ରାୟ ୧୮ଟି ବିମାନ ବାଜା ବଜାଇ, ବାଣ ଫୁଟାଇ ରୋଷଣୀକରି ମେଳଣ ପଡିଆରେ ପହଞ୍ଚି ଥିଲେ । ଗତ ୨ଶହ ୫୬ବର୍ଷ ଧରି ଏହି ପରମ୍ପରା ଚାଲିଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ରୀତିନୀତି ଅନୁଯାଇ ବିମାନ ମାନଙ୍କରେ ଥିବା ଠାକୁରମାନଙ୍କୁ ପୂଜାର୍ଚ୍ଚନା ପରେ ଭୋଗଲାଗି କରାଯାଇଥିଲା । ବିମାନ ପୂଜା କାର୍ଯ୍ୟକ୍ରମରେ ଅଧିକାରୀ ରାଜେନ୍ଦ୍ର ଚନ୍ଦ୍ର ଦାଶ, ଅଧିକାରୀ ରସାନନ୍ଦ ଦାଶ ଓ ସରୋଜ କାନ୍ତ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ମେଳଣରେ ରାମଲୀଳା ପରିବେଷଣ କରିଥିଲେ ବାଲିଚନ୍ଦ୍ରପୁର ଖଡିଅଙ୍ଗ ମହାବୀର ରାମଗଣନାଟ୍ୟର ସତ୍ତ୍ୱାଧିକାରୀ ପବିତ୍ର କୁମାର ଦାସ ଓ ସାଥିମାନେ ଏବଂ ପାରମ୍ପାରିକ ଲୋକକଳା ଘୋଡାନାଚ ପରିବେଷଣ କରିଥିଲେ ଆରିପଦାର ମା'ଦୁର୍ଗେ ସାହାରା ସୁନ୍ଦରୀ ଘୋଡାନାଚ ଦଳର ବିମ୍ବାଧର ବେହେରା ଓ ସାଥିମାନେ । ୨୫୬ବର୍ଷ ଦୋଳ ମେଳଣ ମହୋତ୍ସବ ଅବସରରେ ଉଭୟ ପବିତ୍ର କୁମାର ଦାସ ଓ ବିମ୍ବାଧର ବେହେରାଙ୍କୁ ମାନପତ୍ର , ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ବିଜୟ କିଶୋର ଦାସ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ କୁମାର ଦାସ, ଧରଣୀଧର ମହାନ୍ତି, ଅରବିନ୍ଦ ମହାନ୍ତି, କାହ୍ନୁଚରଣ ବେହେରା, ଶ୍ରୀଚରଣ ବେହେରା, ଆକୁଳାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଅନ୍ତର୍ଜାତୀୟ ସାଇନ୍ସ ଅଲିମ୍ପିଆଡ୍ ସର୍ବଭାରତୀୟ ପ୍ରତିଯୋଗିତାରେ ଦୁଷ୍ମନ୍ତଙ୍କ ସ୍ଥାନ ପ୍ରଥମ

ଯାଜପୁର(ଅମୃତ ମିଡିଆ): ଆନ୍ତର୍ଜାତୀୟ ସାଇନ୍ସ (ବିଜ୍ଞାନ) ଅଲିମ୍ପିଆଡ୍ ଫାଉଣ୍ଡେସନ୍ ୨୦୨୪ ବର୍ଷ ପାଇଁ କରିଥିବା ଏହାର ବିଭିନ୍ନ ଅଲିମ୍ପିଆଡ୍ ମଧ୍ୟରୁ 'ଡିଫେନ୍ସ ସର୍ଭିସେସ୍ ଏକାଡ଼େମିସିଆନ ସ୍କଲାରସିପ୍' ବିଭାଗେର ଯାଜପୁରର ସବର୍ପୁରାତନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ହରୋ ପବ୍ଲିକ୍ ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ର ଦୁଷ୍ମନ୍ତ ପତି ଓଡ଼ିଶାରୁ ପ୍ରଥମ ସ୍ଥାନ ଅଧିକାର କରି ବାର୍ଷିକ ଟ.୫,୦୦୦/- ସ୍କଲାରସିପ୍ ହାସଲ କରିଛନ୍ତି । ଆନ୍ତର୍ଜାତୀୟ ସାଇନ୍ସ (ବିଜ୍ଞାନ) ଅଲିମ୍ପିଆଡ୍ ଫାଉଣ୍ଡେସନ୍‌ର ହିରିଆନାର ଗୁରୁଗ୍ରାମ ସ୍ଥିତ ମୁଖ୍ୟାଳୟରୁ ଏହି ଫଳାଫଳ ସହି ଶ୍ରୀମାନ୍ ଦୁଷ୍ମନ୍ତ କୁମାର ପତିଙ୍କ ପାଇଁ ଟ.୫,୦୦୦/- ପ୍ରଥମ ଚେକ୍ ହାରୋ ପବ୍ଲିକ୍ ସ୍କୁଲକୁ ପଠାଇ ଦିଆଯାଇଛି । ଦୁଷ୍ମନ୍ତଙ୍କ ଏହି ସଫଳତା ପାଇଁ ଦେଶର ବିଭିନ୍ନ ସ୍ଥାନରୁ ତାଙ୍କ ପିତାମାତାଙ୍କ ପାଖକୁ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତା ପହଞ୍ଚିବରେ ଲାଗିଛି । ଦୁଷ୍ମନ୍ତଙ୍କୁ ବିଜ୍ଞାନେର ଦକ୍ଷ କରାଇବାରେ ସ୍କୁଲର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ତଥା ପଦାର୍ଥ ବିଜ୍ଞାନେର ସ୍ନାତେକୋତର ଉପାଧି ସବର୍ଶ୍ରୀ ମେନାଜ କୁମାର ପାଣିଗ୍ରାହୀ ଓ ଗ୍ରାଜୁଏଟ୍ ଇଞ୍ଜିନିୟର ତଥା ସ୍କୁଲର ଅନ୍ୟ ବିଜ୍ଞାନ ଶିକ୍ଷକ ସବର୍ଶ୍ରୀ ବିଶ୍ୱଜିତ ବିଶ୍ୱେମାହନ ମୁଖ୍ୟ ଭୂମିକା ନେଇଥିଲେ । ଶ୍ରୀମାନ୍ ଦୁଷ୍ମନ୍ତଙ୍କ ଏହି ସଫଳତା ସ୍କୁଲର ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବ ଓ ଆଗକୁ ଅଧିକରୁ ଅଧିକ ଏହିଭଳି ସବର୍ଭାରତୀୟ ସଫଳତା ହାସଲ କରିବାପାଇଁ ଛାତ୍ରଛାତ୍ରୀଙ୍କୁ ଦକ୍ଷ କରାଯାଉଛି ବୋଲି ସ୍କୁଲର କାର୍ଯ୍ୟକାରୀ ସଭାପତି ସବର୍ଶ୍ରୀ ସ୍ୱପ୍ନନ୍ଦୁ ଶେଖର କର ଓ ସ୍କୁଲର ସେକ୍ରେଟାରୀ ଶ୍ରୀମତୀ ହେମଲତା ପତି ଜଣାଇଛନ୍ତି । ଶ୍ରୀମାନ୍ ଦୁଷ୍ମନ୍ତଙ୍କୁ ମଧ୍ୟ ସ୍କୁଲ ତରଫରୁ ସ୍କୁଲର ବାର୍ଷିକୋତ୍ସବେର ସମ୍ବର୍ଦ୍ଧିତ କରାଯିବ ବୋଲି ସେମାନେ କହିଛନ୍ତି ।

ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସାନମାଣିତିଆରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂରତି ସ୍ଥାପନ ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇ ୨୭ତାରିଖରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ପୁରୀର ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ପଣ୍ଡିତ ଭୁବନେଶ୍ୱର ତ୍ରିପାଠୀଶର୍ମା, ମୁକ୍ତିମଣ୍ଡପର ପଣ୍ଡିତ ମହେନ୍ଦ୍ରନାଥ ଷଡଙ୍ଗୀ ଓ ପଣ୍ଡିତ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଶନିବାର ଯଜ୍ଞାଧିବାସ, ମଣ୍ଡଳକରଣ, ଅଙ୍କୁରାରୋପଣ, ଦେବତା ଗର୍ଭାଧାନ କାର୍ଯ୍ୟକ୍ରମ ଶେଷ କରିଥିବା ବେଳେ ରବିବାର ପଞ୍ଚକର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପ୍ରବେଶ, ଦେବତା ଆବାହନ, ଅଗ୍ନିସ୍ଥାପନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଛି । ସୋମବାର ଦେବତା ମହାସ୍ନାନ ଓ ଅଷ୍ଟପ୍ରହର ଅଧିବାସ, ଶୟନ, ହବନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପରେ ମଙ୍ଗଳବାର ନାମଯଜ୍ଞ, ଦେବତା ମହାନ୍ୟାସ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ସହିତ ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳାସର୍ବଦେବତା ପୂଜା, ସର୍ବଦେବତା ହବନ, ବିଜେ ବିଗ୍ରହଙ୍କ ନଗର ପରିକ୍ରମା ପରେ ଦେବତା ମନ୍ଦିର ପ୍ରବେଶ, ସନ୍ଧ୍ୟାରେ ପୂର୍ଣ୍ଣାହୁତି, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଛି ବୋଲି ସାନମାଣିତିଆ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ବାରିପଦା(ଅମୃତ ମିଡିଆ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ଓ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ୭ମ ରୁ ୧୦ ଶ୍ରେଣୀର ଛାତ୍ରଙ୍କୁ ନେଇ ୫ଟି ଦଳ ଗଠନ କରାଯାଇଛି ବୋଲି କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି ଓ ଉଦଘାଟନୀ ମ୍ୟାଚରେ ଟିମ - ବି ଟିମ - ସି କୁ ୨୦୨ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଟିମ - ବି ୩୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୩୬୪ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଚନ୍ଦନ ସିଂହ ୧୭ ଛକା ଓ ୭ ଟି ଚୌକା ବଳରେ ୧୪୯ ଓ ନିଶାନ୍ତ ମିଶ୍ର ୩୬ ବଲରେ ୫୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଂଶୁ ମାନ ଗିରି ୪ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ସି ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ସୁରାଇ ହେମ୍ବ୍ରମ ୫ଟି ଛକା ଓ ୧୧ଟି ଚୌକା ବଳରେ ୮୨ ରନ କରିଥିବା ବେଳେ ବିପକ୍ଷ ଦଳର ନିଶାନ୍ତ ମିଶ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ ସ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ଅମିତ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ସହୀଦ ଲକ୍ଷ୍ମଣ ନାୟକ ଭାରତର ଗର୍ବ ଓ ଗୌରବ

ରଘୁନାଥପୁର (ଅମୃତ ମିଡିଆ): ସହିଦ ଲକ୍ଷ୍ମଣ ନାୟକ ଦେଶର ଗର୍ବ ଓ ଗୌରବ ଥିଲେ ବୋଲି ଆଜି ରଘୁନାଥପୁର ବ୍ଲକସ୍ଥ ମହାତ୍ମା ଗାନ୍ଧୀ ସଭା କକ୍ଷରେ ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକଙ୍କର ୮୨ତମ ସହିଦ ଦିବସରେ ମୁଖ୍ୟଅତିଥି ଭାବେ ମାନସ ପ୍ରଫେସର ଶରତ କୁମାର ରାଉତରାୟ ଯୋଗଦେଇ କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ ଯୋଗଦେଇ ସହିଦ ଲକ୍ଷ୍ମଣ ନାଏକ କୋରାପୁଟ ଜିଲ୍ଲା ମାଲକାନଗିରି ତାଲୁକର ତେନ୍ତୁଳିଗୁମ୍ଫା ଗ୍ରାମରେ ଜନ୍ମଗ୍ରହଣ କରି ବ୍ରିଟିଶ ବିରୁଦ୍ଧରେ ମହାସଂଗ୍ରାମ କରି ଦେଶ ପାଇଁ ସହିଦ ହୋଇଥିଲେ ବୋଲି କହିଥିଲେ ।ଏଥିରେ ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରି ସହିଦ ଲକ୍ଷ୍ମଣ ନାଏକ ପରାଧୀନ ଭାରତବର୍ଷରେ ମହାଜନ ଓ ବ୍ରିଟିଶ ଶାସକଙ୍କ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରି ଦେଶପାଇଁ ପ୍ରାଣବଳି ଦେଇଥିଲେ । ସେ ଅସାଧାରଣ ଦେଶପ୍ରେମ,ଅଦ୍ୟମ ସାହାସ ,ନିର୍ଭୀକ ସଂଗ୍ରାମୀ ଥିଲେ । ଆଇନ ଅମାନ୍ୟ ଆନ୍ଦୋଳନ ,ଭାରତଛାଡ ଆନ୍ଦୋଳନରେ ଲକ୍ଷ୍ମଣ ନାଏକ ଯୋଗଦେଇ ଥିଲେ ।ଅଗଷ୍ଟ ବିପ୍ଳବ ଥିଲା ତାଙ୍କର ସଂଗ୍ରାମୀ ଜୀବନର ସବୁଠାରୁ ବଡ ଆହ୍ୱାନ ବୋଲି ଶ୍ରୀ ସ୍ୱାଇଁ କହିଥିଲେ । ଏଥିରେ ଆଗାମୀ ଓଡିଶା ସଭାପତି ଶିକ୍ଷାବିତ ପ୍ୟାରୀମୋହନ ପଟ୍ଟନାୟକ,ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ ,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବାବାଜି ଚରଣ ସାହୁ,ଜିଲ୍ଲା କୃଷକ ସଂଗଠନ ସଂପାଦକ ଇଂ ବାବାଜୀ ଜେନା, ଅଧ୍ୟାପକ ଭଗବାନ ବିଶ୍ୱାଳ,ପୂର୍ବତନ ବିଆରସିସି ସଦାଶିବ ବିଶ୍ୱାଳ, ଶିକ୍ଷାବିତ୍ ଯଦୁନାଥ ଜେନା, ପ୍ରାଧ୍ୟାପକ ଆଶିଷ କୁମାର ଚକ୍ରବର୍ତ୍ତୀ , କିଶନନଗର କଲେଜ ଅଧକ୍ଷ ଅଜିତ ମୁର୍ଖାଜୀ,ବରିଷ୍ଠ ଆଇନଜୀବୀ ଏମଏନ ହର୍ଷବର୍ଦ୍ଧନ ,ମାଧ୍ୟମ ଶିକ୍ଷା ପରିଷଦ ପୂର୍ବତନ ଡେପୁଟି ସେକ୍ରେଟେରୀ ରବିନ୍ଦ୍ର କୁମାର ମହାପାତ୍ର,ସମାଜସେବୀ ପାର୍ଥସଖା ପାଲଟା ସିଂ, ଶିକ୍ଷାବିତ ପ୍ରାଣକୃଷ୍ଣ ନାୟକ,ଶିକ୍ଷାବିତ ପ୍ରଦୀପ୍ତ ଆଚାର୍ଯ୍ୟ ,ବରିଷ୍ଠ ସାମ୍ବାଦିକ ପ୍ରଦିପ୍ତ କୁମାର ନାୟକ, ରାଜ୍ୟ ଶିକ୍ଷକନେତା ଜୟପ୍ରକାଶ ପଣ୍ଡା ,ଶିକ୍ଷକନେତା ନିର୍ମଳେନ୍ଦୁ ସୋମ,ଶିକ୍ଷକନେତା ଉମେଶ କୁମାର ନାୟକ,ଦେବାଶିଷ ବେହେରା ,ଶିକ୍ଷକ କୁଶ ମଲ୍ଲିକ, ପଣ୍ଡିତ ପ୍ରଭାତ କିରଣ ମିଶ୍ର ,ସମାଜସେବୀ ଅଶୋକ କୁମାର ଦାସ , ସମାଜସେବୀ ଦେବବ୍ରତ ନାୟକ ପ୍ରମୁଖ ଯୋଗଦେଇ ସହିଦ ଲକ୍ଷ୍ମଣ ନାଏକଙ୍କର ବିରତ୍ୱ ଓ ଦେଶ ଭକ୍ତି ଉପରେ ଆଲୋଚନା କରିଥିଲେ । ଶେଷରେ ସମାଜସେବୀ ବିଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ବଡଚଣା ବିଜେଡିର ଭିନ୍ନ ଏକ ଗୋଷ୍ଠୀର ସାଙ୍ଗଠନିକ ବୈଠକ

ଚଣ୍ଡିଖୋଲ/ବଡ଼ଚଣା (ଅମୃତ ମିଡିଆ): ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳର ବହୁ ପ୍ରାର୍ଥୀଙ୍କ ନାମ ଦଳ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନଥିବା ବେଳେ ଦଳର ଭିନ୍ନ ଏକ ଗୋଷ୍ଠୀର ସାଙ୍ଗଠନିକ ବୈଠକ ଖଇରା ମେଳଣ ପଡିଆ ଠାରେ ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୁଖ୍ୟତଃ ବଡଚଣାରେ ନେତୃତ୍ୱ ପରିବର୍ତ୍ତନ ପାଇଁ ବହୁ ବକ୍ତା ମାନେ ବକ୍ତବ୍ୟ ଦେଇଥିଲେ । ଏହି ସାଙ୍ଗଠନିକ ବୈଠକରେ ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତ ମହାନ୍ତି, ଜୟଶ୍ରୀ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ପୂଜାରିଣୀ ବଳ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ୍ୟ ପ୍ରହଲ୍ଲାଦ ନନ୍ଦ, କୈଳାଶ ଚନ୍ଦ୍ର ରାଉତ, ଇତିଶ୍ରୀ ସାମଲ, ପୂର୍ବତନ ଉପଧାକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ଜିଲ୍ଲା ବିଜେଡ଼ି ଉପସଭାପତି ଅମର ମହାନ୍ତି, ଧନେଶ୍ୱର ବେହେରା, ଦିଲୀପ ରାଉତ, କୃଷ୍ଣଚନ୍ଦ୍ର ସାମଲ, ବିଚିତ୍ରାନନ୍ଦ ଜେନା ପ୍ରମୁଖ ଉଦବୋଧନ ଦେଇ ବଡଚଣାରେ ବିଜେଡ଼ି ଦଳର ସଂଗଠନ ଦିନକୁ ଦିନ ଦୁର୍ବଳ ହେଉଛି, ନିର୍ଦ୍ଦିଷ୍ଟ କେତେଜଣ ଦଳକୁ ପରିଚାଳନା କରୁଛନ୍ତି, ଦଳୀୟ କର୍ମୀମାନେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି, ବିଧାୟକ ସଂଗଠନ ପ୍ରତି ଗୁରୁତ୍ୱ ଦେଉନାହାନ୍ତି ଏହିପରି ବିଭିନ୍ନ ସମସ୍ୟାକୁ ପ୍ରତିପାଦନ କରି ବକ୍ତାମାନେ ଆଗାମୀ ୨୦୨୪ ନିର୍ବାଚନରେ ଦଳ ପକ୍ଷରୁ ନେତୃତ୍ୱ ପରିବର୍ତ୍ତନ କରାଯାଇ ଜଣେ ନୂତନ ବ୍ୟକ୍ତିତ୍ୱକୁ ବଡଚଣାରେ ଦଳ ପକ୍ଷରୁ ଟିକେଟ ଦେବାପାଇଁ ଦାବି କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ମଣ୍ଡଳୀର କେତେକ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ପୂର୍ବତନ ସରପଞ୍ଚ ପ୍ରମୁଖ ମଞ୍ଚାସୀନ ହୋଇ ବିଭିନ୍ନ ବକ୍ତା ମାନଙ୍କର ପରିବର୍ତ୍ତନ ସ୍ୱରକୁ ସମର୍ଥନ ଜଣାଇଥିଲେ । ୪୩ ଗୋଟି ପଞ୍ଚାୟତର ଦୁଇ ହଜାର ରୁ ଊର୍ଦ୍ଧ ପୁରୁଷ ଓ ମହିଳା ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମାନଗୋବିନ୍ଦ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

'ଶ୍ରୀ ଲଛମନଜୀଉଙ୍କ ମହିମା ଗାଥା' ପୁସ୍ତକ ଉନ୍ମୋଚିତ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ଅବସରପ୍ରାପ୍ତ ଶିକ୍ଷକ ଗୁରୁ କାଙ୍ଗାଳି ଚରଣ ବାରିକଙ୍କ ଦ୍ୱାରା ରଚିତ ପୁସ୍ତକ 'ଶ୍ରୀ ଲଛମନଜୀଉଙ୍କ ମହିମା ଗାଥା' ବାଲିପାଟଣା ସ୍ଥିତ ଲଛମନଜୀଉଙ୍କ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି । କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ଗାଳ୍ପିକ ମାତୃଦତ୍ତ ମହାନ୍ତି ଓ ଶିକ୍ଷାବିତ୍ ଶ୍ରୀଧର କୁମାର ଭୋଳ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ମନ୍ତ୍ର ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ଶ୍ରୀ ଲଛମନଜୀଉଙ୍କ ଅନାଲୋଚିତ ଅଲୌକିକତା ବିଷୟରେ ବିସ୍ତୃତ ଭାବେ ତଥ୍ୟ ସ୍ଥାନ ପାଇଛି । ଏଥିସହିତ ଲେଖକଙ୍କ ଦ୍ୱାରା ରଚିତ ଭଜନ, ଜଣାଣ ଓ ଅନୁଭୂତି ମଧ୍ୟ ପୁସ୍ତକରେ ସ୍ଥାନିତ ହୋଇଛି । ଏହି ପୁସ୍ତକଟି ଏକ ଆଧ୍ୟାତ୍ମିକ ଅନୁଭବରୁ ସୃଷ୍ଟି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କଣ୍ଟୁରୀ ଚରଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାକୁ ସମାଜସେବୀ ବ୍ରଜକିଶୋର ସାହୁ ପରିଚାଳନା କରିଥିବା ବେଳେ ଶ୍ରୀଧର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଗୌରାଙ୍ଗ ଚରଣ ସାହୁ ଓ ସରଳ ରେଖା ସାହୁ ପ୍ରମୁଖ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

ବିଜେଡିର ସାଂଗଠନିକ ବୈଠକ,ନେତୃତ୍ୱ ପରିବର୍ତ୍ତନର ସ୍ୱର ତେଜିଲା

ବଡ଼ଚଣା (ଅମୃତ ମିଡ଼ିଆ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ଯାତ୍ରା ପଡ଼ିଆରେ ବଡ଼ଚଣା ବିଜେଡିର ସାଂଗଠନିକ ବୈଠକ ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ପ୍ରହ ଲାଦ ନନ୍ଦ,ପୂର୍ବତନ ଅଧକ୍ଷ କୈଳାସ ଚନ୍ଦ୍ର ରାଉତ,ପୂର୍ବତନ ଅଧକ୍ଷା ଇତିଶ୍ରୀ ସାମଲ, ବିଚିତ୍ରା ନନ୍ଦ ମହାପାତ୍ର,ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ମହାନ୍ତି,ସୁମତି ବାଷ୍କେ,ସୁଗ୍ମ ସମ୍ପାଦକ ଆଶିଷ କୁମାର ଚୌଧୁରୀ,ଉପସଭାପତି ଅମର ମହାନ୍ତି,ପୂଜାରିଣୀ ବଳ,ପୂର୍ବତନ ସରପଂଚ ହରପ୍ରିୟା ବରାଳ,ପ୍ରବୀର୍ ସାମଲ,ସରପଂଚ ଅକ୍ଷୟ କୁମାର ରାଉତ,ଜିଲ୍ଲାପରିଷଦ ସଭ୍ୟ ଜୟଶ୍ରୀ ସାମଲ, ବିଚିତ୍ର ।ନନ୍ଦ ଜେନା,ସ୍ମରଣିକା ଜେନା,

ବିଧାନସଭା ନିର୍ବାଚନକୁ ଫେରିପାରନ୍ତି ମହେଶ ମାତୃ ସତସଙ୍ଗର ବାର୍ଷିକ ଉତ୍ସବ

ଅନୁଗୋଳ(ଅମୃତ ମିଡିଆ): ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ଡା. ଅବିନାଶ ସାମଲଙ୍କ ନାମ ଘୋଷଣା କରିବା ପରେ ଅନୁଗୋଳ ଜିଲାର ପୁରୁଖା ରାଜନେତା ତଥା ଏମ୍‌ପି ମହେଶ ସାହୁଙ୍କ ଭବିଷ୍ୟତକୁ ନେଇ ଏବେ ଆଲୋଚନା ଜୋ ? ଧରିଛି । ଢେଙ୍କାନାଳରୁ ପୁନଃ ଏମ୍‌ପି ପ୍ରାର୍ଥୀ ହେବାକୁ ମହେଶ ପୂର୍ବରୁ ଆଶାୟୀ ଥିବା କୁହାଯାଉଥିଲା । ହେଲେ ଦଳ ଏଠାରେ ପ୍ରାର୍ଥୀ ବଦଳାଇଥିବାରୁ ମହେଶଙ୍କ ନିକଟରେ କି କି ବିକଳ୍ପ ରହିଛି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ସେ ଏହି ସଂସଦୀୟ କ୍ଷେତ୍ରର ଏକ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି । ଅନୁଗୋଳ ଜିଲା ରାଜନୀତିରେ ମହେଶ ଜଣେ ପୁରୁଖା ନେତା । ୧୯୯୫ ସାଧାରଣ ନିର୍ବାଚନରେ

ସେ ଭାଜପା ପକ୍ଷରୁ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ । ଏହାପରେ ଲଗାତର ୨୦୦୦, ୨୦୦୪ରେ ସେ ଭାଜପା ପ୍ରାର୍ଥୀ ଭାବେ ତାଳଚେରରୁ ଜିତିଥିଲେ । ହେଲେ ୨୦୦୯ରେ ସେ ତାଳଚେରରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ହେଁ ପରାଜୟ ବରଣ କରିଥିଲେ । ୨୦୧୪ରେ ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ୍‌ରେ ବିଧାୟକ ନିର୍ବାଚିତ ହୋଇଥିଲେ । ୨୦୧୯ରେ ବିଜେଡି ତାଙ୍କୁ ଢେଙ୍କାନାଳ ଲୋକ ସଭା କ୍ଷେତ୍ରରେ ପ୍ରାର୍ଥୀ କରିଥିଲା ଓ ସେ ବିପୁଳ ଭୋଟରେ ବିଜୟୀ ମଧ୍ୟ ହୋଇଥିଲେ । ତେଣୁ ଅନୁଗୋଳର ଏହି ବରିଷ୍ଠ ରାଜନେତା ୨୦୨୪ ସାଧାରଣ ନିର୍ବାଚନରେ ପୁଣି ଏମ୍‌ପି ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ ଆଶାବ୍ୟକ୍ତ କରିଥିଲେ । ହେଲେ ବିଜେଡି ଏଠାରେ ନୂଆ ପ୍ରାର୍ଥୀ ଦେବା ପରେ ମହେଶଙ୍କୁ ଦଳ ବିଧାନସଭା ନିର୍ବାଚନକୁ ଓହ୍ଲାଇବାକୁ ଯୋଜନା କରିଥିବା ସମର୍ଥକମାନେ ଆଲୋଚନା କରୁଛନ୍ତି । ମହେଶ ମଧ୍ୟ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି । ସେହିପରି ସେ ତାଳଚେର ନିର୍ବାଚନମଣ୍ଡଳୀରୁ ମଧ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି । ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ଦଳ ଅନୁଗୋଳରୁ ଯଦି ପ୍ରାର୍ଥୀ କରେ ତା'ହେଲେ ମହେଶଙ୍କୁ ତାଳଚେର ଆସନ ଛାଡ଼ିବ ବୋଲି ରାଜନୈତିକ ବିଶାରଦମାନେ ଆଶଙ୍କା କରୁଛନ୍ତି । ତାଳଚେର ମହେଶଙ୍କ ରାଜନୈତିକ ଅନୁକୂଳଶାଳ ହୋଇଥିବାରୁ ଏଠାରେ ତାଙ୍କର ପୁରୁଣା ସଙ୍ଗଠନ ସହ ଲୋକ ସମ୍ପର୍କ ସୁଦୃଢ଼ ରହିଛି । ତେଣୁ ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା ତାଳଚେରରୁ ମହେଶଙ୍କୁ ବିଧାନସଭା ନିର୍ବାଚନକୁ ଓହ୍ଲାଇବାକୁ ବିଜେଡି ଉଚିତ ମଣିପାରେ ବୋଲି ସମର୍ଥକମାନେ କୁହାକୁହି ହେଉଛନ୍ତି ।

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ହରିହରାନନ୍ଦ ମାତୃଆଶ୍ରମ ପରିସରରେ 'ଜ୍ଞାନପ୍ରଭା' ମିଶନ୍ ଆନୁକୂଲ୍ୟରେ ପବିତ୍ର ଦୋଳପୂର୍ଣ୍ଣିମା ଉପଲକ୍ଷେ ଏକ ମାତୃ ସତ୍ ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ସହିତ ଗରାପୁରସ୍ଥିତ ଦିବ୍ୟ ଜୀବନସଂଘର ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ତ୍ରୀଜିବ ଦାସ ଯୋଗଦାନ କରି ମାତୃଶକ୍ତି ର ପରିବର୍ତ୍ତନ ରେ ସମାଜର ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଆଲୋକପାତ କରିଥିଲେ । ମାତୃଆଶ୍ରମର ସନ୍ନ୍ୟାସୀନି ସ୍ୱାମୀ ଗିରିଜାନନ୍ଦ ଗିରି ପ୍ରଥମେ ଅଭିଭାଷଣ ରଖିଥିବା ବେଳେ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ସଭାପରିଚାଳନା କରିଥିଲେ । ଜ୍ଞାନପ୍ରଭା ମିଶନ୍‌ର ଉପାଧ୍ୟକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି, ସମ୍ପାଦିକା ସ୍ୱାମୀ ସାରଦାନନ୍ଦ ଗିରି, ସ୍ୱାମୀ ସତ୍ୟମୟାନନ୍ଦ ଗିରି ଯୋଗଦାନ କରି ସହଯୋଗ କରିଥିଲେ ।

ପ୍ରାର୍ଥୀ ଚୟନ ନେଇ ଭାଜପାରେ ଛକାପଞ୍ଜା

ଢେଙ୍କାନାଳ(ଅମୃତ ମିଡିଆ): ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି । ବର୍ତ୍ତମାନର ବିଧାୟକ ସୁଧୀର କୁମାର ସାମଲଙ୍କୁ ବିଜେଡି ପୁନଃ ପ୍ରାର୍ଥୀ କରିବା ପରେ ଏଠାକାର ରାଜନୈତିକ ପାଣିପାଗ ଅଧିକ ସରଗରମ ହୋଇଯାଇଛି । ସୁଧୀରଙ୍କ ବିପକ୍ଷରେ ଭାଜପା ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ, ତାହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ଏଯାଏ ଏହି ଆସନ ପାଇଁ ଦୁଇ ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି । ବିଶେଷକରି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେଇଥିବାରୁ ସେହି ଅନୁଯାୟୀ ଭାଜପାରୁ କିଏ ପ୍ରାର୍ଥୀ ହେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି । ଢେଙ୍କାନାଳ ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହେବାକୁ ଅନେକ ଆଶାୟୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ବୃଡ଼ାନ୍ତ ତାଲିକାରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଓ ନବୀନ

ନନ୍ଦ ଏବଂ ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମାଙ୍କ ନାମ ରହିଥିବା ସ୍ଥାନୀୟ ସ୍ତରରେ ଆଲୋଚନା ହେଉଛି । ଆଶାୟୀ ଥିବା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏହି ଦୌଡ଼ରୁ ଓହରି ଯାଇଥିବା ତାଙ୍କ ସମର୍ଥକମାନଙ୍କ ସୂତ୍ରରୁ ଜଣାପଡ଼ିଛି । ଜୟନ୍ତୀ ଓହରିଯିବା ପରେ ବୃଡ଼ାନ୍ତ ତାଲିକାରେ ତାଙ୍କ ଦିଅର କୃଷ୍ଣଚନ୍ଦ୍ରଙ୍କ ନାମ ରହିଛି । କୃଷ୍ଣଚନ୍ଦ୍ର ୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଭାବେ ନିର୍ବାଚନରେ ବିଜୟୀ ହୋଇ ବିଧାୟକ ହୋଇଥିଲେ । ହେଲେ ଏହା ପରଠାରୁ ସେ ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପରାଜିତ ହୋଇଆସିଛନ୍ତି । ସେହିପରି ନିକଟରେ ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ୨୦୦୯ ମସିହାରେ ବିଜେଡି ଓ ଏନ୍ ?ସିପି ମଧ୍ୟରେ ହୋଇଥିବା ମେଣ୍ଟରେ ଏନ୍ ?ସିପି ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ । ଏଥିପୂର୍ବରୁ ନବୀନ ୨୦୦୦ ମସିହାରେ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ହୋଇଥିଲେ । ଭାଜପାରୁ ଆଶାୟୀ ଥିବା କୃଷ୍ଣଚନ୍ଦ୍ର ଓ ନବୀନ ନନ୍ଦଙ୍କ ସମର୍ଥକମାନେ ସୋସିଆଲ ମିଡିଆରେ ଉଭୟଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ବିଭିନ୍ନ ପ୍ରକାର ପୋଷ୍ଟ ଜାରି ରଖିଛନ୍ତି । ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି । ସେହିପରି ଯୁବ ଆଶାୟୀ ଭାବେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁନୀଲ ଶର୍ମାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି । ସେ ୨୦୦୪-୨୦୦୫ରେ ଢେଙ୍କାନାଳ ପୌର ପରିଷଦର ଅଧ୍ୟକ୍ଷ ରହିଥିଲେ । ତେଣୁ ତାଙ୍କ ନାମକୁ ନେଇ ମଧ୍ୟ ଆଲୋଚନା ହେଉଛି । ସେହିପରି ଭାଜପାର କେତେଜଣ ସମର୍ଥକ ନୂଆମୁହଁ ଏବଂ ମହିଳା ପ୍ରାର୍ଥିତ୍ୱ ସମ୍ପର୍କରେ ଯୁକ୍ତି ବାଢୁଛନ୍ତି । ତେବେ ଦଳ କାହା ସପକ୍ଷରେ ନିଜ ମତ ଦେଉଛି, ତାହାକୁ ହିଁ ସମସ୍ତେ ଅପେକ୍ଷା କରି ରହିଛନ୍ତି । ଏ ସମ୍ପର୍କରେ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର କହିଛନ୍ତି, ଦିନେ ଦୁଇଦିନ ମଧ୍ୟରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହେବ ବୋଲି ଆଶା କରାଯାଉଛି ।

ଅପାରଗ ନେତୃତ୍ୱ ପରିବର୍ତ୍ତନ ପାଇଁ ସାଙ୍ଗଠନିକ ବୈଠକ

କଟକ(ବ୍ୟୁରୋ): ସାଙ୍ଗଠନିକ ବୈଠକ ଆଳରେ ବଡ଼ଚଣା ବିଧାୟକଙ୍କୁ ଖୋଲା ବିରୋଧ କଲେ ପାଞ୍ଚ ହଜାରରୁ ଊର୍ଦ୍ଧ ବିଜୁ ପ୍ରେମୀ ସାଙ୍ଗଠନିକ ବୈଠକ ଆଳରେ ବଡ଼ଚଣା ବିଧାୟକଙ୍କୁ ଖୋଲା ବିରୋଧ କଲେ ପାଞ୍ଚ ହଜାରରୁ ଊର୍ଦ୍ଧ ବିଜୁ ପ୍ରେମୀ , ବଡ଼ଚଣା,ଆପ୍ର,ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଆଜି ଖଇରା ମେଳଣ ପଡିଆରେ ଏକ ସାଙ୍ଗଠନିକ ବୈଠକ କରାଯାଇ ବଡ଼ଚଣା ବିଧାୟକ ଙ୍କୁ ଖୋଲା ଖୋଲି ବିରୋଧ କରି ଥିବାର ଦେଖିବାକୁ ମିଳିଛି, ଛ ଛ ଥର ବିଧାୟକ ଅମର ପ୍ରସାଦ ଶତପଥୀ ବିକାଶ ନାଁ ରେ କେତେ ଜଣ ହାତ ଗଣତି ଠିକାଦାର ଙ୍କୁ ଧରି ବଡ଼ଚଣା ର ବିକାଶକୁ ହରିଲୁଟ କରିବାରେ ଲାଗିଛନ୍ତି, ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନାରାକୁ ବଡ଼ଚଣା ର ୪୨ ଗୋଟି ପଂଚାୟତ କାର୍ଯ୍ୟକାରୀ ନ କରି କେବଳ ଖଇରା ପଞ୍ଚାୟତ ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରିବା ବ୍ୟତୀତ ଅନ୍ୟ ୪୨ଟି ପଞ୍ଚାୟତ ରେ ଏହା କରା ଗଲା ନାହିଁ,ଆମ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ବଡ଼ଚଣା ରେ ସଫଳ ହେଲା ନାହିଁ, ରଥ ପରିକ୍ରମା ପାଇଁ ଆସିଥିବା ଦୁଇ ଲକ୍ଷ ଟଙ୍କା କୁ ଲୋକ ମାନଙ୍କୁ ନ ଦେଇ ହରି ଲୁଟ କରିବା ପାଇଁ କେବଳ ବିଧାୟକ ଦାୟି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ,ପ୍ରଥମେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା, ଏଥିରେ ବିଜେଡିର ବହୁ ପଦାଧିକାରୀ ସହ ପାଞ୍ଚ ହଜାର ରୁ ଊର୍ଦ୍ଧ ବିଜୁ ପ୍ରେମୀ ଉପସ୍ଥିତ ଥିଲେ, ଚଳିତ ନିର୍ବାଚନ ୨୦୨୪ ପାଖେଇ ଆସୁଥିବା ବେଳେ ଏହି ସଭାରେ ବିଧାୟକଙ୍କ ନେତୃତ୍ୱ କୁ ଖୋଲା ଖୋଲିଭାବେ ବିରୋଧ କରି ଆଜି ଏହି ସଭା ଅନୁଷ୍ଠିତ ହୋଇଛି, ନୂଆ ନେତୃତ୍ୱକୁ ସ୍ୱାଗତ କରି ବିଜେଡି ମୁଖ୍ୟ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଏକ ବାର୍ତ୍ତା ଦେବାପାଇଁ ଏହି ସଭା ଅନୁଷ୍ଠିତ ହୋଇଛି,ଏଥିରେ ପୂର୍ବତନ ବ୍ଲକ ଅଧକ୍ଷ କୈଳାଶ ଚନ୍ଦ୍ର ରାଉତ, ପ୍ରହଲ୍ଲାଦ ନନ୍ଦ,ଇତିଶ୍ରୀ ସାମଲ,ଉପାଧ୍ୟକ୍ଷ ବିଚିତ୍ରା ନନ୍ଦ ମହାପାତ୍ର,ରାଜ୍ୟ ଯୁବବିଜେଡି ଯୁବ ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ, ଜିଲ୍ଲା ଉପସଭାପତି ଅମର କୁମାର ମହାନ୍ତି,ଜିଲ୍ଲା ପରିଷଦ ଜୟଶ୍ରୀ ମଲ୍ଲିକ ଓ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଡା.ସରୋଜକାନ୍ତ କାନୁନଗୋଙ୍କ ୩୬ତମ ପୁଣ୍ୟତିଥି ପାଳନ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ କାନୁଗୋ ଭବନରେ ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ସ୍ୱର୍ଗତ ଡା. ସରୋଜକାନ୍ତ କାନୁନଗୋଙ୍କ ୩୬ତମ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାକୁ ବୟୋଜ୍ୟେଷ୍ଠ ବ୍ୟକ୍ତି ନିରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏଥିସହିତ ଜଗଦିଶ ସାହୁ ଶ୍ରୀମଦ ଭାଗବତ ପାଠ କରିଥିଲେ । ପ୍ରମୋଦ କୁମାର ସାହୁ, ଡା. ପୁରୁଷୋତ୍ତମ ସାହୁ, ଗଜେନ୍ଦ୍ର କୁମାର ମହାନ୍ତି, ନାରାୟଣ ସ୍ୱାଇଁ, ଶରତ କୁମାର ଆଚାର୍ଯ୍ୟ, ରାଜଗୋପାଳ ମହାନ୍ତି, ବସନ୍ତ କୁମାର ଜେନା, ଡା. ବିଶ୍ୱପ୍ରକାଶ କାନୁନଗୋ, ମଦନମୋହନ ବେହେରା, ପ୍ରାଣକୃଷ୍ଣ ସାମଲ, ଧରଣୀଧର ଦାସ, ଜଳଧର ଦାସ, ନିଗମଶେଖର ମହାନ୍ତି, ଅକ୍ଷୟ କୁମାର ପତି ପ୍ରମୁଖ ସ୍ୱର୍ଗତ ଡା. କାନୁନଗୋଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସେ ବାଲିଆ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ସାଂସ୍କୃତିକ କ୍ଷେତ୍ରରେ ଆଲୋକବର୍ତ୍ତିକା ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ତର ପିଢୀଙ୍କ ନିକଟରେ ସ୍ମରଣୀୟ ହୋଇ ରହିବା ନିମନ୍ତେ ସ୍ୱର୍ଗତ ଡା. କାନୁନଗୋଙ୍କ ଏକ ସ୍ମୃତି କମିଟି ଗଠନ ନିମନ୍ତେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା । ବଳଦେବ ସାଂସ୍କୃତିକ ପରିଷଦ ତରଫରୁ ୨ମାସ ମଧ୍ୟରେ ଏକ ସାଧାରଣ ବୈଠକ ଡକାଯାଇ ସ୍ମୃତି କମିଟି ଗଠନ ସହ କମିଟିର ସଦସ୍ୟ/ସଦସ୍ୟାମାନଙ୍କୁ ମନୋନ୍ୱିତ କରାଯିବାକୁ ସ୍ଥିର କରାଯାଇଛି । ସାଂସ୍କୃତିକ ସମାରୋହ କରି ସ୍ମୃତିକୁ ବଞ୍ଚାଇ ରଖିବା ନିମନ୍ତେ ମତ ପ୍ରକାଶ ପାଇଥିଲା । ଶେଷରେ ପ୍ରମୋଦ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ସମାଜସେବୀଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ବାଲିଚନ୍ଦ୍ରପୁର(ଅମୃତ ମିଡିଆ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ନାନପୁର୍ ପଟଣା ଠାରେ ସମାଜସେବୀ ସ୍ୱର୍ଗତ ନାରାୟଣ ପ୍ରଧାନଙ୍କ ସ୍ମୃତି ଚାରଣ ସଭା ଦ୍ୱାଦଶ ତିଥି ଅବସରରେ ବାଲିଚନ୍ଦ୍ରପୁର ମଣ୍ଡଳ ସଭାପତି ସୀତାନାଥ ବଳସାମନ୍ତଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି.ସ୍ୱର୍ଗତ ପ୍ରଧାନଙ୍କ ଜୀବନ ସାମାଜ ସେବାର ଏକ ଅନନ୍ୟ ପ୍ରତିଭା. ସେ ବିଜେପି ଦଳର ଦୀର୍ଘଦିନ ଧରି ବାଲିଚନ୍ଦ୍ରପୁର ପଞ୍ଚାୟତ ସଭାପତି ରହିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ଜଡିତ ଥିଲେ, ସେ ଜଣେ ମିଷ୍ଟ ଭାସି ପରୋପକାରୀ ଓ ମେଳାପୀ ବ୍ୟକ୍ତି ଥିଲେ ବୋଲି ଉପସ୍ଥିତ ବ୍ୟକ୍ତି ମାନେ ମତ ରଖିଥିଲେ, ଏହି ସଭାରେ ବିଜେପି ନେତା ଅମର ନାୟକ, ସୀମନ୍ତିନୀ ଜେନା, ସମର କେତନ ଲେଙ୍କା, ପୂର୍ବତନ ଜିଲ୍ଲା ସଭାପତି ଅଶୋକ କୁମାର ସାମଲ, ଓଳାଶୁଣି ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ମହାନ୍ତି, ନିରଞ୍ଜନ ମହାରଣା, ରାଇ ଚରଣ ସେଠୀ,

ବାଲିଚନ୍ଦ୍ରପୁର ସରପଞ୍ଚଙ୍କ ପ୍ରତିନିଧି ଅମିୟ କୁମାର ସାହାଣୀ, କାହ୍ନୁ ଦାସ, ପ୍ରଭାତ ବଳ, ରଞ୍ଜିତ ବଳ, ନାରାୟଣ ସାମଲ, ଦୀପ୍ତିରଞ୍ଜନ ବେହୁରା, ଦଶରଥ ସାମଲ, ପୂର୍ଣିମା ମିଶ୍ର, ପରୀକ୍ଷିତ ପଣ୍ଡା, ବନମାଳୀ ଜେନା, ପ୍ରଦୀପ ଜେନା, ନୀଳମଣି ବଳ, ପ୍ରତାପ ଚନ୍ଦ୍ର ଧଳ, ରମେଶ ଲେଙ୍କା, ଅନୀଲ ବଳ, ପିଙ୍କି ସିଂହ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଚାରଣ କରିଥିଲେ ।.

ନିଷ୍ଠାର ରମଜାନ ମାସ ରୋଜା ରଖୁଛନ୍ତି ମୁସଲିମ ଭାଇଭଉଣୀ

ବାଲିଚନ୍ଦ୍ରପୁର(ଅମୃତ ମିଡିଆ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ନଳୀପୁର ଓ ଏହାର ଆଖ ପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି , ରମଜାନ ମାସ ମୁସଲିମ ସମ୍ପ୍ରଦାୟର ଭାଇଭଉଣୀଙ୍କର ଆଲ୍ଲା ଙ୍କ ପାଇଁ ସମର୍ପିତ ମାସ, ଏହି ମାସରେ ଉପବାସ ଧାରୀ ମୁସଲିମ ବ୍ୟକ୍ତିମାନେ କିଛି ସୂତନ୍ତ୍ର ନୀତି ନିୟମ ଅନୁଯାୟୀ ନିଜର ରୋଜା ରଖିବା ସହିତ ନମାଜ ପାଠ କରି ନିଜର ଭକ୍ତି ଭାବର ପରିଚୟ ପ୍ରଦାନ କରିଥାନ୍ତି. ଚଳିତ ମାସ ୧୨ ତାରିଖରୁ ଏହି ରମଜାନ ମାସ ଅମାବାସ୍ୟା ପରଠାରୁ ପ୍ରଥମ ଦିନ ଚାନ୍ଦ ଦେଖିବା ପରେ ତରାବି ନମାଜ ପଢା ଯାଇଥାଏ, ଉକ୍ତ ରାତି ପାହନ୍ତା ୪ଟା ବେଳକୁ ରୋଜା ଧାରୀ ମାନେ ସହରୀ ଭୋଜନ କରିଥାନ୍ତି ପରେ ସନ୍ଧ୍ୟା ୬ ଟା ବେଳେ ଅଜାନ ଶୁଣିଲେ ରୋଜା ଫିଟାଇ ଇଫତାର ଖାଦ୍ୟ ଗ୍ରହଣ କରିଥାଆନ୍ତି, ପୁନର୍ବାର ରାତି ୯ ଟାରେ ନମାଜ ସହିତ ତରାବି ୨୦ରକାତ୍ ନମାଜ ପାଠ ପଢନ୍ତି. ଏହି ମାସରେ ସ୍ୱଚ୍ଛଳ ବର୍ଗର ବ୍ୟକ୍ତିମାନେ ମୁସଲମାନ ବର୍ଗର ଗରିବ ଅସହାୟ ଲୋକମାନଙ୍କୁ ଦାନଧର୍ମ କରିଥାନ୍ତି,ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ରେ ଲୋକମାନେ ନୂଆ କପଡା ସହ ବିବିନ୍ନ ପ୍ରକାର ଖାଦ୍ୟସାମଗ୍ରୀ କିଣିବା ପାଇଁ ଭିଡ଼ ଜମାଇ ଥିବାର ଦେଖିବାକୁ ମିଳିଥାଏ ।

ଅନ୍ତିମ ସନ୍ଧ୍ୟାରେ ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ

₹5 ରେ

ପ୍ରିମିୟମ୍ କ୍ୱାଲିଟି

Call Toll Free: 1800 123 6292

Warning: Chewing of supari is injurious to health. Not for minors.